ISSN-0971-8397

# ଯୋଜନା

ଅକ୍ଟୋବର ୨୦୧୮ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

# ମହିଳା ସଶକ୍ତିକରଣ



**ମହିଳା ବିକାଶ ମାଧ୍ୟମରେ ରାଷ୍ଟ୍ରୀୟ ସଶକ୍ତିକରଣ**
ମେନକା ସଞ୍ଜୟ ଗାନ୍ଧି

**ନିରନ୍ତର ଯତ୍ନ ମାଧ୍ୟମରେ ମହିଳା ସଶକ୍ତିକରଣ**
ପ୍ରୀତି ସୁଦନ୍

**ଆର୍ଥିକ ସମାବେଶୀକରଣ: ମହିଳା ସଶକ୍ତିକରଣର ଚାବି**
ଲେଖା ଚକ୍ରବର୍ତ୍ତୀ, ପିୟୁଷ ଗାନ୍ଧି

**ବିଶେଷ ପ୍ରସଙ୍ଗ**
**ସଂଖ୍ୟାଲଘୁ ସମ୍ପ୍ରଦାୟ ମହିଳାଙ୍କ ସମାନତା ପାଇଁ ପଦକ୍ଷେପ**
ସୈଦା ହମିଦ୍

**ଫୋକସ୍**
**ଉଦ୍ୟୋଗ ବିକାଶ ମାଧ୍ୟମରେ ମହିଳାଙ୍କ ସଶକ୍ତିକରଣ**
ଏନ୍.ଭି. ମାଧୁରୀ



# ସ୍ୱାସ୍ଥ୍ୟସେବା କର୍ମୀଙ୍କ ପାରିଶ୍ରମିକରେ ଅଭୁତପୂର୍ବ ବୃଦ୍ଧି



୨୦୧୮ ସେପ୍ଟେମ୍ବର ୧୧ ତାରିଖ ଦିନ ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ପାରିଶ୍ରମିକ ବୃଦ୍ଧିକୁ ନେଇ ପ୍ରଧାନମନ୍ତ୍ରୀ ଏକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଘୋଷଣା କଲେ। ଆଶାକର୍ମୀଙ୍କୁ କେନ୍ଦ୍ର ସରକାର ଦେଉଥିବା ଗତାନୁଗତି ପ୍ରୋତ୍ସାହନ ରାଶିକୁ ଦ୍ୱିଗୁଣିତ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଏହା ସହିତ ସମସ୍ତ ଆଶା କର୍ମୀ ଓ ସେମାନଙ୍କ ସହାୟିକାମାନଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧିନରେ ନିଃଶୁଳ୍କ ବୀମା ସୁବିଧା ମଧ୍ୟ ପ୍ରଦାନ କରାଯିବ।

ଅଙ୍ଗନୱାଡ଼ି କର୍ମୀଙ୍କ ପାରିଶ୍ରମିକରେ ମଧ୍ୟ ପର୍ଯ୍ୟାପ୍ତ ବୃଦ୍ଧି କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ରାଶିକୁ ୩ ହଜାର ଟଙ୍କାରୁ ୪ ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିଭଳି ଯେଉଁମାନେ ୨ ହଜାର ୨୦୦ ଟଙ୍କା ପାଉଥିଲେ ସେମାନେ ଏଣିକି ୩ ହଜାର ୫୦୦ ଟଙ୍କା ପାଇବେ। ଅଙ୍ଗନୱାଡ଼ି ସହାୟିକାଙ୍କ ପାଇଁ ମଧ୍ୟ ଏହି ପ୍ରୋତ୍ସାହନ ରାଶିକୁ ୧ ହଜାର ୫୦୦ ଟଙ୍କାରୁ ୨ ହଜାର ୨୫୦ ଟଙ୍କାକୁ ବୃଦ୍ଧି କରାଯାଇଛି।

ସମଗ୍ର ଦେଶରେ ପାଳନ ହୋଇଥିବା ପୋଷଣ ମାସ ଅବସରରେ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ଏଏନ୍‌ଏମ୍‌ମାନଙ୍କ ସହ ବାର୍ତ୍ତାଳାପ ବେଳେ ମିଳିତ ପ୍ରୟାସ, ଅଭିନବତା ଓ ପ୍ରଯୁକ୍ତିବିଦ୍ୟା ଜରିଆରେ ସ୍ୱାସ୍ଥ୍ୟ ଓ ପୋଷଣ ସେବା ପ୍ରଦାନ କରି ପୋଷଣ ଅଭିଯାନର ଉଦ୍ଦେଶ୍ୟ ସାଧନରେ ସେମାନଙ୍କ ଭୂମିକାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ।

**ବାର୍ତ୍ତାଳାପର କିଛି ପ୍ରମୁଖ ବିନ୍ଦୁ:**

- ରାଜସ୍ଥାନର ଝୁନ୍‌ଝୁନୁ ଠାରେ ଶୁଭାରମ୍ଭ ହୋଇଥିବା ପୋଷଣ ଅଭିଯାନର ଉଦ୍ଦେଶ୍ୟ ହେଉଛି ରକ୍ତହୀନତା, ଗେଡ଼ାପଣ, କୁପୋଷଣ ଓ ନବଜାତ ଶିଶୁଙ୍କ ଓଜନ ସ୍ୱଳ୍ପତାକୁ ପ୍ରତିହତ କରିବା। ଏହି ଅଭିଯାନରେ ଅଧିକରୁ ଅଧିକ ମହିଳା ଓ ଶିଶୁଙ୍କୁ ସାମିଲ୍ କରିବା ନିତାନ୍ତ ଜରୁରୀ।
- ପୋଷଣ ଓ ଗୁଣାତ୍ମକ ଚିକିତ୍ସା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ମହିଳା ଓ ଶିଶୁଙ୍କ ସୁବିଧା ପାଇଁ ଟିକାକରଣ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି।
- ନବଜାତ ଶିଶୁଙ୍କ ଯତ୍ନ ପାଇଁ ନିଆଯାଉଥିବା ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ଏଥିରେ ପ୍ରତ୍ୟେକ ବର୍ଷ ଦେଶର ୧.୨୫ ନିୟୁତ ଶିଶୁ ଉପକୃତ ହେଉଛନ୍ତି।
- ସ୍ୱାସ୍ଥ୍ୟ ଓ ଦେଶର ବିକାଶ ଭିତରେ ଥିବା ସମ୍ପର୍କକୁ ସେ ରେଖାଙ୍କିତ କରିଥିଲେ। ସେ କହିଥିଲେ ଯେ, ଯଦି ଦେଶର ଶିଶୁମାନେ ଅସୁସ୍ଥ ରୁହନ୍ତି, ତେବେ ବିକାଶ ମଧ୍ୟ ମନ୍ଥର ହେବ।
- ଆୟୁଷ୍ମାନ ଭାରତର ପ୍ରଥମ ହିତାଧିକାରୀ ଶିଶୁ 'କରିଶ୍ମା', ଯାହାକୁ 'ଆୟୁଷ୍ମାନ ଶିଶୁ' ବୋଲି ମଧ୍ୟ କୁହାଯାଉଛି ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, ୧୦ କୋଟିରୁ ଊର୍ଦ୍ଧ୍ୱ ପରିବାର ପାଇଁ ଏହି ଶିଶୁଟି ହେଉଛି ଆଶାର ଉତ୍ସ।

ଏହି ଅବସରରେ ସମଗ୍ର ଦେଶର ସ୍ୱାସ୍ଥ୍ୟକର୍ମୀ ଓ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କ ସହ ନିଜ ନିଜ ଅନୁଭୂତି ବାଣ୍ଟିଥିଲେ।

ଅକ୍ଟୋବର ୨୦୧୮

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଚ୍ଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ଷଡ଼ବିଂଶ ବର୍ଷ / ପ୍ରଥମ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ/ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୦୪ |
| ● ମହିଳା ବିକାଶ ମାଧ୍ୟମରେ ରାଷ୍ଟ୍ରୀୟ ସଶକ୍ତିକରଣ<br>*ମେନକା ସଞ୍ଜୟ ଗାନ୍ଧି* | ୦୫ |
| ● ନିରନ୍ତର ଯତ୍ନ ମାଧ୍ୟମରେ ମହିଳା ସଶକ୍ତିକରଣ<br>ପ୍ରୀତି ସୁଦନ୍ | ୦୯ |
| ● ଆର୍ଥିକ ସମାବେଶୀକରଣ:<br>ମହିଳା ସଶକ୍ତୀକରଣର ଚାବିକାଠି<br>*ଲେଖା ଚକ୍ରବର୍ତ୍ତୀ, ପିୟୁଷ ଗାନ୍ଧି* | ୧୨ |
| ● ବିଶେଷ ପ୍ରବନ୍ଧ<br>ସଂଖ୍ୟାଲଘୁ ସମ୍ପ୍ରଦାୟ ମହିଳାଙ୍କ ସମାନତା ପାଇଁ ପଦକ୍ଷେପ<br>*ସୈଦା ହମିଦ୍* | ୧୭ |
| ● ଫୋକସ୍<br>ଉଦ୍ୟୋଗ ବିକାଶ ମାଧ୍ୟମରେ ମହିଳାଙ୍କ ସଶକ୍ତିକରଣ<br>*ଏନ୍.ଭି. ମାଧୁରୀ* | ୨୧ |
| ● ଭାରତରେ ନାରୀ ସଶକ୍ତିକରଣ ଓ ସ୍ୱାସ୍ଥ୍ୟକ୍ଷେତ୍ର<br>*ଚନ୍ଦ୍ରକାନ୍ତ ଲହରିଆ* | ୨୫ |

| ବିଷୟ/ଲେଖକ | ପୃଷ୍ଠା |
|---|---|
| ● ମହିଳା ସଶକ୍ତିକରଣ: ଆଇନଗତ ବ୍ୟବସ୍ଥା<br>*ଗୀତା ଲୁଥ୍ରା* | ୨୮ |
| ● ମହିଳାଙ୍କ ସ୍ୱାସ୍ଥ୍ୟ ଓ ବିକାଶ<br>*ପ୍ରେମା ରାମଚନ୍ଦ୍ରନ* | ୩୩ |
| ● ମହିଳା ସଶକ୍ତିକରଣ ପାଇଁ ଯୋଗାଯୋଗ ବ୍ୟବସ୍ଥା<br>*ଅର୍ଚ୍ଚନାଦତ୍ତ ମୁଖୋପାଧ୍ୟାୟ* | ୩୮ |
| ● ଆର୍ଥିକ ନାଗରିକତ୍ୱରେ ମହିଳା ଓ ସମାବେଶୀ ବିକାଶ<br>*ବୃନ୍ଦା ବିଶ୍ୱନାଥନ, ସଂଜନା ଶର୍ମା* | ୪୧ |
| ● ଆଦିବାସୀ ମହିଳାଙ୍କ ସଶକ୍ତିକରଣ: ପ୍ରସଙ୍ଗ ଓ ସମ୍ଭାବନା<br>*ଦୀପକ ଖାଣ୍ଡେକର* | ୪୫ |
| ● ଦକ୍ଷତା ବିକାଶରେ ଓଡ଼ିଶା: ଗତି ଓ ପ୍ରଗତି<br>*ଅନୁପମ ପ୍ରହରାଜ* | ୪୭ |
| ● ଏସୀୟ କ୍ରୀଡ଼ା ପତ୍ରିଯୋଗିତା<br>୨୦୧୮ରେ ଭାରତୀୟ ମହିଳା | ୫୧ |
| ● ସାମ୍ପ୍ରତିକୀ | ୫୩ |

*Editor*
**YOJANA (ODIA)**
**C/O : Public Relations Officer**
**CRPF, New Delhi**

**Website : www.publicationsdivision.nic.in**
**Email : odiayojana@gmail.com**
**Subscription & Business Queries :**
**pdjucir@gmail.com**
**Ph. : 011-26100207**

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...

# ମହିଳାଙ୍କ ନେତୃତ୍ୱରେ ବିକାଶ

ଜଣେ ନାରୀ ସ୍ୱୟଂସମ୍ପୂର୍ଣ୍ଣ। ନାରୀ ପାଖରେ ସୃଷ୍ଟି, ପାଳନ ଓ ପରିବର୍ତ୍ତନ କରିବାର ଶକ୍ତି ରହିଛି। ଆବହମାନ କାଳରୁ ଭାରତୀୟ ସଂସ୍କୃତିରେ ନାରୀ ଶକ୍ତିର ବିଚାରଧାରା ସ୍ଥାନ ପାଇଆସୁଛି। ପୁରାତନ କାଳରୁ ଆମେ 'ଦେବୀ'ଙ୍କୁ ପୂଜା କରିଆସୁଛୁ- ପୂର୍ବ ଭାରତରେ ଦୁର୍ଗା ଓ କାଳୀ ରୂପରେ ଓ କେରଳରେ ମହିଷାମର୍ଦ୍ଦିନୀ ଓ ଭଗବତୀ ରୂପରେ। ତାଙ୍କୁ ସବୁବେଳେ ଶକ୍ତିର ଅବତାର ଭାବରେ ଚିତ୍ରଣ କରାଯାଏ, ଯାହାଙ୍କ ପାଖରେ ପୁରୁଷ ଯାହା ହାସଲ କରିପାରେ ନାହିଁ, ତାହା ସମ୍ଭବ କରିବାର କ୍ଷମତା ଥାଏ।

ଅବଶ୍ୟ ଏହା ହେଉଛି ନାରୀ ଚରିତ୍ରର ଗୋଟିଏ ପାଖ। ଅନ୍ୟ ପାଖରେ ରହିଛି ଏକ ଅନ୍ଧାରୁଆ ଦୃଶ୍ୟପଟ, ଯେଉଁଠି ନିଜ ଜୀବନକୁ ନେଇ କୌଣସି ନିଷ୍ପତ୍ତି ନେବାର କ୍ଷମତା ନାରୀ ପାଖରେ ନଥାଏ କିମ୍ବା ସ୍ୱର ଉତ୍ତୋଳନ କରିବାର ଦକ୍ଷତା ମଧ୍ୟ ନଥାଏ। ନାରୀଟିଏ ପୁରୁଷର ବଶତା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ। ତା'ର ଆଶା, ଆକାଂକ୍ଷାକୁ କୌଣସି ଗୁରୁତ୍ୱ ଦିଆଯାଏ ନାହିଁ। ମା', ପତ୍ନୀ ଓ କନ୍ୟାର ଦାୟିତ୍ୱ ନିର୍ବାହନ ଭିତରେ ତା'ର ସବୁ ଦୁଃଖ କଷ୍ଟକୁ ସେ ଚପେଇ ଦେଇଥାଏ।

ହେଲେ ବର୍ତ୍ତମାନ ସମୟରେ ନାରୀର ସ୍ଥିତିରେ ପରିବର୍ତ୍ତନ ଆସିଛି। ଆଧୁନିକ ନାରୀ ଆଉ ଘରର ଚାରିକାନ୍ଥ ଭିତରେ ସୀମିତ ନାହିଁ। ଆଜିର ନାରୀ ନିଜସ୍ୱ ମୂଲ୍ୟକୁ ଜାଣିପାରିଛି, ଲିଙ୍ଗଗତ ସମାନତା ପାଇଁ ଦାବି କରୁଛି ଓ ଘରେ ତଥା କାର୍ଯ୍ୟ କ୍ଷେତ୍ରରେ ନ୍ୟାୟ ସକାଶେ ସ୍ୱର ଉତ୍ତୋଳନ କରୁଛି। ସୂଚନା ପ୍ରଯୁକ୍ତି, ମହାକାଶ ବିଜ୍ଞାନ, ଖେଳକୁଦ ବା ପ୍ରତିରକ୍ଷା- ପ୍ରତ୍ୟେକ କ୍ଷେତ୍ରରେ ନାରୀମାନେ ପ୍ରତିବନ୍ଧକକୁ ଅତିକ୍ରମ କରୁଛନ୍ତି। ବର୍ତ୍ତମାନ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରତି ୫ ଜଣରେ ଜଣେ ମହିଳା ହେଉଛନ୍ତି ଉଦ୍ୟୋଗୀ।

ନାରୀମାନଙ୍କ ଏଭଳି ପରିବର୍ତ୍ତନରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ମାତୃ ଗର୍ଭରୁ ଶିଶୁ କନ୍ୟାଟିର ସୁରକ୍ଷା ଠାରୁ ଆରମ୍ଭ କରି କାର୍ଯ୍ୟ କ୍ଷେତ୍ରରେ କର୍ମଜୀବୀ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପର୍ଯ୍ୟନ୍ତ ଅନେକ ପଦକ୍ଷେପ ନିଆଯାଇଛି। ସଶକ୍ତିକରଣ ମାଧ୍ୟମରେ ମାତୃ ସୁରକ୍ଷା ହେଉଛି ସରକାରଙ୍କ ଅନ୍ୟତମ ପ୍ରାଥମିକତା। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ମାଧ୍ୟମରେ ଗର୍ଭଧାରଣ ଓ ସ୍ତନ୍ୟପାନ କାଳରେ ମହିଳାଙ୍କୁ ଆର୍ଥିକ ସୁରକ୍ଷା ଦିଆଯାଉଛି। ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି, ମାତୃ କଲ୍ୟାଣ ଅଧିନିୟମରେ ପରିବର୍ତ୍ତନ ଆଣି କର୍ମଜୀବୀ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ମାତୃତ୍ୱ ଅବକାଶ ଅବଧିକୁ ୨୬ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବେଟି ବଚାଓ ବେଟି ପଢ଼ାଓ ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ମାଧ୍ୟମରେ କନ୍ୟାଭ୍ରୁଣ ହତ୍ୟା ରୋକିବା ଠାରୁ ଆରମ୍ଭ କରି କନ୍ୟା ସନ୍ତାନର ଶିକ୍ଷା ଓ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରାଯାଉଛି। ଜଣେ ସୁସ୍ଥ ନାରୀ ହିଁ ଜଣେ ସଶକ୍ତ ନାରୀ ହୋଇପାରିବ। ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ, ଜାତୀୟ ପୁଷ୍ଟି ଅଭିଯାନ ଓ ଉଜ୍ଜ୍ୱଳା ଯୋଜନା ଆଦି ଦ୍ୱାରା ଭାରତୀୟ ମହିଳାଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟି ସାଧନ ସୁନିଶ୍ଚିତ କରାଯାଉଛି।

ଉଦ୍ୟୋଗିତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନେ ନିଜ ଗୋଡ଼ରେ ଠିଆ ହୋଇପାରୁଛନ୍ତି। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ଷ୍ଟାର୍ଟଅପ୍ ଇଣ୍ଡିଆ ଓ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧିନରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଆଦି ଦ୍ୱାରା ମହିଳାମାନେ ଆର୍ଥିକ ଭାବେ ସୁରକ୍ଷିତ ଓ ସ୍ୱାଧିନ ହୋଇପାରୁଛନ୍ତି। ମହିଳାଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ମହିଳା ସଶକ୍ତିକରଣ ଶୀର୍ଷରେ ଅଛି ମହିଳାଙ୍କ ସୁରକ୍ଷା। କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କୁ ହଇରାଣ ପ୍ରତିରୋଧ ସମ୍ପର୍କିତ ଆଇନ୍, ଅନ୍‌ଲାଇନ୍ ଅଭିଯୋଗ ବ୍ୟବସ୍ଥା, ୧୮୧ ମହିଳା ହେଲ୍ପଲାଇନ୍, ଓ୍ୱାନ୍ ଷ୍ଟପ୍ ସେଣ୍ଟର ଓ ପାନିକ୍ ବଟନ୍ ଆଦି ବ୍ୟବସ୍ଥା ଦ୍ୱାରା ମହିଳାଙ୍କୁ ସୁରକ୍ଷା ପ୍ରଦାନ କରାଯାଇ ସେମାନଙ୍କ ସଶକ୍ତିକରଣକୁ ତ୍ୱରାନ୍ୱିତ କରାଯାଉଛି। ମୁସଲମାନ ମହିଳାଙ୍କ ବିକାଶ ପଥରେ ଏକ ବଡ଼ ଅନ୍ତରାୟ ଥିଲା ତିନି ତଲାକ୍ ବ୍ୟବସ୍ଥା। ଏହାକୁ ଉଚ୍ଛେଦ କରିବା ପାଇଁ ଉଦ୍ଦିଷ୍ଟ ଏକ ବିଲ୍ ଲୋକସଭାରେ ପାରିତ ହୋଇସାରିଛି।

ଭାରତୀୟ ଜନସଂଖ୍ୟାର ଅଧା ହେଉଛନ୍ତି ମହିଳା। ଏମାନଙ୍କ ସଶକ୍ତିକରଣ ବିନା ଦେଶର ବିକାଶ ପଥରେ ଅଗ୍ରସର ହେବା ସମ୍ଭବ ନୁହଁ। ତେବେ ଏହି ପଥରେ ଅଧିକ ଆଗକୁ ଯିବାକୁ ହେଲେ ଏକ ବହୁବିଧ ଦୃଷ୍ଟିଭଙ୍ଗୀ ଅତ୍ୟନ୍ତ ଆବଶ୍ୟକ।

# ମହିଳା ବିକାଶ ମାଧ୍ୟମରେ ରାଷ୍ଟ୍ରୀୟ ସଶକ୍ତିକରଣ

ମେନକା ସଞ୍ଜୟ ଗାନ୍ଧି

ଭାରତର ଜନସଂଖ୍ୟାର ଅଧା ହେଉଛନ୍ତି ମହିଳା। ବିଗତ ବର୍ଷଗୁଡ଼ିକରେ ଆମ ମହିଳାମାନେ କେମିତି ଜନଜୀବନର ବିଭିନ୍ନ କ୍ଷେତ୍ରରେ ପ୍ରବେଶ କରିଛନ୍ତି, ସେକଥା ଆମେ ଦେଖିଛୁ। ରାଜନୀତି, ଅମଲାତନ୍ତ୍ର, ବିଭିନ୍ନ କାର୍ଯ୍ୟାଳୟ, ଆନ୍ତର୍ଜାତିକ ସଂସ୍ଥା ଓ ଆନ୍ତଃରାଷ୍ଟ୍ରୀୟ କ୍ରୀଡ଼ା ଆଦି କ୍ଷେତ୍ରରେ ସେମାନେ ନିଜ ନିଜର ଦକ୍ଷତା ପ୍ରତିପାଦନ କରିଆସୁଛନ୍ତି। ଏହି ପରିବର୍ତ୍ତନ ସ୍ୱାଗତଯୋଗ୍ୟ ଏବଂ ଏହା ବେଶ୍ ଦ୍ରୁତ ଗତିରେ ଘଟିଚାଲିଛି।

ବର୍ତ୍ତମାନ ଚାଲିଥିବା ମହିଳା ସଶକ୍ତିକରଣକୁ ନେଇ ମୁଁ ବେଶ୍ ଉତ୍ସାହିତ। ନିକଟ ଅତୀତରେ ପ୍ରଥମଥର ପାଇଁ ଭାରତୀୟ ବାୟୁସେନାରେ ମହିଳା ପାଇଲଟ୍‌ମାନଙ୍କୁ ନିଯୁକ୍ତି ଦିଆଯାଇଛି। ସ୍ଥଳ ସେନାରେ ଯୋଗଦେଇ ଯୁଦ୍ଧ ଭୂମିକାରେ ମହିଳାମାନଙ୍କୁ ମଧ୍ୟ ଅବତୀର୍ଣ୍ଣ କରାଇବାକୁ ବିଚାର ବିମର୍ଷ ଚାଲିଛି। ଅଲିମ୍ପିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଅନ୍ୟାନ୍ୟ ଅନ୍ତଃରାଷ୍ଟ୍ରୀୟ କ୍ରୀଡ଼ା ଏପରିକି ମଙ୍ଗଳଯାନ ଏବଂ ଅଭୂତପୂର୍ବ ୧୦୪ଟି ଅତି କ୍ଷୁଦ୍ର କୃତ୍ରିମ ଉପଗ୍ରହକୁ ଗୋଟିଏ ମାତ୍ର ଉପଗ୍ରହ ମାଧ୍ୟମରେ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରିବା ପଛରେ ଯେଉଁ ବୈଜ୍ଞାନିକ ଦଳ କାମ କରୁଥିଲା, ସେଥିରେ ମହିଳା ବୈଜ୍ଞାନିକମାନେ ମଧ୍ୟ ସାମିଲ୍ ଥିଲେ। 'ବେଟି ବଚାଓ, ବେଟି ପଢ଼ାଓ' ଧ୍ୱନିରେ ଗୁଞ୍ଜରିତ ହେଉଥିବା ଭାରତ ଭଳି ଏକ ଦେଶ ପାଇଁ ଏହି ମହିଳାମାନେ ହେଉଛନ୍ତି ଆଦର୍ଶ।

ଭାରତୀୟ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଲିଙ୍ଗଗତ ସମାନତା ଆସିପାରିଛି। ଏପରିକି ଡାକ୍ତରୀ, ଆଇନ୍, ସୂଚନାପ୍ରଯୁକ୍ତି ଓ ପ୍ରବନ୍ଧନ ଭଳି ବୈଷୟିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ମହିଳାମାନଙ୍କ ଅଂଶଗ୍ରହଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୧୯୫୧ ମସିହାରେ ମହିଳା ସାକ୍ଷରତା ହାର ୯% ଥିଲାବେଳେ ୨୦୧୧ ମସିହା ବେଳକୁ ତାହା ୬୫%କୁ ବୃଦ୍ଧି ପାଇଛି। ଏହା ଏକ ବିରାଟ ପରିବର୍ତ୍ତନ ନିଶ୍ଚୟ।

ବର୍ତ୍ତମାନ ପ୍ରତ୍ୟେକ ଚାରିଜଣ କର୍ମଜୀବୀଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମହିଳା। କାର୍ଯ୍ୟର ଜଟିଳତା ଓ ବୈଷୟିକ ଦିଗ ଯେତେ ବେଶୀ ଅଧିକ ସେହି କାର୍ଯ୍ୟ ପାଇଁ ମହିଳାମାନେ ଆଗେଇ ଆସିବା ସମ୍ଭାବନା ମଧ୍ୟ ସେତେ ଅଧିକ। ଅଧିକୃତ ଇଞ୍ଜିନିୟରମାନଙ୍କ ତିନି ଭାଗରୁ ଭାଗେ ହେଉଛନ୍ତି ମହିଳା। ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟକର୍ମୀମାନଙ୍କ ତିନି ଚତୁର୍ଥାଂଶ ହେଉଛନ୍ତି ମହିଳା। ଆହୁରି ମଧ୍ୟ ସମସ୍ତ ଭେଷଜ ଗବେଷକ, ବ୍ୟାଙ୍କ୍ କର୍ମଚାରୀ, ସୂଚନା ପ୍ରଯୁକ୍ତି କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତି ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ଏକ ତୃତୀୟାଂଶ ହେଉଛନ୍ତି ମହିଳା। ଉଦ୍ୟମିତା ଉତ୍ସାହରେ ପରିପୂର୍ଣ୍ଣ ଭାରତ ଭଳି ଏକ ଦେଶରେ ପ୍ରତ୍ୟେକ ୫ ଜଣରେ ଜଣେ ହେଉଛନ୍ତି ମହିଳା ଉଦ୍ୟୋଗୀ। ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ କ୍ରମବର୍ଦ୍ଧିଷ୍ଣୁ ଅଂଶଗ୍ରହଣ ସହିତ ଉଭୟ ବ୍ୟକ୍ତିଗତ ଓ ସାର୍ବଜନୀନ ଜୀବନରେ ଏମାନଙ୍କ ସ୍ଥିତି ଲଗାତାର ମଜବୁତ୍ ହେବାରେ ଲାଗିଛି।

ରାଜନୀତିରେ ମଧ୍ୟ ମହିଳାମାନଙ୍କ ଅଂଶଗ୍ରହଣ ପୂର୍ବାପେକ୍ଷା ବଢ଼ିଛି। ନିର୍ବାଚିତ ହେଉଥିବା ପଞ୍ଚାୟତ ସଦସ୍ୟମାନଙ୍କ ମଧ୍ୟରୁ ୪୬% ହେଉଛନ୍ତି ମହିଳା। ଗ୍ରାମ୍ୟ ସ୍ତରରେ କ୍ଷମତାସୀନ ୧.୩ ନିୟୁତରୁ ଊର୍ଦ୍ଧ୍ୱ ଏଭଳି ମହିଳାମାନଙ୍କ ଯୋଗୁଁ ଦେଶର ତୃଣମୂଳ ସ୍ତରର ପରିଦୃଶ୍ୟରେ ଉନ୍ନତି ହେବାରେ ଲାଗିଛି। ଉଦାହରଣ ସ୍ୱରୂପ ୧୯୫୭ ମସିହା ସାଧାରଣ ନିର୍ବାଚନରେ ମାତ୍ର ୪୫ ଜଣ ମହିଳା ପ୍ରତିଦ୍ୱନ୍ଦ୍ୱୀ ଥିବାବେଳେ ୨୦୧୪ ନିର୍ବାଚନରେ ୬୬୮ ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ମହିଳା ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଉନ୍ନତି ପରିଲକ୍ଷିତ





ହୋଇଛି। ୧୯୫୦-୫୧ ମସିହାରେ ମହିଳାମାନଙ୍କ ହାରାହାରି ଆନୁମାନିକ ଜୀବନ କାଳ ୩୧.୭ ବର୍ଷ ଥିବାବେଳେ ୨୦୧୬ ବେଳକୁ ତାହା ୭୦ ବର୍ଷକୁ ବୃଦ୍ଧି ପାଇଛି। ଅଧିକରୁ ଅଧିକ ମହିଳାମାନେ ନିଜ ଘର ଅପେକ୍ଷା ଡାକ୍ତରଖାନାରେ ସନ୍ତାନ ପ୍ରସବ କରିବାକୁ ପସନ୍ଦ କରୁଛନ୍ତି। ୨୦୧୪-୧୫ ମସିହାରେ ଆନୁଷ୍ଠାନିକ ପ୍ରସବ ୭୯% ବୃଦ୍ଧି ପାଇଛି। ଏହା ଉଭୟ ଶିଶୁ ଓ ଜନନୀ ସ୍ୱାସ୍ଥ୍ୟ ପାଇଁ ଉତ୍ତମ। ୨୦୦୧-୨୦୦୩ରୁ ୨୦୧୧-୨୦୧୩ ମଧ୍ୟରେ ମାତୃ ମୃତ୍ୟୁହାର ପ୍ରାୟ ଅଧାଅଧି କମିଯାଇଛି।

ମହିଳାମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ମଧ୍ୟ ଆଖିଦୃଶିଆ ହୋଇଛି- ବିଶେଷ ଭାବେ ଗତ କିଛିବର୍ଷ ଭିତରେ ମହିଳାମାନେ ନିଜେ ପରିଚାଳନା କରୁଥିବା ନିଜସ୍ୱ ବ୍ୟାଙ୍କ୍ ଖାତା ୨୦୦୫-୦୬ ମସିହାରେ ୧୫% ଥିବାବେଳେ ୨୦୧୫-୧୬ ବେଳକୁ ୫୩%ରେ ପହଞ୍ଚିଥିଲା।

ଏସବୁ ସକାରାତ୍ମକ ପରିବର୍ତ୍ତନ ସତ୍ତ୍ୱେ ଆମ ଦେଶରେ ଏବେ ମଧ୍ୟ ମହିଳାଙ୍କ ଜୀବନ ଓ ସ୍ୱାଧୀନତା ପ୍ରତି ବିପଦ ରହିଛି। ଗୋଟିଏ ପଟେ ମହିଳାଙ୍କ ବିରୁଦ୍ଧରେ ହିଂସାତ୍ମକ ଘଟଣାମାନ ଘଟିଚାଲିଛି ତ ଅନ୍ୟପଟରେ ବାଳିକାମାନେ ଅଧାରୁ ପାଠ ଛାଡ଼ି ଘର କାମ କିମ୍ବା ନିଜର ଛୋଟ ଛୋଟ ଭାଇଭଉଣୀଙ୍କ ଦେଖାରେଖା କରିବାକୁ ବାଧ୍ୟ ହେଉଛନ୍ତି, ନହେଲେ ବାହା ହୋଇ ଶାଶୁ ଘରକୁ ଚାଲିଯାଉଛନ୍ତି। ଘର କାମ ହେଉ ବା ଜମିବାଡ଼ି କାମରେ ମହିଳାମାନଙ୍କ ମଜୁରୀ ରହିତ ଯୋଗଦାନ ରହୁଛି। ଆର୍ଥିକ ନିୟନ୍ତ୍ରଣ ଉପଭୋଗ କରିବା ସତ୍ତ୍ୱେ କୌଣସି ଘରୋଇ ବା କାର୍ଯ୍ୟ ସମ୍ପର୍କିତ ନିଷ୍ପତ୍ତି ନେବାରେ ସେମାନେ ସମାନ ଅଂଶଗ୍ରହଣ କରିପାରୁନାହାନ୍ତି। ଏସବୁ ହେଉଛି ଆଜିକାର ଅପ୍ରିୟ ସତ୍ୟ। ଏଭଳି ଭେଦଭାବ ଓ ହିଂସାକୁ ରୋକିବାକୁ ପଡ଼ିବ। ତେବେ ଯାଇ ମହିଳା ସଶକ୍ତିକରଣ ସମ୍ଭବ ହେବ।

ସରକାରଙ୍କ ଦୃଷ୍ଟିଭଙ୍ଗୀରେ ମହିଳାମାନଙ୍କ ସମସ୍ୟା ହେଉଛି ସମ୍ପୂର୍ଣ୍ଣ ସମାଜର ସମସ୍ୟା। ନାରୀ-ପୁରୁଷ ସମାନତା ପାଇଁ ଆମେ ଯଥା ସମ୍ଭବ ପ୍ରୟାସ କରୁଛୁ। ମହିଳା ସଶକ୍ତିକରଣ ବିନା ଦେଶର ପ୍ରଗତି ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। ମହିଳାଙ୍କ ବିକାଶ ପାଇଁ ଏକ ସହଯୋଗୀ ଓ ସୁରକ୍ଷିତ ବାତାବରଣ ନିର୍ମାଣ ସହିତ ମହିଳାଙ୍କୁ ସମାନ ସୁବିଧା ସୁଯୋଗ ଦେବା ସକାଶେ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଶିକ୍ଷା, କାର୍ଯ୍ୟ, ସ୍ୱାସ୍ଥ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରବେଶ କରିବା ପାଇଁ ପ୍ରୋତ୍ସାହନ ହେଉ ବା ଉଭୟ ଘରେ ଓ ବାହାରେ ସେମାନଙ୍କ ସମାନ ଅଧିକାର ସୁନିଶ୍ଚିତ କରିବା ପାଇଁ ହେଉ, ସରକାର ଅନେକ ଆଇନ ପ୍ରଣୟନ କରିଛନ୍ତି ଓ ଅନେକ ଯୋଜନା ଲାଗୁ କରିଛନ୍ତି।

ମହିଳାଙ୍କ ବିରୁଦ୍ଧରେ ଥିବା ମାନସିକତାରେ ପରିବର୍ତ୍ତନ ଆଣିବା ସହ ଏହି ସମସ୍ୟାକୁ ମୂଳରୁ ହିଁ ଉପାଡ଼ିବା ପାଇଁ ଆମେ 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଏହା ଦେଶର ସମସ୍ତ ଜିଲ୍ଲାରେ ଲାଗୁ ହୋଇଛି। ଯଦି ମହିଳା ଓ ବାଳିକାଙ୍କ ପ୍ରତି ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ନ ହୁଏ, ତେବେ ସେମାନଙ୍କ ପାଇଁ ନିଆଯାଉଥିବା ଯେକୌଣସି ପଦକ୍ଷେପର ଦୀର୍ଘସୂତ୍ରୀ ସୁଫଳ ମିଳିପାରିବ ନାହିଁ।

୨୦୧୫ ମସିହାରେ ଆରମ୍ଭ କରାଯାଇଥିବା 'ସୁକନ୍ୟା ସମୃଦ୍ଧି ଯୋଜନା' ଅଧିନରେ ବାଳିକାଙ୍କ ନାମରେ ଥିବା ବ୍ୟାଙ୍କ୍ ସଞ୍ଚୟ ଉପରେ ଅଧିକ ସୁଧ ଦିଆଯାଉଛି। ବାଳିକାଟିକୁ ୧୮ ବର୍ଷ ବୟସ ହେଲେ, ଏହି ଟଙ୍କା ଉଠାଯାଇ ପାରିବାର ବ୍ୟବସ୍ଥା ଅଛି। ଫଳସ୍ୱରୂପ ଏହି ଟଙ୍କା ତାଙ୍କ ଉଚ୍ଚଶିକ୍ଷା କିମ୍ବା ଅନ୍ୟ କାର୍ଯ୍ୟରେ ଲାଗିପାରୁଛି। ବାଳିକାଙ୍କ ନାଁରେ ସମଗ୍ର ଦେଶରେ ଏବେ ୧.୩୯ କୋଟି ବ୍ୟାଙ୍କ୍ ଖାତା ରହିଛି ଓ ଏଥିରେ ୨୫୯୭୯ କୋଟି ଟଙ୍କା ଜମା ହୋଇଛି।

ମହିଳାଙ୍କ ସାମଗ୍ରିକ ସଶକ୍ତିକରଣ ପାଇଁ, ସେମାନଙ୍କ ଆର୍ଥିକ ସଶକ୍ତିକରଣ ଅତ୍ୟନ୍ତ ଜରୁରୀ। ଏହି ଦୃଷ୍ଟିରୁ ଆର୍ଥିକ ସଶକ୍ତିକରଣ ଅତି ଗୁରୁତ୍ୱପୂର୍ଣ୍ଣ। କିଛିବର୍ଷ ପୂର୍ବ ପର୍ଯ୍ୟନ୍ତ ବ୍ୟାଙ୍କ୍‌ରେ ଖାତା ଖୋଲିବା ଏକ ଦୁରୂହ ବ୍ୟାପାର ଥିଲା। କିନ୍ତୁ ସୁକନ୍ୟା ସମୃଦ୍ଧି ଯୋଜନା ଓ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧ୍ୟମରେ ଆମେ ମହିଳାମାନଙ୍କ ସମେତ ଅନ୍ୟମାନଙ୍କୁ ମଧ୍ୟ ବ୍ୟାଙ୍କ୍ ସେବା ପରିସରଭୁକ୍ତ କରିପାରିଛୁ। ଜନଧନ ଯୋଜନାରେ ମହିଳାଙ୍କ ନାଁରେ ୧୬.୪୨ କୋଟି ବ୍ୟାଙ୍କ୍ ଖାତା ଖୋଲାଯାଇଛି। ୨୦୧୪ ମସିହାରେ ସମଗ୍ର ସଞ୍ଚୟ ଖାତାର ୨୮% ମହିଳାଙ୍କ ନାମରେ ଥିବାବେଳେ ୨୦୧୭ ବେଳକୁ ତାହା ୪୦%କୁ ବୃଦ୍ଧିପାଇଛି (୪୦ଟି ବ୍ୟାଙ୍କ୍ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ୍‌ରୁ ଏହି ତଥ୍ୟ ଆନିତ)। ମହିଳାଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଦୃଷ୍ଟିରୁ ଏହା ହେଉଛି ଏକ ବାସ୍ତବିକ ବଡ଼ ଉପଲବ୍ଧି, ଯାହା ଦଶନ୍ଧି ଦଶନ୍ଧି ଧରି ସମ୍ଭବ ହୋଇପାରୁନଥିଲା।

'ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା' ଅଧିନରେ ଆମ ସରକାର ଆନୁସଙ୍ଗିକ ଗ୍ୟାରେଣ୍ଟି ବା ଗ୍ୟାରେଣ୍ଟର ବିନା କ୍ଷୁଦ୍ର ଉଦ୍ୟମୀଙ୍କୁ ଋଣ ଉପଲବ୍ଧ କରାଉଛନ୍ତି।

ଏହି ଋଣ ପାଇଥିବା ମହିଳା ଉଦ୍ୟମୀମାନଙ୍କ ସଂଖ୍ୟା ହେଉଛି ୯.୧୮ କୋଟି ଓ ସମଗ୍ର ଋଣର ୭୫% ମହିଳାଙ୍କୁ ହିଁ ପ୍ରଦାନ କରାଯାଇଛି। ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧିନରେ ୪୭ ଲକ୍ଷ ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ ୨ ହଜାର କୋଟି ଟଙ୍କାର ଆବର୍ତ୍ତ ପାଣ୍ଠି ପ୍ରଦାନ କରାଯାଇ ମହିଳାଙ୍କୁ ପ୍ରୋତ୍ସାହିତ କରାଯାଉଛି। ବାସ୍ତବରେ ଗତ ୧ ବର୍ଷ ମଧ୍ୟରେ ଆମ ସରକାର ମହିଳାଙ୍କୁ ଦେଇଥିବା ଋଣ ପରିମାଣରେ ୩୭% ବୃଦ୍ଧି ଘଟିଛି।

ମହିଳା ଶ୍ରମଶକ୍ତିଙ୍କ ପାଇଁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ହେଉଛି, କୌଶଳ ବିକାଶ। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧିନରେ ଅନେକ ଭାରତୀୟ ଯୁବକଯୁବତୀମାନେ ଉଦ୍ୟୋଗ ସମ୍ପର୍କିତ ପ୍ରଶିକ୍ଷଣ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧା ହେଉଛନ୍ତି ମହିଳା ପ୍ରାର୍ଥୀ।

ମହିଳା ଶ୍ରମଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ବାଧ୍ୟତାମୂଳକ ସବୈତନିକ ଅବକାଶ ଅବଧିକୁ ୨୬ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହାଦ୍ୱାରା କର୍ମଜୀବୀ ମହିଳାମାନେ ପ୍ରସବ ପରବର୍ତ୍ତୀ ସ୍ୱାସ୍ଥ୍ୟଲାଭ କରିବା ପାଇଁ ସମୟ ପାଉଛନ୍ତି, ନିଜ ନବଜାତ ଶିଶୁର ପ୍ରକୃଷ୍ଟ ଯତ୍ନ ନେଇପାରୁନ୍ତି, ପାରିଶ୍ରମିକ / ବେତନ ହ୍ରାସ ବା ଚାକିରି ଚାଲିଯିବାକୁ ନେଇ ଆଉ ଦୁଶ୍ଚିନ୍ତାରେ ରହୁନାହାନ୍ତି।

ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ସକାଶେ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଅଧିନରେ ନଗଦ ପ୍ରୋତ୍ସାହନ ଦିଆଯାଉଛି। ଆଂଶିକ ମଜୁରୀ ପ୍ରତିପୂର୍ତ୍ତି ପାଇଁ ଏଭଳି ମହିଳାଙ୍କୁ ୬ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି। ଯଦ୍ଦ୍ୱାରା ପ୍ରସବ ପରେ ସେମାନେ ଯଥେଷ୍ଟ ବିଶ୍ରାମ ନେଇପାରିବେ ଓ ନିଜ ଶିଶୁକୁ ସ୍ତନ୍ୟପାନ କରାଇପାରିବେ। ଏହି ଯୋଜନା ଅଧିନରେ ୩୮ ଲକ୍ଷ ହିତାଧିକାରୀ ପଞ୍ଜୀକୃତ ହୋଇଛନ୍ତି।

ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପଦପଦବୀରେ ମହିଳାମାନେ ଅଧିଷ୍ଠିତ ହେଉଥିବାର ଅର୍ଥ ହେଉଛି ଯେ ଯୋଗ୍ୟା ମହିଳାଙ୍କୁ ସୁଯୋଗ ମିଳୁଛି। ଏହା ସହିତ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକ ମଧ୍ୟ ଅଧିକ ମହିଳା ଉପଯୋଗୀ ବାତାବରଣ ସୃଷ୍ଟି କରିପାରୁଛନ୍ତି। ତେଣୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବିଭିନ୍ନ କମ୍ପାନୀଗୁଡ଼ିକର ବୋର୍ଡରେ ଓ ଅନ୍ୟାନ୍ୟ ଉଚ୍ଚ ପଦପଦବୀରେ ମହିଳାଙ୍କୁ ସାମିଲ୍ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି। ବର୍ତ୍ତମାନ ବିଭିନ୍ନ କମ୍ପାନୀଗୁଡ଼ିକରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ନିର୍ଦ୍ଦେଶକ ନିଯୁକ୍ତି ପାଇଛନ୍ତି। ଏହା ହେଉଛି ଭାରତର ଏଯାବତ୍ ସର୍ବାଧିକ ସଂଖ୍ୟା।

ଗ୍ରାମ୍ୟସ୍ତରରେ ପଞ୍ଚାୟତଗୁଡ଼ିକର ମହିଳା ସଦସ୍ୟମାନେ ମହିଳା ସଶକ୍ତିକରଣକୁ ଆଗେଇ ନେଉଛନ୍ତି। ସେମାନଙ୍କୁ ପ୍ରକ୍ରିୟାଗତ ଓ କର୍ତ୍ତବ୍ୟ ନିର୍ବାହନ କ୍ଷେତ୍ରରେ ସମର୍ଥ କରିବାକୁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ତରଫରୁ ଗତବର୍ଷ ୧୮ ହଜାର ମହିଳା ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଚଳିତ ବର୍ଷ ସେମାନଙ୍କ ନେତୃତ୍ୱ କ୍ଷମତା ଓ ପରିଚାଳନା ଦକ୍ଷତା ବୃଦ୍ଧି ପାଇଁ ଆହୁରି ୧୩ ହଜାର ମହିଳାଙ୍କୁ ଆମେ ପ୍ରଶିକ୍ଷଣ ଦେବୁ।

ମହିଳା ଶ୍ରମଶକ୍ତିର ସଦୁପଯୋଗ ପାଇଁ କାର୍ଯ୍ୟ କ୍ଷେତ୍ରକୁ ମହିଳା ଅନୁକୂଳ କରିବାକୁ ପଡ଼ିବ। ଏଥିପାଇଁ ଆମେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ସମ୍ପର୍କିତ ଅସଦାଚରଣକୁ ପ୍ରତିହତ କରିବା ପାଇଁ ୨୦୧୩ ମସିହାର ସମ୍ପୃକ୍ତ ଆଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରୁଛୁ। ଏହା ଅଧିନରେ ପ୍ରତ୍ୟେକ ବର୍ଗର ମହିଳା ପୂର୍ଣ୍ଣନିଯୁକ୍ତ ବା ଆଂଶିକ ଭାବେ ନିଯୁକ୍ତ ମହିଳାମାନେ ସରକାରୀ, ବେସରକାରୀ, ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ ସୁରକ୍ଷିତ ବାତାବରଣ ପାଇପାରୁଛନ୍ତି। ଏଥିରେ ଘରୋଇ କାମ କରୁଥିବା ମହିଳା ଶ୍ରମଜୀବୀ, ଛାତ୍ରୀ, ଶିକ୍ଷାନବୀସ ଓ ଏପରିକି କାର୍ଯ୍ୟାଳୟକୁ କୌଣସି କାମରେ ଆସୁଥିବା ମହିଳାମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ମୋ' ମନ୍ତ୍ରଣାଳୟ ତରଫରୁ ନିକଟ ଅତୀତରେ ଏକ ଅନ୍‌ଲାଇନ୍ ଅଭିଯୋଗ ନିବାରଣ ବ୍ୟବସ୍ଥା କରାଯାଇଛି। ଯଦ୍ଦ୍ୱାରା ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟ କ୍ଷେତ୍ରରେ ହେଉଥିବା ଅସଦାଚରଣ, ଯୌନ ଶୋଷଣ ଆଦି ମାମଲାଗୁଡ଼ିକୁ ସହଜରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିପାରିବେ।

ଘରେ ମଧ୍ୟ ବିନା କୌଣସି ମଜୁରୀରେ ମହିଳାମାନେ ପର୍ଯ୍ୟାପ୍ତ କାମ କରିଥାନ୍ତି। ଏହାକୁ ଆମେ ଅଣଦେଖା କରିଥାଉ। ମହିଳାଙ୍କୁ ସଶକ୍ତ କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଉଜ୍ଜ୍ୱଳା ଯୋଜନା

Ministry of Health & Family Welfare
Government of India

NATIONAL RURAL HEALTH MISSION

## ଜନନୀ ଶିଶୁ ଠାବ କରିବା ବ୍ୟବସ୍ଥା (ଏମ୍‌ସିଟିଏସ୍)

**ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ଅଧି ସଶକ୍ତ କରିବା ଦିଗରେ ଏକ ଅଭିନବ ପଦକ୍ଷେପ**



କାର୍ଯ୍ୟକାରୀ ହୋଇଛି । ଏହା ଅଧିନରେ ଚୁଲି ଧୂଆଁରୁ ମୁକ୍ତି ପାଇଁ ଗରିବ ବର୍ଗର ମହିଳାଙ୍କୁ ମାଗଣାରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯାଉଛି । ୨୦୧୮ ମସିହା ଜୁଲାଇ ମାସ ପର୍ଯ୍ୟନ୍ତ ୫.୦୮ କୋଟି ରନ୍ଧନ ଗ୍ୟାସ୍ ସଂଯୋଗ ପ୍ରଦାନ କରାଯାଇଛି । ଏହାଦ୍ୱାରା ମହିଳାମାନେ କାଠଚୁଲିରେ ରନ୍ଧନ କରିବାର ବିରକ୍ତିକର ଏବଂ ଅସ୍ୱାସ୍ଥ୍ୟକର ପ୍ରକ୍ରିୟାରୁ ମୁକ୍ତି ତ ପାଇଛନ୍ତି, ତା' ସହିତ ନିଜର ବଳକା ସମୟକୁ ମଧ୍ୟ ଅନ୍ୟାନ୍ୟ ଉତ୍ପାଦନକ୍ଷମ କାର୍ଯ୍ୟରେ ଲଗାଇ ପାରୁଛନ୍ତି ।



ସଶକ୍ତିକରଣର ଆଉଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସୁରକ୍ଷା । ମହିଳାମାନେ ନିଜକୁ ସୁରକ୍ଷିତ ମଣିଲେ ହିଁ ସେମାନେ ଅର୍ଥନୀତିରେ ଓ ସାର୍ବଜନୀନ ଜୀବନରେ ଦକ୍ଷତାର ସହ ନିଜର ଯୋଗଦାନ ଦେଇପାରିବେ । ଏଥିପାଇଁ ୩୧ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ମହିଳା ହେଲ୍ପଲାଇନ୍ ନଂ-୧୮୧ ପ୍ରତିଷ୍ଠା ପାଇଁ ଓ ୨୦୬ଟି ଏକକ ସମାଧାନ କେନ୍ଦ୍ର ବା ଓ୍ୱାନ୍ ଷ୍ଟପ୍ ସେଣ୍ଟର ସ୍ଥାପନ କରିବା ପାଇଁ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହା ମାଧ୍ୟମରେ ହିଂସାଗ୍ରସ୍ତ ମହିଳାମାନେ ତ୍ୱରିତ ସାହାଯ୍ୟ ପାଇପାରୁଛନ୍ତି । ପୋଲିସ୍ ବିଭାଗରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ବିପଦରେ ଥିବା ମହିଳାଙ୍କ ସାହାଯ୍ୟ ପାଇଁ ଖୁବ୍ ଶୀଘ୍ର ସବୁ ମୋବାଇଲ୍ ଫୋନ୍‌ରେ ଆପାତଃକାଳୀନ ପାନିକ୍ ବଟନ୍ ସୁବିଧା ରହିବ । ଦେଶର ୮ଟି ପ୍ରମୁଖ ସହରକୁ ମହିଳାଙ୍କ ପାଇଁ ସୁରକ୍ଷିତ କରିବା ସକାଶେ ଓ ଯୌନ ଅତ୍ୟାଚାର ମାମଲାଗୁଡ଼ିକର ଫରେନ୍ସିକ୍ ପରୀକ୍ଷା ସୁବିଧାରେ ଉନ୍ନତି ଆଣିବା ପାଇଁ ନିର୍ଭୟା ପାଣ୍ଠିକୁ ଉପଯୋଗ କରାଯାଉଛି । ଏହିସବୁ ଓ ଅନ୍ୟାନ୍ୟ ପଦକ୍ଷେପ ମାଧ୍ୟମରେ ମହିଳା ସଶକ୍ତିକରଣର ଯାତ୍ରାକୁ ସାମର୍ଥ୍ୟ ଯୋଗାଇ ଦିଆଯାଉଛି ।

ଆଲୋଚନାରୁ ସ୍ପଷ୍ଟ ଯେ ମହିଳାଙ୍କ ସଶକ୍ତିକରଣ ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ତେବେ ଏସବୁର ସୁବିଧା ସବୁବେଳେ ଦୂରବର୍ତ୍ତୀ ଓ ପଛୁଆ ଅଞ୍ଚଳର ମହିଳାମାନେ ପାଇପାରନ୍ତି ନାହିଁ । ଏଥିଯୋଗୁଁ ମୋ' ମନ୍ତ୍ରଣାଳୟ ତରଫରୁ ମହିଳା ଶକ୍ତିକେନ୍ଦ୍ର ଯୋଜନା ଲାଗୁ କରାଯାଇଛି । ଏହା ଅଧିନରେ ୩ ଲକ୍ଷ ବିଦ୍ୟାର୍ଥୀ ସ୍ୱୟଂସେବୀମାନେ ଦେଶର ଗ୍ରାମ୍ୟ ମହିଳାଙ୍କ ପାଇଁ ସରକାରୀ ଯୋଜନା ଓ ସେବା ପହଞ୍ଚାଇବାର କାର୍ଯ୍ୟ କରୁଛନ୍ତି ।

ମୋ' ମନ୍ତ୍ରଣାଳୟର ଲକ୍ଷ୍ୟ ହେଉଛି ଯେ କୌଣସି ମହିଳା ଯେମିତି ସଶକ୍ତିକରଣର ପରିସରରୁ ବାଦ୍ ନ ପଡ଼ନ୍ତି । ବିଭିନ୍ନ ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ପରିଚାଳନା କରାଯାଉଛି ଏବଂ ଅତି ପଛୁଆ ଅଞ୍ଚଳଗୁଡ଼ିକୁ ବିଶେଷ ଧ୍ୟାନ ଦିଆଯାଉଛି । ଯଦ୍ଦ୍ୱାରା ସବୁଠାରୁ ତଳେ ଥିବା ମହିଳାମାନଙ୍କର ମଧ୍ୟ ଅଗ୍ରଗତି ହୋଇପାରିବ ।

କେବଳ ମହିଳାଙ୍କ ବିକାଶ ନୁହଁ ବରଂ ମହିଳାମାନଙ୍କ ନେତୃତ୍ୱରେ ବିକାଶ ହେଲେ ଯାଇ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ । ଏହି ଚିନ୍ତାଧାରା ହିଁ ଆମ ସରକାରୀ ରଣନୀତିର ଆଧାର । ଏଥିପାଇଁ ଆମେ ମହିଳାଙ୍କ ସକାଶେ ଅଳ୍ପ ସମୟ ମଧ୍ୟରେ ଏକ ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନା ଦେଖିପାରିଛୁ ।

ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରେ ଏବଂ ସୁରକ୍ଷିତ କରେ ଏକ ସମର୍ଥ ପରିବେଶ । ଭୟ ଏବଂ କୌଣସି ପ୍ରତିବନ୍ଧକ ନଥିଲେ ଯାଇ ମହିଳାମାନେ ସମ୍ପୂର୍ଣ୍ଣ ଦକ୍ଷତା ପ୍ରକାଶ କରିପାରିବେ । ଏହାବ୍ୟତୀତ ମହିଳାଙ୍କ ପାଇଁ ସକାରାତ୍ମକ ନୀତିର ମଧ୍ୟ ଆବଶ୍ୟକତା ରହିଛି । ଯଦ୍ଦ୍ୱାରା ଅନ୍ୟମାନଙ୍କ ସହ ସେମାନେ ସମକକ୍ଷ ହୋଇପାରିବେ । ସଠିକ୍ ସୁଯୋଗ ମିଳିଲେ ମହିଳାମାନଙ୍କ ଦକ୍ଷତା ଆକାଶ ଛୁଇଁବ ।

ଜନସଂଖ୍ୟା ଲାଭ ଉଠାଇବାକୁ ଭାରତ ଯେତେବେଳେ ଆଶା କରିବସିଛି, ସେତେବେଳେ ମହିଳା ସଶକ୍ତିକରଣର ଆବଶ୍ୟକତା ଅଧିକ ଅନୁଭୂତ ହେଉଛି । ଶିକ୍ଷା ଓ ଉତ୍ପାଦନକ୍ଷମ ନିଯୁକ୍ତି ମାଧ୍ୟମରେ ଅଧିକରୁ ଅଧିକ ମହିଳା ସାର୍ବଜନୀନ ଜୀବନରେ ଅଧିକ ଅଂଶଗ୍ରହଣ କରି ଦେଶ ନିର୍ମାଣରେ ନିଜର ଯୋଗଦାନ ଦେବାରେ ସମର୍ଥ ହୁଅନ୍ତୁ, ଏହା ହିଁ ଆମର କାମନା ।

**ଲେଖିକା ହେଉଛନ୍ତି ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର କେନ୍ଦ୍ରମନ୍ତ୍ରୀ । ସେ ଜଣେ ଜଣାଶୁଣା ସ୍ତମ୍ଭକାର ଏବଂ ପଶୁ ଓ ପରିବେଶ ସମ୍ପର୍କରେ ଅନେକ ଲେଖା ଲେଖିଛନ୍ତି । ପଶୁ ଅଧିକାର ସମ୍ପର୍କିତ ଅନେକ ପୁରସ୍କାର ମଧ୍ୟ ପ୍ରାପ୍ତ କରିଛନ୍ତି ।**

***E-mail: min-wcd@nic.in***

# ନିରନ୍ତର ଯତ୍ନ ମାଧ୍ୟମରେ ମହିଳା ସଶକ୍ତିକରଣ

**ପ୍ରୀତି ସୁଦନ୍**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟରେ ଆମେ ବିଶ୍ୱାସ କରୁ ଯେ, ମହିଳା ସଶକ୍ତିକରଣ ଆରମ୍ଭ ହୁଏ ମାତୃ ଗର୍ଭରୁ। ଗର୍ଭାବସ୍ଥାରେ ଲିଙ୍ଗ ନିରୂପଣ କରିବା ଘଟଣାକୁ ପ୍ରତିହତ କରିବା ହିଁ ହେଉଛି ମହିଳା ସଶକ୍ତିକରଣ ଦିଗରେ ପ୍ରଥମ ପଦକ୍ଷେପ। ଏଥିପାଇଁ ସରକାର ୧୯୯୪ ମସିହାରେ ଏକ ଆଇନ୍ ପ୍ରଣୟନ କରି ଗର୍ଭାବସ୍ଥାରେ ଲିଙ୍ଗ ନିରୂପଣ କରିବା ପ୍ରବୃତ୍ତିକୁ ବେଆଇନ୍ ଘୋଷଣା କରିଛନ୍ତି। ତେବେ 'ବେଟି ବଚାଓ, ବେଟି ପଢ଼ାଓ' ପରି କାର୍ଯ୍ୟକ୍ରମ ମାଧ୍ୟମରେ ବାଳିକାମାନଙ୍କ ପ୍ରତି ସମାଜର ଦୃଷ୍ଟିଭଙ୍ଗୀରେ ସକାରାତ୍ମକ ପରିବର୍ତ୍ତନ ସକାଶେ ମଧ୍ୟ ପ୍ରୟାସ ଚାଲିଛି।

ସଶକ୍ତ, ସମାନ, କାର୍ଯ୍ୟକ୍ଷମ ଓ ଉତ୍ପାଦନକ୍ଷମ ମହିଳା ଥିବା ଏକ ସମାଜ ଗଠନ କରିବାକୁ ହେଲେ ମହିଳାମାନଙ୍କ ପାଇଁ ଗୁଣବତ୍ତାଯୁକ୍ତ ଓ ଯୁକ୍ତିଯୁକ୍ତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଅତ୍ୟନ୍ତ ଆବଶ୍ୟକ। ଏହି କଥାଟିର ଗୁରୁତ୍ୱ ଉପଲବ୍ଧି କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ମହିଳାମାନଙ୍କ ସକାଶେ ସେମାନଙ୍କ ଜୀବନଚକ୍ରର ବିଭିନ୍ନ ପର୍ଯ୍ୟାୟ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ରହିଛି ଗର୍ଭବତୀ ମହିଳା, ନବଜାତ ଶିଶୁ, ବାଲ୍ୟାବସ୍ଥା, କୈଶୋର ଅବସ୍ଥା ଓ ପ୍ରଜନନକ୍ଷମ ମହିଳାମାନଙ୍କ ପାଇଁ ନାନାବିଧ କାର୍ଯ୍ୟକ୍ରମ। କେବଳ ସେମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ନୁହଁ ବରଂ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ମହିଳାମାନଙ୍କୁ ଏଏନ୍ଏମ୍ ଓ ଆଶାକର୍ମୀ ଭଳି ସ୍ୱାସ୍ଥ୍ୟକର୍ମୀ ପଦବୀରେ ନିଯୁକ୍ତି ଦିଆଯାଇ ସେମାନଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ମଧ୍ୟ ପ୍ରୟାସ କରାଯାଉଛି। ଅନେକ ମହିଳା ଏପରିକି ସ୍ୱାସ୍ଥ୍ୟ ସେବା ବିଭାଗର ବିଭିନ୍ନ ଉଚ୍ଚ ପଦପଦବୀ ଓ ନୀତି ନିର୍ଦ୍ଧାରକ ସ୍ତରରେ ନିଜର ଯୋଗଦାନ ଦେଇ ଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ୧୦ ଲକ୍ଷ ୩୧ ହଜାର ୮୦୫ ଜଣ ଆଶାକର୍ମୀ ଓ ୨ ଲକ୍ଷ ୨୦ ହଜାର ୭୦୭ ଜଣ ଏନ୍ଏନ୍ଏମ୍ (ମାର୍ଚ୍ଚ ୨୦୧୮ ସୁଦ୍ଧା) କାର୍ଯ୍ୟରତ ଅଛନ୍ତି ଓ ସେମାନେ ଆଗଧାଡ଼ିର ସ୍ୱାସ୍ଥ୍ୟକର୍ମୀ ଭାବେ ନିଜର କର୍ତ୍ତବ୍ୟ ନିର୍ବାହନ କରୁଛନ୍ତି। ଏହି ମହିଳାମାନେ ହିଁ ହେଉଛନ୍ତି ଦେଶର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ମେରୁଦଣ୍ଡ ସଦୃଶ।

ଗର୍ଭାବସ୍ଥା ପୂର୍ବବର୍ତ୍ତୀ, ଗର୍ଭାବସ୍ଥା ଓ ଶିଶୁ ଜନ୍ମ ପରବର୍ତ୍ତୀ କାଳରେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ପ୍ରତ୍ୟେକ ମହିଳା ହକ୍‌ଦାର। ପ୍ରଧାନମନ୍ତ୍ରୀଙ୍କ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ମାସର ୯ ତାରିଖରେ (ଗର୍ଭାବସ୍ଥାର ୯ ମାସର ପ୍ରତୀକ) ଗର୍ଭାବସ୍ଥା ସ୍ୱାସ୍ଥ୍ୟସେବା ସକାଶେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଆରମ୍ଭ କରାଯାଇଛି। ଅବଶ୍ୟ ଗର୍ଭାବସ୍ଥାଜନିତ ସ୍ୱାସ୍ଥ୍ୟସେବା ଦେଶର ପ୍ରତ୍ୟେକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମାସ ସାରା ପ୍ରଦାନ କରାଯାଇଥାଏ। କିନ୍ତୁ ଏହି ଅଭିଯାନ ଅଧିନରେ ଗର୍ଭବତୀ ମା'ମାନଙ୍କୁ ବିଶେଷଜ୍ଞ ଡାକ୍ତର ଓ ଅନ୍ୟ ଡାକ୍ତରୀ କର୍ମଚାରୀଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଏ। ମୁଁ ଗର୍ବର ସହ କହିବାକୁ ଚାହେଁ ଯେ, ୨୦୧୮ ଏପ୍ରିଲ୍ ମାସ ସୁଦ୍ଧା ୧.୪୨ କୋଟି ଥର ଗର୍ଭାବସ୍ଥା ସମ୍ପର୍କିତ ସେବା ପ୍ରଦାନ କରାଯାଇ ୭ ଲକ୍ଷରୁ ଊର୍ଦ୍ଧ୍ୱ ଅତି ସମ୍ବେଦନଶୀଳ ଗର୍ଭାବସ୍ଥା ଚିହ୍ନଟ କରାଯାଇଛି। ଏତଦ୍‌ବ୍ୟତୀତ ଗ୍ରାମ୍ୟ ସ୍ତରରେ ମଧ୍ୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଦିବସ ପାଳନ ମାଧ୍ୟମରେ ଗର୍ଭାବସ୍ଥା ସମ୍ପର୍କିତ ସ୍ୱାସ୍ଥ୍ୟସେବା ଲଗାତାର ପ୍ରଦାନ କରାଯାଇଥାଏ। ଏହାର ଉଦ୍ଦେଶ୍ୟ ହେଉଛି, ପ୍ରତ୍ୟେକ ଗର୍ଭବତୀ ମା'ମାନଙ୍କୁ ଅନ୍ତତଃ ୪ ଥର ଭଲ ଭାବେ ପରୀକ୍ଷା ନିରୀକ୍ଷା କରିବା ଓ ସୁରକ୍ଷିତ ଶିଶୁ ଜନ୍ମ ସୁନିଶ୍ଚିତ କରିବା। ଏଭଳି ଡାକ୍ତରୀ ପରୀକ୍ଷା ପରେ ଆବଶ୍ୟକସ୍ଥଳେ ଗର୍ଭବତୀ ମହିଳାଙ୍କୁ ଆଇରନ୍, ଫୋଲିକ୍ ଏସିଡ୍ ଓ କ୍ୟାଲ୍‌ସିଅମ୍ ବଟିକା ଆଦି ପ୍ରଦାନ କରାଯାଇଥାଏ। ଆଉ ମଧ୍ୟ ନିଜ ଗର୍ଭାବସ୍ଥାର ଉଚିତ୍ ଯତ୍ନ ନେବାପାଇଁ ଗର୍ଭବତୀଙ୍କୁ ଜନନୀ ଓ ଶିଶୁ ସୁରକ୍ଷା କାର୍ଡ ଏବଂ ନିରାପଦ ମାତୃତ୍ୱ ସମ୍ପର୍କରେ ପୁସ୍ତିକା ଆଦି



ପ୍ରଦାନ କରାଯାଏ। କେବଳ ଏତିକି ନୁହଁ, ଦୂରବର୍ତ୍ତୀ ଓ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଥିବା ଗର୍ଭବତୀ ମହିଳାଙ୍କୁ ଠାବ କରି ସେମାନଙ୍କ ଗର୍ଭାବସ୍ଥା ଉପରେ ନଜର ରଖିବା, ଆବଶ୍ୟକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଓ ସୁରକ୍ଷିତ ପ୍ରସବ ସୁନିଶ୍ଚିତ କରିବା ପାଇଁ ସୂଚନା ପ୍ରଯୁକ୍ତି ବିଦ୍ୟା ସହାୟତାରେ କମ୍ପ୍ୟୁଟର ଆଧାରିତ ଠାବ କରିବା ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମକୁ ଆଗଧାଡ଼ିଆ ସ୍ୱାସ୍ଥ୍ୟକର୍ମୀମାନଙ୍କ ମାଧ୍ୟମରେ ସମ୍ପାଦିତ କରାଯାଉଛି।

ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅଧିନରେ ଗର୍ଭବତୀ ମା'ମାନଙ୍କ ସୁରକ୍ଷିତ ପ୍ରସବ ପାଇଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଃଶୁଳ୍କ ବ୍ୟବସ୍ଥା ରହିଛି। ଏଥିପାଇଁ ସେମାନଙ୍କୁ ମାଗଣା ଔଷଧ, ଖାଦ୍ୟ, ପରୀକ୍ଷାନିରୀକ୍ଷା ସୁବିଧା ଓ ଏପରିକି ଘର ଓ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ମାଗଣା ଯାତାୟତ ସୁବିଧା ଦିଆଯାଇଥାଏ। ଏହି ଯୋଜନା ଅଧିନରେ ୧.୩୩ କୋଟି ଗର୍ଭବତୀ ମହିଳା ଉପକୃତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ଅଧିନରେ ମାଗଣା ଯାତାୟତ ସୁବିଧା ସହିତ ନିକଟସ୍ଥ ଆଶାକର୍ମୀ / ଏଏନ୍‌ଏମ୍‌ଙ୍କ ସହ ସମ୍ପର୍କ ସ୍ଥାପନ କରିବା ପାଇଁ ମହିଳାମାନେ ୧୦୨ / ୧୦୮ ନମ୍ବରକୁ କଲ୍ କରିପାରିବେ। ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାପଦ ପ୍ରସବ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ଓ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ 'ଲେବର୍ ରୁମ୍ କ୍ୱାଲିଟୀ ଇମ୍ପ୍ରୁଭ୍‌ମେଣ୍ଟ ଇନିସିଏଟିଭ୍' ଆରମ୍ଭ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ସଂସ୍ଥାଗତ ପ୍ରସବକୁ ପ୍ରୋତ୍ସାହିତ କରିବା ପାଇଁ ଆର୍ଥିକ ସହାୟତା ବ୍ୟବସ୍ଥା ମଧ୍ୟ ପ୍ରଚଳନ କରାଯାଇଛି। ଗର୍ଭାବସ୍ଥାର ଯତ୍ନ ଓ ନିରାପଦ ପ୍ରସବ ସକାଶେ ଅନେକ ଆନୁଷ୍ଠାନିକ ବ୍ୟବସ୍ଥା ଯୋଗୁଁ ସଂସ୍ଥାଗତ ପ୍ରସବ ସଂଖ୍ୟା ୪୭%ରୁ ୭୮.୯%କୁ ବୃଦ୍ଧି ପାଇଛି।

କୌଣସି ବ୍ୟକ୍ତିର ଆଜୀବନ ଦକ୍ଷତାର ବିକାଶ ପରିପ୍ରେକ୍ଷୀରେ ତା'ର ପ୍ରଥମ ଏକ ହଜାର ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନ୍ମଠାରୁ ଦୁଇବର୍ଷ ଭିତରେ ମସ୍ତିଷ୍କର ୮୫% ଅଂଶ ବିକଶିତ ହୋଇଥାଏ। ଏଥିଯୋଗୁଁ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା, ଉତ୍ତମ ପୁଷ୍ଟିକର ଆହାର, ଗୁଣାତ୍ମକ ଶିଶୁ ଯତ୍ନ ଏବଂ ସ୍ୱଚ୍ଛ ଓ ସୁରକ୍ଷିତ ବାତାବରଣ ନିହାତି ଜରୁରୀ। ଉତ୍ତମ ଶିଶୁ ଯତ୍ନ ସକାଶେ ପିତାମାତାଙ୍କୁ ସଚେତନ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ 'ଜର୍ଣ୍ଣିଂ ଅଫ୍ ଫାଷ୍ଟ୍ ଓ୍ୱାନ୍ ଥାଉଜେଣ୍ଡ୍ ଡେ'' ଶୀର୍ଷକ ଏକ ପୁସ୍ତିକା ପ୍ରକାଶିତ ହୋଇଛି।

ଉତ୍ତମ କୈଶୋର ସ୍ୱାସ୍ଥ୍ୟ ଅବସ୍ଥା ମାଧ୍ୟମରେ ଜଣେ ମହିଳା ନିଜର ସମ୍ପୂର୍ଣ୍ଣ ଦକ୍ଷତାକୁ ବିକଶିତ କରିପାରେ। ଏହି ବୟସର କୌଣସି ସ୍ୱାସ୍ଥ୍ୟ ସମସ୍ୟାର ପ୍ରଭାବ ମହିଳାଟିର ମାତୃତ୍ୱ ଓ ଶିଶୁ ଯତ୍ନ ଉପରେ ମଧ୍ୟ ପଡ଼ିଥାଏ। ଏହାକୁ ଦୃଷ୍ଟିରେ ରଖି କୈଶୋର ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଓ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ଅଧିନରେ କିଶୋରୀମାନଙ୍କୁ ଆଇରନ୍ ଫୋଲିକ୍ ଏସିଡ୍ ସପ୍ଲିମେଣ୍ଟ ଓ ସାନିଟାରୀ ନାପ୍‌କିନ୍ ଆଦି ପ୍ରଦାନ କରାଯାଇଥାଏ। ଏହା ସହ ବର୍ଷକୁ ଦୁଇଥର କୃମିନାଶକ ଔଷଧ ଆଲ୍‌ବେଣ୍ଡାଜୋଲ୍ ମଧ୍ୟ ଦିଆଯାଏ। ୨୦୧୮ ଏପ୍ରିଲ୍ ମାସ ସୁଦ୍ଧା ୩.୭ କୋଟି କିଶୋର/ କିଶୋରୀମାନଙ୍କୁ ସାପ୍ତାହିକ ଆଇରନ୍ ଫୋଲିକ୍ ଏସିଡ୍ ସପ୍ଲିମେଣ୍ଟ ଦିଆଯାଇଛି ଓ ୨ ଲକ୍ଷ ପିଅର୍ ଏଜୁକେଟର୍ ବଛାଯାଇ ଏ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯାଉଛି। ଏତଦ୍‌ବ୍ୟତୀତ ୧୦ରୁ ୧୯ ବର୍ଷ ବୟସ୍କା ବାଳିକାଙ୍କ ଋତୁସ୍ରାବଜନିତ ପରିଚ୍ଛନ୍ନତା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କିଶୋରାବସ୍ଥା ସ୍ୱାସ୍ଥ୍ୟସେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ୭୫୧୬ଟି କ୍ଲିନିକ୍ ସ୍ଥାପନ କରାଯାଇଛି।

ପ୍ରତ୍ୟେକ ମହିଳାଙ୍କ ଗର୍ଭଧାରଣ ଅଧିକାର ରହିଛି। ମୁକ୍ତ ଭାବରେ ଓ ଦାୟିତ୍ୱର ସହ ଗର୍ଭଧାରଣ କରିବା, ସନ୍ତାନ ଜନ୍ମ ମଧ୍ୟରେ ବ୍ୟବଧାନ ରକ୍ଷା କରିବା ଓ ସନ୍ତାନଙ୍କ ସଂଖ୍ୟା ନିର୍ଦ୍ଧାରିତ କରିବାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ପିତାମାତାଙ୍କୁ ସାହାଯ୍ୟ ଦିଆଯାଇଥାଏ। ନିକଟ ଅତୀତରେ ମନ୍ତ୍ରଣାଳୟ ତରଫରୁ 'ଅନ୍ତର' ନାମକ ଗର୍ଭନିରୋଧକ ମେଡ୍ରକ୍ସି ପ୍ରୋଜେଷ୍ଟେରୋନ୍ ଆସିଟେକ୍ ଇଞ୍ଜେକ୍‌ସନ ଓ ସାପ୍ତାହିକ ସେବନ ପାଇଁ 'ଛାୟା' ନାମକ ସେଣ୍ଟ୍‌କ୍ରୋମେନ୍ ବଟିକା ବଣ୍ଟନ ଆରମ୍ଭ ହୋଇଛି। ଆଶାକର୍ମୀମାନଙ୍କ ଦ୍ୱାରା ଯୋଗ୍ୟ ଦମ୍ପତିଙ୍କ ଘରେ ହିଁ ଗର୍ଭନିରୋଧକ ବ୍ୟବସ୍ଥା ପହଞ୍ଚାଇ ଦିଆଯାଉଛି। ବାହାଘରର ଦୁଇବର୍ଷ ପର୍ଯ୍ୟନ୍ତ ଓ ପ୍ରଥମ ସନ୍ତାନ ଜନ୍ମ ପରେ ଅନ୍ତତଃ ୩ ବର୍ଷ ପର୍ଯ୍ୟନ୍ତ ଗର୍ଭଧାରଣ ନକରିବା ପାଇଁ ନବବିବାହିତମାନଙ୍କୁ ପରାମର୍ଶ ଦେବା ସକାଶେ ଆଶାକର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

ଉପରୋକ୍ତ ବିଷୟ ବ୍ୟତୀତ ବାଳିକାମାନଙ୍କ ସୁସ୍ଥ ବାଲ୍ୟାବସ୍ଥା ସୁନିଶ୍ଚିତ କରିବା ପାଇଁ ଆହୁରି ଅନେକ ସେବା ଆରମ୍ଭ କରାଯାଇଛି। ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ଶିଶୁମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ଜିଲ୍ଲାସ୍ତରରେ ଓ ଉପଖଣ୍ଡ ସ୍ତରରେ ନବଜାତ ଶିଶୁ ସ୍ୱାସ୍ଥ୍ୟ ସୁବିଧା ରହିଛି। ଆଶାକର୍ମୀ ମାନେ ମଧ୍ୟ ଘରକୁ ଘର ବୁଲି ନବଜାତ ଶିଶୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥାନ୍ତି। ଏହା ଗର୍ବର ବିଷୟ ଯେ, ବିଶ୍ୱର ସବୁଠାରୁ ବ୍ୟାପକ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ ଭାରତରେ ଅଛି। ଗର୍ଭବତୀ ନାରୀ ଓ ଦୁଇବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ଟିକାକରଣ ସୁନିଶ୍ଚିତ କରିବା ପାଇଁ ୨୦୧୪ ମସିହାରୁ 'ମିଶନ ଇନ୍ଦ୍ରଧନୁଶ୍' ନାମରେ ଏକ ବିଶେଷ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏପର୍ଯ୍ୟନ୍ତ ୩.୧୫ କୋଟି ଶିଶୁ (୮୦.୫୮ ଲକ୍ଷ ଶିଶୁଙ୍କ ସମ୍ପୂର୍ଣ୍ଣ ଟିକାକରଣ ସରିଛି) ଓ ୮୦.୬୩ ଲକ୍ଷ ଗର୍ଭବତୀ ମହିଳାଙ୍କ ଟିକାକରଣ ସରିଛି ତଥା ୯୧.୯୪ ଲକ୍ଷ ଜଣଙ୍କୁ ଭିଟାମିନ୍-କ'ର ମାତ୍ରା ଦିଆଯାଇଛି। ଭୀଷଣ ଅପପୁଷ୍ଟିର ଶିକାର ଶିଶୁମାନଙ୍କ ଉନ୍ନତ ଚିକିତ୍ସା ପାଇଁ ୧୧୫୦ଟି ପୁଷ୍ଟି ଥଇଥାନ କେନ୍ଦ୍ର ଖୋଲାଯାଇଛି। ଶିଶୁଙ୍କ ଠାରେ ଜନ୍ମଜାତ ସ୍ୱାସ୍ଥ୍ୟଗତ ବ୍ୟତିକ୍ରମ, ରୋଗ ଓ ବାଧିତ ବିକାଶ ଚିହ୍ନଟ କରି ଆବଶ୍ୟକ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ପାଇଁ ରାଷ୍ଟ୍ରୀୟ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧିନରେ ୨୦୦୭ ସେପ୍ଟେମ୍ବର ସୁଦ୍ଧା ୭୦.୯ କୋଟି ଶିଶୁଙ୍କୁ ପରୀକ୍ଷା କରାଯାଇ ୧.୫୫ କୋଟି ଶିଶୁଙ୍କ ଚିକିତ୍ସା କରାଯାଇଛି।

> କୌଣସି ବ୍ୟକ୍ତିର ଆଜୀବନ ଦକ୍ଷତାର ବିକାଶ ପରିପ୍ରେକ୍ଷୀରେ ତା'ର ପ୍ରଥମ ଏକ ହଜାର ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନ୍ମଠାରୁ ଦୁଇବର୍ଷ ଭିତରେ ମସ୍ତିଷ୍କର ୮୫% ଅଂଶ ବିକଶିତ ହୋଇଥାଏ। ଏଥିଯୋଗୁଁ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା, ଉତ୍ତମ ପୁଷ୍ଟିକର ଆହାର, ଗୁଣାତ୍ମକ ଶିଶୁ ଯତ୍ନ ଏବଂ ସ୍ୱଚ୍ଛ ଓ ସୁରକ୍ଷିତ ବାତାବରଣ ନିହାତି ଜରୁରୀ। ଉତ୍ତମ ଶିଶୁ ଯତ୍ନ ସକାଶେ ପିତାମାତାଙ୍କୁ ସଚେତନ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ 'ଜର୍ଣ୍ଣି ଅଫ୍ ଫାଷ୍ଟ୍ ୱାନ୍ ଥାଉଜେଣ୍ଡ୍ ଡେ' ଶୀର୍ଷକ ଏକ ପୁସ୍ତିକା ପ୍ରକାଶିତ ହୋଇଛି।

ମହିଳାମାନଙ୍କ ପାଇଁ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ମାଗଣା ଔଷଧ ଯୋଗାଣ ଆଦି ସ୍ୱାସ୍ଥ୍ୟ ସେବା ରହିଛି। ଗତ ତିନିବର୍ଷ ମଧ୍ୟରେ ଏଥିପାଇଁ ରାଜ୍ୟଗୁଡ଼ିକୁ ୧୬ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଆୟୁଷ୍ମାନ ଭାରତ ଯୋଜନା ଅଧିନରେ ସ୍ୱାସ୍ଥ୍ୟ ଓ ସୁସ୍ଥତା କେନ୍ଦ୍ରଗୁଡ଼ିକରେ ମହିଳାଙ୍କ ସକାଶେ ଆହୁରି ଅନ୍ୟାନ୍ୟ ପ୍ରକାରର ନିବାରଣ ଓ ପ୍ରୋତ୍ସାହନ ସେବା ପ୍ରଦାନ କରିବାର ଲକ୍ଷ୍ୟ ରହିଛି। ଏଥିରେ ଶିଶୁ ଓ ମା'ମାନଙ୍କୁ ବିଶେଷ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ପର୍ଯ୍ୟାୟ ଭିତ୍ତିରେ ୧.୫ ଲକ୍ଷ ସ୍ୱାସ୍ଥ୍ୟ ଓ ସୁସ୍ଥତା କେନ୍ଦ୍ର ସ୍ଥାପନ କରାଯିବାର ଲକ୍ଷ୍ୟ ରହିଛି। ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟରୁ ଆରମ୍ଭ କରି ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ନିରାକରଣ ଓ ଚିକିତ୍ସା ସକାଶେ ଏହିସବୁ କେନ୍ଦ୍ରରେ ସୁବିଧା କରାଯିବ। ଏତଦ୍‌ବ୍ୟତୀତ ଏହି କେନ୍ଦ୍ରଗୁଡ଼ିକରେ ଅନେକ ଆଗଧାଡ଼ିଆ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିଯୁକ୍ତି ଦିଆଯିବ।

ସମଗ୍ର ଦେଶରେ ମହିଳାମାନଙ୍କ ପାଇଁ ସାମଗ୍ରିକ ସ୍ୱାସ୍ଥ୍ୟସେବା ପ୍ରଦାନ ସକାଶେ କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି। ଏଭଳି ଉଦ୍ୟମର ଫଳ ସ୍ୱରୂପ ୫ ବର୍ଷରୁ କମ୍ ବୟସ୍କ ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁ ହାରରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ଜନନୀ ଓ ନବଜାତ ଶିଶୁଙ୍କୁ ଧନୁଷ୍ଟଙ୍କାର ନିର୍ମୂଳନ କାର୍ଯ୍ୟକ୍ରମ ଅଧିନରେ ସମଗ୍ର ବିଶ୍ୱ ପାଇଁ ଡିସେମ୍ବର ୨୦୧୫ ସୁଦ୍ଧା ସମୟ ସୀମା ଧାର୍ଯ୍ୟ କରାଯାଇଥିବା ବେଳେ ଭାରତ କିନ୍ତୁ ଏହି ସମୟ ପୂର୍ବରୁ ଅର୍ଥାତ୍ ଏପ୍ରିଲ୍ ୨୦୧୫ ସୁଦ୍ଧା ଏଥିରେ ସକ୍ଷମ ହୋଇଥିଲା। ଏତଦ୍‌ବ୍ୟତୀତ ଆମେ ଆଉ ଏକ ସଫଳତା ହାସଲ କରିଛୁ। ମାତୃ ମୃତ୍ୟୁ ସମ୍ପର୍କରେ ଭାରତ ସହସ୍ରାବ୍ଦ ବିକାଶ ଲକ୍ଷ୍ୟ ହାସଲ କରିପାରିଛି। ମାତୃ ମୃତ୍ୟୁହାର ୨୦୧୧-୧୩ ବେଳକୁ ପ୍ରତି ୧ ଲକ୍ଷ ଜୀବନ୍ତ ଶିଶୁ ଜନ୍ମରେ ୧୬୭ ଥିବାବେଳେ ବର୍ତ୍ତମାନ ଏହା ୧୩୦କୁ ଖସିଆସିଛି। ଗତ କେତେକ ଦଶନ୍ଧି ମଧ୍ୟରେ ଏହା ଏକ ଉଲ୍ଲେଖନୀୟ ସଫଳତା। ଏହାର ଅର୍ଥ ହେଉଛି ୨୦୧୧-୧୩ ତୁଳନାରେ ଆମେ ୧୨ ହଜାର ଗର୍ଭବତୀ ମହିଳାଙ୍କ ଜୀବନ ବଞ୍ଚାଇବାରେ ସମର୍ଥ ହୋଇପାରିଛୁ।

ରାଜ୍ୟଗୁଡ଼ିକର ନିଶ୍ଚିତ ସହଯୋଗ ଓ ଆଗଧାଡ଼ିଆ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତିବଦ୍ଧତା ଓ ସମର୍ପଣ ଭାବ ଯୋଗୁଁ ୨୦୩୦ ମସିହା ସୁଦ୍ଧା ମାତୃ ସ୍ୱାସ୍ଥ୍ୟ ସମ୍ପର୍କିତ ଧାରଣକ୍ଷମ ବିକାଶ ଲକ୍ଷ୍ୟ ହାସଲ କରିବାର ଯେଉଁ ସମୟସୀମା ରହିଛି ତାହାର ଯଥେଷ୍ଟ ପୂର୍ବରୁ ଆମେ ଏଥିରେ ସଫଳ ହେବୁ ବୋଲି ଆମର ଦୃଢ଼ ବିଶ୍ୱାସ ଓ ଭାରତର ମହିଳାମାନଙ୍କ ପାଇଁ ଏକ ସୁସ୍ଥ, ସଶକ୍ତ ଓ ଉଜ୍ଜ୍ୱଳ ଭବିଷ୍ୟତ ତିଆରି କରିବାକୁ ଦୃଢ଼ ଆଶାବାଦୀ।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସଚିବ। *E-mail:secyhfw@nic.dot.in*


## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards

# ଆର୍ଥିକ ସମାବେଶୀକରଣ: ମହିଳା ସଶକ୍ତିକରଣର ଚାବିକାଠି

ଲେଖା ଚକ୍ରବର୍ତ୍ତୀ, ପିୟୁଷ ଗାନ୍ଧି



ସାମଗ୍ରିକ ବିକାଶ ଓ ବ୍ୟକ୍ତିବିଶେଷର ଉନ୍ନତି ପାଇଁ ଅର୍ଥ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଏ କଥାରେ ସମସ୍ତେ ଏକମତ। ଆର୍ଥିକ ସମାବେଶୀ ପ୍ରକ୍ରିୟା ମଣିଷକୁ ନିର୍ଦ୍ଧନତାର ଶୃଙ୍ଖଳରୁ ମୁକ୍ତ କରିବା ସହ ଅର୍ଥନୀତି ଓ ଲୋକନୀତି ସହ ଯୋଡ଼ିଥାଏ ଓ ସେ ଆର୍ଥିକ ମୁଖ୍ୟ ସ୍ରୋତରେ ସାମିଲ ହୋଇଥାଏ। ସ୍ୱଳ୍ପ ଆୟକାରୀ ଗୋଷ୍ଠୀ/ବର୍ଗର ଲୋକେ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ପରିସରଭୁକ୍ତ ହେଲେ ଜରୁରୀ ସମୟରେ ନିଜର ଆର୍ଥିକ ସମ୍ପତ୍ତି ଓ ଅନ୍ୟାନ୍ୟ ସମ୍ବଳର ସୁରକ୍ଷା କରିପାରିଥାନ୍ତି। ଏହା ମଧ୍ୟ ଲାଭଖୋର ମହାଜନ / ସାହୁକାର ଓ ସୁଧଖୋର ଅର୍ଥ ଲଗାଣକାରୀଙ୍କ କବଳରୁ ଗରିବ ଲୋକଙ୍କୁ ସୁରକ୍ଷିତ କରେ। ଆର୍ଥିକ ସମାବେଶୀ ପ୍ରକ୍ରିୟାଦ୍ୱାରା ଦୁର୍ବଳଶ୍ରେଣୀର ଲୋକଙ୍କୁ ଆନୁଷ୍ଠାନିକ ଋଣ ବିଭିନ୍ନ ବ୍ୟାଙ୍କ ଓ ଅର୍ଥଲଗାଣକାରୀ ସଂସ୍ଥାଙ୍କ ଠାରୁ ସହଜରେ ମିଳିଥାଏ।

ଦେଶରେ ଅଧିକରୁ ଅଧିକ ମହିଳା ବିଭିନ୍ନ ବୃତ୍ତି ଓ ନିଯୁକ୍ତିରେ ସାମିଲ ହୋଇ ରୋଜଗାର କରିବା ସହ ନିଜର ଓ ନିଜ ପରିବାରର ଆର୍ଥିକ ସ୍ଥିତିରେ ଉନ୍ନତି ଆଣୁଥିବା ଦେଖିବାକୁ ମିଳୁଛି। ରୋଜଗାର ଫଳରେ ସେମାନେ ପିଲାଙ୍କୁ ଶିକ୍ଷିତ କରିବା ସହ ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଆବଶ୍ୟକ ଦୃଷ୍ଟିଦେବାକୁ ସକ୍ଷମ ହେଉଛନ୍ତି। ମହିଳାଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଫଳରେ ପରିବାରର ଅନେକ କଲ୍ୟାଣ ସାଧିତ ହେଉଛି।

ଯେଉଁ ମହିଳାମାନେ ନିଜର କିଛି ଉଦ୍ୟୋଗ ବା ଧନ୍ଦା ସ୍ୱାଧୀନଭାବେ କରିବାକୁ ଆଗ୍ରହୀ ସେମାନଙ୍କୁ ଋଣ ଯୋଗାଣର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବ୍ୟାଙ୍କ, ମାଇକ୍ରୋ ଫାଇନାନ୍ସ ସଂସ୍ଥା, ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ସେମାନେ ଆର୍ଥିକ ସହାୟତା ବା ଋଣ ପାଇପାରିବେ। ନିଜର କିଛି ଉଦ୍ୟୋଗ ପାଇଁ ପୁଞ୍ଜି ଦରକାର। ଆନୁଷ୍ଠାନିକ କ୍ଷେତ୍ରରୁ ଅର୍ଥ ଋଣ ଆକାରରେ ନ ମିଳିଲେ ଆଗ୍ରହୀ ଉଦ୍ୟୋଗୀ ସାହୁକାରଙ୍କ ପାଖରେ ଜମିବାଡ଼ି, ଗହଣାପତ୍ର ଆଦି ବନ୍ଧକ ଦେଇ ଚଢ଼ା ସୁଧରେ ଅର୍ଥ ଯୋଗାଡ଼ କରିଥାନ୍ତି। ଏଥିରେ ସେମାନେ ଋଣ ଯନ୍ତାରେ ପଡ଼ିଯାଆନ୍ତି ଯେଉଁଥିରୁ ମୁକୁଳିବା ସହଜ ନୁହେଁ; କିନ୍ତୁ ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାରୁ ଋଣ ଆଣିଲେ ସେ ବିପଦ ଆଶଙ୍କା କମ୍।

ସରକାର ଓ ରିଜର୍ଭ ବ୍ୟାଙ୍କ ଏ କ୍ଷେତ୍ରରେ ଯୋଗାଣ ଦିଗର ଗୁରୁତ୍ୱ ଅନୁଭବ କରି ମହିଳାଙ୍କ ଉଦ୍‌ଯୋଗ ବିକାଶ କାର୍ଯ୍ୟ ପାଇଁ ମୁଦ୍ରା ଋଣ ଯୋଜନାର ବ୍ୟବସ୍ଥା କରିଛନ୍ତି। ଏହି ଋଣକୁ ଅଗ୍ରାଧିକାର କ୍ଷେତ୍ର ଋଣ ତାଲିକା ବର୍ଗରେ ସାମିଲ କରାଯାଇଛି। ପେମେଣ୍ଟ ବ୍ୟାଙ୍କ ଓ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କ ଏ କ୍ଷେତ୍ରରେ ଭବିଷ୍ୟତରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଯାଉଛି।

ଆହୁରି ମଧ୍ୟ ଆର୍ଥିକ ସମାବେଶୀ ବ୍ୟବସ୍ଥାକୁ ମହିଳା ସଶକ୍ତୀକରଣର ଚାବିଭାବେ ଦେଖିବାର ଅର୍ଥ ନୁହେଁ ଯେ ସେମାନଙ୍କୁ କେବଳ ଋଣ ଯୋଗାଇ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବା। ଏ କ୍ଷେତ୍ରରେ ସଞ୍ଚୟ ପାଇଁ ନିରାପଦ, ସହଜ ଓ ବାସ୍ତବବାଦୀ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। ଏହି ଦିଗ ପ୍ରତି ଅନେକ ଦିନରୁ ଆବଶ୍ୟକ ଦୃଷ୍ଟି ଦିଆଯାଇନାହିଁ। ଲୋକଙ୍କ ପାଖରେ ପଇସା ବଳିଲେ ସେମାନେ ପ୍ରାୟତଃ ଗହଣାଗାଣ୍ଠି କିଣିଥାନ୍ତି। ଏହା ଅର୍ଥ ସଞ୍ଚୟର ଏକ ଅଣଆନୁଷ୍ଠାନିକ ଉତ୍ସ। ତେବେ ସୁନା ବା ଗହଣା କ୍ରୟରେ ଗୋଟିଏ ବିପଦ ଅଛି। ଜରୁରୀକାଳୀନ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ସୁନା ବା ଗହଣା ବିକିଲେ ଅଦର ଦରରେ ବିକିବାକୁ ହୋଇଥାଏ। ସେହିଭଳି ଘରେ ଟଙ୍କା

ସାଇତି ରଖିଲେ ତା' ଉପରେ କୌଣସି ସୁଧ ମିଳେନାହିଁ ଏବଂ ଚୋରି ଡକାୟତିର ଭୟ ରହିଛି। ତେଣୁ ଅର୍ଥର ଏଭଳି ପାରମ୍ପରିକ ସଞ୍ଚୟ ଗ୍ରହଣୀୟ ନୁହେଁ। ଅନେକ ପରିବାରରେ ଏକ ଅର୍ଥଗତ ମାୟା ରହିଛି। ବେତନ ମିଳିଲେ ମାସର ପ୍ରାରମ୍ଭରେ ଅନେକ ପରିବାର ନିଜର ଯଥାର୍ଥ ଖର୍ଚ୍ଚ ସହିତ ଅନ୍ୟାନ୍ୟ କେତେକ ଅବାଂଛିତ ଆବଶ୍ୟକତା ପୂରଣ ପାଇଁ ଟଙ୍କା ଖର୍ଚ୍ଚ କରିଥାନ୍ତି। ଫଳରେ ମାସ ପୂରିବାର ଯଥେଷ୍ଟ ଆଗରୁ ଟଙ୍କା ସରିଯାଏ। ଫଳରେ ସେସବୁ ପରିବାର ଆର୍ଥିକ ସଂକଟର ସମ୍ମୁଖୀନ ହୋଇଥାନ୍ତି। ମହିଳାମାନେ ଯେଉଁ ପରିବାରରେ ପଇସାପତ୍ର କଥା ବୁଝନ୍ତି ସେମାନେ ପ୍ରାୟତଃ ବ୍ୟୟକୁଣ୍ଠ ହୋଇ ଜଗିରଖି ପଇସା ଖର୍ଚ୍ଚ କରନ୍ତି ଏବଂ ଭବିଷ୍ୟତ ପାଇଁ କିଛି ସଞ୍ଚୟ କରନ୍ତି। ଏହା ପାରିବାରିକ ଅର୍ଥ ପରିଚାଳନା କ୍ଷେତ୍ରରେ ଏକ ଭଲ ଲକ୍ଷଣ ଏବଂ ଏହା ଫଳରେ ପରିବାରର ଆର୍ଥିକ ସଂକଟ ବିଶେଷ ଦେଖାଯାଏନା। ଲୋକଙ୍କ ସଞ୍ଚୟ ପ୍ରବୃତ୍ତିକୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କୁ ନିରାପଦ ତଥା ଲାଭଜନକ ସଂଚୟ ସୁଯୋଗ ଦେବାକୁ ବିଭିନ୍ନ ଯୋଜନା ସରକାରୀସ୍ତରରେ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ସେଥିମଧ୍ୟରୁ ଅନ୍ୟତମ। ଏଥିରେ ସବୁ ଲୋକଙ୍କୁ ବ୍ୟାଙ୍କ ସୁବିଧା ଯୋଗାଇ ଦିଆଯାଉଛି।

ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ବୀମା ବ୍ୟବସ୍ଥାର ପ୍ରସାରଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଭାରତରେ ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ବୀମା ସୁବିଧାକୁ ଯୋଡ଼ାଯାଇ ଯଥାର୍ଥ ପଦକ୍ଷେପ ନିଆଯାଇଛି। ସୁରକ୍ଷା ବୀମା ଯୋଜନା ଓ ସ୍ୱାସ୍ଥ୍ୟ ବୀମା ଯୋଜନା ମାଧ୍ୟମରେ ଲୋକଙ୍କୁ ସ୍ୱାସ୍ଥ୍ୟ ଓ ଅକ୍ଷମତା ଜନିତ ପରିସ୍ଥିତି ପାଇଁ ଆର୍ଥିକ ସୁବିଧାସୁଯୋଗ ଯୋଗାଣ ନିଶ୍ଚିତ କରାଯାଇଛି। ଏହା ଫଳରେ ଅର୍ଥାଭାବ ଯୋଗୁଁ ବହୁ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବୀମା ଫଳରେ ଏ ସମସ୍ୟା ଅନେକାଂଶରେ ଦୂର ହୋଇଛି। ଅଟଳ ପେନ୍‌ସନ୍ ଯୋଜନା ଏ କ୍ଷେତ୍ରରେ ଆଉ ଏକ



ଉଲ୍ଲେଖନୀୟ ପଦକ୍ଷେପ ଯାହା ଲୋକଙ୍କୁ ସାମାଜିକ ସୁରକ୍ଷା ଯୋଗାଇବାକୁ ଅଭିପ୍ରେତ। ଏହାଦ୍ୱାରା ଲୋକେ ନିଜର ପରିଣତ ବୟସର ଆବଶ୍ୟକତା ପୂରଣ ପାଇଁ ସୁଯୋଗ ପାଇବା ସହ ନିଜର ଜରୁରୀକାଳୀନ ଖର୍ଚ୍ଚ ପାଇଁ ଅର୍ଥ ପାଇପାରୁଛନ୍ତି ଏବଂ ନିଜର ପିଲାମାନଙ୍କ ଦୟା, ଅନୁକଂପା ଉପରେ ନିର୍ଭର କରୁନାହାନ୍ତି। ଅନଗ୍ରସର ଓ ଦରିଦ୍ର ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ପରମୁଖାପେକ୍ଷୀ ନ'କରିବାକୁ ଏସବୁ ଯୋଜନାରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି।

୨୦୧୬ର ବିମୁଦ୍ରାୟନ ପଦକ୍ଷେପ ପରେ ନଗଦ ଅର୍ଥ କାରବାରକୁ କମାଇ ଇ-କାରବାର ଓ ବ୍ୟାଙ୍କ ବ୍ୟବସ୍ଥାରେ ନେଣଦେଣକୁ ସରକାର ପ୍ରୋତ୍ସାହିତ କରିବା ସହ ଏଥିପାଇଁ ଇ-ୱାଲେଟ୍, ଇ-ବ୍ୟାଙ୍କିଙ୍ଗ, ପିଏସ୍‌ଓ ମେସିନ ଆଦିର ପ୍ରବର୍ତ୍ତନକୁ ବ୍ୟାପକ କରିଛନ୍ତି। ଏହାଛଡ଼ା ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ସମସ୍ତଙ୍କୁ ସାମିଲ କରିବା ପାଇଁ ବ୍ୟାଙ୍କ ଖାତା ଖୋଲିବା ବ୍ୟବସ୍ଥା ବିଭିନ୍ନ ଯୋଜନାରେ କରାଯାଇଛି। ଏହା ଆର୍ଥିକ ସମାବେଶୀକରଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ।

୨୦୦୫-୦୬ରେ ରିଜର୍ଭ ବ୍ୟାଙ୍କ ତାଙ୍କର ବାର୍ଷିକ ନୀତିରେ ଦେଶରେ ଆର୍ଥିକ ସମାବେଶୀ ପ୍ରକ୍ରିୟା ବିଶେଷ ଆଗେଇପାରୁନାହିଁ ବୋଲି ଉଲ୍ଲେଖ କରିବା ସହ ବ୍ୟାଙ୍କ ସମୂହର ନୀତି ଓ ପ୍ରକ୍ରିୟାରେ ପରିବର୍ତ୍ତନ ପାଇଁ ଗୁରୁତ୍ୱ ଦେଇଥିଲେ। ଏହାପରେ ଦେଶରେ ଆର୍ଥିକ ସମାବେଶୀ ପ୍ରକ୍ରିୟା ତ୍ୱରାନ୍ୱିତ ହେବାକୁ ଲାଗିଲା। ଏଥିପାଇଁ ରିଜର୍ଭ ବ୍ୟାଙ୍କ ଅନେକ ସଂସ୍କାର କାର୍ଯ୍ୟକାରୀ କରିବା ସହ ସ୍ୱଳ୍ପ ଆୟକାରୀ ବର୍ଗଙ୍କ ମଧ୍ୟରେ ଆର୍ଥିକ ସେବାର ପ୍ରସାର ପାଇଁ ବ୍ୟାଙ୍କ ସମୂହଙ୍କୁ ପରାମର୍ଶ ଦେଲେ। ନୂଆ ବ୍ୟବସ୍ଥାରେ ନୋ ଫ୍ରିଲ ଆକାଉଣ୍ଟ ଖୋଲିବାର ସୁବିଧା ପ୍ରବର୍ତ୍ତନ ହେଲା। ଏଥିରେ ଆକାଉଣ୍ଟରେ କୌଣସି ସର୍ବନିମ୍ନ ଜମା ରଖିବାର ବ୍ୟବସ୍ଥା ନାହିଁ। ଶୂନ୍ୟ ଜମା କିମ୍ବା ସ୍ୱଳ୍ପ ଜମାରେ ଜଣେ ଗ୍ରାହକ ବ୍ୟାଙ୍କରେ ଖାତା ଖୋଲିବାର ସୁବିଧା ପାଇଛନ୍ତି। ୨୦୦୭-୦୮ ଆର୍ଥିକ ବର୍ଷରେ ଫାଇନାନ୍ସିଆଲ୍ ଇନ୍‌କ୍ଲୁଜନ୍ ଫଣ୍ଡ୍ ଓ ଫାଇନାନ୍ସିଆଲ୍ ଇନକ୍ଲୁଜନ ଟେକ୍‌ନୋଲୋଜି ଫଣ୍ଡ ନାମରେ ଦୁଇଟି ଫଣ୍ଡ ଆରମ୍ଭ କରାଯାଇଥିଲା।

## ଏବେ ଦେଶରେ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ୍ ସେବାର ସ୍ଥିତି

| ବର୍ଷ | | ବ୍ୟାଙ୍କ ଖାତା (ଆକାଉଣ୍ଟ) ପୁରୁଷ | ବ୍ୟାଙ୍କ ଖାତା (ଆକାଉଣ୍ଟ) ମହିଳା | ଆର୍ଥିକ ପ୍ରତିଷ୍ଠାନ ଆକାଉଣ୍ଟ, ଆୟ, ଦରିଦ୍ରତମ ୪୦% ଇଣ୍ଟରନେଟ୍ ବ୍ୟବହାର କରୁଥିବା ପୁରୁଷ | ଆକାଉଣ୍ଟ ସହ ସମ୍ପର୍କ ରକ୍ଷା ପାଇଁ ମୋବାଇଲ ଫୋନ୍, ଇଣ୍ଟନେଟ୍‌ର ବ୍ୟବହାର କରୁଥିବା ମହିଳା | ଆକାଉଣ୍ଟ ସହ ସମ୍ପର୍କ ରକ୍ଷା ପାଇଁ ମୋବାଇଲ ଫୋନ୍, ପୁରୁଷ | ପରିବାର କିମ୍ବା ବନ୍ଧୁଙ୍କଠାରୁ ଅର୍ଥ ଉଧାର ଆଣିଥିବା ମହିଳା | ପରିବାର ବା ବନ୍ଧୁଙ୍କଠାରୁ ଅର୍ଥ ଉଧାର ଆଣିଥିବା |
|---|---|---|---|---|---|---|---|---|
| ୨୦୧୧ | | ୪୪% | ୨୬% | ୨୭% | | | ୨୨% | ୧୮% |
| ୨୦୧୪ | | ୬୩% | ୪୩% | ୪୩% | | | ୩୫% | ୩୦% |
| ୨୦୧୭ | | ୮୩% | ୭୭% | ୭୭% | ୭% | ୪% | ୩୫% | ୩୦% |

*ଟେବୁଲ ଉତ୍ସ : ଗ୍ଲୋବାଲ ଫିନ୍‌ଡେକ୍ସ ଡାଟାବେସ୍*

*୧୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କ ମତାମତ*

**ନୀତିଗତ ସୁପାରିସ:** ୨୦୧୧ ରୁ ୧୭ ମଧ୍ୟରେ ୧୫ବର୍ଷ ବୟସରୁ ଉର୍ଦ୍ଧ୍ୱ ୭୭ ଶତାଂଶ ମହିଳାଙ୍କର ବ୍ୟାଙ୍କ ଆକାଉଣ୍ଟ ଥିବା ଜଣାପଡ଼ିଛି। ୨୦୧୭ ଗ୍ଲୋବାଲ ଫିନ୍‌ଡେକ୍ସ (ବିଶ୍ୱ ଆର୍ଥିକ ସୂଚକାଙ୍କ)ର ତଥ୍ୟ ଅନୁସାରେ ୨୦୧୧ ତୁଳନାରେ ଉପରୋକ୍ତ ସମୟରେ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ହାର ୫୧ ଶତାଂଶ ବଢ଼ିଛି। ବର୍ତ୍ତମାନର ସରକାରଙ୍କଦ୍ୱାରା ପ୍ରବର୍ତ୍ତିତ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଯୋଗୁଁ ଏହା ମୁଖ୍ୟତଃ ସମ୍ଭବ ହୋଇଛି। ସରକାର ଏହି ଯୋଜନାରେ ଦେଶର ସବୁ ନାଗରିକଙ୍କୁ ବ୍ୟାଙ୍କ ସେବା ଯୋଗାଇଦେବାର ଲକ୍ଷ୍ୟ ରଖିଛନ୍ତି। ବ୍ୟାଙ୍କ ବ୍ୟବସ୍ଥା ଜରିଆରେ ସରକାର ନାଗରିକଙ୍କୁ ସମସ୍ତ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ପ୍ରତ୍ୟକ୍ଷ ଲାଭ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଉଛନ୍ତି। ତେବେ ଏହି ଆକାଉଣ୍ଟଧାରୀଙ୍କ ମୁଖ୍ୟ ସମସ୍ୟା ହେଲା ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବ୍ୟାଙ୍କଖାତାରେ ଆଦୌ ଅର୍ଥ ନାହିଁ। ଏହାର ଅର୍ଥ ସେମାନେ କେବଳ ଆକାଉଣ୍ଟ ଖୋଲିଛନ୍ତି; କିନ୍ତୁ ଏହାର ବ୍ୟବହାର କିମ୍ବା ବ୍ୟାଙ୍କ ସେବାର ଉପଯୋଗ କରୁନାହାନ୍ତି। ଏହା ସତ୍ତ୍ୱେ ସରକାର ଏହି ଆର୍ଥିକ ସମାବେଶୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଯେଉଁସବୁ ନୀତିଗତ ପଦକ୍ଷେପ ଗ୍ରହଣ କରିଛନ୍ତି ଓ ସେସବୁର ସମସ୍ୟା ନିମ୍ନରେ ଦିଆଯାଇଛି।

**ବ୍ୟାବସାୟିକ ପ୍ରତିନିଧି (ବିସି):** ଗ୍ରାମାଞ୍ଚଳ ତଥା ଦେଶର ଅଗମ୍ୟ ଇଲାକାରେ ବ୍ୟାଙ୍କ ଓ ଜନତାଙ୍କ ମଧ୍ୟରେ ସମ୍ପର୍କ ରକ୍ଷା କରି ଆର୍ଥିକ ସମାବେଶୀ ପ୍ରକ୍ରିୟାକୁ ବଢ଼ାଇବା ଉଦ୍ଦେଶ୍ୟରେ ବ୍ୟାବସାୟିକ ପ୍ରତିନିଧି (ବିଜ୍‌ନେସ୍ କରେସପଣ୍ଡେଣ୍ଟ) ନିଯୁକ୍ତି ବ୍ୟବସ୍ଥା କରାଯାଇଥିଲା। ଦେଖାଯାଉଛି ଏହି ଯୋଜନାଟି ବିଶେଷ ଫଳପ୍ରଦ ହେଉନାହିଁ। ବିସିମାନଙ୍କୁ ଯେଉଁ ପ୍ରୋତ୍ସାହନ ରାଶି ବା ପ୍ରାପ୍ୟ ମିଳୁଛି ତାହା ସେମାନଙ୍କ ପାଇଁ ଲାଭଦାୟକ ଏବଂ ଆକର୍ଷଣୀୟ ହେଉନାହିଁ। ଦ୍ୱିତୀୟତଃ ବ୍ୟାଙ୍କ ସମୂହ ବିସିଙ୍କ ଉପରେ ନିର୍ଭର କରିବା ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଶାଖା ଖୋଲି ସିଧାସଳଖ ବ୍ୟବସାୟ କରିବାକୁ ପସନ୍ଦ କରୁଛନ୍ତି।

> ସରକାର ଓ ରିଜର୍ଭ ବ୍ୟାଙ୍କ ଏ କ୍ଷେତ୍ରରେ ଯୋଗାଣ ଦିଗର ଗୁରୁତ୍ୱ ଅନୁଭବ କରି ମହିଳାଙ୍କ ଉଦ୍‌ଯୋଗ ବିକାଶ କାର୍ଯ୍ୟ ପାଇଁ ମୁଦ୍ରା ଋଣ ଯୋଜନାର ବ୍ୟବସ୍ଥା କରିଛନ୍ତି। ଏହି ଋଣକୁ ଅଗ୍ରାଧିକାର କ୍ଷେତ୍ର ଋଣ ତାଲିକା ବର୍ଗରେ ସାମିଲ କରାଯାଇଛି। ପେମେଣ୍ଟ ବ୍ୟାଙ୍କ ଓ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କ ଏ କ୍ଷେତ୍ରରେ ଭବିଷ୍ୟତରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଯାଉଛି।

**ଡାକଘର:** ଦେଶରେ ଆର୍ଥିକ ସେବା ସଂପ୍ରସାରଣରେ ଡାକଘର ସମୂହ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସତ୍ତ୍ୱେ ଡାକବ୍ୟବସ୍ଥାର ଏ କ୍ଷେତ୍ରରେ ଯେଉଁ ପ୍ରକୃତ ଦକ୍ଷତା ରହିଛି ତାହାର ସମ୍ପୂର୍ଣ୍ଣ ଉପଯୋଗ ଏଯାଏ କରାଯାଇପାରିନାହିଁ। ଏହାର ମୁଖ୍ୟ କାରଣ ହେଲା ଏହି ବିଭାଗରେ ଆବଶ୍ୟକ ଲୋକଶକ୍ତିର ଉତ୍କଟ ଅଭାବ। ଦେଶରେ ଏବେ ଥିବା ୧ଲକ୍ଷ ୫୪ ହଜାର ଡାକଘର ମଧ୍ୟରୁ ଏକଲକ୍ଷ ୩୯ ହଜାର ଗ୍ରାମାଞ୍ଚଳରେ। ଡାକଘରେ ଋଣ ଦେବାର ବ୍ୟବସ୍ଥା ନ ଥିବାରୁ ଲୋକେ ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାରେ ସାମିଲ ହେବାର ସୁଯୋଗ ନ ପାଇ ପାରମ୍ପରିକ ବ୍ୟବସ୍ଥା ଉପରେ ନିର୍ଭର କରି ସାହୁକାର ଓ ଘରୋଇ ସୁଧ କାରବାର କରୁଥିବା ଲୋକଙ୍କ ପାଖକୁ ଯିବାକୁ ବାଧ୍ୟ ହେଉଛନ୍ତି। ସଂକ୍ଷେପରେ କହିଲେ ଡାକଘରଗୁଡ଼ିକର ବର୍ତ୍ତମାନ ସ୍ଥିତି ବ୍ୟାଙ୍କ ସେବା ଯୋଗାଇବାକୁ ଅକ୍ଷମ। ଏବେ ସରକାର ପେମେଣ୍ଟ ବ୍ୟାଙ୍କ ଯୋଜନାରେ ଡାକଘରଗୁଡ଼ିକ ମାଧ୍ୟମରେ ବ୍ୟାଙ୍କ ସେବା ଗ୍ରାମୀଣ ଇଲାକାରେ ଯୋଗାଇଦେବାକୁ ଯେଉଁ ଉଦ୍ୟମ କରୁଛନ୍ତି ତାହା ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହା ଦେଶର ଆର୍ଥିକ ସମାବେଶୀ ପ୍ରକ୍ରିୟା ଓ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ମୋଟାମୋଟି ଡାକଘରୁ ସମସ୍ତ ପ୍ରକାର ବ୍ୟାଙ୍କ ସେବା ମିଳିବ।

**ମୋବାଇଲ୍ ବ୍ୟାଙ୍କିଙ୍ଗ୍:** ମୋବାଇଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଭାରତର ସଫଳତା ସେତେ ଉଲ୍ଲେଖନୀୟ ହୋଇନାହିଁ। ଉଗାଣ୍ଡା ଓ କେନିୟା ଭଳି ଆଫ୍ରିକୀୟ ରାଷ୍ଟ୍ରର ସାକ୍ଷରତା ହାର ଭାରତ ସହ ପ୍ରାୟ ଏକା। ତେବେ ଏହି ଦୁଇ ଦେଶ ତୁଳନାରେ ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଅଧିକ ମଜବୁତ। ଏହା ସତ୍ତ୍ୱେ ମୋବାଇଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଭାରତ ଏହି ଦୁଇଦେଶଠାରୁ ପଛରେ। ସେଠାରେ ୭୦ଭାଗ ଲୋକଙ୍କର ମୋବାଇଲ ବ୍ୟାଙ୍କ ଆକାଉଣ୍ଟ ରହିଥିବାବେଳେ ଭାରତ ଏ କ୍ଷେତ୍ରରେ ବହୁ ପଛରେ ରହିଛି। ଅନେକ ଦେଶରେ ମୋବାଇଲ ବ୍ୟାଙ୍କିଙ୍ଗ୍ ଏକ ବିପ୍ଳବରେ ପରିଣତ ହୋଇଛି।

**ସାକ୍ଷରତା କାର୍ଯ୍ୟକ୍ରମ:** ଅଣ ଆନୁଷ୍ଠାନିକ ଋଣ ଏବେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇରହିଛି। ଭାରତରେ ପ୍ରାୟ ୩୦% ମହିଳା (୧୫ବର୍ଷ+) ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କଠାରୁ କରଜ କରିଥାନ୍ତି ବୋଲି ଗ୍ଲୋବାଲ୍ ଫିଣ୍ଡେକ୍ସ ରିପୋର୍ଟ ୨୦୧୭ରୁ ଜଣାପଡ଼େ। ଏ କ୍ଷେତ୍ରରେ ଲୋକଙ୍କର ଦୃଷ୍ଟିକୋଣରେ ପରିବର୍ତ୍ତନ ନ'ଘଟିବା ଏକ ପ୍ରମୁଖ ସମସ୍ୟା। ଏ କ୍ଷେତ୍ରରେ ଆର୍ôଥିକ ଶିକ୍ଷା ଓ ସଚେତନତାର ଅଭାବ ମୁଖ୍ୟ କାରଣ। ଦୂରଦର୍ଶନ, ଆକାଶବାଣୀ ଏବଂ ଅନ୍ୟାନ୍ୟ ଗଣମାଧ୍ୟମରେ ଯେଉଁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମମାନ ବ୍ୟାପକ ଭାବେ ଚାଲିଛି ତାହାର ପ୍ରଭାବ ଲୋକଙ୍କ ଉପରେ ବିଶେଷ ପଡୁ ନ ଥିବା ଭଳି ଜଣାପଡୁଛି।

ମହିଳାଙ୍କ ମଧ୍ୟରେ ଆର୍ଥିକ ସମାବେଶୀ ପ୍ରକ୍ରିୟାର ପ୍ରସାର ପାଇଁ ଯେଉଁ ନୀତିଗତ ସୁପାରିସ ହୋଇଛି ସେ ସମ୍ପର୍କରେ ଆସନ୍ତୁ ନିମ୍ନମତେ ଆଲୋଚନା କରିବା।

**୧) ଅଙ୍ଗନବାଡ଼ି ବ୍ୟବସ୍ଥା :** ଭାରତରେ ପ୍ରାୟ ୧୦ଲକ୍ଷ ୫୩ହଜାରରୁ ଅଧିକ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଏସବୁ କେନ୍ଦ୍ରରେ ମହିଳାଙ୍କୁ ଗର୍ଭବତୀ ଓ ପ୍ରସବ ପରବର୍ତ୍ତୀ ସେବା ଯୋଗାଇ ଦିଆଯାଏ। ଏହି କେନ୍ଦ୍ରଗୁଡ଼ିକ ଗାଁଗହଳୀରେ ଅବସ୍ଥିତ। ଏହି ବ୍ୟବସ୍ଥାଟିକୁ ଯଦି ଆନୁଷ୍ଠାନିକ ଆର୍ଥିକ ସେବା ଯୋଗାଣ ପାଇଁ ବ୍ୟବହାର କରାଯାଇପାରିବ,

**ଗ୍ରାମାଞ୍ଚଳ ତଥା ଦେଶର ଅଗମ୍ୟ ଇଲାକାରେ ବ୍ୟାଙ୍କ ଓ ଜନତାଙ୍କ ମଧ୍ୟରେ ସମ୍ପର୍କ ରକ୍ଷା କରି ଆର୍ଥିକ ସମାବେଶୀ ପ୍ରକ୍ରିୟାକୁ ବଢ଼ାଇବା ଉଦ୍ଦେଶ୍ୟରେ ବ୍ୟାବସାୟିକ ପ୍ରତିନିଧି (ବିଜ୍‌ନେସ୍ କରେସପଣ୍ଡେଣ୍ଟ) ନିଯୁକ୍ତି ବ୍ୟବସ୍ଥା କରାଯାଇଥିଲା। ଦେଖାଯାଉଛି ଏହି ଯୋଜନାଟି ବିଶେଷ ଫଳପ୍ରଦ ହେଉନାହିଁ। ବିସିମାନଙ୍କୁ ଯେଉଁ ପ୍ରୋତ୍ସାହନ ରାଶି ବା ପ୍ରାପ୍ୟ ମିଳୁଛି ତାହା ସେମାନଙ୍କ ପାଇଁ ଲାଭଦାୟକ ଏବଂ ଆକର୍ଷଣୀୟ ହେଉନାହିଁ। ଦ୍ୱିତୀୟତଃ ବ୍ୟାଙ୍କ ସମୂହ ବିସିଙ୍କ ଉପରେ ନିର୍ଭର କରିବା ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଶାଖା ଖୋଲି ସିଧାସଳଖ ବ୍ୟବସାୟ କରିବାକୁ ପସନ୍ଦ କରୁଛନ୍ତି।**

ମହିଳାମାନେ ବିଶେଷ ଭାବେ ଉପକୃତ ହେବେ। ମହିଳାମାନେ ଏଠାରୁ ବ୍ୟାଙ୍କ ସେବା ପାଇଲେ ସେମାନଙ୍କ ଆର୍ଥିକ ସ୍ଥିତିରେ ବିଶେଷ ଉନ୍ନତି ଆସିପାରିବ। ଅଙ୍ଗନବାଡ଼ି କର୍ମୀମାନଙ୍କୁ ମୌଳିକ ବ୍ୟାଙ୍କିଙ୍ଗ ତାଲିମ ଦେଇ ସେମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିହେବ। ସେମାନେ ମଧ୍ୟ ବ୍ୟାଙ୍କ ପ୍ରତିନିଧିଭାବେ କାର୍ଯ୍ୟ କରିପାରିବେ। ଅଙ୍ଗନବାଡ଼ିର ଭିତ୍ତିଭୂମି ମାଧ୍ୟମରେ ବ୍ୟାଙ୍କ ସେବା ମଧ୍ୟ ଯୋଗାଇ ଦେଇହେବ।

**୨) କ୍ରେଡିଟ୍ ସ୍କୋରିଂ ମଡେଲରେ ନବୀନତା:** ପାରମ୍ପରିକ ଋଣ ଯୋଗାଣ ଓ ଏହାର ସୁବିଧା ଦେବାରେ ମହିଳାଙ୍କ ଅନୁପାତ କେବଳ କମ୍ ନୁହେଁ, ସେମାନେ ମଧ୍ୟ ପୁରୁଷଙ୍କ ତୁଳନାରେ ଅବହେଳିତ ଏବଂ ସୁଯୋଗ ସୁବିଧାରୁ ବଞ୍ଚିତ। ଅତଏବ ସେମାନଙ୍କୁ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ସାମିଲ କରି ସୁବିଧାରେ କିପରି ଋଣ ଯୋଗାଇ ହେବ ଓ ସେମାନଙ୍କୁ ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ସାମିଲ କରିହେବ ସେ ସମ୍ପର୍କରେ ଅଭିନବ ଉପାୟ ଏବଂ ମଡେଲ ବାହାର କରିବାକୁ ପଡ଼ିବ। ଏଥିପାଇଁ ଆଫ୍ରିକାର କେତେକ ଦେଶରେ ଯେଉଁ ମଡେଲ କାର୍ଯ୍ୟକାରୀ ହେଉଛି ତାହାକୁ ଅନୁଧ୍ୟାନ କରାଯିବାର ଆବଶ୍ୟକତା ରହିଛି।

**୩) ଅଗ୍ରାଧିକାର କ୍ଷେତ୍ର ଋଣ ଯୋଗାଣର ସୁବିଧା:** ଗ୍ରାମାଞ୍ଚଳ ଲୋକଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବାରେ ବିଶେଷ କିଛି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଗ୍ରାମାଞ୍ଚଳ ମହିଳା ଉଦ୍ୟୋଗୀଙ୍କ କ୍ଷୁଦ୍ର ଋଣ ଆବଶ୍ୟକତା ପୂରଣ ପାଇଁ ଅଧିକରୁ ଅଧିକ ଋଣ ଯୋଗାଣ ବ୍ୟବସ୍ଥା କରାଯିବା ଉଚିତ। ଏଥିପାଇଁ ଋଣ ପ୍ରଦାନରେ ବିବିଧତା, ଋଣର ପରିମାଣ ଓ ମାନ ପ୍ରତି ମଧ୍ୟ ଧ୍ୟାନଦେବାକୁ ହେବ। ଏହା ହେଲେ ନୂଆ ନୂଆ ଧନ୍ଦା ଓ ଉଦ୍ୟୋଗ ସ୍ଥାପନ କରି ଅଧିକରୁ ଅଧିକ ମହିଳା ଆତ୍ମନିଯୁକ୍ତିର ସୁଯୋଗ ପାଇବେ ଓ ଅନ୍ୟମାନଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହେବେ। ଶିଳ୍ପ, ଆତ୍ମନିଯୁକ୍ତି, ଆତ୍ମନିଯୁକ୍ତ ବ୍ୟବସାୟ, ଖୁଚୁରା ବ୍ୟବସାୟ, ରପ୍ତାନୀଭିତ୍ତିକ ଉଦ୍ୟୋଗ ପାଇଁ ସେମାନଙ୍କୁ ଋଣ ଯୋଗାଣର ବ୍ୟବସ୍ଥା ହେବା ଉଚିତ।

**୪) ସମ୍ପତ୍ତି ପ୍ରଦାନରେ ଲିଙ୍ଗଗତ ବିଚାର:** ଭାରତରେ ପୈତୃକ ସମ୍ପତ୍ତି ଉପରେ ଅଧିକାର କ୍ଷେତ୍ରରେ ମହିଳାଙ୍କ ପ୍ରତି ବାଛବିଚାର ହୋଇଥାଏ। ପରିବାରରେ ପୁଅକୁ ପୈତୃକ ସମ୍ପତ୍ତି ମଧ୍ୟରୁ ଘର ଓ ଭୂସମ୍ପତ୍ତି ଆଦିକୁ ମୁଖ୍ୟତଃ ଉତ୍ତରାଧିକାର ସୂତ୍ରରେ ମିଳିଥାଏ। ତେବେ ଝିଅମାନଙ୍କୁ ଅଳଙ୍କାର ଓ ମୂଲ୍ୟବାନ ସମ୍ପତ୍ତିରୁ ମୁଖ୍ୟତଃ ଭାଗ ଦିଆଯାଏ। ତେଣୁ ଭାରତରେ ମହିଳାଙ୍କୁ ଋଣ ପ୍ରଦାନ କରିବାବେଳେ ସେମାନଙ୍କ ପାଖରେ ସାଧାରଣତଃ ଯେଉଁ ସମ୍ପତ୍ତି ରହିଛି ତାହାକୁ ଋଣ ପାଇଁ ବନ୍ଧକ ବା ଅନ୍ୟାନ୍ୟ ଗ୍ୟାରେଣ୍ଟି ଭାବେ ବ୍ୟବହାର କରିବାର ବ୍ୟବସ୍ଥା ରିଜର୍ଭ ବ୍ୟାଙ୍କ କରିବା ଉଚିତ।

**୫) ଆର୍ଥିକ ସାକ୍ଷରତା ଓ ଜନସଂଖ୍ୟା ଜନିତ ଲାଭ:** ଭାରତ ତାହାର ବିପୁଳ ଲୋକଶକ୍ତିର ଲାଭ ଉଠାଇବା ଦ୍ୱାରରେ ଉପନୀତ। ଜନସଂଖ୍ୟାର ଅଧିକାଂଶ ଭାଗ ଖୁବ୍‌ଶୀଘ୍ର ଶ୍ରମଶକ୍ତିରେ ସାମିଲ ହେବ। ଏହି ପ୍ରକ୍ରିୟାରେ ଅଧିକରୁ ଅଧିକ ମହିଳା

ଶ୍ରମ ବଜାରକୁ ଆସିବେ । ତେଣୁ ସେମାନଙ୍କୁ ଭବିଷ୍ୟନିଧି ପାଣ୍ଠି, ବୀମା ବ୍ୟବସ୍ଥା, ପ୍ରତ୍ୟକ୍ଷ ଲାଭ ମିଳୁଥିବା ବିଭିନ୍ନ ସରକାରୀ ଯୋଜନା ଆଦି ସମ୍ପର୍କରେ ଶିକ୍ଷିତ, ସଚେତନ ଓ ସାକ୍ଷର କରିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ସେମାନେ ଚାକିରିରେ ଯୋଗଦେବା ବେଳକୁ ବ୍ୟାଙ୍କ ଆକାଉଣ୍ଟର ଗୁରୁତ୍ୱ ବୁଝିପାରିଥିବେ ଏବଂ ଅନ୍ୟର ସାହାଯ୍ୟ ବିନା ନିଜେ ନିଜର ଆକାଉଣ୍ଟ ପରିଚାଳନା କରିପାରିବେ । ଭାରତରେ ବ୍ୟାଙ୍କ ଖାତା ଖୋଲିବା ଓ ତାହାକୁ ଚଳାଇବା ଏକ ଜଟିଳ ବ୍ୟାପାର । ଏଥିପାଇଁ ଯେଉଁ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରାଯାଉଛି ତାହା ଅନେକଙ୍କୁ ଅଜଣା । ଆହୁରି ମଧ୍ୟ ବ୍ୟାଙ୍କିଙ୍ଗ୍ ସେବା ନେଇ ଲୋକଙ୍କ ମନରେ ଏକ ବିଚିତ୍ର ଧାରଣା ରହିଛି । ସେ ଧାରଣାକୁ ବଦଳାଇବାକୁ ପଡ଼ିବ ।

**୬) ମୋବାଇଲ ମନୀ - ଏକ ନୂଆ ପରିମାପକ:** ମୋବାଇଲ ଫୋନ୍ ବ୍ୟବହାରରେ ଭାରତର ସଫଳତା ବେଶ୍ ଭଲ । ସରକାରୀ ବ୍ୟବସ୍ଥା ସହ ବେସରକାରୀ ସଂସ୍ଥାମାନେ ମୋବାଇଲ ଫୋନ୍ ଓ ନେଟ୍‌ୱାର୍କ ସେବା ଯୋଗାଇଦେଉଛନ୍ତି ଏବଂ ଲୋକଙ୍କୁ ସୁବିଧାରେ ଏହା ମିଳୁଛି । ଫଳରେ ବିପୁଳ ଜନତା ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି । ଏହା ଏକ ନୂଆ ଦିଗନ୍ତ ସୃଷ୍ଟି କରିଛି । ଏହା ମାଧ୍ୟମରେ ବ୍ୟାଙ୍କ କାରବାର ସୁଗମ ହୋଇଛି । ଅଣସ୍ମାର୍ଟ ମୋବାଇଲରେ ମଧ୍ୟ ଏସ୍‌ଏମ୍‌ଏସ୍ ବ୍ୟାଙ୍କିଙ୍ଗ୍ ସେବା ମିଳୁଛି । ମୋବାଇଲ ଫୋନ୍ ଜରିଆରେ ୱାନ୍ କ୍ଲିକ୍ ଟ୍ରାନ୍‌ଜାକ୍‌ସନ୍ ପରିସରକୁ ବ୍ୟାପକ କରାଯାଇପାରିବ । ମୋବାଇଲ ଲିଙ୍ଗ ନିରପେକ୍ଷ ଏବଂ ଏହାର ବ୍ୟବହାରକାରୀଙ୍କ ମଧ୍ୟରେ ସ୍ତ୍ରୀ-ପୁରୁଷ ଭେଦଭାବ ନ ଥାଏ । ତେଣୁ ଏହାକୁ ବ୍ୟବହାର କରି ମହିଳାମାନେ ବ୍ୟାଙ୍କ ବା ଏଟିଏମ୍‌କୁ ଯିବାର ଝମେଲାରୁ ମୁକ୍ତ ହୋଇ ନିଜର ବ୍ୟାଙ୍କ କାମ ସମ୍ପନ୍ନ କରିପାରିବେ ଏବଂ ବ୍ୟାଙ୍କ ସେବା ଉଠାଇବାରେ ସଫଳ ହେବେ । ଏହି ମୋବାଇଲ ବ୍ୟାଙ୍କ କାରବାର ସମ୍ପର୍କରେ ଗ୍ରାମାଞ୍ଚଳ

**ମୋବାଇଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଭାରତର ସଫଳତା ସେତେ ଉଲ୍ଲେଖନୀୟ ହୋଇନାହିଁ । ଉଗାଣ୍ଡା ଓ କେନିୟା ଭଳି ଆଫ୍ରିକୀୟ ରାଷ୍ଟ୍ରର ସାକ୍ଷରତା ହାର ଭାରତ ସହ ପ୍ରାୟ ଏକା । ତେବେ ଏହି ଦୁଇ ଦେଶ ତୁଳନାରେ ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଅଧିକ ମଜବୁତ । ଏହା ସତ୍ତ୍ୱେ ମୋବାଇଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଭାରତ ଏହି ଦୁଇଦେଶଠାରୁ ପଛରେ । ସେଠାରେ ୭୦ଭାଗ ଲୋକଙ୍କର ମୋବାଇଲ ବ୍ୟାଙ୍କ ଆକାଉଣ୍ଟ ରହିଥିବାବେଳେ ଭାରତ ଏ କ୍ଷେତ୍ରରେ ବହୁ ପଛରେ ରହିଛି । ଅନେକ ଦେଶରେ ମୋବାଇଲ ବ୍ୟାଙ୍କିଙ୍ଗ୍ ଏକ ବିପ୍ଳବରେ ପରିଣତ ହୋଇଛି ।**

ମହିଳାଙ୍କୁ ପ୍ରାଥମିକ ଜ୍ଞାନ ପ୍ରଦାନ ସହ ବ୍ୟବହାର କୌଶଳ ଶିଖାଇବାକୁ ହେବ । ଏହାଛଡ଼ା ଏ କ୍ଷେତ୍ରରେ ମହିଳାଙ୍କୁ ଅଧିକ ସଚେତନ କରିବାର ଆବଶ୍ୟକତା ରହିଛି । ଡିଜିଟାଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଲୋକଙ୍କୁ ସଚେତନ ଓ ପ୍ରଶିକ୍ଷିତ କରିବାକୁ ମୋବାଇଲ କମ୍ପାନୀଗୁଡ଼ିକର ସାହାଯ୍ୟ ସହଯୋଗ ନେବାର ଆବଶ୍ୟକତା ରହିଛି । ଆହୁରି ମଧ୍ୟ ଏ କ୍ଷେତ୍ରରେ ଇଣ୍ଟରନେଟ୍‌ର ଅପରିହାର୍ଯ୍ୟ ଆବଶ୍ୟକତା ଥିବାରୁ ସେହି ସେବାରେ ଉନ୍ନତି ଓ ତାହାର ନିରନ୍ତରତା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।

**୭) ତଥ୍ୟ ଉପରେ ଅଧିକ ଗବେଷଣାର ଆବଶ୍ୟକତା:** ମହିଳାମାନେ କାହିଁକି ଆନୁଷ୍ଠାନିକ ଆର୍ଥିକ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ତାହାର କାରଣ ପରିବାରସ୍ତରରୁ ନିର୍ଦ୍ଧାରଣ କରି ତଥ୍ୟ ସଂଗ୍ରହ ହେବା ଆବଶ୍ୟକ । ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ଅନ୍ତରାୟ ସୃଷ୍ଟି କରୁଥିବା ଲିଙ୍ଗଗତ ବିଚାର, ବିଭିନ୍ନ ବ୍ୟାବସାୟିକ ଦିଗ ଓ ଅନ୍ୟାନ୍ୟ କାରଣଗୁଡ଼ିକୁ ଜାଣିବା ପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି । ଏସବୁ ତଥ୍ୟ ଜଣାପଡ଼ିଲେ ତ୍ରୁଟିକୁ ସୁଧାରିବାକୁ ପଦକ୍ଷେପ ନେବା ସହଜ ହେବ ।

**ଉପସଂହାର:**

ବିପୁଳ ଋଣ ବୋଝ ଯୋଗୁଁ ଚାଷୀ ଆତ୍ମହତ୍ୟା କରୁଛି । ଗରିବ ମହିଳା ବ୍ୟାଙ୍କ ସେବାରୁ ବଞ୍ଚିତ ହେଉଛି ଓ ନିଜ ବ୍ୟାଙ୍କ ଆକାଉଣ୍ଟ ଖୋଲି ପାରୁନାହିଁ । ଶ୍ରମିକ ନିଜର ଅର୍ଥ ସଞ୍ଚୟ ସୁଯୋଗରୁ ବଞ୍ଚିତ ହେଉଛି । ଏସବୁର ଗୋଟିଏ ସାଧାରଣ କାରଣ ହେଲା ଅର୍ଥାଭାବ ଓ ଆନୁଷ୍ଠାନିକ ବ୍ୟାଙ୍କ ସେବାର ଅଭାବ । ତେଣୁ ଏହାର ନିରାକରଣ ପାଇଁ ସମସ୍ତଙ୍କୁ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ ।

ଅଗ୍ରାଧିକାର କ୍ଷେତ୍ର ଋଣ ଯୋଗାଣ ନୀତିର ପ୍ରଥମ ଲକ୍ଷ୍ୟ ହେଲା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ଅନଗ୍ରସର ଲୋକଙ୍କ ବିକାଶ ପାଇଁ ସେମାନଙ୍କୁ ସାହାଯ୍ୟ କରିବା । ଏହାଦ୍ୱାରା ସେମାନଙ୍କ ସ୍ଥିତି ଓ ଜୀବନଜୀବିକାରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିବ ଓ ଘଟୁଛି ମଧ୍ୟ । ଦକ୍ଷିଣ ଭାରତୀୟ ରାଜ୍ୟ ସମୂହରେ ଅଗ୍ରାଧିକାର କ୍ଷେତ୍ର ଋଣ ବ୍ୟବସ୍ଥାର ଉପଯୋଗ କରାଯାଇ ମହିଳାମାନଙ୍କ ଜୀବନ ଜୀବିକାରେ ଉଲ୍ଲେଖନୀୟ ଉନ୍ନତି ଅଣାଯାଇପାରିଛି । ଏହାଯୋଗୁଁ ମହିଳାମାନେ ସାହୁକାରଙ୍କ ଋଣ ଯନ୍ତାରୁ ରକ୍ଷା ପାଇଛନ୍ତି ।

ଅତଏବ ଦେଶରେ ଏବେ ମହିଳାଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଆର୍ଥିକ ସେବାରେ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ରହିଛି । ଉପଯୁକ୍ତ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ମହିଳାଙ୍କ ବିଚାର ଓ ଦୃଷ୍ଟିକୋଣରେ ଏ ନେଇ ପରିବର୍ତ୍ତନ ଅଣାଯାଇପାରିବ । ଲୋକେ ମଧ୍ୟ ଏହା ଦ୍ୱାରା ନଗଦହୀନ ଜୀବନଶୈଳୀ ଆପଣାଇବାରେ କ୍ରମଶଃ ଅଭ୍ୟସ୍ତ ହେବେ । ମୋବାଇଲ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ପାଇଁ ମୌଳିକ ଭିତ୍ତିଭୂମିକୁ ମଧ୍ୟ ସୁଦୃଢ଼ କରିବାକୁ ହେବ । ଏସବୁ ସତ୍ତ୍ୱେ ଏହା ସ୍ୱୀକାର କରିବାକୁ ହେବ ଯେ ଆର୍ଥିକ ସମାବେଶୀକରଣ ପ୍ରକ୍ରିୟା ଏବେ ମଧ୍ୟ ପ୍ରାରମ୍ଭିକ ସ୍ଥିତିରେ ଚାଲିଛି । ନୂଆ ମଡେଲ ଓ ବିକଳ୍ପ ଦ୍ୱାରା ଏହାକୁ ଅଧିକ ସଫଳ କରାଯାଇପାରିବ ।

ଲେଖା ଚକ୍ରବର୍ତ୍ତୀ ହେଉଛନ୍ତି ଜଣେ ଆସୋସିଏଟ୍ ପ୍ରଫେସର ଏବଂ ପିୟୁଷ ଗାନ୍ଧି ହେଉଛନ୍ତି ଜଣେ ସ୍କୋଲାର ।
ଉଭୟ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ନୂଆଦିଲ୍ଲୀରେ କାର୍ଯ୍ୟରତ । *E-mail: lekhachakraborty@gmail.com*

**ବିଶେଷ ପ୍ରବନ୍ଧ**

# ସଂଖ୍ୟାଲଘୁ ସମ୍ପ୍ରଦାୟ ମହିଳାଙ୍କ ସମାନତା ପାଇଁ ପଦକ୍ଷେପ

**ସୈଦା ହମିଦ୍**

ଅନ୍ୟ ସମ୍ପ୍ରଦାୟର ସମଶ୍ରେଣୀୟ ମହିଳାଙ୍କ ପରିଚୟ ଠାରୁ ମୁସଲ୍‌ମାନ ସମ୍ପ୍ରଦାୟ ମହିଳାଙ୍କ ପରିଚୟ କିଛି ଭିନ୍ନ ନୁହେଁ। ମୁସଲ୍‌ମାନ ଧର୍ମ, ମୁସଲ୍‌ମାନ ମହିଳାଙ୍କୁ ଉତ୍କୃଷ୍ଟତା ପ୍ରଦାନ କରିଛି କିନ୍ତୁ ମୁସଲ୍‌ମାନ ସମାଜ ସେମାନଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରିନାହିଁ। ଆସନ୍ତୁ ଆମେ ଆଲୋଚନା ଆରମ୍ଭ କରିବା ଲିଙ୍ଗଗତ ସମତାର ଆଦର୍ଶ ବହନ କରୁଥିବା କୋରାନ୍ (ସୁରତ୍ ଅଲ୍ ଅହଜବ୍)ର ଏହି କେତୋଟି ଜଣାଶୁଣା ପଂକ୍ତିରୁ...

ମୁସଲ୍‌ମାନ ପୁରୁଷ ଓ ମହିଳାଙ୍କ ପାଇଁ
ବିଶ୍ୱସ୍ତ ପୁରୁଷ ଓ ମହିଳାଙ୍କ ପାଇଁ
ସତ୍ ପୁରୁଷ ଓ ମହିଳାଙ୍କ ପାଇଁ
ଧୈର୍ଯ୍ୟବାନ ପୁରୁଷ ଓ ମହିଳାଙ୍କ ପାଇଁ
ବିନମ୍ର ପୁରୁଷ ଓ ମହିଳାଙ୍କ ପାଇଁ
ଦୟାଳୁ ପୁରୁଷ ଓ ମହିଳାଙ୍କ ପାଇଁ
ପବିତ୍ର ପୁରୁଷ ଓ ମହିଳାଙ୍କ ପାଇଁ
ଆଲ୍ଲାଙ୍କୁ ସ୍ମରଣ କରୁଥିବା ପୁରୁଷ ଓ ମହିଳାଙ୍କ ପାଇଁ
ଏହିମାନଙ୍କ ପାଇଁ ଆଲ୍ଲା (ଈଶ୍ୱର)ଙ୍କ ଯଥେଷ୍ଟ ଦୟା ଓ କୃପା ରହିଥାଏ।

ଏହା ହେଉଛି ମୁସଲ୍‌ମାନ ମହିଳାଙ୍କ ପାଇଁ କୋରାନ୍‌ର ଅବଧାରଣା ଯେଉଁଠି ମହିଳାମାନଙ୍କୁ ମଧ୍ୟ ପୁରୁଷମାନଙ୍କ ସମକକ୍ଷ ସ୍ଥାନ ଦିଆଯାଇଛି। ତେବେ ପ୍ରଶ୍ନ ଉଠେ, କୋରାନ୍ ଓ ପ୍ରଫେଟ୍‌ଙ୍କ ପସନ୍ଦ ଅନୁରୂପ ମହିଳାମାନଙ୍କ ସମାନତା, ସମ୍ମାନ ଓ ପଦମର୍ଯ୍ୟାଦା କାହିଁ? କାହିଁକି ଆଜି ସମଗ୍ର ବିଶ୍ୱରେ ମୁସଲ୍‌ମାନ ମହିଳାମାନେ ନିଜ ପରିଚୟ ଫେରି ପାଇବାକୁ ନିର୍ଯାତନାର ଅପସଂସ୍କୃତି ସହ ସଂଘର୍ଷ କରୁଛନ୍ତି ? କାହିଁକି ସେମାନଙ୍କୁ ଆଜି ମଧ୍ୟ ଅବହେଳା କରାଯାଉଛି ? ଅତ୍ୟାଚାର କରାଯାଉଛି ? ମୁସଲ୍‌ମାନ ମହିଳାମାନେ କାହିଁକି ଆଜି ମଧ୍ୟ ବିକାଶ ପଥରୁ ଏତେ ଦୂରରେ ଅଛନ୍ତି ?

ଇସ୍‌ଲାମ୍ ଧର୍ମର ଜନ୍ମ କୌଣସି ଏକ ନିର୍ଦ୍ଦିଷ୍ଟ ପୃଷ୍ଠଭୂମିରେ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଅବକ୍ଷୟିଷ୍ଣୁ ପ୍ରାକ୍-ଇସ୍‌ଲାମ ସମାଜର ରୁଗ୍‌ଣ ତତ୍ତ୍ୱଗୁଡ଼ିକର ମୁକାବିଲା କରିବା, ଯେଉଁ ସମାଜରେ ମହିଳାମାନଙ୍କୁ ପଶୁମାନଙ୍କ ଠାରୁ ମଧ୍ୟ ଅଧିକ ନିର୍ଯାତିତ କରାଯାଉଥିଲା। ସେହି ସମୟରେ ପ୍ରଫେଟ୍‌ଙ୍କ ସାଧୁବାଣୀ ସମାଜରେ ଏକ ବିପ୍ଳବର ସୂତ୍ରପାତ କଲା। ମହିଳାମାନଙ୍କୁ ହତାଶା ଭିତରୁ ଉଦ୍ଧାର କରାଗଲା ଏବଂ ପ୍ରଥମ ଥର ପାଇଁ ସମ୍ପତ୍ତି ଅଧିକାର ସହ ଅନ୍ୟାନ୍ୟ ଅଧିକାର ପ୍ରଦାନ କରାଗଲା। ଏହିଭଳି ଭାବେ ମହିଳା ସଶକ୍ତିକରଣ ପାଇଁ କୋରାନ୍ ଆମକୁ ବାଟ ଦେଖାଇଲା। ତେବେ ଏହାକୁ ମୁସଲ୍‌ମାନ ସମ୍ପ୍ରଦାୟର ପୁରୁଷ କୈନ୍ଦ୍ରିକ ମନୋବୃତ୍ତି ଏକ 'ପଥ' ବଦଳରେ 'ଲକ୍ଷ୍ୟ' ବୋଲି ବିବେଚନା କଲା। ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଦ୍ୱାରା 'ଇଜ୍‌ତିହାଦ୍' (ବ୍ୟାଖ୍ୟା, ଅଭିନବତା)ର ବାଟ ବନ୍ଦ କରିଦିଆଗଲା। ଆମେ ମୁସଲ୍‌ମାନମାନେ ପରିବର୍ତ୍ତିତ ହେଲୁ ନାହିଁ, ପ୍ରଗତି କରିପାରିଲୁ ନାହିଁ। ଆମେ କେବଳ କେତୋଟି ପାଦ ଆଗେଇ ଯାଇ ସ୍ଥାଣୁ ପାଲଟିଗଲୁ। ଆମେ ପ୍ରଫେଟ୍‌ଙ୍କର 'ହାଡିଥ୍' (ମୁଖ ନିସୃତ ବାଣୀ) ଓ ତାଙ୍କ ସୁନ୍ନା (ଅଭ୍ୟାସ)କୁ ପଢ଼ିଲୁ ନାହିଁ। ଆମେ ତାଙ୍କ ବାର୍ତ୍ତାକୁ ବୁଝିବାକୁ ଚେଷ୍ଟା କଲୁନାହିଁ ବରଂ ସେଗୁଡ଼ିକର ବ୍ୟାଖ୍ୟାଗୁଡ଼ିକ ଉପରେ ଅଧିକ ନିର୍ଭର କଲୁ। ସୁସ୍ଥ ଆଚାର ବ୍ୟବହାର ବଦଳରେ ଆମେ ଅନ୍ୟ ଧର୍ମ ଓ ସଂସ୍କୃତିରୁ ସେଗୁଡ଼ିକର ପୁରୁଷ କୈନ୍ଦ୍ରିକ ଗୁଣାବଳୀଗୁଡ଼ିକୁ ଆହରଣ କଲୁ। ଉଦାହରଣ ସ୍ୱରୂପ ଇସ୍‌ଲାମ ଧର୍ମରେ ଯୌତୁକ ପ୍ରଥାକୁ ବାରଣ କରାଯାଇଥିବା ସତ୍ତ୍ୱେ ଆମେ ତାକୁ ଆପଣେଇ ନେଲୁ। ଜାତି ପ୍ରଥାକୁ ମଧ୍ୟ। ଇସ୍‌ଲାମ ଧର୍ମରେ କୌଣସି ପ୍ରକାରର ଜାତିପ୍ରଥା ନାହିଁ। ତଥାପି ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁଯାୟୀ, ୨୦୦୪-୦୫ ମସିହା ବେଳକୁ ୪୧% ମୁସଲ୍‌ମାନ ନିଜକୁ 'ଓବିସି' ବା ଅନ୍ୟାନ୍ୟ ପଛୁଆ ବର୍ଗ ଭାବେ ବିଚାର କରୁଥିଲେ। ଯେତେବେଳେ ଜାତିପ୍ରଥା, ଇସ୍‌ଲାମୀୟ ପରିମ୍ପରା ଭିତରକୁ ଚାଲିଆସିଲା, ସେତେବେଳେ ଏହା ମୁସଲ୍‌ମାନ ମହିଳାଙ୍କ ବିରୁଦ୍ଧରେ 'ସମ୍ମାନ ପାଇଁ ହିଂସା' ପାଇଁ ଏକ ବାହାନା ହୋଇଗଲା। ଏହାର ଏକ ନିଛକ ଉଦାହରଣ ହେଉଛି ୧୯୯୭ ମସିହାରେ ମୁଁ ଲଢ଼ିଥିବା ମୋର ପ୍ରଥମ ଘଟଣା। ଜାତୀୟ ମହିଳା ଆୟୋଗର ଜଣେ ସଦସ୍ୟା ଭାବେ ମୁଁ ହରିଆଣା ଜିଲ୍ଲା ମେୱାତ୍ ଜିଲ୍ଲାର ସୁଦକାର ୧୯ ବର୍ଷୀୟା ମାଇମୁନ୍‌ର

> ୨୦୦୦ ମସିହା ଠାରୁ ମୁସ୍‌ଲିମ୍ ପର୍‌ସୋନାଲ୍ ଲ'ରେ ଆବଶ୍ୟକ ସଂସ୍କାର ଆଣିବା ପାଇଁ ଓ କୋରାନ୍ ଆଧାରିତ ନାରୀ ସମାନତା ଦାବି ପୂରଣ ପାଇଁ ଅନେକ ମୁସଲ୍‌ମାନ ମହିଳା ସଂଗଠନମାନ ମୁଣ୍ଡ ଟେକିଲା। ସମଗ୍ର ବିଶ୍ୱରେ ମୁସଲ୍‌ମାନ ସମାଜର ପ୍ରଗତିଶୀଳ ମହିଳା ବୁଦ୍ଧିଜୀବୀମାନେ ମହିଳାଙ୍କ ଦୃଷ୍ଟିକୋଣରୁ କୋରାନ୍‌କୁ ନିଖୁଣ ଭାବେ ଅଧ୍ୟୟନ କରିବା ଘଟଣାର ଏହା ଥିଲା ଏକ ଅନୁକ୍ରମ।

'ସମ୍ମାନ ପାଇଁ ହତ୍ୟା' ଘଟଣାକୁ ପ୍ରତିହତ କରିବାକୁ ମୁଁ ଚେଷ୍ଟା କରିଥିଲି କିନ୍ତୁ ସଫଳ ହୋଇନଥିଲି।

ଜାତୀୟ ମହିଳା ଆୟୋଗର ଜଣେ ସଦସ୍ୟା ଭାବରେ ମୁଁ (୧୯୯୭-୨୦୦୦) ସମଗ୍ର ଦେଶରେ ଥିବା ମୁସଲ୍‌ମାନ ମହିଳାଙ୍କ ସ୍ଥିତି ବିଷୟରେ ଜାଣିବା ପାଇଁ, ସେମାନଙ୍କୁ ଶୁଣିବା ପାଇଁ ଓ ଦେଶ ସମ୍ମୁଖରେ ସେମାନଙ୍କ କଥା ରଖିବା ପାଇଁ ସ୍ଥିର କଲି। ସବୁଆଡ଼େ ଆମେ ମୁସ୍‌ଲିମ୍ ମହିଳାମାନଙ୍କ କଥାକୁ ସାର୍ବଜନୀନ ସଭାଗୁଡ଼ିକରେ ଶୁଣିଥିଲୁ। ଅହମ୍ମଦାବାଦ୍, ଇନ୍ଦୋର, ଜବଲପୁର, ମୁମ୍ବାଇ, କୋହ୍ଲାପୁର, ହାଇଦ୍ରାବାଦ, ବାଙ୍ଗାଲୋର, ଚେନ୍ନାଇ, କାଲିକଟ୍, ଥିରବନ୍ତପୁରମ୍, କୋଲ୍‌କାତା ଓ ତେଜପୁର ଭଳି ସହରଗୁଡ଼ିକରେ ଆମେ ଶୁଣାଣି କରିଥିଲୁ। ପ୍ରତ୍ୟେକ ଶୁଣାଣି ବେଳେ ଶହ ଶହ ମହିଳା ନିଜର ଗୁହାରି ଜଣାଇଥିଲେ। ସବୁଠାରେ ସବୁଠାରୁ ବଡ଼ ବିଷୟ ଥିଲା ଦାରିଦ୍ର୍ୟ ଓ ମୁସଲ୍‌ମାନ 'ପରସୋନାଲ୍ ଲ' (ସାମାଜିକ ଆଇନ)ର ଫାଶ। ବହୁ ବିବାହ, ତିନି ତଲାକ୍ ଓ 'ମେହେର' ବା ଭରଣପୋଷଣ ଖର୍ଚ୍ଚ ବିନା ସ୍ତ୍ରୀକୁ ପରିତ୍ୟାଗ କରିବା ସମ୍ପର୍କରେ ଅନେକ କାହାଣୀ ଆମେ ଶୁଣିବାକୁ ପାଇଲୁ। ଅନ୍ୟ ଘରେ କାମ କରୁଥିବା ସ୍ତ୍ରୀ, କୃଷି ଶ୍ରମିକ ଆଦି ସବୁ ମହିଳା ସେମାନଙ୍କ ଅସୁବିଧା ସମ୍ପର୍କରେ ବର୍ଣ୍ଣନା କଲେ। ଏହିଥିରୁ ହିଁ ଉଦ୍ଧୃତ ହେଲା 'ଭଏସ୍ ଅଫ୍ ଦ ଭଏସ୍‌ଲେସ୍: ଷ୍ଟାଟସ୍ ଅଫ୍ ମୁସ୍‌ଲିମ୍ ଓ୍ୱିମେନ୍ ଇନ୍ ଇଣ୍ଡିଆ ୨୦୦୦' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ।

ନୀତି ପ୍ରଣୟନ ପାଇଁ ଏଥିରେ ଥିବା ସୁପାରିସଗୁଡ଼ିକୁ ସରକାର, ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଓ ନାଗରିକ ସମାଜକୁ ପ୍ରଦାନ କରାଯାଇଥିଲା। ଏହି ଅଧ୍ୟୟନ ସମୟରେ ମୁସଲ୍‌ମାନ ମହିଳାଙ୍କ ସମେତ ସମଗ୍ର ମୁସଲ୍‌ମାନ ସମ୍ପ୍ରଦାୟ ଉପରେ ପ୍ରଭାବ ଥିବା ଧର୍ମଗୁରୁମାନଙ୍କ ମତାମତକୁ ମଧ୍ୟ ସ୍ଥାନ ଦିଆଯାଇଥିଲା। ସେ ସମୟରେ ମୁସଲ୍‌ମାନ ଧର୍ମର ବିଭିନ୍ନ ଅଙ୍ଗକୁ ପ୍ରତିନିଧିତ୍ୱ କରୁଥିବା ଧର୍ମଗୁରୁମାନଙ୍କୁ ନେଇ ଗଠିତ ଜାତୀୟସ୍ତରର ପ୍ରଭାବଶାଳୀ ମୁସ୍‌ଲିମ୍ ପରସୋନାଲ୍ ଲ' ବୋର୍ଡର ମୁଖ୍ୟ ଥିଲେ ଜଣେ ବିଶିଷ୍ଟ ବୁଦ୍ଧିଜୀବୀ ମୌଲାନା ଅଲ୍ଲୀ ମିଆଁ। ମୁସ୍‌ଲିମ୍



ପରସୋନେଲ୍ ଲ' ଉପରେ ପୁରୁଷମାନଙ୍କ ଏକଚାଟିଆ ଅଧିକାର ଓ ମହିଳାଙ୍କ ଉପରେ ଜୁଲମ୍ ସମେତ ମୁସଲ୍‌ମାନ ଧର୍ମରେ ଥିବା ଲିଙ୍ଗଗତ ବିଷୟ ସମ୍ପର୍କରେ ସେ ଆଲୋଚନା ପାଇଁ ଉନ୍ମୁକ୍ତ ଥିଲେ। ସେତେବେଳେ ଏହି ସଂସ୍ଥାରେ ମହିଳା ସଦସ୍ୟଙ୍କୁ ମଧ୍ୟ ସାମିଲ୍ କରାଯାଇଥିଲା। ଯଦିଓ ସେମାନେ ସଂଖ୍ୟାରେ ଅଳ୍ପ ଓ ଆମାୟିକ ଥିଲେ। ଏହି ସଂସ୍ଥାର ପରବର୍ତ୍ତୀ ଅଧ୍ୟକ୍ଷ ହେଲେ ମୌଲାନା ମୁଜାହିଦୁଲ୍ ଇସ୍‌ଲାମ କାସ୍‌ମୀ ନାମକ ଜଣେ ପ୍ରଗତିଶୀଳ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତି।

ସେ ସମୟରେ ଆମର କାର୍ଯ୍ୟକୁ ଆଗକୁ ନେଇଯିବାର ଆବଶ୍ୟକତା ଥିଲା। ୨୦୦୧ ମସିହାରେ ମୁଁ ଡ. ସୁଗ୍ରା ମେହେଦୀଙ୍କ ସହ ମିଶି ମୁସ୍‌ଲିମ୍ ମହିଳା ମଞ୍ଚ ପ୍ରତିଷ୍ଠା କଲି। ଏହାର ସଂସ୍ଥାପକ ଅଧ୍ୟକ୍ଷ ଥିଲେ ତତ୍କାଳୀନ ରାଷ୍ଟ୍ରପତି ଡ. ଜାକିର୍ ହୁସେନ୍‌ଙ୍କ କନ୍ୟା ବେଗମ୍ ସଇଦା ଖୁର୍ସିଦ୍। ପୂର୍ବରୁ ଶୁଣାଣି ହୋଇଥିବା କେତେକ ସହର ଓ ଅନ୍ୟ କେତେକ ସହରଗୁଡ଼ିକରେ ଆଉ ଗୋଟିଏ ପର୍ଯ୍ୟାୟ ଶୁଣାଣି ପରେ 'ମୋ କଥାକୁ ଶୁଣାହେବ' ଶୀର୍ଷକ ଅନ୍ୟ ଏକ ରିପୋର୍ଟ ପ୍ରକାଶିତ ହେଲା। ଏହି ରିପୋର୍ଟରେ ଥିବା ତଥ୍ୟ ଅନୁସାରେ ସେତେବେଳଯାଏଁ ମଧ୍ୟ ମୁସଲ୍‌ମାନ ମହିଳାଙ୍କ ସ୍ଥିତିରେ କୌଣସି ଉନ୍ନତି ବା ପ୍ରଗତି ହୋଇନଥିଲା। ଏଥିରୁ ପ୍ରମାଣିତ ହେଲା ଯେ ଜାତୀୟ ମହିଳା ଆୟୋଗଙ୍କ ହସ୍ତକ୍ଷେପ ପରେ ମଧ୍ୟ ମୁସଲ୍‌ମାନ ମହିଳାଙ୍କ ସ୍ଥିତିରେ କୌଣସି ଉନ୍ନତି ଘଟି ନଥିଲା। ଏହା ଥିଲା ୨୦୦୪ ମସିହାର କଥା- ବୋଧହୁଏ ସମୟର ସ୍ୱଳ୍ପତା ପାଇଁ ସେମିତି ବିଶେଷ କିଛି ସଫଳତା ଆସିପାରି ନଥିଲା।

ଏହାର ଏକ ବର୍ଷ ପରେ, ସାମାଜିକ ଆର୍ଥିକ ଗୋଷ୍ଠୀ, ବିଶେଷ ଭାବେ ମୁସଲ୍‌ମାନଙ୍କ ସ୍ଥିତି ସମ୍ପର୍କରେ ଅଧ୍ୟୟନ କରିବା ପାଇଁ ନୂତନ ସରକାର ସ୍ଥିର କଲେ। ଏଥିପାଇଁ ନ୍ୟାୟମୂର୍ତ୍ତି ରାଜିନ୍ଦର ସଚ୍ଚରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଗଲା। ୨୦୦୭ ମସିହାରେ ଏହି କମିଟି ଦ୍ୱାରା ପ୍ରଦତ୍ତ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟକୁ ଉନ୍ମୋଚନ କରାଗଲା। ଏଥିରୁ ମୁସଲ୍‌ମାନ ସମ୍ପ୍ରଦାୟର ଦୁରବସ୍ଥା ସମ୍ପର୍କରେ ଅନେକ ତଥ୍ୟ ଲୋକଲୋଚନକୁ ଆସିଲା। ଜଣାପଡ଼ିଲା, କିପରି ବିଗତ ୬୭ ବର୍ଷ ମଧ୍ୟରେ ସେମାନଙ୍କ ଅବସ୍ଥା, ପାରମ୍ପରିକ ଭାବେ ପଛୁଆ ଦଳିତ ଓ ଆଦିବାସୀଙ୍କ ଅବସ୍ଥା ଠାରୁ ମଧ୍ୟ ପଛରେ ରହିଥିଲା। ୨୦୦୧ର ଜନଗଣନା ତଥ୍ୟ ମଧ୍ୟ ଏହି କଥାଟିକୁ ପ୍ରମାଣିତ କଲା।

୨୦୦୦ ମସିହା ଠାରୁ ମୁସ୍‌ଲିମ୍ ପରସୋନାଲ୍

ଲ'ରେ ଆବଶ୍ୟକ ସଂସ୍କାର ଆଣିବା ପାଇଁ ଓ କୋରାନ୍ ଆଧାରିତ ନାରୀ ସମାନତା ଦାବି ପୂରଣ ପାଇଁ ଅନେକ ମୁସଲ୍‌ମାନ ମହିଳା ସଂଗଠନମାନ ମୁଣ୍ଡ ଟେକିଲା। ସମଗ୍ର ବିଶ୍ୱରେ ମୁସଲ୍‌ମାନ ସମାଜର ପ୍ରଗତିଶୀଳ ମହିଳା ବୁଦ୍ଧିଜୀବୀମାନେ ମହିଳାଙ୍କ ଦୃଷ୍ଟିକୋଣରୁ କୋରାନ୍‌କୁ ନିଖୁଣ ଭାବେ ଅଧ୍ୟୟନ କରିବା ଘଟଣାର ଏହା ଥିଲା ଏକ ଅନୁକ୍ରମ।

ମୁସଲ୍‌ମାନ ମହିଳା ମଞ୍ଚ ଗଠନ ପରେ ଆହୁରି ଅନେକ ନାଗରିକ ମଞ୍ଚ ଗଢ଼ି ଉଠିଲା, ଯେଉଁମାନେ ମୁସଲ୍‌ମାନ ମହିଳାଙ୍କ ବିଭିନ୍ନ ବିଷୟ ପ୍ରତି ଧ୍ୟାନ ଆକର୍ଷିତ କରିବାରେ ପ୍ରୟାସ କଲେ। ୨୦୦୬ ମସିହାରେ ସ୍ଥାପିତ ଭାରତୀୟ ମୁସ୍‌ଲିମ୍ ମହିଳା ଆନ୍ଦୋଳନ, ମୁସଲ୍‌ମାନ ମହିଳାଙ୍କ ପାଇଁ ଏକ ପକ୍ଷପୋଷଣ ମଞ୍ଚ ଭାବେ କାର୍ଯ୍ୟ କରିବା ଆରମ୍ଭ କଲା। ୨୦୦୯ ମସିହାରେ ଗ୍ୱାଲିଅର୍‌ର ସବାନା ବାନୋ ଓ ଇମ୍‌ରାନ୍ ଖାଁଙ୍କ ଛାଡ଼ପତ୍ର ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ସିଆର୍‌ପିସି ଧାରା ୧୨୫ ଅଧିନରେ ମହିଳାମାନେ 'ଇଦ୍ଦତ' ସମୟ ପରେ ଓ ପୁନଃର୍ବିବାହ କରିବା ପର୍ଯ୍ୟନ୍ତ ଭରଣପୋଷଣ ଖର୍ଚ୍ଚ ପାଇବାକୁ ହକ୍‌ଦାର। ଏହି ରାୟ ମୁସଲ୍‌ମାନ ମହିଳାଙ୍କ ପାଇଁ ବେଶ୍ ଉପାଦେୟ।

ତେବେ, ମୁସଲ୍‌ମାନ ପର୍‌ସୋନାଲ ଲ'ର ଶିକାର ହୋଇଥିବା 'ଗୁଡ଼ିଆ' ଓ 'ଇମ୍‌ରାନା'ଙ୍କ ଭଳି ମହିଳାମାନଙ୍କ ଦୁର୍ଦ୍ଦଶା ଅପେକ୍ଷା ଏଭଳି ଘଟଣାର ଉଦ୍‌ବେଗଜନକ ଯୌନ ଦିଗଟି ହିଁ ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା। ଏଭଳି କାହାଣୀଗୁଡ଼ିକ ଲୋକଲୋଚନକୁ ଆସୁଛି କିନ୍ତୁ ଏମିତି ଆହୁରି କେତେ କାହାଣୀ ଯାହା ମୁସଲ୍‌ମାନ ଗାଁ ଗଣ୍ଡାରେ ଓ ସହରର ଆବଦ୍ଧ ଜନବସତିରେ ଘଟେ, ତାହା କିନ୍ତୁ ଅଜ୍ଞାତ ହୋଇ ରହିଯାଉଛି। ଖରାପ ସହ ଭଲ ଥାଏ। ଗଣମାଧ୍ୟମ କିନ୍ତୁ ମୁସଲ୍‌ମାନ ମହିଳାମାନେ ସମ୍ପୃକ୍ତ ଥିବା ଚାଞ୍ଚଲ୍ୟକର ଘଟଣାଗୁଡ଼ିକୁ ସାମିଲ୍ କରିବାରେ ଅଧିକ ଆଗ୍ରହ ପ୍ରକାଶ କରେ- ବିଶେଷ ଭାବେ ଏଭଳି ଘଟଣା ଯାହା 'ଶାରିଆ'ର ବିରୁଦ୍ଧାଚରଣ କରିଥାଏ। ୨୦୦୧ ମସିହା ଅଗଷ୍ଟ ୧୬ ତାରିଖରେ ମୁଁ ନିଜେ ଏକ 'ନିକାହ' (ବିବାହ) ସମ୍ପନ୍ନ କରାଇଥିଲି। ବୋଧହୁଏ ମୁଁ ହେଉଛି ପ୍ରଥମ ଭାରତୀୟ ମହିଳା ଯିଏ ମୁସଲ୍‌ମାନ ରୀତିରେ କୌଣସି ବିବାହ ଅନୁଷ୍ଠାନ ସମ୍ପାଦିତ କରିଛି। ମୁଁ ଭାବୁନାହିଁ ଯେ ମୁଁ କୌଣସି ବିଶ୍ୱ ରେକର୍ଡ ସ୍ଥାପନ କରିଛି, କିନ୍ତୁ କେତେକଙ୍କ ମତରେ ଏହା ହେଉଛି ବିଶ୍ୱରେ ସର୍ବପ୍ରଥମ ଏଭଳି ଘଟଣା। ଲକ୍ଷ୍ନୌଠାରେ ମୁଁ ନଇସ୍ ହାସନ୍ ଓ ଇମ୍‌ରାନ ଅଲ୍ଲୀଙ୍କ ବିବାହ କରାଇଥିଲି। ଜଣେ ମହିଳା କାଜି (ପୁରୋହିତ) ଓ ମହିଳା ସାକ୍ଷୀମାନେ ସମ୍ପୃକ୍ତ ଥିବା ଏହି ଘଟଣାଟି ଏକ ବଡ଼ ଖବର ପାଲଟିଥିଲା। ତେବେ ଯେଉଁ ସତ୍ୟଟିକୁ ପ୍ରକାଶିତ କରାଗଲା ନାହିଁ, ତାହା ଥିଲା ମୁସଲ୍‌ମାନ ଧର୍ମ ହେଉଛି ଏକମାତ୍ର ଧର୍ମ ଯାହା ଏଭଳି ଅନୁଷ୍ଠାନ ସମ୍ପନ୍ନ କରାଇବା ପାଇଁ, ମହିଳାମାନଙ୍କୁ ବାରଣ କରେ ନାହିଁ। ମୁସଲ୍‌ମାନ ସମ୍ପ୍ରଦାୟରେ ମହିଳା 'କାଜି' ନଥିବା କେବଳ ଏକ ଚିରାଚରିତ ପରମ୍ପରା ମାତ୍ର। ଆଉ ମଧ୍ୟ ଲକ୍ଷ୍ନୌରେ ଘଟିଥିବା ଏହି ଘଟଣା ବିରୋଧରେ କୌଣସି ନିନ୍ଦାମୂଳକ 'ଫତ୍‌ଓ୍ୱା' ଜାରି କରାଯାଇନଥିଲା। ତେବେ ଏହି କଥାଟି ମଧ୍ୟ ଗଣମାଧ୍ୟମର ଆଗ୍ରହ ପରିସର ଭିତରକୁ ଆସିପାରିନଥିଲା।

ମୁସଲ୍‌ମାନ ମହିଳାଙ୍କ ଆଇନ୍ ସମ୍ମତ ସ୍ଥିତିରେ ଉନ୍ନତି ଆଣିବା ସକାଶେ, ଭାରତର ମୁସଲ୍‌ମାନ ମହିଳା କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇସ୍‌ଲାମୀୟ ଆଇନ୍‌ରେ ମୁସଲ୍‌ମାନ ମହିଳାଙ୍କୁ ବନ୍ଧନମୁକ୍ତ କରିବାକୁ ନେଇ ଯେଉଁସବୁ ବ୍ୟବସ୍ଥା ରହିଛି, ସେଗୁଡ଼ିକୁ ଧାର୍ମିକ କର୍ତ୍ତୃପକ୍ଷ ଅଣଦେଖା କରି ଆସିଛନ୍ତି। ଏହାଙ୍କୁ ପ୍ରତିହତ କରିବାକୁ ଆମକୁ ପଦକ୍ଷେପ ନେବାକୁ ହେବ। କୋରାନ୍‌ରେ ମୁସଲ୍‌ମାନ ମହିଳାଙ୍କୁ ଦିଆଯାଇଥିବା ଅଧିକାର ପୃଷ୍ଠଭୂମିରେ ହିଁ ସର୍ବୋଚ୍ଚ ନ୍ୟାୟାଳୟ ତିନି ତଲାକ୍ ସମ୍ପର୍କରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ

ଜାତୀୟ ମହିଳା ଆୟୋଗର ଜଣେ ସଦସ୍ୟା ଭାବରେ ମୁଁ (୧୯୯୭-୨୦୦୦) ସମଗ୍ର ଦେଶରେ ଥିବା ମୁସଲ୍‌ମାନ ମହିଳାଙ୍କ ସ୍ଥିତି ବିଷୟରେ ଜାଣିବା ପାଇଁ, ସେମାନଙ୍କୁ ଶୁଣିବା ପାଇଁ ଓ ଦେଶ ସମ୍ମୁଖରେ ସେମାନଙ୍କ କଥା ରଖିବା ପାଇଁ ସ୍ଥିର କଲି। ସବୁଆଡ଼େ ଆମେ ମୁସ୍‌ଲିମ୍ ମହିଳାମାନଙ୍କ କଥାକୁ ସାର୍ବଜନୀନ ସଭାଗୁଡ଼ିକରେ ଶୁଣିଥିଲୁ। ଅହମ୍ମଦାବାଦ୍, ଇନ୍ଦୋର, ଜବଲପୁର, ମୁମ୍ବାଇ, କୋହ୍ଲାପୁର, ହାଇଦ୍ରାବାଦ, ବାଙ୍ଗାଲୋର, ଚେନ୍ନାଇ, କାଲିକଟ୍, ଥିରବନ୍ତପୁରମ୍, କୋଲ୍‌କାତା ଓ ତେଜପୁର ଭଳି ସହରଗୁଡ଼ିକରେ ଆମେ ଶୁଣାଣି କରିଥିଲୁ। ପ୍ରତ୍ୟେକ ଶୁଣାଣି ବେଳେ ଶହ ଶହ ମହିଳା ନିଜର ଗୁହାରି ଜଣାଇଥିଲେ। ସବୁଠାରେ ସବୁଠାରୁ ବଡ଼ ବିଷୟ ଥିଲା ଦାରିଦ୍ର୍ୟ ଓ ମୁସଲ୍‌ମାନ 'ପରସୋନାଲ୍ ଲ' (ସାମାଜିକ ଆଇନ୍)ର ଫାଶ। ବହୁ ବିବାହ, ତିନି ତଲାକ୍ ଓ 'ମେହେର' ବା ଭରଣପୋଷଣ ଖର୍ଚ୍ଚ ବିନା ସ୍ତ୍ରୀକୁ ପରିତ୍ୟାଗ କରିବା ସମ୍ପର୍କରେ ଅନେକ କାହାଣୀ ଆମେ ଶୁଣିବାକୁ ପାଇଲୁ। ଅନ୍ୟ ଘରେ କାମ କରୁଥିବା ସ୍ତ୍ରୀ, କୃଷି ଶ୍ରମିକ ଆଦି ସବୁ ମହିଳା ସେମାନଙ୍କ ଅସୁବିଧା ସମ୍ପର୍କରେ ବର୍ଣ୍ଣନା କଲେ। ଏହିଥିରୁ ହିଁ ଉଦ୍ଧୃତ ହେଲା 'ଭଏସ୍ ଅଫ୍ ଦ ଭଏସ୍‌ଲେସ୍: ଷ୍ଟାଟସ୍ ଅଫ୍ ମୁସ୍‌ଲିମ୍ ୱିମେନ୍ ଇନ୍ ଇଣ୍ଡିଆ ୨୦୦୦' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ।

କରିଛନ୍ତି । ଏହି ମାମଲାରେ ନିଜର ମତବ୍ୟକ୍ତ କରି ନ୍ୟାୟମୂର୍ତ୍ତି ଆର୍.ଏଫ୍ ନରିମନ୍ ଓ ନ୍ୟାୟମୂର୍ତ୍ତି ଉଦୟ ଉମେଶ ଲଲିତ୍‌ଙ୍କ ସହ ନ୍ୟାୟମୂର୍ତ୍ତି କୁରିଏନ୍ ଯୋଶେଫ୍ କହିଥିଲେ- 'ଶାରିଆ ବା ମୁସ୍‌ଲିମ୍ ବ୍ୟକ୍ତିଗତ ଆଇନ୍ ପ୍ରୟୋଗ ଅଧିନିୟମ-୧୯୩୭' ଲାଗୁ ହେଲା ପରେ କୋରାନ୍‌ର ବିରୁଦ୍ଧାଚରଣ କରୁଥିବା କୌଣସି ପ୍ରଥାକୁ ଅନୁମତି ଦିଆଯାଇପାରିବ ନାହିଁ । ତେଣୁ ଏଭଳି ଏକ ପ୍ରଥା (ତିନି ତଲାକ୍)କୁ ମଧ୍ୟ ସାମ୍ବିଧାନିକ ସୁରକ୍ଷା ପ୍ରଦାନ କରାଯାଇପାରିବ ନାହିଁ ଓ ଏଥିପାଇଁ ତିନି ତଲାକ୍ ପ୍ରଥାକୁ ସାମ୍ବିଧାନିକ ସୁରକ୍ଷା ସପକ୍ଷରେ ଯୁକ୍ତି ବାଢ଼ିଥିବା ବିଜ୍ଞ ପ୍ରଧାନ ନ୍ୟାୟାଧୀଶଙ୍କ ସହ ମୁଁ ଏକମତ ହୋଇପାରୁନାହିଁ ।'

ଗତ ୭୦ ବର୍ଷ ଧରି ୟୁନିଫର୍ମ ସିଭିଲ୍ କୋଡ୍‌କୁ ନେଇ ଆଲୋଚନା ଜାରି ରହିଛି । ଏହାକୁ ନେଇ ମୁସଲ୍‌ମାନମାନଙ୍କ ମଧ୍ୟରେ ଏକ ଆଶଙ୍କା ରହିଛି । ତିନି ତଲାକ୍ ମାମଲାରେ ମୁସ୍‌ଲିମ୍ ବ୍ୟକ୍ତିଗତ ଆଇନ୍ ପରିଷଦ ସର୍ବୋଚ୍ଚ ନ୍ୟାୟାଳୟରେ ଯୁକ୍ତି ବାଢ଼ିଥିଲା ଯେ 'ତିନି ତଲାକ୍'ର ଉଚ୍ଛେଦ କରାଗଲେ ୟୁନିଫର୍ମ ସିଭିଲ୍ କୋଡ୍ ପାଇଁ ବାଟ ଫିଟିଯିବ । ତେବେ ଏ ସମ୍ପର୍କରେ ସର୍ବୋଚ୍ଚ ଅଦାଲତ କୌଣସି ମତାମତ ଦେଇନଥିଲେ । ରାଜନୈତିକ ଫାଇଦା ପାଇଁ କେନ୍ଦ୍ର ସରକାର ଏହି ରାୟର ଦୁରୁପଯୋଗ କରିପାରନ୍ତି ବୋଲି ଆଶଙ୍କା ରହିଛି । ଅଧିକ ଆଲୋଚନା ପାଇଁ ବର୍ତ୍ତମାନ ଏହି ଅତ୍ୟନ୍ତ ସମ୍ବେଦନଶୀଳ ମାମଲାଟି ରାଜ୍ୟସଭାରେ ପଡ଼ି ରହିଛି । ଏ ସମ୍ପର୍କରେ ଏକ ସଦ୍ୟତମ ଘଟଣା ହେଉଛି, ନିଜ କାର୍ଯ୍ୟକାଳ ସରିବାର ଅବ୍ୟବହିତ ପୂର୍ବରୁ ଆଇନ୍ ପରିଷଦ ଦେଇଥିବା ରିପୋର୍ଟ ।

ଯେହେତୁ ବହୁବିବାହ, ନିକାହ ହଲାଲ୍ ଓ ବ୍ୟଭିଚାର ଆଇନ୍ ଆଦି ମାମଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଚାରାଧୀନ ଅଛି, ସେଥିପାଇଁ ଲ' କମିଶନ କେବଳ ଏସବୁ ସମ୍ପର୍କରେ ଆଲୋକପାତ କରିଛନ୍ତି ସିନା, କୌଣସି ସୁପାରିସ କରିନାହାନ୍ତି । ଲ' କମିଶନ କହିଛନ୍ତି ଯେ, ଯଦିଓ ଇସ୍‌ଲାମ ଧର୍ମରେ ବହୁବିବାହ ପ୍ରଥାକୁ ନିଷେଧ କରାଯାଇନାହିଁ ତଥାପି ଭାରତୀୟ ମୁସଲ୍‌ମାନଙ୍କ ମଧ୍ୟରେ ଏହି ପ୍ରଥାର ପ୍ରଚଳନ କ୍ୱଚିତ୍ ଦେଖିବାକୁ ମିଳେ । ଅନ୍ୟପକ୍ଷରେ, ବହୁ ବିବାହ କରିବା ଉଦ୍ଦେଶ୍ୟରେ ଅନ୍ୟ ଧର୍ମର ପୁରୁଷ ମୁସଲ୍‌ମାନ ଧର୍ମ ଗ୍ରହଣ କରି ଏହି ପ୍ରଥାର ଦୁରୁପଯୋଗ କରୁଛନ୍ତି ।' ଏହି ରିପୋର୍ଟରେ ପ୍ରସ୍ତାବ ରହିଛି ଯେ 'ବହୁବିବାହ ହେଉଛି ଏକ ଅପରାଧ- ଏଇଥି ପାଇଁ ନୁହଁ ଯେଏହା ଏକ ପତ୍ନୀ ବିବାହ ପରି କୌଣସି ନୈତିକତା ଉପରେ ପର୍ଯ୍ୟବସିତ ବରଂ ଏଥିପାଇଁ ଯେ ଏହା କେବଳ ପୁରୁଷମାନେ ଉପଭୋଗ କରୁଥିବା ଏକ ବ୍ୟବସ୍ଥା ।'

ୟୁସିସି ସମ୍ପର୍କରେ ଏଥିରେ କୁହାଯାଇଛି ଯେ ବର୍ତ୍ତମାନ ସମୟ ଏଥିପାଇଁ ପ୍ରକୃଷ୍ଟ ନୁହେଁ । ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ନାରୀ-ପୁରୁଷ ସମାନତା ଅପେକ୍ଷା ପ୍ରତ୍ୟେକ ସମ୍ପ୍ରଦାୟ ଭିତରେ ହିଁ ଲିଙ୍ଗଗତ ସମାନତା ସୁନିଶ୍ଚିତ କରିବା ସପକ୍ଷରେ ଏହି ରିପୋର୍ଟ ଯୁକ୍ତି ବାଢ଼ିଛି । ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ ଭାରତୀୟ ସଂସ୍କୃତିର ବିବିଧତା ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଅବହେଳା କରାଯିବା ଅନୁଚିତ୍ ଏବଂ 'ମହିଳାମାନଙ୍କ ଧର୍ମ ପାଳନ ସମ୍ବନ୍ଧୀୟ ସ୍ୱାଧୀନତା ସମେତ ସମାନତାର ଅଧିକାର ମଧ୍ୟ ସୁନିଶ୍ଚିତ କରାଯିବା ଆବଶ୍ୟକ ।' ଲ' କମିଶନ ଆହୁରି ମଧ୍ୟ ପ୍ରସ୍ତାବ ରଖିଛନ୍ତି ଯେ ଉତ୍ତରାଧିକାରକୁ ନେଇ ମଧ୍ୟ ଉଭୟ ସିଆ ଓ ସୁନିଙ୍କ ପାଇଁ ଏକ ମୁସ୍‌ଲିମ୍ କୋଡ୍ ପ୍ରଣୀତ ହେବା ଆବଶ୍ୟକ, ଯଦ୍ଦ୍ୱାରା କେବଳ ପୁରୁଷ ଉତ୍ତରାଧିକାରୀ ଉପକୃତ ହେବେ ନାହିଁ ।

ବିଂଶ ଶତାବ୍ଦୀର ପ୍ରଗତିଶୀଳ ମୁସଲ୍‌ମାନ ମହିଳାଙ୍କ ସଫଳତାକୁ ଦର୍ଶାଇବା ପାଇଁ ମୁସଲ୍‌ମାନ ମହିଳା ମଞ୍ଚ ଦ୍ୱାରା ନିକଟ ଅତୀତରେ 'ପାଥ୍ ବ୍ରେକର: ଦ ଟ୍ୱେଣ୍ଟିଏଥ୍ ସେଞ୍ଚୁରୀ ମୁସ୍‌ଲିମ୍ ୱିମେନ୍ ଅଫ୍ ଇଣ୍ଡିଆ' ଶୀର୍ଷକ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ମହାତ୍ମା ଗାନ୍ଧୀ, ଜବାହାରଲାଲ୍ ନେହରୁ ଓ ମୌଲାନା ଆଜାଦ୍‌ଙ୍କ ଭଳି ଶୀର୍ଷ ନେତୃବୃନ୍ଦଙ୍କ ସହ ମିଶି ଏହି ମହିୟସୀ ମହିଳାମାନେ ରାଷ୍ଟ୍ର ନିର୍ମାଣରେ ନିଜ ଯୋଗଦାନ ଦେଇଥିଲେ । ସେମାନେ ସମ୍ବିଧାନ ସଭାର ସଦସ୍ୟା ମଧ୍ୟ ହୋଇଥିଲେ । ସୁରଟ୍ ଜନ୍ମିତ ସରିଫା ହମିଦ୍ ଅଲ୍ଲୀ ସମ୍ବିଧାନ ସଭାର ସଦସ୍ୟା ଥିଲେ ଓ ମହିଳାଙ୍କ ସ୍ଥିତି ସମ୍ପର୍କିତ ମିଳିତ ଜାତିସଂଘ ପରିଷଦରେ ଭାରତର ପ୍ରତିନିଧିତ୍ୱ କରି ଏକ ଆଦର୍ଶ 'ନିକାହନାମା' ପ୍ରସ୍ତୁତ କରିଥିଲେ । ମୋଫିଦା ଅହମ୍ମଦ ଆସାମ ଜୋର୍‌ହାଟ୍‌ର ଜଣେ ବିଧାୟିକା ଥିବାବେଳେ, ଅଜିଜ୍ ଇମାମ୍, ଅନୀଷ ଖିଡ୍‌ୱାଇ ଓ କୁଦ୍‌ସିଆ ଏଜାଦ୍ ରସୁଲ୍, ସଂସଦ ସଦସ୍ୟ ଥିଲେ । ସ୍ୱାଧୀନତା ପରବର୍ତ୍ତୀ ଭାରତରେ କୁଦ୍‌ସିଆ ଯାଇଦ୍ ପ୍ରଥମଥର ପାଇଁ ଏକ ବ୍ୟବସାୟିକ ନାଟ୍ୟ ସଂଘ ପ୍ରତିଷ୍ଠା କରିଥିଲେ । ଏହି ମୁସଲ୍‌ମାନ ମହିଳାମାନଙ୍କ ମଧ୍ୟରୁ ଅନେକ ଥିଲେ ଲେଖିକା, କବୟିତ୍ରୀ ଓ ଐତିହାସିକ । ସେମାନଙ୍କ ସଫଳତାର କାହାଣୀ ଅନେକ ଲମ୍ବା ।

ତେଣୁ ଏହି ମହିଳାମାନେ ଓ ଅନ୍ୟାନ୍ୟ ମୁସଲ୍‌ମାନ ମହିଳାମାନେ ହିଁ ପ୍ରମାଣିତ କରିଛନ୍ତି ଯେ, ଇସ୍‌ଲାମ ଧର୍ମ ମହିଳା ବିରୋଧି କିମ୍ବା ପୁରୁଷ କୈନ୍ଦ୍ରିକ ଧର୍ମ ନୁହେଁ । ସେମାନେ ମୁସଲ୍‌ମାନ ଧର୍ମରେ ମହିଳାଙ୍କ ପ୍ରକୃତ ପଦମର୍ଯ୍ୟାଦାକୁ ପରିପ୍ରକାଶ କରିଛନ୍ତି ।

ୱାସିମ୍ ବାରେଲ୍‌ଭିଙ୍କ ଭାଷାରେ-

ଯାହାଁ ଜଲେଗା ୱହିଁ ରୋଶ୍‌ନୀ ଲୁଟାଏଗା,<br>
କିସି ଚିରାଗ୍ କା ଅପ୍‌ନା ମକାନ୍ ନେହିଁ ହୋତା

ଅର୍ଥାତ୍ ଦୀପ ଶିଖାର ନିଜସ୍ୱ ବୋଲି କୌଣସି ବାସସ୍ଥାନ ନଥାଏ । ଯେଉଁଠି ଜଳିଲେ ମଧ୍ୟ ସେଇଠି ଆଲୁଅ ବିଛେଇ ଦିଏ ।

ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଏହି ଲେଖିକା ଜଣେ ସାମାଜିକ ଏବଂ ମହିଳା ଅଧିକାର କାର୍ଯ୍ୟକର୍ତ୍ତା, ଶିକ୍ଷାବିତ୍ ଏବଂ ଯୋଜନା ଆୟୋଗର ପୂର୍ବତନ ସଦସ୍ୟା । ମୌଲାନା ଆଜାଦ୍ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟରେ ଲେଖିକା କୁଳପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । *Email:hameed.syeda@gmail.com*

ଫୋକସ୍

# ଉଦ୍ୟୋଗ ବିକାଶ ମାଧ୍ୟମରେ ମହିଳାଙ୍କ ସଶକ୍ତିକରଣ

**ଏନ୍.ଭି. ମାଧୁରୀ**

ଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ଭାରତର ଜନସଂଖ୍ୟା ତିନିଗୁଣ ବୃଦ୍ଧି ପାଇଛି । ସେଇ ସମୟରେ ଦେଶର ଗ୍ରାମାଞ୍ଚଳରେ ସୁବିଧା ସୁଯୋଗର ବିକାଶ ଆଶାନୁରୂପ ହୋଇନାହିଁ । ମହିଳାଙ୍କ ସଂଖ୍ୟା ଦେଶର ମୋଟ୍ ଜନସଂଖ୍ୟାର ଅଧା । ସେମାନେ ପରିବାରର ମେରୁଦଣ୍ଡ ସଦୃଶ । ସଂପ୍ରତି ଅର୍ଥନୈତିକ ଆବଶ୍ୟକତା ଦୃଷ୍ଟିରୁ ମହିଳାମାନଙ୍କ ପାରମ୍ପରିକ ଭୂମିକାରେ କେତେକ ପରିବର୍ତ୍ତନ ଘଟିଛି । ଦେଶର ସାମଗ୍ରିକ ଅଭିବୃଦ୍ଧି ଓ ସମାଜର ବିକାଶ ପାଇଁ ମହିଳାଙ୍କ ଅବଦାନ ଉପସ୍ଥାପିତ କରିବା ସହ ସେମାନଙ୍କୁ ବିକାଶ ପ୍ରକ୍ରିୟାର ମୁଖ୍ୟ ଧାରାରେ ସାମିଲ କରିବା ପାଇଁ କିଛି ଉଦ୍ୟମ ଆରମ୍ଭ ହୋଇଛି । ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସବୁ ବିକାଶଶୀଳ ଦେଶରେ ଗରିବ ମହିଳାଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଏକ ମାଧ୍ୟମ ହୋଇଛି । ଭାରତରେ ମଧ୍ୟ ଏହି ଗୋଷ୍ଠୀ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଜରିଆରେ ଦରିଦ୍ର ମହିଳାଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବାରେ ପ୍ରୟାସୀ ।

ମହିଳାଙ୍କୁ ସଶକ୍ତ କରିବାର ବାଟ ହେଲା ସେମାନଙ୍କୁ ଦକ୍ଷ ଓ କୁଶଳୀ କରି ରୋଜଗାରକ୍ଷମ କରିବା । ଉଦ୍‌ଯୋଗ ବିକାଶ ଦ୍ୱାରା ମହିଳାଙ୍କ ପାଇଁ ରୋଜଗାରର ବାଟ ଫିଟିଥାଏ । ସେଥିପାଇଁ ସେମାନଙ୍କୁ ତାଲିମ, ପ୍ରଶିକ୍ଷଣ, ସଂଗଠନ ଓ ମାଧ୍ୟମ ଯୋଗାଇବାକୁ ପଡ଼ିଥାଏ । ସଶକ୍ତୀକରଣ ସଂଜ୍ଞା ହେଲା ନିଜେ କିଛି କରିବାକୁ ମହିଳାଙ୍କୁ ଯୋଗ୍ୟ କରି ସେହି ଉଦ୍ୟୋଗ ବା ଧନ୍ଦାର ମାଲିକାନା ପ୍ରଦାନ ପାଇଁ ସେମାନଙ୍କୁ ସାହାଯ୍ୟ ସହଯୋଗ କରିବା । ଏହା ଏକ ନିରନ୍ତର ପ୍ରକ୍ରିୟା । ଏହି ପ୍ରକ୍ରିୟାର ପ୍ରମୁଖ ବିଷୟଗୁଡ଼ିକ ହେଲା ସଶକ୍ତ କରିବାର ସଂସ୍ଥା ବା ଏଜେନ୍ସି, ଆତ୍ମସମ୍ମାନ, ଆତ୍ମବିଶ୍ୱାସ ଓ ସଚେତନତା । ବିଭିନ୍ନ କ୍ଷେତ୍ରରେ ସ୍ତରୀକୃତ ଭାବେ ସଶକ୍ତୀକରଣ ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇପାରେ । ସେଗୁଡ଼ିକ ହେଲା ବ୍ୟକ୍ତିଗତ, ପାରିବାରିକ, ଗୋଷ୍ଠୀ ଓ ସମାଜ । ଏଥିପାଇଁ ଦକ୍ଷତା ବିକାଶ, ଭିତ୍ତିଭୂମି ସୁବିଧା ଯୋଗାଣ ଓ ପ୍ରତିବନ୍ଧକ ଦୂରୀକରଣ (ସମ୍ବଳ ଯୋଗାଣ ତଥା କୌଶଳ ବିକାଶ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ଏହି ପରିପ୍ରେକ୍ଷୀରେ ମାଇକ୍ରୋ ଫାଇନାନ୍ସ ବ୍ୟବସ୍ଥାରେ ସ୍ୱୟଂସହାୟକ ଗୋଷ୍ଠୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏହି ଗୋଷ୍ଠୀ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ସହ ଆର୍ଥିକ ଦୃଷ୍ଟିରୁ ସେମାନଙ୍କୁ ସବଳ କରିଥାଏ । ଏହା ଦାରିଦ୍ର୍ୟ ବିରୋଧରେ ଲଢ଼େଇ ପାଇଁ କେବଳ ଏକ ଆୟୁଧ ନୁହେଁ, ବରଂ ମହିଳା ଏବଂ ସମାଜର ବଞ୍ଚିତ ବର୍ଗଙ୍କ ସଶକ୍ତୀକରଣ ଓ ଅର୍ଥନୈତିକ ଉତ୍‌ଥାନକୁ ପ୍ରୋତ୍ସାହିତ କରେ । ଭାରତର କେତେକ ରାଜ୍ୟରେ ସ୍ୱୟଂସହାୟିକା ଗୋଷ୍ଠୀ ଗ୍ରାମାଞ୍ଚଳ ମହିଳାଙ୍କ ପାଇଁ ବରଦାନ ପ୍ରମାଣିତ ହୋଇଛି । ଏହା ମହିଳାଙ୍କ ଆୟ ବୃଦ୍ଧି ସହ ସମାଜରେ ସେମାନଙ୍କ ସ୍ଥିତିରେ ଉନ୍ନତି ଆଣିବାରେ ସକ୍ଷମ ହୋଇପାରିଛି । ଏବେ ମହିଳା ସଶକ୍ତୀକରଣ ଓ ଲିଙ୍ଗଗତ ସମତା ବିଶ୍ୱବ୍ୟାପୀ ସ୍ୱୀକୃତି ଲାଭ କରିଛି । ଏହା ସବୁ ସ୍ତରରେ ବିକାଶ ଆଣିବାରେ ଏକ ସଫଳ ସୂତ୍ର ଭାବେ ଗୃହୀତ ହୋଇଛି । ଅତି କ୍ଷୁଦ୍ର ଉଦ୍ୟୋଗୀ ବିକାଶ ବ୍ୟବସ୍ଥା (ମାଇକ୍ରୋ ଏଣ୍ଟ୍ରୋପ୍ରିନ୍ୟୁୟରସିପ୍) ଲିଙ୍ଗଗତ ବିଷମତା ଦୂର କରି ମହିଳାଙ୍କୁ ସଶକ୍ତ କରୁଛି । ସ୍ୱୟଂସହାୟକ ଗୋଷ୍ଠୀଙ୍କ ମାଇକ୍ରୋ-କ୍ରେଡିଟ ବ୍ୟବସ୍ଥା ଦ୍ୱାରା ସଦସ୍ୟମାନେ ଅନ୍ୟାନ୍ୟ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମରେ ସଂପୃକ୍ତ ହେଉଛନ୍ତି । କ୍ଷୁଦ୍ର ବ୍ୟବସାୟ ଉଦ୍ୟୋଗଗୁଡ଼ିକୁ ମାଇକ୍ରୋ କ୍ରେଡିଟ୍ ମାଧ୍ୟମରେ ପ୍ରୋତ୍ସାହିତ କରି ଏହାର ସଂସ୍ଥାପକଙ୍କୁ ସାହାଯ୍ୟ କରୁଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ରୋଜଗାର ସୃଷ୍ଟି ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ । ଅନୁଧ୍ୟାନ ଅନୁସାରେ ଅଭିନବ ଫାର୍ମର୍ସ, ସମବାୟ



ସମିତି, ଗ୍ରାସ୍‌ରୁଟ୍ସ ଗ୍ରାମୀଣ ବ୍ୟାଙ୍କ, ଆସାମ ଚା' ନିଗମ, କୁଦୁମ୍ବଶ୍ରୀ, ଇନ୍ଦିରାକ୍ରାନ୍ତି ଭଳି ସ୍ୱୟଂସହାୟିକା ଗୋଷ୍ଠୀ ମହିଳା ସଶକ୍ତୀକରଣ କାର୍ଯ୍ୟରେ ବିଶେଷ ସକ୍ରିୟ। ଏସବୁ ସଂସ୍ଥା ମହିଳାଙ୍କୁ ଋଣ ଯୋଗାଇବା ସହ ସେମାନଙ୍କ ଜୀବିକାର୍ଜନ ପନ୍ଥାକୁ ସହାୟତା ଯୋଗାଉଛନ୍ତି।

ଅନୁଧ୍ୟାନରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ କେରଳ ଓ ତାମିଲନାଡୁ ଭଳି କେତେକ ରାଜ୍ୟରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ସ୍ୱୟଂସହାୟିକା ଗୋଷ୍ଠୀ ବିଶେଷ ସଫଳତା ଅର୍ଜନ କରିଛନ୍ତି। ସ୍ୱୟଂସହାୟିକା ଗୋଷ୍ଠୀଙ୍କ ପାଇଁ ନାବାର୍ଡ ମଧ୍ୟ ବ୍ୟାବସାୟିକ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ସହଯୋଗରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ଆରମ୍ଭ କରିଛି। ଏହା ବ୍ୟତୀତ ସଂପୃକ୍ତ ଗୋଷ୍ଠୀଙ୍କ ପାଇଁ ଅଣକୃଷି କ୍ଷେତ୍ରରେ ଜାତୀୟ ବ୍ୟାଙ୍କଗୁଡ଼ିକ ପୁନଃ ଅର୍ଥ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ତିନିଟି ରାଜ୍ୟରୁ ମିଳିଥିବା ତଥ୍ୟ ଅନୁସାରେ ଏସବୁ ସ୍ୱୟଂସହାୟିକା ଗୋଷ୍ଠୀ ନିଜର ଋଣ ପରିଶୋଧ କରିବା ସହ ସଞ୍ଚୟ ବଢ଼ାଇବାରେ ସଫଳ ହୋଇଛନ୍ତି। ଋଣର ସୁବିନିଯୋଗ କରି ମହିଳା ସଦସ୍ୟାମାନେ ସ୍ଥାୟୀ ଆୟ ପ୍ରଦାନକାରୀ ସମ୍ପତ୍ତି / ଉପକରଣ କିଣିବା ସହ ସ୍ୱାବଲମ୍ବୀ ଓ ସଶକ୍ତ ହୋଇପାରିଛନ୍ତି।

କେରଳ ଓ ତାମିଲନାଡୁରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଗୁଡ଼ିକ ସଫଳ ହେବାର କାରଣ ହେଲା ଏହାର ସଦସ୍ୟାମାନଙ୍କୁ ଦକ୍ଷ ଓ କୁଶଳୀ କରିବା ପାଇଁ ସବୁମନ୍ତେ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି। ସେମାନଙ୍କୁ କ୍ଷୁଦ୍ର ଋଣ ସହିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ତାଲିମ ପ୍ରଦାନ କରାଯାଉଛି। ଏସ୍‌ଏଚ୍‌ଜିକୁ ଋଣ ଯୋଗାଣରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ରିଜର୍ଭ ବ୍ୟାଙ୍କ ମଧ୍ୟ ଏବେ ଅବଗତ। ସେଥିପାଇଁ ନାବାର୍ଡ ସହାୟତାରେ ଏହା ଏବେ ମହିଳାଙ୍କୁ ମଧ୍ୟମ ଧରଣର ଋଣ ପ୍ରଦାନ ବ୍ୟବସ୍ଥା କରିଛି। ଏ କ୍ଷେତ୍ରରେ ସୁନ୍ଦର କଥାଟି ହେଲା ମହିଳା ଉଦ୍ୟୋଗୀଙ୍କ ଆଗ୍ରହ ଓ ଋଣର ସୁବିନିଯୋଗ କରି



ନିଜର ବ୍ୟବସାୟ, ଉଦ୍ୟୋଗ ପ୍ରତିଷ୍ଠା କରି ରୋଜଗାର ସୃଷ୍ଟି କରିବାର ଝୁଙ୍କ୍।

ବିଶ୍ୱରେ ମହିଳାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଉଦ୍ୟୋଗ ବା ଷ୍ଟାର୍ଟଅପ୍‌ଗୁଡ଼ିକର ବିଫଳତାର ମୁଖ୍ୟ କାରଣ ହେଲା ଆର୍ଥିକ ଅଭାବ। ତେବେ ଏବେ ସ୍ୱୟଂସହାୟିକା ଗୋଷ୍ଠୀଙ୍କ ସଫଳତା ଓ ସହଯୋଗ ଯୋଗୁଁ ଏ କ୍ଷେତ୍ରରେ ଏକ ବିଶ୍ୱାସର ବାତାବରଣ ଫେରିଛି। ମହିଳାମାନେ ନିଜର ଉଦ୍ୟୋଗ ସ୍ଥାପନ କରି ତାହାକୁ ଆଗକୁ ବଢ଼ାଇବା ସହ ନିଜର ସ୍ୱପ୍ନ ସାକାର କରୁଛନ୍ତି।

**ଭାରତ ସରକାରଙ୍କ ସହାୟତା:**

ଦେଶର ଅଭିବୃଦ୍ଧିରେ ମହିଳା ଉଦ୍ୟୋଗୀଙ୍କ ଆର୍ଥିକ ସଂପୃକ୍ତି ଓ ଦକ୍ଷତାକୁ ସ୍ୱୀକୃତି ପ୍ରଦାନ କରି ଭାରତ ସରକାର ତାଙ୍କର ସବୁ ନୀତି ଓ କାର୍ଯ୍ୟକ୍ରମରେ ମହିଳାଙ୍କୁ ପୁରୁଷଙ୍କ ସହ ସମାନ ସୁବିଧା ସୁଯୋଗ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତର ଔଦ୍ୟୋଗିକ ପରିତନ୍ତ୍ରରେ ମହିଳାମାନଙ୍କୁ ଆଗକୁ ଆଣିବା ପାଇଁ ସରକାର ଅଙ୍ଗୀକୃତ। ସେଥିପାଇଁ ମହିଳାଙ୍କ ନିମନ୍ତେ ଋଣ ଯୋଗାଣ, ଯୋଗସୂତ୍ର ଓ ସଂଯୋଗ ବ୍ୟବସ୍ଥା, ବିପଣନ ସୁବିଧା ଓ ତାଲିମ ଆଦି ସମସ୍ତ ପ୍ରକାର ସୁବିଧା କରାଯାଇଛି।

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ପ୍ରତିଷ୍ଠାନ (ଏମ୍‌ଏସ୍‌ଏମ୍‌ଇ-ଡିଓ) ବିଭିନ୍ନ ପ୍ରାଦେଶିକ କ୍ଷୁଦ୍ର ଉଦ୍ୟୋଗ ବିକାଶ ନିଗମ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ସ୍ଥଳ ବିଶେଷରେ ସ୍ୱେଚ୍ଛାସେବୀ ସଂଗଠନମାନ ସମର୍ଥ। ମହିଳା ଉଦ୍ୟୋଗୀଙ୍କ ପାଇଁ ବିଭିନ୍ନ ଉଦ୍ୟୋଗ ବିକାଶ ଓ ତାଲିମ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ଯେଉଁମାନଙ୍କର ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଓ ତାଲିମ ନାହିଁ ସେଭଳି ମହିଳାଙ୍କୁ ଟିଭି ମରାମତି, ପ୍ରିଣ୍ଟେଡ୍ ସର୍କିଟ ବୋର୍ଡ, ଚମଡ଼ା ସାମଗ୍ରୀ ପ୍ରସ୍ତୁତି ଓ ସ୍କ୍ରିନ୍ ପ୍ରିଣ୍ଟିଂ ଆଦି ତାଲିମ ଦିଆଯାଉଛି। ଶ୍ରେଷ୍ଠ ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ବାର୍ଷିକ ପୁରସ୍କାର ସରକାର ଘୋଷଣା କରିଛନ୍ତି। ଏହାଛଡ଼ା ଜିଲା ସ୍ତରରେ ମହିଳାଙ୍କ ତାଲିମ ଓ ଉଦ୍ୟୋଗ ବିକାଶ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠମାନ ଖୋଲାଯାଇଛି। ସେମାନଙ୍କ ସମସ୍ୟା ଶୁଣି ଏହି ପ୍ରକୋଷ୍ଠର ଅଧିକାରୀ ସମାଧାନର ବାଟ ଦେଖାଉଛନ୍ତି।

ରୋଜଗାର ସୃଷ୍ଟି ଯୋଜନାରେ ସରକାର ଅଭାବୀ ମହିଳାଙ୍କୁ ଉଭୟ ତାଲିମ ପ୍ରଦାନ ଓ ରୋଜଗାର ସୃଷ୍ଟିକାରୀ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ସହାୟତା ଯୋଗାଇ ଦେଉଛନ୍ତି।

'ସିଡ୍‌ବି' ପକ୍ଷରୁ ମହିଳା ଉଦ୍ୟମ ନିଧି ଓ ମହିଳା ବିକାଶ ନିଧି ନାମରେ ଦୁଇଟି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଇଛି। ମହିଳା ଉଦ୍ୟମ ନିଧି

ମାଧ୍ୟମରେ ମହିଳା ଉଦ୍ୟୋଗୀଙ୍କୁ ଅଂଶଧନ ଆଧାରରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ମହିଳା ବିକାଶ ନିଧି ଯୋଜନାରେ ରୋଜଗାର ସୃଷ୍ଟି ପାଇଁ ମହିଳାଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟକ୍ରମକୁ ସହାୟତାମୂଳକ ଅର୍ଥ ରାଶି ଯୋଗାଇ ଦିଆଯାଉଛି। ଏହାଛଡ଼ା ସିଡ୍‌ବି ମହିଳାମାନଙ୍କୁ ସ୍ୱତନ୍ତ୍ର ବ୍ୟବସ୍ଥାରେ କୋହଳ ସୁଧରେ ଋଣ ଯୋଗାଣର ବ୍ୟବସ୍ଥା କରିଛି ଏବଂ ଆବଶ୍ୟକ ସ୍ଥଳେ ଅନୁଦାନ ଯୋଗାଉଛି। ଉଦ୍ୟମିତା ଓ ଅଭିନବତାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତରେ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ସେ ସମ୍ପର୍କରେ ଆସନ୍ତୁ ନିମ୍ନମତେ ଆଲୋଚନା କରିବା।

**ଷ୍ଟାର୍ଟ ଅପ୍ ଇଣ୍ଡିଆ:**

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତ ସରକାର ମାର୍ଗଦର୍ଶନ, ଦିଗ୍‌ଦର୍ଶନ, ପରିପାଳନ ଓ ସୁବିଧାସୁଯୋଗ ଆଦି ଯୋଗାଇ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ୨୦୧୬ରେ ଆରମ୍ଭ ହୋଇଥିବା ଏହି ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅନେକ ଉଦ୍ୟୋଗୀଙ୍କୁ ସହାୟତା ଯୋଗାଇଛି। ଏହି କାର୍ଯ୍ୟକ୍ରମରେ ଆଗ୍ରହୀ ଉଦ୍ୟମୀଙ୍କୁ ଏକ ଚାରି ସପ୍ତାହବ୍ୟାପୀ ପୂର୍ଣ୍ଣାଙ୍ଗ ନିଃଶୁଳ୍କ ଅନ୍‌ଲାଇନ୍ ତାଲିମ ପ୍ରଦାନ କରାଯାଇଥାଏ। ଏହି ଯୋଜନାରେ ଗବେଷଣା, ଇନ୍‌କ୍ୟୁବେଟର ଓ ଷ୍ଟାର୍ଟଅପ୍ ସେଣ୍ଟରମାନ ଦେଶର ବିଭିନ୍ନ ସ୍ଥାନରେ ଖୋଲାଯାଇଛି। ଶିକ୍ଷାନୁଷ୍ଠାନ ଓ ଉଦ୍ୟୋଗଜଗତ ମଧ୍ୟରେ ଏହା ଉତ୍ତମ ଯୋଗସୂତ୍ର ସ୍ଥାପନ କରିଛି।

**'ଷ୍ଟେପ୍' କାର୍ଯ୍ୟକ୍ରମ:**

ମହିଳାଙ୍କୁ ତାଲିମ ଓ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଛି। ଯେଉଁ ମହିଳାଙ୍କର ଆନୁଷ୍ଠାନିକ ତାଲିମର ସୁଯୋଗ ନାହିଁ ସେମାନଙ୍କୁ ତାଲିମ ମାଧ୍ୟମରେ ପ୍ରଶିକ୍ଷିତ କରିବାକୁ ତାଲିମ ଦିଆଯାଉଛି। ଗ୍ରାମାଞ୍ଚଳରେ ମହିଳାଙ୍କ ଦକ୍ଷତା ବିକାଶ ପାଇଁ ମୁଖ୍ୟତଃ ଏହା ଉଦ୍ଦିଷ୍ଟ। ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମହିଳାମାନଙ୍କ ଦକ୍ଷତା ବିକାଶ ପାଇଁ ନୀତି ଆୟୋଗ ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ଏକ ଦୀର୍ଘ ମିଆଦି ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯାଇଛି। ଷୋହଳ ବର୍ଷ ବୟସରୁ ଊର୍ଦ୍ଧ୍ୱ ଦେଶର ସବୁ ମହିଳାଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ। କୃଷି, ଉଦ୍ୟାନ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତତନ୍ତ, ଏମ୍ବ୍ରଏଡୋରୀ ଭଳି ପାରମ୍ପରିକ ହସ୍ତକର୍ମ, ଭ୍ରମଣ ଓ ପର୍ଯ୍ୟଟନ, ଆତିଥ୍ୟ, କମ୍ପ୍ୟୁଟର ଓ ଆଇଟି ସେବା ଆଦି କ୍ଷେତ୍ରରେ ଏହି 'ଷ୍ଟେପ୍' ଯୋଜନାରେ ମହିଳାଙ୍କୁ ତାଲିମ ପ୍ରଦାନ କରାଯାଉଛି।




**ଷ୍ଟାଣ୍ଡଅପ୍ ଇଣ୍ଡିଆ:**

୨୦୧୫ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅବହେଳିତ ବର୍ଗଙ୍କୁ ଆନୁଷ୍ଠାନିକ ଋଣ ଓ ସହାୟତା ଯୋଗାଇ ନିଜର ଉଦ୍ୟୋଗ ପ୍ରତିଷ୍ଠାର ସୁଯୋଗ ସୃଷ୍ଟି କରାଯାଉଛି। ଏଥିରେ ମହିଳା, ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗର ଲୋକଙ୍କୁ ଅଗ୍ରାଧିକାର ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ମହିଳା, ଏସ୍‌ସି ଓ ଏସ୍‌ଟି ବର୍ଗରୁ ଅତିକମ୍‌ରେ ଜଣେ ଲେଖାଏଁ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ମାନୁଫାକଚରିଂ ଓ ବ୍ୟବସାୟ କ୍ଷେତ୍ରରେ ନିଜର ସମ୍ପୂର୍ଣ୍ଣ ନୂଆ ଉଦ୍ୟୋଗ ସ୍ଥାପନ କରିବାକୁ ୧୦ ଲକ୍ଷରୁ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ କୋହଳ ସୁଧରେ ଯୋଗାଇ ଦିଆଯାଉଛି। ଷ୍ଟାଣ୍ଡଅପ୍ ଇଣ୍ଡିଆ ପୋର୍ଟାଲ ଏଥିପାଇଁ ଡିଜିଟାଲ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରୁଛି। ଏଥିରେ ସମସ୍ତ ପ୍ରକାର ତଥ୍ୟ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ପାଇଁ ଉପଲବ୍ଧ।

**'ଟ୍ରେଡ୍':**

ବାଣିଜ୍ୟ ସଂକ୍ରାନ୍ତ ଉଦ୍ୟୋଗୀ ସହାୟତା ଓ ବିକାଶ ବା 'ଟ୍ରେଡ୍'ର ଲକ୍ଷ୍ୟ ହେଲା ସମ୍ବଳ ନ ଥିବା ମହିଳାଙ୍କୁ ସହଜରେ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରିବା। ବେସରକାରୀ ସଂଗଠନ ବା ଏନ୍‌ଜିଓ ମାଧ୍ୟମରେ ଏହି ଋଣ ଯୋଗାଣର ବ୍ୟବସ୍ଥା କରାଯାଇଛି। ପଞ୍ଜୀକୃତ ଏନ୍‌ଜିଓ ମାଧ୍ୟମରେ ଆଗ୍ରହୀ ମହିଳା ଉଦ୍ୟୋଗୀ ଉଭୟ ଋଣ, ତାଲିମ ଓ ଉଦ୍ୟୋଗ ପ୍ରତିଷ୍ଠା ସଂକ୍ରାନ୍ତ ପରାମର୍ଶ ପାଇପାରିବେ। ଯେଉଁ ମହିଳାମାନେ ଅଣକୃଷି କ୍ଷେତ୍ରରେ ନିଜର ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଆଗ୍ରହୀ ସେମାନଙ୍କ ପାଇଁ ଯୋଜନା ଉଦ୍ଦିଷ୍ଟ।

**ପିଏମ୍‌କେଭିୱାଇ:**

ପ୍ରଧାନମନ୍ତ୍ରୀ କୁଶଳ ବିକାଶ ଯୋଜନା ବା ପିଏମ୍‌କେଭିୱାଇ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ। ଏହା

ମାଧ୍ୟମରେ ଶିଳ୍ପୋଦ୍ୟୋଗ ଓ ବଜାର ଚାହିଦା ଉପଯୋଗୀ ତାଲିମ ପ୍ରଦାନ କରାଯାଇ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନର ବ୍ୟବସ୍ଥା କରାଯାଇଛି । ଫଳରେ ତାଲିମ ପାଇଥିବା ପ୍ରାର୍ଥୀଙ୍କର ଜୀବିକା ଉପାର୍ଜନ ଦକ୍ଷତା ଓ ସୁଯୋଗ ବଢ଼ିପାରିବ । ସେମାନେ ଅଧିକ ନିଯୁକ୍ତି ଉପଯୋଗୀ ହେବେ । ଯେଉଁ ବ୍ୟକ୍ତିବିଶେଷ ବିଭିନ୍ନ କାମରେ ପ୍ରାକ୍ ଦକ୍ଷତା ଓ ଅଭିଜ୍ଞତା ହାସଲ କରିଛନ୍ତି ସେମାନଙ୍କୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦେଇ ଦକ୍ଷ ବୋଲି ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ତାଲିମ ଓ ଆକଳନ ଫି ସରକାର ସମ୍ପୂର୍ଣ୍ଣଭାବେ ବହନ କରୁଛନ୍ତି ।

**'ସିଡ୍':**

ସମ-ସଶକ୍ତୀକରଣ ଓ ବିକାଶ ପାଇଁ ବିଜ୍ଞାନ ବା ସିଡ୍ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଉତ୍ସର୍ଗୀକୃତ ବୈଜ୍ଞାନିକ ଓ କ୍ଷେତ୍ର ସ୍ତରର କର୍ମୀଙ୍କୁ ନେଇ ଉଦ୍ୟୋଗ ସ୍ଥାପନ ସମ୍ପର୍କରେ ଆଗ୍ରହୀ ଉଦ୍ୟୋଗୀଙ୍କୁ ପରାମର୍ଶ ଓ ଦିଗ୍‌ଦର୍ଶନ ଦେବେ । କେଉଁ ଅଞ୍ଚଳରେ କି ପ୍ରକାର ଉଦ୍ୟୋଗ ସ୍ଥାପନ କଲେ ତାହା ଟିକିବ, କେଉଁ ପ୍ରକଳ୍ପରୁ ଆର୍ଥିକ ଓ ସାମାଜିକ ଲାଭ ଅଧିକ ମିଳିବ ଏବଂ ବିଶେଷ କରି ଗ୍ରାମାଞ୍ଚଳରେ କି ପ୍ରକାର ଉଦ୍ୟୋଗ ସ୍ଥାପନ ହେଲେ ତାହା ଭଲ ଚାଲିବ ସେ ସମ୍ପର୍କରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରାମର୍ଶ ଦେବାର ବ୍ୟବସ୍ଥା କରାଯାଇଛି । ଏଥିରେ ଜାତୀୟ ପରୀକ୍ଷାଗାର ସମୂହ, ବିଜ୍ଞାନ ଓ ପ୍ରଯୁକ୍ତି ବିଶେଷଜ୍ଞ ତଥା ନୂଆ କୌଶଳ ବ୍ୟବସ୍ଥାର ସହଯୋଗ ନିଆଯାଉଛି ।

**'ୱେପ୍':**

ନୀତି ଆୟୋଗ ପକ୍ଷରୁ ମହିଳା ଉଦ୍ୟୋଗୀ ପ୍ଲାଟ୍‌ଫର୍ମ (ୱେପ୍) ଆରମ୍ଭ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଲା ସମଗ୍ର ଦେଶର ମହିଳାଙ୍କୁ ଉଦ୍ୟୋଗୀ ହୋଇ ନିଜର ଆଶା ଆକାଂକ୍ଷା ଓ ସ୍ୱପ୍ନ ପୂରଣ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଣ ଏବଂ ଏଥିପାଇଁ ଏକ ଅନୁକୂଳ ପରିତନ୍ତ୍ର ସୃଷ୍ଟି । ତାହାକୁ ଦୃଷ୍ଟିରେ ରଖି ନୀତି ଆୟୋଗ କେତେକ କାର୍ଯ୍ୟକ୍ରମ ଓ ଯୋଜନା ପ୍ରସ୍ତୁତ



କରିଛନ୍ତି । ଉଦ୍ୟୋଗ ପ୍ରତିଷ୍ଠାରେ ମହିଳାଙ୍କ ସଂଖ୍ୟା ବୃଦ୍ଧି ସହିତ ପ୍ରଗତିଶୀଳ ନୂଆ ଭାରତ ନିର୍ମାଣରେ ସେମାନଙ୍କ ଅବଦାନ ବଢ଼ାଇବାକୁ ନୀତି ପ୍ରସ୍ତୁତ ହୋଇଛି । ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଓ କର୍ମଶକ୍ତିକୁ ଆଧାର କରି ୱେପ୍ ପ୍ଲାଟ୍‌ଫର୍ମ ବିକଶିତ ହୋଇ ମହିଳାମାନଙ୍କୁ ଦିଗ୍‌ଦର୍ଶନ ଯୋଗାଉଛି ।

**ମହିଳାଙ୍କ ପାଇଁ ମୁଦ୍ରା ଯୋଜନା:**

ଏହି ଯୋଜନାରେ ଉଦ୍ୟୋଗ ସ୍ଥାପନ ପାଇଁ ଆଗ୍ରହୀ ମହିଳାଙ୍କୁ ବ୍ୟକ୍ତିଗତ ଭାବେ ଋଣ ପ୍ରଦାନର ବ୍ୟବସ୍ଥା କରାଯାଇଛି । ପାର୍ଲର, ସିଲେଇ କେନ୍ଦ୍ର ଓ ଟ୍ୟୁସନ୍ ସେଣ୍ଟର ଆଦି ଖୋଲିବାକୁ ମୁଦ୍ରା ଯୋଜନାରେ ମହିଳାଙ୍କୁ ବ୍ୟକ୍ତିଗତ ଭାବେ ଋଣ ଯୋଗାଣର ବ୍ୟବସ୍ଥା କରାଯାଇଛି । ଆବଶ୍ୟକସ୍ଥଳେ ମହିଳାମାନଙ୍କର ଏକ ଗୋଷ୍ଠୀକୁ ମଧ୍ୟ ଏଥିପାଇଁ ଋଣ ଯୋଗାଇ ଦିଆଯାଇପାରିବ । ଏହି ଋଣ ପାଇଁ ହିତାଧିକାରୀଙ୍କୁ କୌଣସି ବନ୍ଧକ ବା ଅମାନତ ଦେବାକୁ ପଡ଼ିବ ନାହିଁ । ତିନିଟି ଯୋଜନାରେ ଯଥା ଶିଶୁ, କିଶୋର ଓ ତରୁଣ ବର୍ଗରେ ନିଜର ଉଦ୍ୟୋଗ ପାଇଁ ମହିଳା ଏଥିରେ ଋଣ ପାଇପାରିବେ । ଶିଶୁ ବର୍ଗର ଉଦ୍ୟୋଗ ପାଇଁ ସର୍ବାଧିକ ୫୦ହଜାର ଟଙ୍କା, କିଶୋର ବର୍ଗର ଉଦ୍ୟୋଗ ପାଇଁ ୫୦ହଜାରରୁ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଓ ତରୁଣ ବର୍ଗର ଉଦ୍ୟୋଗ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା ଅଛି । ଶିଶୁ ବର୍ଗର ଋଣ ଉଦ୍ୟୋଗ ଆରମ୍ଭ ପାଇଁ ଦିଆଯାଉଥିବାବେଳେ କିଶୋର ବର୍ଗର ଋଣ ପ୍ରତି ଚାଲୁ ତଥା ପ୍ରତିଷ୍ଠା ଲାଭ କରିଥିବା ଉଦ୍ୟୋଗ ପାଇଁ ଏବଂ ତରୁଣ ବର୍ଗର ଋଣ ବ୍ୟବସାୟ / ଉଦ୍ୟୋଗ ସଂପ୍ରସାରଣ ପାଇଁ ଦିଆଯାଉଛି ।

**ଉପସଂହାର:**

ମହିଳା ଉଦ୍ୟମିତା ସଂପ୍ରତି ଆର୍ଥିକ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବେ ବିବେଚିତ ହେଉଛି । ଏହାଦ୍ୱାରା ମହିଳାମାନେ ନିଜ ପାଇଁ ନୂଆ କର୍ମ ନିଯୁକ୍ତି ସୃଷ୍ଟି କରିବା ସହ ଅନ୍ୟମାନଙ୍କ ପାଇଁ କର୍ମସଂସ୍ଥାନର ବ୍ୟବସ୍ଥା କରି ପରିଚାଳନା, ପ୍ରତିଷ୍ଠାନ ଓ ବ୍ୟବସାୟ କ୍ଷେତ୍ରରେ ନୂଆ ସମାଧାନ ସୂତ୍ର ବାହାର କରିବାରେ ସମର୍ଥ ହେଉଛନ୍ତି । ଏହାସତ୍ତ୍ୱେ ଉଦ୍ୟୋଗ କ୍ଷେତ୍ରରେ ମହିଳାଙ୍କ ସଂଖ୍ୟା ନଗଣ୍ୟ ରହିଛି ।

ମହିଳା ଉଦ୍ୟମିତା ନିର୍ଦ୍ଦିଷ୍ଟ ଭାବେ ପରିବାର ଓ ସଂପ୍ରଦାୟର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧିରେ ସହାୟକ ହୋଇଥାଏ । ଏହା ଦାରିଦ୍ର୍ୟ ଦୂରୀକରଣ ସହ ମହିଳା ସଶକ୍ତୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ । ଏହା ସହସ୍ରାବ୍ଦ ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ସହାୟକ ହୁଏ । ଅତଏବ ସମଗ୍ର ବିଶ୍ୱର ସରକାର ସମୂହ ଏବଂ ବିକାଶକାର୍ଯ୍ୟରେ ବ୍ରତୀ ବିଭିନ୍ନ ଅନୁଷ୍ଠାନ ବି ନାନାବିଧ ଯୋଜନା, କାର୍ଯ୍ୟକ୍ରମ ଓ ଉପାୟ ଅବଲମ୍ବନ କରି ମହିଳା ଉଦ୍ୟମିତା ବିକାଶକୁ କାର୍ଯ୍ୟକାରୀ କରୁଛନ୍ତି ।

ଲେଖିକା ହାଇଦ୍ରାବାଦସ୍ଥିତ ଲିଙ୍ଗଗତ ଅଧ୍ୟୟନ କେନ୍ଦ୍ରର ସହକାରୀ ପ୍ରଫେସର ଓ ବିଭାଗୀୟ ମୁଖ୍ୟ । *E-mail: madhurinv5@gmail.com*

# ଭାରତରେ ନାରୀ ସଶକ୍ତିକରଣ ଓ ସ୍ୱାସ୍ଥ୍ୟକ୍ଷେତ୍ର

ଚନ୍ଦ୍ରକାନ୍ତ ଲହରିଆ

ବିଭିନ୍ନ ଐତିହାସିକ, ପାରମ୍ପାରିକ ଓ ସାମାଜିକ ଧାରଣା ତଥା ପକ୍ଷପାତିତା ଯୋଗୁଁ ଭାରତର ବିଭିନ୍ନ ରାଜ୍ୟରେ ଓ ବିଶ୍ୱର ବିଭିନ୍ନ ଭାଗରେ ମହିଳାମାନେ ଏକ ଅସୁବିଧାଜନକ ସ୍ଥିତିରେ ରହିଛନ୍ତି। ସୀମିତ ସ୍ୱାଧୀନତା ଯୋଗୁଁ ବାଳିକା ଓ ନାରୀମାନଙ୍କ ପାଇଁ ବିଭିନ୍ନ ସଶକ୍ତିକରଣ ପ୍ରୟାସ ଆଂଶିକ ଭାବେ ସଫଳ ହୋଇଛି। ସ୍ୱୟଂଶାସନ କ୍ଷମତାର ଅଭାବ ଯୋଗୁଁ ନାରୀମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, ଆର୍ଥିକ ଅବସ୍ଥା ସମେତ ଗଣମାଧ୍ୟମରେ ସେମାନଙ୍କ ଉପସ୍ଥିତି ଓ ସେମାନଙ୍କ ଗତିଶୀଳତା ବାଧାପ୍ରାପ୍ତ ହୁଏ।

ମହିଳା ସଶକ୍ତିକରଣ ଓ ଗୁଣବତ୍ତା ବିଶିଷ୍ଟ ସାର୍ବଜନୀନ ସ୍ୱାସ୍ଥ୍ୟସେବା ହେଉଛି ସରକାରଙ୍କ ସାମାଜିକ ଦାୟିତ୍ୱ। ଏହି ଲେଖାଟିରେ ନାରୀ ସଶକ୍ତିକରଣ ଉପରେ ସ୍ୱାସ୍ଥ୍ୟ କ୍ଷେତ୍ରର ପ୍ରଭାବ ଓ ଭୂମିକାକୁ ନେଇ ଆଲୋକପାତ କରାଯାଇଛି। ଏ ଦୁଇଟି ବିଷୟ ମଧ୍ୟରେ ଥିବା ପାରସ୍ପରିକ ଲାଭକାରୀ ସମ୍ପର୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ ହୋଇଥିଲା ୧୯୯୪ ମସିହାରେ ଇଜିପ୍ଟର କାଇରୋ ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଜନସଂଖ୍ୟା ଓ ବିକାଶ ସମ୍ମିଳନୀ ପରଠାରୁ। ଏ ସମ୍ମିଳନୀର ଏକ ଉଦ୍‌ଘୋଷଣା ଥିଲା- "ମହିଳା ସଶକ୍ତିକରଣ ମହିଳାଙ୍କ ସ୍ୱୟଂଶାସନ କ୍ଷମତା ଓ ସେମାନଙ୍କ ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସ୍ୱାସ୍ଥ୍ୟଗତ ସ୍ଥିତିରେ ଉନ୍ନତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ... ଉଭୟ ପ୍ରଜନନକ୍ଷମ ଓ ଉତ୍ପାଦନକ୍ଷମ ଜୀବନରେ ଓ ସନ୍ତାନ ପାଳନ ସମେତ ପରିବାର ପୋଷଣ କ୍ଷେତ୍ରରେ ଉଭୟ ନାରୀ ଓ ପୁରୁଷଙ୍କ ସମାନ ଓ ସହଯୋଗଭିତ୍ତିକ ଦାୟିତ୍ୱ ରହିଛି।" ଏହା ପରଠାରୁ ମହିଳାଙ୍କ ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତିକରଣ ମଧ୍ୟରେ ଥିବା ସମ୍ପର୍କ ମୁଖ୍ୟଧାରା ବିଚାରବିମର୍ଷ କାର୍ଯ୍ୟସୂଚୀରେ ସ୍ଥାନିତ ହୋଇଛି।

**ସ୍ୱାସ୍ଥ୍ୟସେବା ଉପଯୋଗ ଦ୍ୱାରା ମହିଳା ସଶକ୍ତିକରଣ:**

ଭାରତରେ ମହିଳା ସଶକ୍ତିକରଣ ପାଇଁ ସ୍ୱାସ୍ଥ୍ୟସେବାର ବିକାଶ ସମେତ ବିଭିନ୍ନ ସାର୍ବଜନୀନ ନୀତି ଓ ଆଇନ ପ୍ରଣୟନକୁ ନେଇ ଲଗାତାର ପ୍ରୟାସ ଚାଲିଛି। ତଥାପି ଘରକୁ ଘର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଓ ଜିଲ୍ଲାସ୍ତରୀୟ ପରିବାର ସର୍ବେକ୍ଷଣ ରିପୋର୍ଟ ଦର୍ଶାଇଛି ଯେ ସେବା ଉପଯୋଗ କରିବାରେ ଓ ଏହାର ସୁଫଳ ପାଇବାରେ ମହିଳାମାନେ ପୁରୁଷଙ୍କ ଅପେକ୍ଷା ପଛରେ ଅଛନ୍ତି। ଏତଦ୍‌ବ୍ୟତୀତ ଅନେକ ସ୍ତ୍ରୀ ଲୋକ ଏପରିକି ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସ୍ୱାସ୍ଥ୍ୟସେବା ଉପଯୋଗ କରିବାର ନିଷ୍ପତ୍ତି ନେବାରୁ ବଞ୍ଚିତ ରୁହନ୍ତି। ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ଅଜ୍ଞତା ଓ ସୂଚନା ଅଭାବ କାରଣରୁ ଭାରତୀୟ ମହିଳାମାନେ ଏକ ବଡ଼ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରନ୍ତି ଏବଂ ଏହା ସେମାନଙ୍କ ସଶକ୍ତିକରଣକୁ ବାଧାପ୍ରାପ୍ତ କରାଇଥାଏ। ଏହି ପୃଷ୍ଠଭୂମିରେ ମହିଳାମାନେ ସ୍ୱାସ୍ଥ୍ୟସେବା ଉପଯୋଗ କରିପାରନ୍ତି ନାହିଁ।

> ୨୦୧୮ ମସିହା ସେପ୍ଟେମ୍ବର ୨୫ ତାରିଖରେ ଶୁଭାରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧିନରେ ପ୍ରତ୍ୟେକ ପ୍ୟାନେଲଭୁକ୍ତ ସ୍ୱାସ୍ଥ୍ୟସେବା ସୁବିଧା କେନ୍ଦ୍ର ପାଇଁ ଜଣେ ଲେଖାଏଁ କରି ୧ ଲକ୍ଷ ଆରୋଗ୍ୟ ମିତ୍ରଙ୍କୁ ନିଯୁକ୍ତି ଦିଆଯିବ। ଏଥିରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବ। ଯଦ୍ୱାରା ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଜାତୀୟ ନମୂନା ସର୍ବେକ୍ଷଣ ସଂସ୍ଥାର ୭୧ତମ ରିପୋର୍ଟରେ କୁହାଯାଇଛି ଯେ ଭାରତର ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥା ସାଧାରଣତଃ ନିଃଶୁଳ୍କ ଥିବାସତ୍ତ୍ୱେ ଲୋକମାନେ ତଥାପି ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରିଥାନ୍ତି। ସ୍ୱାସ୍ଥ୍ୟସେବା ସମ୍ପର୍କିତ ଖର୍ଚ୍ଚର ମାନେ ହେଉଛି ବିଶେଷ ଭାବେ ମହିଳା ଓ ଶିଶୁ, ସ୍ୱାସ୍ଥ୍ୟସେବା ଲାଭରୁ ବଞ୍ଚିତ ହେବା। ମହିଳା, ଶିଶୁ ଓ ଅନ୍ୟାନ୍ୟ ଅବହେଳିତ ବର୍ଗଙ୍କ ପାଇଁ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ଓ ସୁଗମତା ବୃଦ୍ଧି ହେଉଛି ମହିଳା ସଶକ୍ତିକରଣର ଏକ ବିଶିଷ୍ଟ ଉପକରଣ। ଏହାର ଏକ ସଦ୍ୟତମ ଉଦାହରଣ ହେଉଛି ଦିଲ୍ଲୀର ମୋହଲ୍ଲା କ୍ଲିନିକ୍ ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏହି କେନ୍ଦ୍ରଗୁଡ଼ିକରୁ ସେବା ପାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଶିଶୁ, ମହିଳା ଓ ବୟସ୍କ ବ୍ୟକ୍ତି। ଏମାନଙ୍କ ମଧ୍ୟରୁ ଅନେକ, ଏପରିକି ପ୍ରଥମଥର ପାଇଁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ସୁବିଧା ଉପଯୋଗ କରିଥାନ୍ତି। ମହିଳାମାନଙ୍କ ବ୍ୟକ୍ତିଗତ ତଥ୍ୟକୁ ଗୋପନୀୟ ରଖାଯାଇ ପାରିଲେ ମହିଳାମାନେ ଏପରି ସ୍ୱାସ୍ଥ୍ୟସେବା ଉପଯୋଗ କରିବାକୁ ଆହୁରି ପ୍ରୋତ୍ସାହିତ ହେବେ। ବର୍ତ୍ତମାନ ମହିଳାମାନଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ଅପେକ୍ଷା ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ବିଷୟଟି ଅଗ୍ରାଧିକାର ପାଉଛି। ଏଥିରେ ଲିଂଗଗତ ହିଂସା ବିଷୟକୁ ସାମିଲ୍ କରିବା ପାଇଁ ମଧ୍ୟ ବିଚାର ବିମର୍ଷ ଚାଲିଛି।

**ସଂଗଠିତ କ୍ଷେତ୍ରରେ ନିଯୁକ୍ତି ମାଧ୍ୟମରେ ମହିଳା ସଶକ୍ତିକରଣ:**

ମହିଳା ସଶକ୍ତିକରଣରେ ଆର୍ଥିକ ସ୍ୱାଧୀନତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଭାରତର ସଂଗଠିତ ଶ୍ରମଶକ୍ତି ଓ ଲାଭଜନକ ନିଯୁକ୍ତି

କ୍ଷେତ୍ରରେ ମହିଳାଙ୍କ ଉପସ୍ଥିତି ସେତେ ବେଶି ନୁହଁ। ଦେଶର ଶ୍ରମଶକ୍ତିର ୨୮% ହେଉଛନ୍ତି ମହିଳା। (ଟେବୁଲ୍-୧) ଅନ୍ୟପକ୍ଷରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସ୍ଥିତି କିନ୍ତୁ ଅନ୍ୟ କ୍ଷେତ୍ରଠାରୁ ଉନ୍ନତ। ୧୨.୦୫ ଲକ୍ଷ ସଂଗଠିତ କ୍ଷେତ୍ରର ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରୁ ୫୧୮୦୦୦ (୪୮.୨%) ହେଉଛନ୍ତି ମହିଳା ଓ ୬.୨୪ ଲକ୍ଷ ହେଉଛନ୍ତି ପୁରୁଷ। (ଉତ୍ସ: ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ୨୦୧୬ ବର୍ଷର ରିପୋର୍ଟ)। ଅନ୍ୟାନ୍ୟ କ୍ଷେତ୍ର ତୁଳନାରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ସଂଗଠିତ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ଅଧିକ। (ଟେବୁଲ୍-୧)

ଏହି ଧାରା ଅବ୍ୟାହତ ରହିଛି। ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ଭାରତରେ ନିଯୁକ୍ତି ସ୍ଥିତି ସମ୍ପର୍କିତ ଜୁଲାଇରୁ ସେପ୍ଟେମ୍ବର ୨୦୧୭ର ରିପୋର୍ଟ (୨୦୧୮ ମାର୍ଚ୍ଚରେ ପ୍ରକାଶିତ)ରୁ ପ୍ରକାଶିତ ଯେ ସେପ୍ଟେମ୍ବର ୨୦୧୬ରୁ ପ୍ରତ୍ୟେକ ଥର ଅଧିକରୁ ଅଧିକ ମହିଳା ଏ କ୍ଷେତ୍ରକୁ ଆସୁଛନ୍ତି। ଉଦାହରଣ ସ୍ୱରୂପ ଜୁଲାଇ-ସେପ୍ଟେମ୍ବର ୨୦୧୭ ମଧ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଗ ଦେଇଥିବା ୧୧ ହଜାର କର୍ମଚାରୀଙ୍କ ମଧ୍ୟରୁ ସମସ୍ତେ ହେଉଛନ୍ତି ମହିଳା। ଏହି ରିପୋର୍ଟ ଅନୁଯାୟୀ ଅନ୍ୟାନ୍ୟ ୭ଟି ସଂଗଠିତ କ୍ଷେତ୍ର ତୁଳନାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ତେଣୁ ଏଥିରୁ ସ୍ପଷ୍ଟ ଯେ ମହିଳା ସଶକ୍ତିକରଣରେ ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିଶେଷ ଯୋଗଦାନ ରହିଛି।

**ଶ୍ରମ ସୁଯୋଗ ମାଧ୍ୟମରେ ମହିଳା ସଶକ୍ତିକରଣ:**

ଦେଶର ଗ୍ରାମାଞ୍ଚଳରେ ଥିବା ୧୮୭ ହଜାର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟସେବା ସୁବିଧାର ମୂଳଦୁଆ ହେଉଛି ସଂଗଠିତ କ୍ଷେତ୍ରର ସ୍ୱେଚ୍ଛାସେବୀ ମହିଳା ସ୍ୱାସ୍ଥ୍ୟକର୍ମୀ। ଏହି ସ୍ୱାସ୍ଥ୍ୟସେବା ଦେଶର ୬ ଲକ୍ଷ ୫୦ ହଜାର ଗ୍ରାମ ପାଇଁ ଉଦ୍ଦିଷ୍ଟ ହୋଇଥିବା ବେଳେ ଏହାର କେନ୍ଦ୍ରରେ ଅଛନ୍ତି ମହିଳାମାନେ। ଇଂରାଜୀ ଅକ୍ଷର 'A'ରୁ ଆରମ୍ଭ ହେଉଥିବା ଏଏନ୍ଏମ୍, ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କ ତ୍ରିମୂର୍ତ୍ତି ହେଉଛନ୍ତି ଗ୍ରାମ୍ୟସ୍ତରରେ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସେବା ଯୋଗାଣର ଅଗ୍ରଦୂତ। (ଏଥିରେ ସ୍ୱାସ୍ଥ୍ୟ ଶିକ୍ଷା, ଗର୍ଭାବସ୍ଥାର ଯତ୍ନ ଓ ପରିବାର ନିୟୋଜନ ଆଦି ଅନ୍ତର୍ଭୁକ୍ତ।)

୨୦୧୮ ମାର୍ଚ୍ଚ ଶେଷ ସୁଦ୍ଧା ଭାରତର ଗ୍ରାମୀଣ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ୨ ଲକ୍ଷ ୧୦ ହଜାର ଏଏନ୍ଏମ୍ କାର୍ଯ୍ୟରତ ଥିଲେ। ଏହିଭଳି ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଅଧିନରେ ପ୍ରାୟ ୧୦ ଲକ୍ଷ ଆଶାକର୍ମୀ କାର୍ଯ୍ୟ କରୁଛନ୍ତି। ଏତଦ୍‌ବ୍ୟତୀତ ସମଗ୍ର ଦେଶରେ ପ୍ରାୟ ୫ ଲକ୍ଷ ୩୦ ହଜାର ଗ୍ରାମ୍ୟ ସ୍ୱାସ୍ଥ୍ୟ ପରିମଳ ଓ ପୁଷ୍ଟି କମିଟି ରହିଛି, ଯେଉଁଥିରେ ଆଶାକର୍ମୀ ଓ ଅଙ୍ଗନୱାଡ଼ି ସଦସ୍ୟ ରୁହନ୍ତି ଏବଂ ମହିଳାଙ୍କ ନିଷ୍ପତ୍ତି ନେବାର କ୍ଷମତାକୁ ବଳ ଯୋଗାଇଥାନ୍ତି। ପୁନଶ୍ଚ, ପ୍ରାୟ ୭୩ ହଜାର ମହିଳା ଆରୋଗ୍ୟ ସମିତି ଓ ୩୩ ହଜାର ରୋଗୀ କଲ୍ୟାଣ ସମିତି ମାଧ୍ୟମରେ ଅନ୍ତତଃ ନିଜସ୍ୱ ସ୍ୱାସ୍ଥ୍ୟ ସମ୍ପର୍କରେ ମହିଳାମାନେ ନିଷ୍ପତ୍ତି ନେବାର କ୍ଷମତା ଉପଯୋଗ କରିପାରୁଛନ୍ତି।

**ବୈଶ୍ୱିକ ଓ ଜାତୀୟ ପ୍ରତିବଦ୍ଧତା:**

ବୈଶ୍ୱିକ ୭ଟି ଜାତୀୟ ନୀତି ଢାଞ୍ଚା, ଯାହା ମହିଳା ସ୍ୱାସ୍ଥ୍ୟ ଓ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ତାହା ଆପାତତଃ କାର୍ଯ୍ୟକାରୀ ହୋଇଛି। ବିଶ୍ୱସ୍ତରରେ ସ୍ୱୀକୃତ 'ଧାରଣକ୍ଷମ ବିକାଶ ଲକ୍ଷ୍ୟ-୨୦୩୦' ଅଧିନରେ

**ଟେବୁଲ୍-୧**

| କ୍ଷେତ୍ର | ସମଗ୍ର ନିଯୁକ୍ତି | ସମଗ୍ର ଶ୍ରମଶକ୍ତିକୁ ଅବଦାନ (%)ରେ | ମହିଳା ଶ୍ରମିକ | ସମଗ୍ର ଶ୍ରମଶକ୍ତିରେ ମହିଳା ଶ୍ରମିକଙ୍କ ପ୍ରତିଶତ |
|---|---|---|---|---|
| ବିନିର୍ମାଣ | ୧୦୧.୨ | ୪୯.୩ | ୧୮.୫୭ | ୧୮.୪ |
| ନିର୍ମାଣ | ୩.୬୭ | ୦୧.୮ | ୦.୫୬ | ୧୫.୩ |
| ବାଣିଜ୍ୟ | ୧୪.୪୫ | ୦୭.୦ | ୨.୬୩ | ୧୮.୨ |
| ପରିବହନ | ୫.୮୦ | ୦୨.୮ | ୦.୬୬ | ୧୧.୩୮ |
| ହୋଟେଲ ଶିଳ୍ପ | ୭.୭୪ | ୦୩.୮ | ୧.୨୧ | ୧୫.୬ |
| ସୂଚନା ପ୍ରଯୁକ୍ତି | ୧୦.୩୬ | ୦୫.୧ | ୩.୨୪ | ୩୧.୩ |
| ଶିକ୍ଷା | ୪୯.୯୮ | ୨୪.୪ | ୨୪.୪୭ | ୪୮.୯ |
| ସ୍ୱାସ୍ଥ୍ୟ | ୧୨.୦୫ | ୦୫.୯ | ୫.୮୧ | ୪୮.୨ |
| ସମଗ୍ର | ୨୦୫.୨୨ | ୧୦.୦ | ୫୭.୧୫ | ୨୭.୮ |

*ଦ୍ରଷ୍ଟବ୍ୟ: ଭାରତରେ ୪୭ କୋଟିରୁ ଊର୍ଦ୍ଧ୍ୱ ଶ୍ରମଶକ୍ତି ଅଛି ବୋଲି ଆକଳନ କରାଯାଇଥିଲା।*

> ଭାରତରେ ମହିଳା ସଶକ୍ତିକରଣ ପାଇଁ ସ୍ୱାସ୍ଥ୍ୟସେବାର ବିକାଶ ସମେତ ବିଭିନ୍ନ ସାର୍ବଜନୀନ ନୀତି ଓ ଆଇନ ପ୍ରଣୟନକୁ ନେଇ ଲଗାତାର ପ୍ରୟାସ ଚାଲିଛି । ତଥାପି ଘରକୁ ଘର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଓ ଜିଲ୍ଲାସ୍ତରୀୟ ପରିବାର ସର୍ବେକ୍ଷଣ ରିପୋର୍ଟ ଦର୍ଶାଇଛି ଯେ ସେବା ଉପଯୋଗ କରିବାରେ ଓ ଏହାର ସୁଫଳ ପାଇବାରେ ମହିଳାମାନେ ପୁରୁଷଙ୍କ ଅପେକ୍ଷା ପଛରେ ଅଛନ୍ତି । ଏତଦ୍‌ବ୍ୟତୀତ ଅନେକ ସ୍ତ୍ରୀ ଲୋକ ଏପରିକି ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସ୍ୱାସ୍ଥ୍ୟସେବା ଉପଯୋଗ କରିବାର ନିଷ୍ପତ୍ତି ନେବାରୁ ବଞ୍ଚିତ ରୁହନ୍ତି । ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ଅଜ୍ଞତା ଓ ସୂଚନା ଅଭାବ କାରଣରୁ ଭାରତୀୟ ମହିଳାମାନେ ଏକ ବଡ଼ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରନ୍ତି ଏବଂ ଏହା ସେମାନଙ୍କ ସଶକ୍ତିକରଣକୁ ବାଧାପ୍ରାପ୍ତ କରାଇଥାଏ । ଏହି ପୃଷ୍ଠଭୂମିରେ ମହିଳାମାନେ ସ୍ୱାସ୍ଥ୍ୟସେବା ଉପଯୋଗ କରିପାରନ୍ତି ନାହିଁ ।

୩ ନମ୍ବର ଲକ୍ଷ୍ୟ ସ୍ୱାସ୍ଥ୍ୟ ସମ୍ପର୍କିତ ହୋଇଥିବା ବେଳେ ୫ ନମ୍ବର ଲକ୍ଷ୍ୟ ହେଉଛି ଲିଙ୍ଗଗତ ସମାନତା । ଲିଙ୍ଗଗତ ସମାନତା ଲକ୍ଷ୍ୟରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ, ସମସ୍ତ ମହିଳା ଓ ବାଳିକାମାନଙ୍କ ପାଇଁ ଲିଙ୍ଗଗତ ସମାନତା ଓ ସଶକ୍ତିକରଣ ବାଞ୍ଛନୀୟ । ଧାରଣକ୍ଷମ ବିକାଶ ଲକ୍ଷ୍ୟ-୩ ଅଧିନରେ ସାର୍ବଜନୀନ ସ୍ୱାସ୍ଥ୍ୟ ପରିବ୍ୟାପ୍ତି ଲକ୍ଷ୍ୟ ୩.୮ ଅନୁସାରେ ସମସ୍ତଙ୍କ ପାଇଁ ଗୁଣାତ୍ମକ ଓ ସ୍ୱଳ୍ପ ଖର୍ଚ୍ଚରେ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରାଯିବା ଉଚିତ୍ । ଏହାଦ୍ୱାରା ମହିଳାମାନେ ବିଶେଷ ଭାବେ ଉପକୃତ ହେବେ ଓ ସେବା ଉପଯୋଗଜନିତ ବ୍ୟବଧାନକୁ ଅତିକ୍ରମ କରିପାରିବେ । ଭାରତର ଜାତୀୟ ସ୍ୱାସ୍ଥ୍ୟନୀତି ୨୦୧୭ ମଧ୍ୟ ଦେଶରେ ସାର୍ବଜନୀନ ସ୍ୱାସ୍ଥ୍ୟ ପରିବ୍ୟାପ୍ତ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି ।

**ଆୟୁଷ୍ମାନ ଭାରତ ଯୋଜନାରେ ସୁଯୋଗ:**

ଭାରତରେ ପ୍ରାଥମିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବିଶାଳ ବ୍ୟବସ୍ଥା ରହିଛି ଓ ଏହାକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ଅଛି । ଅନେକ ଗ୍ରାମୀଣ ଓ ଆଦିବାସୀ ମହିଳାଙ୍କ ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହେଉଛି ସେମାନଙ୍କୁ ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ପ୍ରଦାନ କରିବାର ପ୍ରଥମ ମାଧ୍ୟମ । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ସ୍ୱାସ୍ଥ୍ୟ ଶିକ୍ଷା, ପ୍ରୋତ୍ସାହନ, ପରିବାର ନିୟୋଜନ, ସୁସ୍ଥ ଜୀବନଯାପନ, ପରିମଳ, ପରିଚ୍ଛନ୍ନତା, ସଂକ୍ରାମକ ଓ ଅଣ ସଂକ୍ରାମକ ରୋଗ ସଚେତନତା ପ୍ରଦାନ ସମେତ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରାଯାଇଥାଏ । ଏସବୁ ମଧ୍ୟ ମହିଳା ସଶକ୍ତିକରଣରେ ସହାୟକ ହେଉଛି । ୨୦୧୮-୧୯ ବଜେଟ୍‌ରେ ଘୋଷିତ ଆୟୁଷ୍ମାନ ଭାରତ ଯୋଜନା ଅଧିନରେ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ୧ ଲକ୍ଷ ୫୦ ହଜାର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରମାନ ଖୋଲିବାର ପ୍ରସ୍ତାବ ରହିଛି । ଏହା ମଧ୍ୟ ମହିଳାମାନଙ୍କୁ ସ୍ୱାସ୍ଥ୍ୟସେବା ଉପଯୋଗ କରିବାରେ ସହାୟକ ହେବ ଏବଂ ନିଜ ସ୍ୱାସ୍ଥ୍ୟ ସମ୍ପର୍କିତ ନିଷ୍ପତ୍ତି ନେବାରେ ପ୍ରୋତ୍ସାହନ ଯୋଗାଇବ ।

ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମର ଦ୍ୱିତୀୟ ମୁଖ୍ୟାଂଶ ହେଉଛି, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା । ଏହା ଅଧିନରେ ଦେଶର ୧୦.୭୪ କୋଟି ପରିବାରଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ସୁବିଧା ଯୋଗାଇ ଦିଆଯିବ । ଏଥିଯୋଗୁଁ ଡାକ୍ତରଖାନାରେ ଭର୍ତ୍ତିହୋଇ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଏହି ପରିବାରଗୁଡ଼ିକୁ ସୁବିଧା ହେବ ଏବଂ ଏଥିରେ ମହିଳାମାନେ ବିଶେଷ ଉପକୃତ ହେବେ । ଅଭିଜ୍ଞତା କୁହେ ଯେ ଡାକ୍ତରଖାନାରେ ଭର୍ତ୍ତିହେବାର ସୁବିଧା ସାଧାରଣତଃ ମହିଳାମାନଙ୍କ ପାଇଁ ବେଶୀ ଉପଯୋଗୀ ହୋଇଥାଏ ଓ ସେମାନଙ୍କ ସଶକ୍ତିକରଣରେ ସହାୟକ ହୋଇଥାଏ । ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ସମେତ ବର୍ତ୍ତମାନ ପ୍ରଚଳିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସାର୍ବଜନନୀ ସ୍ୱାସ୍ଥ୍ୟସେବାକୁ ଆହୁରି ଲୋକାଭିମୁଖୀ କରାଇବାର ଲକ୍ଷ୍ୟ ରହିଛି । ଯଦ୍ୱାରା ମହିଳାମାନେ ବିଶେଷ ଭାବେ ଉପକୃତ ହେବେ ଓ ସାର୍ବଜନୀନ ସ୍ୱାସ୍ଥ୍ୟ ପରିବ୍ୟାପ୍ତିର ଲକ୍ଷ୍ୟ ହାସଲ ହେବ ।

୨୦୧୮ ମସିହା ସେପ୍ଟେମ୍ବର ୨୫ ତାରିଖରେ ଶୁଭାରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧିନରେ ପ୍ରତ୍ୟେକ ପ୍ୟାନେଲ୍‌ଭୁକ୍ତ ସ୍ୱାସ୍ଥ୍ୟସେବା ସୁବିଧା କେନ୍ଦ୍ର ପାଇଁ ଜଣେ ଲେଖାଏଁ କରି ୧ ଲକ୍ଷ ଆରୋଗ୍ୟ ମିତ୍ରଙ୍କୁ ନିଯୁକ୍ତି ଦିଆଯିବ । ଏଥିରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବ । ଯଦ୍ୱାରା ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

**ଉପସଂହାର:**

ନୂତନ ଜାତୀୟ ସ୍ୱାସ୍ଥ୍ୟ ନୀତି (୨୦୧୭) ନିକଟ ଅତୀତରେ ଘୋଷିତ ହୋଇଥିବା ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ, ଧାରଣକ୍ଷମ ବିକାଶ ଲକ୍ଷ୍ୟ ଓ ସାର୍ବଜନୀନ ସ୍ୱାସ୍ଥ୍ୟ ପରିବ୍ୟାପ୍ତି ଆଦି ଲକ୍ଷ୍ୟ ଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟ ଓ ସଶକ୍ତିକରଣରେ ଉନ୍ନତି ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି । ତେବେ ମହିଳା ସଶକ୍ତିକରଣ ଓ ସେମାନଙ୍କ ପାଇଁ ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଉଚ୍ଚସ୍ତରୀୟ ରାଜନୈତିକ ପ୍ରତିବଦ୍ଧତା, ବିଭିନ୍ନ କ୍ଷେତ୍ର ମଧ୍ୟରେ ସମନ୍ୱୟ ଓ ଏକ ଅନୁକୂଳ ବାତାବରଣ ଆବଶ୍ୟକ ।

**ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନୂଆଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ଲେଖକ ଜାତୀୟ ବୃତ୍ତିଧାରୀ ଅଧିକାରୀ ଭାବେ କାର୍ଯ୍ୟରତ । *E-mail: c.lahariya@gmail.com***

# ମହିଳା ସଶକ୍ତିକରଣ: ଆଇନଗତ ବ୍ୟବସ୍ଥା

ଗୀତା ଲୁଥ୍ରା

*"ଲୋକଙ୍କୁ ସଚେତନ କରିବାକୁ ହେଲେ ମହିଳାଙ୍କୁ ପ୍ରଥମେ ସଚେତନ କରିବାକୁ ହେବ। ମହିଳା ଜାଗିଲେ, ପରିବାର, ଗାଁ ଓ ଦେଶ ଜାଗିବ।'*

**- ପଣ୍ଡିତ ଜବାହରଲାଲ ନେହେରୁ।"**

ମହିଳାଙ୍କୁ ସବୁକ୍ଷେତ୍ରରେ ନିଜେ ନିଜର ନିଷ୍ପତ୍ତି ଗ୍ରହଣ କରିବାର ସ୍ୱାଧୀନତା ପ୍ରଦାନ କରି ସେମାନଙ୍କୁ ସଶକ୍ତ ଓ ପୁରୁଷଙ୍କ ସମକକ୍ଷ କରାଇବା ଦେଶର ସର୍ବାଙ୍ଗୀଣ ବିକାଶ ପ୍ରକ୍ରିୟାର ଏକ ଅପରିହାର୍ଯ୍ୟ ଅଂଶ। ଆମ ସମ୍ବିଧାନରେ ଲିଙ୍ଗଗତ ଭେଦଭାବ ନାହିଁ ଏବଂ ଏହା ମହିଳାଙ୍କୁ ସମାନତା ଅଧିକାର ପ୍ରଦାନ କରିଛି। ଏହା ସତ୍ତ୍ୱେ ଭାରତୀୟ ସମାଜରେ କେଉଁ ପୁରାତନ କାଳରୁ ଲିଙ୍ଗଗତ ଭେଦଭାବ ଓ ବିଚାର ପ୍ରବେଶ କରି ଆସ୍ଥାନ ଜମାଇ ଚାଲିଛି।

ଗତ କେଇ ବର୍ଷ ମଧ୍ୟରେ ସୁପ୍ରିକୋର୍ଟର ସାମ୍ବିଧାନିକ ପୀଠରେ ଯେଉଁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍‌ଥାପିତ ଓ ଆଲୋଚିତ ହୋଇଛି ସେ ସମ୍ପର୍କରେ ଏହି ଲେଖାରେ ଆଲୋଚନା କରାଯାଇଛି। ଯେଉଁସବୁ ଆଇନ ଅତି ପୁରୁଣା, ଅନାବଶ୍ୟକ ଏବଂ ଅଦରକାରୀ, ସର୍ବୋଚ୍ଚ ଅଦାଲତ ସେସବୁର ସମୀକ୍ଷା କରି ବିଭିନ୍ନ ମତାମତ ଓ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରୁ ଭାରତୀୟ ଫୌଜଦାରୀ ଆଇନ (ପିଙ୍ଗଳ ଆଇନ) ୧୮୬୦, ଧର୍ଷଣ ସଂକ୍ରାନ୍ତ ଧାରା ୩୭୬, ସମଲିଙ୍ଗୀ ଯୌନ ସମ୍ପର୍କ ଏବଂ ଅପ୍ରାକୃତି ଯୌନ ସଂପର୍କ ସଂକ୍ରାନ୍ତ ଧାରା ୩୭୭ ଏବଂ ବ୍ୟଭିଚାର ସଂକ୍ରାନ୍ତୀୟ ଧାରା ୪୯୭ ଆଦି ଅନ୍ୟତମ। ଏହି ସବୁ ଆଇନ ଉଭୟ କେନ୍ଦ୍ର ଓ ରାଜ୍ୟସମୂହର ପରିବର୍ତ୍ତିତ ଆବଶ୍ୟକତା ଅନୁସାରେ ସମୀକ୍ଷା ଏବଂ ପରିବର୍ତ୍ତନ ଲୋଡ଼େ।

**ଜଣେ ପୁରୁଷର ସମ୍ମତି ଓ ସହଯୋଗ କ୍ରମେ ତାଙ୍କ ସ୍ତ୍ରୀଙ୍କୁ ଅନ୍ୟଜଣେ ପୁରୁଷ ଉପଭୋଗ କରିପାରିବାର ପୁରୁଣା ଆଇନଗତ ବ୍ୟବସ୍ଥା ଫଳରେ ସମ୍ପୃକ୍ତ ମହିଳାଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଓ ଅଧିକାର କ୍ଷୁଣ୍ଣ ହେଉଛି। ସେ ପୁରୁଷର ପଣ୍ୟ ବା ଏକ ସମ୍ପତ୍ତି ଭାବେ ବିବେଚିତ ହେଉଥିବାରୁ ସମାଜରେ ଜଣେ ନାଗରିକ ଭାବେ ଯେଉଁ ସମାନ ଅଧିକାର ପୁରୁଷଙ୍କ ସହ ପାଇବାକୁ ସେ ସମ୍ବିଧାନ ଅନୁସାରେ ହକ୍‌ଦାର ସେଥିରୁ ବଞ୍ଚିତ ହେଉଛନ୍ତି। ତେଣୁ ସମାଜ ଏ ସମ୍ପର୍କରେ ବିଚାର କରିବାର ସମୟ ଆସିଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ଉକ୍ତି ସ୍ପଷ୍ଟ କରିଦେଇଛି ଯେ ଏ ସଂକ୍ରାନ୍ତ ଆଇନଟି ଏବେ ସମୟର ଆବଶ୍ୟକତା ଦୃଷ୍ଟିରୁ ଅନାବଶ୍ୟକ ହୋଇପଡ଼ିଛି।**

ଧାରା ୪୯୭ ଅନୁସାରେ ଜଣେ ଯଦି ଅନ୍ୟଜଣଙ୍କ ସ୍ତ୍ରୀ ସହ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କ ଅନୁମୋଦନ କିମ୍ବା ସମ୍ମତି ବିନା ଶାରୀରିକ ସମ୍ପର୍କ ରଖେ ତାହା ଏକ ଦଣ୍ଡନୀୟ ଅପରାଧ। ଏହି ଆଇନଟିରେ ମାତ୍ରାଧିକ ଲିଙ୍ଗଗତ ଅବିଚାର ରହିଛି ଯାହା ମହିଳାଙ୍କୁ ପ୍ରଦତ୍ତ ସାମ୍ବିଧାନିକ ଅଧିକାର ଧାରା ୧୪ ଓ ୧୫ର ବିରୋଧାଚରଣ କରୁଛି। ପ୍ରଥମତଃ ଏହି ଆଇନ ମହିଳାଙ୍କୁ ସେମାନଙ୍କର ସ୍ୱାମୀଙ୍କ ସମ୍ପତ୍ତି ଭାବେ ବିବେଚିତ କରୁଛି, କାରଣ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କ ଅନୁମତି ଓ ଅନୁମୋଦନ କ୍ରମେ ତାଙ୍କ ସହ ଅନ୍ୟ ପୁରୁଷ ଶାରୀରିକ ସମ୍ପର୍କ ରଖିଲେ ତାହା ଆଇନତଃ ଦଣ୍ଡନୀୟ ନୁହେଁ। ଦ୍ୱିତୀୟ ପ୍ରଚଳିତ ଆଇନ ଅନୁସାରେ ବ୍ୟଭିଚାରରେ ସମ୍ପୃକ୍ତ ମହିଳା ଅନୈତିକ ସମ୍ପର୍କ ପାଇଁ ଦୋଷୀ ନୁହଁନ୍ତି କିମ୍ବା ତାଙ୍କ ପ୍ରତି ଦଣ୍ଡବିଧାନ କରାଯାଇ ପାରିବ ନାହିଁ; କାରଣ ତାଙ୍କ ସ୍ୱାମୀଙ୍କ ଅନୁମୋଦନରେ ଅନ୍ୟ ପୁରୁଷ ତାଙ୍କୁ ଉପଭୋଗ କରିପାରିବେ। ସମ୍ପୃକ୍ତ ମହିଳାଙ୍କୁ ମଧ୍ୟ ଏ କ୍ଷେତ୍ରରେ ଯୌନପୀଡ଼ିତା ବୋଲି ଘୋଷଣା କରାଯାଇପାରିବ ନାହିଁ। ସେହିଭଳି ଅନୈତିକ ସମ୍ପର୍କରେ ଲିପ୍ତ ପୁରୁଷଙ୍କୁ ଏ କ୍ଷେତ୍ରରେ ଦୋଷୀ ସାବ୍ୟସ୍ତ କରିବାର ବ୍ୟବସ୍ଥା ନାହିଁ; କାରଣ ସେ ଏଥିପାଇଁ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କଠାରୁ ଅନୁମତି ପାଇଛନ୍ତି। ୧୮୬୦ ଦଶକରେ ମାକଲେଙ୍କ ଦ୍ୱାରା ପ୍ରଣୀତ ଏଭଳି ପୁରୁଣା ଓ ତ୍ରୁଟିପୂର୍ଣ୍ଣ ଆଇନର ପ୍ରଗତିମୂଳକ ସଂଶୋଧନ ଏଯାଏ ନ'ହେବା ବାସ୍ତବିକ ଚିନ୍ତାର ବିଷୟ।

ବୟାଳିଶତମ ଆଇନ ରିପୋର୍ଟ ଏବଂ ୨୦୦୩ର ମଳିମଥ କମିଟି ରିପୋର୍ଟରେ ଏହି ସବୁ ପୁରୁଣା ଆଇନର ସଂଶୋଧନ କରିବା ସହ ଏହାକୁ ଲିଙ୍ଗଗତ ଦୃଷ୍ଟିରୁ ନିରପେକ୍ଷ କରିବାକୁ ସୁପାରିସ କରାଯାଇଥିଲା। ଏହା ସତ୍ତ୍ୱେ ଏହି ସୁପାରିସ ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ଆହୁରି ମଧ୍ୟ ଏପର୍ଯ୍ୟନ୍ତ ଏସବୁ ଆଇନର ସାମ୍ବିଧାନିକ ବୈଧତାକୁ କୌଣସି ଅଦାଲତ ଏ ପର୍ଯ୍ୟନ୍ତ ଅବୈଧ ସାବ୍ୟସ୍ତ କରିନାହାନ୍ତି। ଅଳ୍ପଦିନ ପୂର୍ବରୁ ଏହି ପ୍ରସଙ୍ଗଟି ଜୋଜେଫ୍ ଶାଇନ ବନାମ ଭାରତ ସରକାର ମାମଲାରେ ସୁପ୍ରିମ୍‌କୋର୍ଟରେ ଉତ୍‌ଥାପିତ ହୋଇଥିଲା। ଏଥିରେ ଏହି ଆଇନର ସାମ୍ବିଧାନିକ ବୈଧତାକୁ ଆବେଦନକାରୀ ପ୍ରଶ୍ନ କରି ସର୍ବୋଚ୍ଚ ଅଦାଲତଙ୍କୁ ନ୍ୟାୟ ମାଗିଥିଲେ। ମାମଲାର ବିଚାର କରି ସର୍ବୋଚ୍ଚ ଅଦାଲତ କହିଥିଲେ ଯେ ଏହି ଆଇନଗତ ବ୍ୟବସ୍ଥା ଫଳରେ ଲିଙ୍ଗଗତ ବିଚାରରୁ ଆଇନ ନିରପେକ୍ଷ ନୁହେଁ ଏବଂ ଏହାଦ୍ୱାରା ମହିଳାଙ୍କ ବ୍ୟକ୍ତିଗତ ପରିଚୟ ଓ ଅଧିକାର ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଜଣେ ପୁରୁଷର ସମ୍ମତି ଓ ସହଯୋଗ କ୍ରମେ ତାଙ୍କ

ସ୍ତ୍ରୀଙ୍କୁ ଅନ୍ୟଜଣେ ପୁରୁଷ ଉପଭୋଗ କରିପାରିବାର ପୁରୁଣା ଆଇନଗତ ବ୍ୟବସ୍ଥା ଫଳରେ ସମ୍ପୃକ୍ତ ମହିଳାଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଓ ଅଧିକାର କ୍ଷୁଣ୍ଣ ହେଉଛି । ସେ ପୁରୁଷର ପଣ୍ୟ ବା ଏକ ସମ୍ପତ୍ତି ଭାବେ ବିବେଚିତ ହେଉଥିବାରୁ ସମାଜରେ ଜଣେ ନାଗରିକ ଭାବେ ଯେଉଁ ସମାନ ଅଧିକାର ପୁରୁଷଙ୍କ ସହ ପାଇବାକୁ ସେ ସମ୍ବିଧାନ ଅନୁସାରେ ହକ୍‌ଦାର ସେଥିରୁ ବଞ୍ଚିତ ହେଉଛନ୍ତି । ତେଣୁ ସମାଜ ଏ ସମ୍ପର୍କରେ ବିଚାର କରିବାର ସମୟ ଆସିଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ସର୍ବୋଚ୍ଚ ଅଦାଲତଙ୍କ ଏହି ଉକ୍ତି ସ୍ପଷ୍ଟ କରିଦେଇଛି ଯେ ଏ ସଂକ୍ରାନ୍ତ ଆଇନଟି ଏବେ ସମୟର ଆବଶ୍ୟକତା ଦୃଷ୍ଟିରୁ ଅନାବଶ୍ୟକ ହୋଇପଡ଼ିଛି ।

ତେବେ ଭାରତ ସରକାର ଦେଶରେ ବିବାହର ନୈତିକ ପବିତ୍ରତାକୁ ଗୁରୁତ୍ୱ ଦେଇ କହିଛନ୍ତି ଯେ ଧାରା ୪୯୭ର ଯଦି ଉଚ୍ଛେଦ ଘଟେ ତେବେ ଭାରତରେ ବିବାହ ବନ୍ଧନର ଅବିଚ୍ଛେଦ୍ୟ ଭାବନାକୁ ଏହା ପ୍ରତିହତ କରିବ । ତେଣୁ ବିବାହ ଭଳି ଏକ ଆନୁଷ୍ଠାନିକ ବ୍ୟବସ୍ଥାର ସୁରକ୍ଷା ପାଇଁ ଧାରା ୪୯୭ର ଉଚ୍ଛେଦ ଅନିଷ୍ଟକାରୀ ସାବ୍ୟସ୍ତ ହୋଇପାରେ । ଏ କ୍ଷେତ୍ରରେ ବିଡ଼ମ୍ବନା ହେଉଛି – ହିନ୍ଦୁ ବିବାହ ଆଇନ-୧୯୫୫ର ନିୟମ ଅନୁସାରେ ବ୍ୟଭିଚାର ଏକ ଫୌଜଦାରୀ ଅପରାଧ ଯାହାର ଆଧାରରେ ବିବାହ ବିଚ୍ଛେଦ ହୋଇପାରିବ । ଅତଏବ ଏହି ଆଇନକୁ ଲିଙ୍ଗ ନିରପେକ୍ଷ କରିବା ପାଇଁ ବିଚାର କରିବା ପୂର୍ବରୁ ଏହାକୁ ଫୌଜଦାରୀ ଅପରାଧ ଭାବେ ଗ୍ରହଣ କରିବା ଉଚିତ ହେବ କି ନାହିଁ ସେ କଥା ପ୍ରଥମେ ଚିନ୍ତା କରିବାକୁ ହେବ । ଆହୁରି ମଧ୍ୟ ବିଚାର କରିବାକୁ ପଡ଼ିବ ଯେ ବିବାହ ବିଚ୍ଛେଦ ପାଇଁ ଏହା ଏକମାତ୍ର କାରଣ କି ?

ଆଉ ଏକ ପ୍ରସଙ୍ଗ ଯାହା ଏବେ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ, ତାହା ହେଲା ମୁସଲମାନ ସଂପ୍ରଦାୟର ତତ୍‌କାଳ 'ତିନି ତଲାକ୍' ବ୍ୟବସ୍ଥା । ଏହି ବ୍ୟବସ୍ଥାଟି ପ୍ରକୃତରେ ମୁସଲମାନ ବ୍ୟକ୍ତିଗତ (ମୁସ୍‌ଲିମ୍ ପରସନାଲ୍ ଲ') ଆଇନର ଅଂଶ ବିଶେଷ କି ନୁହେଁ ତା' ଉପରେ ସୁପ୍ରିମକୋର୍ଟ ତର୍ଜମା କରୁଛନ୍ତି । ସୁନ୍ନୀ ମୁସଲମାନ, ବିଶେଷ କରି ହନାଫି ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ତତ୍କାଳ ତିନି ତଲାକ ବ୍ୟବସ୍ଥାଟି ବହୁ ଦିନରୁ ପ୍ରଚଳିତ । ଏହି ବ୍ୟବସ୍ଥାରେ ଜଣେ ପୁରୁଷ ତା'ର ସ୍ତ୍ରୀକୁ ତିନି ଥର ତଲାକ୍ କହି ବୈବାହିକ ସମ୍ପର୍କର ଅବସାନ (ବିବାହ ବିଚ୍ଛେଦ) କରିପାରିବ । ଏ କ୍ଷେତ୍ରରେ ମୁସଲମାନ ମହିଳାଙ୍କର କୌଣସି ଆଇନଗତ ବା ଧାର୍ମିକ ସୁରକ୍ଷା ବ୍ୟବସ୍ଥା ନାହିଁ । ଏହି ପ୍ରଥା ଭିତ୍ତିକ ନିୟମଟିକୁ କେବଳ ମୁସଲମାନ ପୁରୁଷ ଉପଯୋଗ କରିବାର ବ୍ୟବସ୍ଥା ରହିଛି । ସେ ଯେତେବେଳେ ଯେଉଁ ପରିସ୍ଥିତିରେ ଚାହିଁବେ ନିଜ ଇଚ୍ଛା ଅନୁସାରେ ନିଜ ସ୍ତ୍ରୀକୁ କ୍ରମାଗତ ଭାବେ ତିନି ଥର ତଲାକ କହି ଛାଡ଼ପତ୍ର ଦେଇପାରିବେ । ଦୀର୍ଘକାଳ ଧରି ମୁସଲମାନ ପୁରୁଷମାନେ ଏହି ଏକତରଫା ସୁଯୋଗର ଦୁରୁପଯୋଗ କରି ନିଜର ପତ୍ନୀଙ୍କୁ ଛାଡ଼ପତ୍ର ଦେଇଆସୁଛନ୍ତି ଓ ଏହା ଫଳରେ ମୁସଲମାନ ମହିଳାଙ୍କ ସ୍ୱାର୍ଥ ଓ ବ୍ୟକ୍ତିଗତ ସ୍ୱାଧୀନତା ବିପନ୍ନ ହେଉଛି । ଏପରିକି ମୁସଲମାନ ପୁରୁଷମାନେ ଫୋନ୍, ଲିଖିତ ବାର୍ତ୍ତା ଆଦି ଜରିଆରେ ନିଜର ପତ୍ନୀଙ୍କୁ ତଲାକ ମାଧ୍ୟମରେ ଛାଡ଼ପତ୍ର ଦେଉଛନ୍ତି । ଏହା ପୂର୍ବରୁ ବାଧ୍ୟବାଧକତା ଓ ତରବରିଆଭାବେ ଦିଆଯାଉଥିବା ତଲାକ୍‌କୁ ମଧ୍ୟ ସମ୍ପୃକ୍ତ ସମାଜ ବୈଧ ବୋଲି ଗ୍ରହଣ କରୁଥିଲା । (ରଶିଦ ଅହମ୍ମଦ ବନାମ ଅନିଶା ଖାତୁନ୍ ମାମଲା-୧୯୩୨) । ଏ କ୍ଷେତ୍ରରେ ତଲାକର ଏକମାତ୍ର ବୈଧତା ହେଉଛି



ସମ୍ପୃକ୍ତ ପୁରୁଷ ସାବାଳକ ହୋଇଥିବେ ଏବଂ ସେ ତିନିଥର ତଲାକ କହିବାବେଳେ ସୁସ୍ଥ ମସ୍ତିଷ୍କରେ ଥିବେ। ସମ୍ପୃକ୍ତ ବ୍ୟକ୍ତିଙ୍କ ଏହି ଉଚ୍ଚାରଣ (ତଲାକ, ତଲାକ, ତଲାକ) ତାଙ୍କ ପତ୍ନୀ ପ୍ରତି ଉଦ୍ଦିଷ୍ଟ ହୋଇ ନ ଥିଲେ ମଧ୍ୟ ସମ୍ପୃକ୍ତ ମହିଳା ଯେତେବେଳେ ଏହା ଶୁଣିବେ ବା ଜାଣିବାକୁ ପାଇବେ, ତାଙ୍କୁ ଗ୍ରହଣ କରିନେବାକୁ ହେବ ଯେ ତାଙ୍କ ସ୍ୱାମୀ ତାଙ୍କୁ ଛାଡ଼ପତ୍ର ଦେଇଛନ୍ତି। ସେହି ସମୟରୁ ଏହି ତଲାକ୍ କାର୍ଯ୍ୟକାରୀ ହେବ। (ପାଥାୟୀ ବନାମ ମଇଉଦ୍ଦିନ ମାମଲା- ୧୯୬୮)। ତେବେ ହିନା ବନାମ ଉତ୍ତରପ୍ରଦେଶ ମାମଲାରେ (୨୦୧୭) ଆହ୍ଲାବାଦ ହାଇକୋର୍ଟ କହିଥିଲେ ଯେ ଯୁକ୍ତିଯୁକ୍ତ କାରଣର ଅଭାବ ଓ ଦୁଇପକ୍ଷ ମଧ୍ୟରେ ମିଳାମିଶା ପାଇଁ ଉଦ୍ୟମ ବିନା ଦିଆଯାଉଥିବା ତଲାକ ବୈଧ ନୁହେଁ। ଏଭଳି ଛାଡ଼ପତ୍ର ଅବୈଧ। ସମିମା ଆରା ବନାମ ଉତ୍ତରପ୍ରଦେଶ ମାମଲା (୨୦୦୨)ରେ ସୁପ୍ରିମ କୋର୍ଟ ମଧ୍ୟ ସମାନ ମତ ଦେଇଥିଲେ। ଅତଏବ ପ୍ରାକ୍ ବିଚାର ଓ ଆତ୍ମସମୀକ୍ଷାର ଅଭାବ ତଥା ତରବରିଆରେ ମଧ୍ୟ ତଲାକ୍ ଗ୍ରହଣୀୟ ନୁହେଁ। ପାକିସ୍ତାନ ଭଳି ବହୁ ମୁସଲମାନ ବହୁଳ ଦେଶ ଏହି ତିନି ତଲାକ ପ୍ରଥାକୁ ଉଚ୍ଛେଦ କରିଛନ୍ତି। ୨୦୧୭ରେ ଯେତେବେଳେ ସାଏରା ବାନୁ ବନାମ କେନ୍ଦ୍ରସରକାର ମାମଲାରେ ତିନି ତଲାକର ସାମ୍ବିଧାନିକ ବୈଧତା ପ୍ରସଙ୍ଗ ସୁପ୍ରିମକୋର୍ଟରେ ପଡ଼ିଲା ଏହାର ବିଚାର କରୁଥିବା ପୀଠର ବିଚାରକଗଣ ୩:୨ ମତରେ ଏହାକୁ ଅସାମ୍ବିଧାନିକ ଦର୍ଶାଇ ଏହା ସ୍ୱେଚ୍ଛାଚାରୀ ଓ ସମ୍ବିଧାନର ଧାରା ୧୪କୁ ଉଲ୍ଲଙ୍ଘନ କରୁଛି ବୋଲି ରାୟ ଦେଇଥିଲେ। ଏବେ ପ୍ରଶ୍ନ ଉଠୁଛି ଯେ ତିନି ତଲାକକୁ ସର୍ବୋଚ୍ଚ ଅଦାଲତ ଅସାମ୍ବିଧାନିକ ଘୋଷଣା କରିବା ପରେ ଭାରତରେ ଲିଙ୍ଗଗତ ସମତା ପ୍ରତିଷ୍ଠା ହୋଇପାରିଛି କି ?


ଭାରତରେ ଅନ୍ୟ ପ୍ରକାରର ତଲାକ ବ୍ୟବସ୍ଥା ମଧ୍ୟ ବଳବତ୍ତର ରହିଛି। ମୁସଲମାନ ପୁରୁଷମାନେ କୌଣସି ଆଇନଗତ ପଦକ୍ଷେପ ନ'ନେଇ ମନଇଚ୍ଛା ନିଜ ପତ୍ନୀଙ୍କୁ ତଲାକ ମାଧ୍ୟମରେ ଛାଡ଼ପତ୍ର ଦେଉଛନ୍ତି। ୨୦୧୭ ଡିସେମ୍ବରରେ ମୁସଲମାନ ମହିଳା ସୁରକ୍ଷା ଓ ବିବାହ ଅଧିକାର ବିଲ୍ ଲୋକସଭାରେ ଉପସ୍ଥାପିତ ହୋଇଥିଲା। ଏଥିରେ ତିନି ତଲାକକୁ ଏକ ଧର୍ତ୍ତବ୍ୟ ଓ ଜାମିନ ବିହୀନ ଅପରାଧ ଭାବେ ଗଣ୍ୟ କରିବାକୁ ବିଲ୍‌ରେ ବ୍ୟବସ୍ଥା ରହିଛି। ଏହା ଲୋକସଭାର ଅନୁମୋଦନ ଲାଭ କରିଥିବା ବେଳେ ଏବେ ମଧ୍ୟ ରାଜ୍ୟ ସଭାରେ ପଡ଼ିରହିଛି। ଏହି ବିଲ୍ ଯେ ସ୍ୱୟଂସମ୍ପୂର୍ଣ୍ଣ ଏବଂ ଏଥିରେ କୌଣସି ତ୍ରୁଟି ବିଚ୍ୟୁତି ନାହିଁ ଏହା କୁହାଯାଇପାରିବ ନାହିଁ। ଏହାଦ୍ୱାରା ତଲାକ୍ ପ୍ରସଙ୍ଗରେ ମୁସଲମାନ ପୁରୁଷଙ୍କୁ ଧର୍ତ୍ତବ୍ୟ ଅପରାଧରେ ଅଭିଯୁକ୍ତ କରିବା ନ୍ୟାୟୋଚିତ କି ? ଭାରତୀୟ ଦଣ୍ଡବିଧି ଆଇନ ୧୮୬୦ ଅନୁସାରେ ବୈବାହିକ କ୍ଷେତ୍ରରେ ଅପରାଧର ଯେଉଁ ସଜ୍ଞା ନିରୁପିତ ହୋଇଛି ତଦନୁସାରେ ପତ୍ନୀଙ୍କର କୌଣସି ଶାରୀରିକ କ୍ଷତି ବା ଆଘାତ ଘଟି ନ ଥିଲେ ପତିଙ୍କ ବିରୋଧରେ ଅପରାଧ ମାମଲା ଧର୍ତ୍ତବ୍ୟ ନୁହେଁ। ଏଭଳି ସ୍ଥିତିରେ ସଂପୃକ୍ତ ମହିଳା ତାଙ୍କ ସ୍ୱାମୀଙ୍କ ନାମରେ ନିଜେ ବା ନିଜ ତରଫରୁ କେବଳ ମାମଲା ଦରଜ କରିପାରିବେ। ତେବେ ସେ ଯା'ହେଉ ତଲାକ୍ ମାମଲାକୁ ଧର୍ତ୍ତବ୍ୟ ଅପରାଧ କରିବା ଦ୍ୱାରା ମୁସଲମାନ ପୁରୁଷଙ୍କୁ ତାଙ୍କର ପତ୍ନୀ ଦଣ୍ଡିତ କରିବାକୁ ଚାହୁଁ ନ ଥିଲେ ମଧ୍ୟ ସେମାନେ ଦଣ୍ଡିତ ହୋଇପାରିବେ। ମୁସଲମାନ ମହିଳାଙ୍କ ଅଧିକାରକୁ ସାବ୍ୟସ୍ତ ଓ ପ୍ରୋତ୍ସାହିତ କରିବାକୁ ଏହି ବିଲ୍ ଉଦ୍ଦିଷ୍ଟ ହୋଇଥିଲେ ହେଁ ଏହା ଭୁଲବଶତଃ ମୁସଲମାନ ପୁରୁଷଙ୍କ ଅଧିକାରକୁ କ୍ଷୁଣ୍ଣ କରିବା ସହ ସେମାନଙ୍କ ପ୍ରତି ପାତର ଅନ୍ତର କରିପାରେ।

ସମ୍ପତ୍ତିରେ ମହିଳାଙ୍କ ଅଧିକାର ଓ ସମ୍ପତ୍ତି ଆହରଣ ଆଦି ପ୍ରସଙ୍ଗ ଏବେ ବିଭିନ୍ନ ଅଦାଲତ, ବିଚାରବିଭାଗୀୟ ନିର୍ଦ୍ଦେଶ, ସଂଶୋଧନ ଏବଂ ବୈଧାନିକ ବ୍ୟବସ୍ଥାର ବିଷୟବସ୍ତୁ ପାଲଟିଛି। ୧୯୫୬ର ହିନ୍ଦୁ ଉତ୍ତରାଧିକାର ଆଇନର ସଂଶୋଧନ ମହିଳାଙ୍କୁ ନିଜର ପୈତୃକ ଓ ଶ୍ୱଶୁରାଳୟର ଯୌଥ ପରିବାରର ସମ୍ପତ୍ତିରୁ ଭାଗ ପାଇବାର ଅଧିକାର ଦେଇଥିଲା। ଏହା ପୂର୍ବରୁ ମହିଳାମାନେ ଯୌତୁକ ଓ ଶ୍ୱଶୁର ଘର ସମ୍ପତ୍ତିର ନିର୍ଦ୍ଦିଷ୍ଟ କେତେକ କ୍ଷେତ୍ରରେ ଭାଗ ପାଉଥିଲେ ଓ ସେମାନଙ୍କ ଭାଗ ପାଇବାର ଅଧିକାର ସୀମିତ ଥିଲା। ସେହିଭଳି ମହିଳାମାନେ ଯଦି ନିଜ ସଂପ୍ରଦାୟ ବାହାରେ ବିବାହ କରନ୍ତି ତେବେ ଯୌତୁକ ସମ୍ପତ୍ତିରୁ ସେମାନଙ୍କର ଭାଗ ପାଇବାର ଅଧିକାର ନ ଥିବା କଥା କିଛି ଆଦିବାସୀ ଆଇନ ଓ କିଛି ଧାର୍ମିକ ଆଇନରେ ଉଲ୍ଲେଖ ଅଛି। ୧୯୦୮ର ଛୋଟନାଗପୁର ଟେନାନ୍‌ସି (ପ୍ରଜାସତ୍ତ୍ୱ) ଆଇନ ଅନୁସାରେ ସଂପ୍ରଦାୟ ବାହାରେ ବିବାହ କରୁଥିବା ଯୁବତୀଙ୍କର ଯୌତୁକ ସମ୍ପତ୍ତି ଉପରେ ଅଧିକାର ନାହିଁ। ପାର୍ସୀ ଆଇନରେ ମଧ୍ୟ ସମାନ ବ୍ୟବସ୍ଥା ରହିଛି। ଜଣେ ପାର୍ସୀ ବ୍ୟକ୍ତିଙ୍କ ପୁଅ ସଂପ୍ରଦାୟ ବାହାରେ ବିବାହ କଲେ ସେମାନଙ୍କର ସନ୍ତାନସନ୍ତତି ପାର୍ସୀ ଭାବେ ଗଣ୍ୟ ହେବେ; କିନ୍ତୁ ସଂପ୍ରଦାୟ ବାହାରେ ବିବାହ କରିଥିବା ପାର୍ସୀ ଯୁବତୀ/ମହିଳାଙ୍କ ପିଲାମାନେ ପାର୍ସୀ ହୋଇପାରିବେ ନାହିଁ କିମ୍ବା ସେମାନଙ୍କୁ ପାର୍ସୀ ମାନ୍ୟତା

ଧାରା ୪୯୭ ଅନୁସାରେ ଜଣେ ଯଦି ଅନ୍ୟଜଣଙ୍କ ସ୍ତ୍ରୀ ସହ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କ ଅନୁମୋଦନ କିମ୍ବା ସମ୍ମତି ବିନା ଶାରୀରିକ ସମ୍ପର୍କ ରଖେ ତାହା ଏକ ଦଣ୍ଡନୀୟ ଅପରାଧ। ଏହି ଆଇନଟିରେ ମାତ୍ରାଧିକ ଲିଙ୍ଗଗତ ଅବିଚାର ରହିଛି ଯାହା ମହିଳାଙ୍କୁ ପ୍ରଦତ୍ତ ସାମ୍ବିଧାନିକ ଅଧିକାର ଧାରା ୧୪ ଓ ୧୫ର ବିରୋଧାଚରଣ କରୁଛି। ପ୍ରଥମତଃ ଏହି ଆଇନ ମହିଳାଙ୍କୁ ସେମାନଙ୍କର ସ୍ୱାମୀଙ୍କ ସମ୍ପତ୍ତି ଭାବେ ବିବେଚିତ କରୁଛି, କାରଣ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କ ଅନୁମତି ଓ ଅନୁମୋଦନ କ୍ରମେ ତାଙ୍କ ସହ ଅନ୍ୟ ପୁରୁଷ ଶାରୀରିକ ସମ୍ପର୍କ ରଖିଲେ ତାହା ଆଇନତଃ ଦଣ୍ଡନୀୟ ନୁହେଁ। ଦ୍ୱିତୀୟ ପ୍ରଚଳିତ ଆଇନ ଅନୁସାରେ ବ୍ୟଭିଚାରରେ ସମ୍ପୃକ୍ତ ମହିଳା ଅନୈତିକ ସମ୍ପର୍କ ପାଇଁ ଦୋଷୀ ନୁହଁନ୍ତି କିମ୍ବା ତାଙ୍କ ପ୍ରତି ଦଣ୍ଡବିଧାନ କରାଯାଇ ପାରିବ ନାହିଁ; କାରଣ ତାଙ୍କ ସ୍ୱାମୀଙ୍କ ଅନୁମୋଦନରେ ଅନ୍ୟ ପୁରୁଷ ତାଙ୍କୁ ଉପଭୋଗ କରିପାରିବେ।

ମିଳିବ ନାହିଁ । ଆହୁରି ମଧ୍ୟ ସଂପ୍ରଦାୟ ବାହାରେ ବିବାହ କରିଥିବା ପାର୍ସୀ ମହିଳା ପାର୍ସୀ ସଂପ୍ରଦାୟର ଶେଷ ବିଶ୍ରାମସ୍ଥଳ ଆଭେସ୍ଥାନ (ଟାୱାର ଅଫ୍ ସାଇଲେନ୍ସ)କୁ ପ୍ରବେଶ କରିପାରିବେ ନାହିଁ; କିମ୍ବା ନିଜର ପିତାମାତାଙ୍କ ଅନ୍ତେଷ୍ଟି କ୍ରିୟାରେ ଭାଗ ନେଇପାରିବେନି । ଅନ୍ୟ ଧର୍ମରେ ବିବାହ କରିଥିବା ଗୁଲରୁଖ ଗୁପ୍ତା ନାମକ ଜଣେ ପାର୍ସୀ ମହିଳା ଏହି ଆଇନ ବିରୋଧରେ ଗୁଜରାଟ ହାଇକୋର୍ଟର ଆଶ୍ରୟ ନେଇଥିଲେ । ଅଦାଲତ କିନ୍ତୁ ତାଙ୍କୁ ନ୍ୟାୟ ଦେଇ ନ ଥିଲେ । ହାଇକୋର୍ଟ କହିଥିଲେ ଖ୍ରୀଷ୍ଟିଆନ୍, ପାର୍ସୀ ଓ ଜୁଡାଇ ଆଦି ସବୁ ଧର୍ମରେ ବିବାହ ପରେ ଜଣେ ମହିଳାଙ୍କ ପୂର୍ବ ଧାର୍ମିକ ପରିଚୟର ଅବସାନ ଘଟିଥାଏ ଓ ସେ ନିଜ ସ୍ୱାମୀଙ୍କ ଧର୍ମ ସହ ଏକାକାର ହୋଇଯାଆନ୍ତି । ଏହି ରାୟ ବିରୋଧରେ ସମ୍ପୃକ୍ତ ମହିଳା ସର୍ବୋଚ୍ଚ ଅଦାଲତରେ ଅପିଲ କରିଥିଲେ । ଏହା ପରେ ପାର୍ସୀ ପଞ୍ଚାୟତ (ଟ୍ରଷ୍ଟ) ନିଜର ପ୍ରଚୀନ ଧାର୍ମିକ ପରମ୍ପରା ଓ ରୀତିନୀତିକୁ ବଦଳାଇ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ପିତାମାତାଙ୍କ ଅନ୍ତେଷ୍ଟିକ୍ରିୟାରେ ଯୋଗଦେବା ପାଇଁ ଆଭେସ୍ଥାନ (ଟାୱାର ଅଫ୍ ସାଇଲେନ୍ସ) ମଧ୍ୟକୁ ପ୍ରବେଶ କରିପାରିବେ ବୋଲି ଅନୁମତି ଦେଇଥିଲା । ସଂପ୍ରଦାୟ ବାହାରେ ବିବାହ କରିଥିବା ଜଣେ ପାର୍ସୀ ମହିଳା ତାଙ୍କ ଧାର୍ମିକ ପରିଚୟ ହରାଇବେ କି ନାହିଁ ଏ ସମ୍ପର୍କରେ ସର୍ବୋଚ୍ଚ ଅଦାଲତ ତର୍ଜମା କରିବା ଅବସରରେ ଅଦାଲତ ମତଦେଇଥିଲେ ଯେ ଯେତେବେଳେ ଜଣେ ପୁରୁଷ ନିଜ ସଂପ୍ରଦାୟ ବାହାରେ ବିବାହ କରୁଛନ୍ତି ସେ ତାଙ୍କର ଧାର୍ମିକ ପରିଚୟ ବଜାୟ ରଖିପାରୁଛନ୍ତି । ତେଣୁ ସମାନ କ୍ଷେତ୍ରରେ ଜଣେ ମହିଳା ସଂପ୍ରଦାୟ ବାହାରେ ବିବାହ କଲେ ନିଜର ଧାର୍ମିକ ପରିଚୟ କାହିଁକି ରଖି ପାରିବେ ନାହିଁ ବୋଲି ପ୍ରଶ୍ନ କରିଥିଲେ । ଅଦାଲତ କହିଥିଲେ – ଏହା କ'ଣ କୁହାଯିବ ଯେ ଏଭଳି ବିବାହ ଦ୍ୱାରା ଜଣେ ମହିଳା ସେ ବିବାହ କରିଥିବା ବ୍ୟକ୍ତି ନିକଟରେ ନିଜକୁ ବନ୍ଧକ ଦେଇଛି ଏବଂ ନିଜର ପରିଚୟ ଓ ନିଜ ଧାର୍ମିକ ପରିଚୟକୁ ହରାଇଛି ?"

ଦେଶରେ ଧର୍ଷଣ ଓ ବଳାତ୍କାର ଘଟଣା ବହୁ ଗୁଣରେ ବଢ଼ିଯାଇଛି । ଏହାର ମୁକାବିଲା ପାଇଁ ଅଦାଲତ ଓ ବ୍ୟବସ୍ଥାପକ ସଭା ଏ ସଂକ୍ରାନ୍ତ ବିଭିନ୍ନ ଆଇନରେ ସଂଶୋଧନ କରି ଏହାକୁ ଅଧିକ କଠୋର କରିଛନ୍ତି । ୨୦୧୩ ପୂର୍ବରୁ ଭାରତୀୟ ପିଙ୍ଗଳ ଆଇନର ଧାରା ୩୭୫ ଅନୁସାରେ ବଳାତ୍କାରର ସଂଜ୍ଞା ଅତ୍ୟନ୍ତ ସଂକୀର୍ଣ୍ଣ ଥିଲା । ୧୮୬୦ରେ ପ୍ରଣିତ ଏହି ଆଇନରେ କେବଳ ଧର୍ଷଣ ହିଁ ବଳାତ୍କାର ପରିସରଭୁକ୍ତ ଥିଲା ଏବଂ ମହିଳାଙ୍କ ସହ ଅନ୍ୟାନ୍ୟ ଅସୌଜନ୍ୟ ବା ଆପତ୍ତିଜନକ ଆଚରଣ ପାଇଁ ଦଣ୍ଡବିଧାନ ବ୍ୟବସ୍ଥା ଏତେ କଠୋର ନ ଥିଲା । ଚହଳ ସୃଷ୍ଟିକାରୀ କୁଖ୍ୟାତ ନିର୍ଭୟା ଗଣବଳାତ୍କାର ମାମଲା ପରେ ୨୦୧୩ରେ ଫୌଜଦାରୀ ଆଇନରେ ସଂଶୋଧନ କରାଯାଇଥିଲା ଯାହା ବଳାତ୍କାର ନିରୋଧ ଆଇନ ନାମରେ ପରିଚିତ । ଏଥିରେ ବଳାତ୍କାର, ଧର୍ଷଣ, ମହିଳାଙ୍କ ଗୁପ୍ତାଙ୍ଗ ଓ ଅନ୍ୟାନ୍ୟ ସ୍ପର୍ଶକାତର ସ୍ଥାନରେ ବିଭିନ୍ନ ସାମଗ୍ରୀ ପୂରାଇ ତାଙ୍କୁ ନିର୍ଯାତିତ କରିବା ଆଦି କାର୍ଯ୍ୟ ଦଣ୍ଡନୀୟ ଅପରାଧର ପରିସରଭୁକ୍ତ ହେଲା । ୨୦୧୮ରେ ସୁପ୍ରିମକୋର୍ଟ ଏହି ମାମଲାରେ ଛ'ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଚାରିଜଣଙ୍କୁ ମୃତ୍ୟୁ ଦଣ୍ଡ ଆଦେଶ ଦେଇଥିବାବେଳେ ଦୋଷୀସାବ୍ୟସ୍ତ ଜଣେ ନାବାଳକକୁ ତିନିବର୍ଷ ପରେ କାରାମୁକ୍ତ କରିଥିଲେ । ଅନ୍ୟଜଣେ ଦୋଷୀ ଜେଲ୍‌ରେ ଆତ୍ମହତ୍ୟା କରିଥିଲା । ପରିତାପର ବିଷୟ ମୁକ୍ତ ହୋଇଥିବା ନାବାଳକ ଜଣକ ଏହି ଘଟଣାରେ ସବୁଠୁ ଅଧିକ ନୃଶଂସ କାର୍ଯ୍ୟରେ ଲିପ୍ତ ଥିଲା । ଘଟଣା ଘଟିବାବେଳକୁ ତାକୁ ୧୮ବର୍ଷ ହେବାକୁ ଅଳ୍ପ କିଛି ଦିନ ବାକି ଥିବାରୁ ସେ ନାବାଳକ ବିଚାରରେ ଖସିଗଲା ଏବଂ ସାବାଳକ ଭାବେ ମୃତ୍ୟୁ ଦଣ୍ଡ ପାଇବାରୁ ବର୍ତ୍ତିଗଲା । ଏ କ୍ଷେତ୍ରରେ ପୁରୁଣା ନାବାଳକ ଆଇନ ତାକୁ ସାହାଯ୍ୟ କଲା । ଏହି ଘଟଣା ପରେ ନାବାଳକ ନ୍ୟାୟ ଆଇନରେ ୨୦୧୫ରେ ସଂଶୋଧନ କରାଯାଇ ୧୬ବର୍ଷ ବା ତଦୁର୍ଦ୍ଧ କିଶୋର ଯଦି କୌଣସି ଘୃଣ୍ୟ ଓ ଜଘନ୍ୟ ଅପରାଧରେ ସମ୍ପୃକ୍ତ ହୁଅନ୍ତି ସାବାଳକ ଭାବେ ଫୌଜଦାରୀ ଆଇନ ଅନୁସାରେ ସେମାନଙ୍କ ବିଚାର କରି ଦଣ୍ଡବିଧାନର ବ୍ୟବସ୍ଥା କରାଗଲା । କଠୁଆ ଗଣବଳାତ୍କାର ମାମଲା ପରେ ୨୦୧୮ରେ ଫୌଜଦାରୀ ଆଇନର



ସଂଶୋଧନ କରାଯାଇ ଧର୍ଷଣ ଅପରାଧ ପାଇଁ ଦଣ୍ଡବିଧାନ ପରିମାଣ ବୃଦ୍ଧି କରାଯାଇ ଏହା ଅଧିକ କଠୋର ହୋଇଛି । ଷୋହଳବର୍ଷ ବୟସରୁ କମ୍ କିଶୋରୀଙ୍କୁ ଧର୍ଷଣ କରିବା ମାମଲାରେ ଅପରାଧୀଙ୍କ ପାଇଁ ମୃତ୍ୟୁଦଣ୍ଡ ଭଳି କଠୋରତମ ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି ଓ ଏ ସଂକ୍ରାନ୍ତ ଅଧ୍ୟାଦେଶକୁ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି । ଏ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ବ୍ୟତିକ୍ରମଟି ହେଲା ଆଇନର ସଂଶୋଧନ ସତ୍ତ୍ୱେ ବୈବାହିକ ଧର୍ଷଣର ସଂଜ୍ଞା ବଦଳିଲା ନାହିଁ ଓ ଏହା ଧର୍ଷଣର ପରିସରଭୁକ୍ତ ହୋଇପାରିନାହିଁ । କେବଳ ପତ୍ନୀ ଯଦି ୧୫ବର୍ଷ ବୟସରୁ କମ୍ ହୋଇଥାନ୍ତି କେବଳ ସେ କ୍ଷେତ୍ରରେ ବୈବାହିକ ଧର୍ଷଣକୁ ଧର୍ଷଣ ପରିସରଭୁକ୍ତ କରାଯାଇଛି । ଏ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ସଫେଇ ହେଲା ବୈବାହିକ ଧର୍ଷଣକୁ ଧର୍ଷଣ ପରିସରଭୁକ୍ତ କଲେ ଏହା ଆମ ସମାଜରେ ବୈବାହିକ ଅନୁଷ୍ଠାନକୁ କ୍ଷତି ପହଞ୍ଚାଇବ ।

ଭାରତୀୟ ସମ୍ବିଧାନର ମୁଖବନ୍ଧରେ କୁହାଯାଇଛି ଯେ "ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ ସମାଜବାଦୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରେ ପରିଣତ କରିବାକୁ ସତ୍ୟନିଷ୍ଠ ଭାବେ ସଂକଳ୍ପବଦ୍ଧ ଏବଂ ..." । ଧର୍ମ ନିରପେକ୍ଷର ଅର୍ଥ ସବୁଧର୍ମ ପ୍ରତି ରାଷ୍ଟ୍ରର ସମାନ ବ୍ୟବହାର । ଏକକ ଦିୱାନୀ ଆଇନ (କମନ୍ ସିଭିଲ୍ କୋଡ୍) ଜାତି, ଧର୍ମ ଓ ସଂପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କ ବ୍ୟକ୍ତିଗତ ବ୍ୟାପାରକୁ ପରିଚାଳିତ କରେ । ଏହା ହିଁ ବାସ୍ତବ ଧର୍ମନିରପେକ୍ଷତାର ସାରାଂଶ । ଭାରତରେ ବିଭିନ୍ନ ପ୍ରକାର ବ୍ୟକ୍ତିଗତ ଆଇନ ପ୍ରଚଳିତ ଥିବାରୁ ଏହା ମହିଳାଙ୍କ ପ୍ରତି ପାଚରଅନ୍ତର ସୃଷ୍ଟି କରୁଛି ଏବଂ ଲିଙ୍ଗଗତ ସମତା ଆଣିବାରେ ପ୍ରତିବନ୍ଧକ ସାଜିଛି । ସମ୍ବିଧାନର ଧାର ୧୪ ଅନୁସାରେ ସବୁ ନାଗରିକଙ୍କ ପାଇଁ ସବୁ ଫୌଜଦାରୀ ଓ ଦେୱାନୀ ଆଇନ ସମଭାବେ ପ୍ରଯୁଜ୍ୟ, କିନ୍ତୁ ବ୍ୟକ୍ତିଗତ ଆଇନ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ । ଦିନକୁ ଦିନ ଅଧିକରୁ ଅଧିକ ମହିଳା ନିଜର ମୌଳିକ ଅଧିକାରର ସୁରକ୍ଷା ପାଇଁ ଅଦାଲତର ଦ୍ୱାରସ୍ଥ ହେଉଥିବାରୁ ଦେଶରେ ଏକକ ଦିୱାନୀ ଆଇନ (ସିଭିଲ୍ କୋଡ୍) ପ୍ରବର୍ତ୍ତନର ସମ୍ଭାବନା ପରଖିବା ପାଇଁ ଆଇନ ଆୟୋଗକୁ କୁହାଯାଇଛି । ଏହି ଆଇନ ପ୍ରବର୍ତ୍ତିତ ହେଲେ ବ୍ୟକ୍ତିଗତ ଆଇନର ଊର୍ଦ୍ଧ୍ୱକୁ ଉଠି ଦେଶର ମହିଳା ଓ ପୁରୁଷ ନିଜର ଅଧିକାର ହାସଲ ଓ ସୁରକ୍ଷାରେ ସମାନ ସୁଯୋଗ ପାଇବେ । ସମ୍ବିଧାନର ଧାରା ୪୪ରେ (ରାଷ୍ଟ୍ର ଶାସନ ସଂକ୍ରାନ୍ତ ନିର୍ଦ୍ଦେଶାବଳୀ) ଏକକ ଦେୱାନୀ ଆଇନ ପ୍ରବର୍ତ୍ତନର ଏକ ପ୍ରସ୍ତାବ ରହିଛି । ଏଥିରେ କୁହାଯାଇଛି, "ସମଗ୍ର ଦେଶ ପାଇଁ ଏକକ ଦେୱାନୀ ଆଇନ ପ୍ରବର୍ତ୍ତନ କରିବାକୁ ରାଷ୍ଟ୍ର ଉଦ୍ୟମ କରିବ ।" ସାହାବାନୁ ମାମଲାରେ ସୁପ୍ରିମକୋର୍ଟ କହିଥିଲେ ଯେ "ଏହା ଏକ ପରିତାପର ବିଷୟ ଯେ ସମ୍ବିଧାନର ଧାରା ୪୪ ଅଚଳ ଓ ନିରର୍ଥକ ହୋଇଛି ।" ଏହି ପ୍ରସଙ୍ଗରେ କୌଣସି ସଂପ୍ରଦାୟ ସାମାନ୍ୟତମ ବଦାନ୍ୟତା ପ୍ରଦର୍ଶନ କରି କିଛି ଛାଡ଼ିବାକୁ ପ୍ରସ୍ତୁତ ନୁହଁନ୍ତି । ରାଷ୍ଟ୍ର ଯେକି ଏକକ ଦିୱାନୀ ଆଇନ ପ୍ରବର୍ତ୍ତନ କରିବା ଦାୟିତ୍ୱରେ ଅଛି ଓ ଏଥିପାଇଁ ଅଧିକୃତ ତାହା କରୁନାହିଁ । ଏ କ୍ଷେତ୍ରରେ ଥିବା ବିଭିନ୍ନ ଅସୁବିଧା ସତ୍ତ୍ୱେ ସମ୍ବିଧାନକୁ ସମ୍ମାନ ପ୍ରଦର୍ଶନ କରି କିଛି କରିବାକୁ ପଡ଼ିବ । ସରଳା ମୁଦ୍‌ଗଲ ମାମଲାରେ (୧୯୯୫) ସୁପ୍ରିମକୋର୍ଟରେ ଏକକ ଦେୱାନୀ ଆଇନର ଆବଶ୍ୟକତା ସମ୍ପର୍କରେ ବିଚାର ଆଲୋଚନା ହୋଇଥିଲା । ତେବେ ଏହି ଏକକ ଦେୱାନୀ ଆଇନ ଭାରତ ଭଳି ଜାତି, ଧର୍ମ, ବର୍ଣ୍ଣ ଓ ସାଂସ୍କୃତିକ ଦୃଷ୍ଟିରୁ ବିଭିନ୍ନତାରେ ପରିପୂର୍ଣ୍ଣ ଦେଶରେ ସମସ୍ୟା ସୃଷ୍ଟି କରିପାରେ । ସମ୍ବିଧାନ ଲୋକଙ୍କୁ ଯେଉଁ ଧାର୍ମିକ ସ୍ୱାଧୀନତା ପ୍ରଦାନ କରିଛି ଏକକ ଦେୱାନୀ ଆଇନ ତା ଉପରେ ହସ୍ତକ୍ଷେପ ବୋଲି ବିଚାର କରାଯାଇପାରେ । ଏ କ୍ଷେତ୍ରରେ ଯେତେ ପ୍ରଗତିଶୀଳ ବିଚାର ଓ ପ୍ରୟାସ ହେଲେ ମଧ୍ୟ ତାହାକୁ ଲୋକଙ୍କ ଉପରେ ଲଦି ଦିଆଯାଇ ପାରିବ ନାହିଁ । ଲୋକେ ସମ୍ମିଳିତ ଭାବେ ଯେ ପର୍ଯ୍ୟନ୍ତ ଏହାକୁ ଗ୍ରହଣ ନ'କରିଛନ୍ତି ସେତେଦିନ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ ।

ଅତଏବ ଦୀର୍ଘକାଳ ଧରି ଭାରତରେ ଉପରୋକ୍ତ ପ୍ରସଙ୍ଗଗୁଡ଼ିକ ଉପରେ ସଂସ୍କାରର ଆବଶ୍ୟକତା ଅନୁଭୂତ ହୋଇଆସୁଛି । ପୁରୁଣାକାଳିଆ ଆଇନ କାନୁନ୍ ସବୁର ସଂଶୋଧନ ଓ ଏହାକୁ ନୂଆରୂପ ଦେବାକୁ ସୁପ୍ରିମକୋର୍ଟ ଗଠନମୂଳକ ଭୂମିକା ନିର୍ବାହ କରିଆସୁଛନ୍ତି । ଏହା ସତ୍ତ୍ୱେ ମହିଳାଙ୍କୁ ସମାଜରେ ପୁରୁଷଙ୍କ ସହ ସମାନ ମର୍ଯ୍ୟାଦା ଓ ପାହ୍ୟା ଦେବାକୁ ଯେଉଁ ଉଦ୍ୟମ ଚାଲିଛି ତାହା ହାସଲ କରିବା ପାଇଁ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି ।

ଭାରତରେ ଅନ୍ୟ ପ୍ରକାରର ତଲାକ ବ୍ୟବସ୍ଥା ମଧ୍ୟ ବଳବତ୍ତର ରହିଛି । ମୁସଲମାନ ପୁରୁଷମାନେ କୌଣସି ଆଇନଗତ ପଦକ୍ଷେପ ନ'ନେଇ ମନଇଚ୍ଛା ନିଜ ପତ୍ନୀଙ୍କୁ ତଲାକ ମାଧ୍ୟମରେ ଛାଡ଼ପତ୍ର ଦେଉଛନ୍ତି । ୨୦୧୭ ଡିସେମ୍ବରରେ ମୁସଲମାନ ମହିଳା ସୁରକ୍ଷା ଓ ବିବାହ ଅଧିକାର ବିଲ୍ ଲୋକସଭାରେ ଉପସ୍ଥାପିତ ହୋଇଥିଲା । ଏଥିରେ ତିନି ତଲାକକୁ ଏକ ଧର୍ତ୍ତବ୍ୟ ଓ ଜାମିନ ବିହୀନ ଅପରାଧ ଭାବେ ଗଣ୍ୟ କରିବାକୁ ବିଲ୍‌ରେ ବ୍ୟବସ୍ଥା ରହିଛି । ଏହା ଲୋକସଭାର ଅନୁମୋଦନ ଲାଭ କରିଥିବା ବେଳେ ଏବେ ମଧ୍ୟ ରାଜ୍ୟ ସଭାରେ ପଡ଼ିରହିଛି । ଏହି ବିଲ୍ ଯେ ସ୍ୱୟଂସମ୍ପୂର୍ଣ୍ଣ ଏବଂ ଏଥିରେ କୌଣସି ତ୍ରୁଟି ବିଚ୍ୟୁତି ନାହିଁ ଏହା କୁହାଯାଇପାରିବ ନାହିଁ । ଏହାଦ୍ୱାରା ତଲାକ୍ ପ୍ରସଙ୍ଗରେ ମୁସଲମାନ ପୁରୁଷଙ୍କୁ ଧର୍ତ୍ତବ୍ୟ ଅପରାଧରେ ଅଭିଯୁକ୍ତ କରିବା ନ୍ୟାୟୋଚିତ କି ?

ସର୍ବୋଚ୍ଚ ଏବଂ ଉଚ୍ଚ ନ୍ୟାୟାଳୟରେ ଲେଖିକା ଭାରତ ସରକାରଙ୍କ ପରାମର୍ଶଦାତ୍ରୀ ଭାବେ କାର୍ଯ୍ୟ କରିଛନ୍ତି । *E-mail:geetaluthra@gmail.com*


# ମହିଳାଙ୍କ ସ୍ୱାସ୍ଥ୍ୟ ଓ ବିକାଶ

ପ୍ରେମା ରାମଚନ୍ଦ୍ରନ

ପରିପୂରକ ଆହାର, ଭୋଜନ ଓ ପୁଷ୍ଟିସାଧନ ଦୃଷ୍ଟିରୁ ମହିଳା, ବିଶେଷ କରି ଗର୍ଭବତୀ ଓ ପ୍ରସୂତି ଜନସଂଖ୍ୟାର ସବୁଠୁ ବିପଦାପନ୍ନ ଓ ଦୁର୍ବଳ ବର୍ଗ ଭାବେ ବହୁକାଳରୁ ଚିହ୍ନଟ ହୋଇଛନ୍ତି। ସ୍ୱଳ୍ପ ଓ ପୁଷ୍ଟିହୀନ ଖାଦ୍ୟ ଆହାର, ବାରମ୍ବାର ଗର୍ଭଧାରଣ, ସ୍ତନ୍ୟପାନ ଏବଂ ସଂକ୍ରମଣ ଯୋଗୁଁ ମହିଳାମାନେ ମୁଖ୍ୟତଃ ଅପୁଷ୍ଟି ଏବଂ ରକ୍ତହୀନତାରେ ଆକ୍ରାନ୍ତ ହୋଇଥାନ୍ତି। ରକ୍ତହୀନତା ଓ ଅପୁଷ୍ଟି ଯୋଗୁଁ ମହିଳାମାନେ କମ୍ ଓଜନର ଶିଶୁଙ୍କୁ ଜନ୍ମ ଦେଇଥାନ୍ତି। ନୂଆ ଶତାବ୍ଦୀରେ ମଧ୍ୟ ରକ୍ତହୀନତା ଓ ପୁଷ୍ଟିହୀନତା ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ପ୍ରମୁଖ ସମସ୍ୟା ଭାବେ ରହିଛି। ଅନ୍ୟପକ୍ଷରେ ଗାଁଠୁ ସହର ପର୍ଯ୍ୟନ୍ତ ଅନେକ ମହିଳା ପୁଷ୍ଟି ବହୁଳତା ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହେଉଛି। ସମାଜର ସବୁ ବର୍ଗରେ ଏହି ପୁଷ୍ଟିବହୁଳ ମହିଳାଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଇବା ନିଶ୍ଚିତ ଚିନ୍ତାଜନକ। ପୁଷ୍ଟିବହୁଳତା ଯୋଗୁଁ ମହିଳାମାନଙ୍କଠାରେ ନାନା ପ୍ରକାର ଅଣ ସଂକ୍ରାମକ ବ୍ୟାଧି ଦେଖାଯାଏ। ଏହି ଲେଖାରେ ଅପୁଷ୍ଟିର ତିନିଟିକିଆ ବୋଝ (ପୁଷ୍ଟିହୀନତା, ପୁଷ୍ଟି ବହୁଳତା ଓ ରକ୍ତହୀନତା) ସମ୍ପର୍କରେ ଆଲୋଚନା କରାଯାଇଛି ଓ ଏହା ମହିଳାଙ୍କ ପାଇଁ କିପରି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଛି ଏଥିରେ ତାହା ଦର୍ଶାଯାଇଛି। ଏହି ଲେଖାରେ ଆହୁରି ମଧ୍ୟ ଅପୁଷ୍ଟିଜନିତ ସମସ୍ୟାର ମୁକାବିଲା, ଏହାର ପରିଚାଳନା ଏବଂ ମହିଳାଙ୍କୁ ସୁସ୍ଥ ଓ ନିରୋଗ ରଖିବାର ଉପାୟ ଆଦି ସମ୍ପର୍କରେ ପ୍ରସ୍ତାବ ଦିଆଯାଇଛି।

**ମହିଳାଙ୍କ ଖାଦ୍ୟ ଗ୍ରହଣ:**

ଜାତୀୟ ପୁଷ୍ଟିସାଧନ ତଦାରଖ ଦପ୍ତର (ଏନ୍‌ଏନ୍‌ଏମ୍‌ବି) ପକ୍ଷରୁ ୧୯୭୫ ରୁ ୨୦୧୨ ମଧ୍ୟରେ ଦେଶର ଗ୍ରାମାଞ୍ଚଳର ମହିଳାଙ୍କ ଖାଦ୍ୟ ଗ୍ରହଣ ସମ୍ପର୍କରେ କରାଯାଇଥିବା ସର୍ଭେର ଯେଉଁସବୁ ତଥ୍ୟ ଲିପିବଦ୍ଧ ହୋଇଛି ସେଥିରୁ ଜଣାଯାଏ ଯେ ଗ୍ରାମୀଣ ମହିଳାଙ୍କ ଚାଉଳ, ଗହମ ଜନିତ ଖାଦ୍ୟଶସ୍ୟ ଗ୍ରହଣର ପରିମାଣ ସ୍ୱଳ୍ପ ହ୍ରାସ ପାଇଛି ଓ ଏହି ସମୟ ମଧ୍ୟରେ କ୍ରମଶଃ କମିକମି ଆସୁଛି। ୧୯୯୭ ପର୍ଯ୍ୟନ୍ତ ଡାଲିଜାତୀୟ ଖାଦ୍ୟ ଖାଇବା ମହିଳାଙ୍କ କ୍ଷେତ୍ରରେ କମିଥିବାବେଳେ ପରବର୍ତ୍ତୀ ସମୟରେ ଏହି ଧାରା ବଦଳିଯାଇଛି। ଏହାଛଡ଼ା ଏହି ସମୟରେ ମହିଳାଙ୍କ ଚର୍ବି ଓ ତୈଳ ଜାତୀୟ ଖାଦ୍ୟ ଗ୍ରହଣ ପରିମାଣରେ ସ୍ୱଳ୍ପ ତଥା ନିରନ୍ତର ଉନ୍ନତି ପରିଲକ୍ଷିତ ହୋଇଛି। ତେଲ ବ୍ୟବହାର ପରିମାଣ ମଧ୍ୟ କିଞ୍ଚିତ ବଢ଼ିଛି। ତେବେ ସ୍ୱାସ୍ଥ୍ୟ ପାଇଁ ଦୈନିକ ଯେତିକି ଶାଗ, ସବୁଜ ପନିପରିବା ଓ କ୍ଷୀର ମହିଳାମାନେ ଖାଇବା କଥା ଏହି ସମୟରେ ସେମାନେ ତାହାଠାରୁ କମ୍ ଖାଇଛନ୍ତି। ଅତଏବ ମହିଳାଙ୍କ ପୁଷ୍ଟିସାଧନ ଓ ସ୍ୱାସ୍ଥ୍ୟ ପାଇଁ ଡାଲି ଓ ପନିପରିବା ଖାଇବା ଅନୁପାତ ବଢ଼ାଇବାର ଆବଶ୍ୟକତା ରହିଛି। ଏହାଦ୍ୱାରା ସେମାନଙ୍କର ପ୍ରୋଟିନ ଓ ଅନ୍ୟାନ୍ୟ କ୍ଷୁଦ୍ର ପୋଷକ ତତ୍ତ୍ୱର ଆବଶ୍ୟକତା ପୂରଣ ହୋଇଥାଏ। ଏହି ସମୟ ମଧ୍ୟରେ ଅଣ୍ଡା ବ୍ୟତୀତ ମହିଳାଙ୍କ ଅନ୍ୟାନ୍ୟ ପ୍ରାଣିଜ ପ୍ରୋଟିନ୍ ଖାଇବା ପରିମାଣ ବଢ଼ିନାହିଁ ବରଂ ଏହା କେତେକାଂଶରେ ହ୍ରାସ ପାଇଛି। ନିରାମିଷାଶୀ ଓ ଆମିଷାଶୀଙ୍କ ମଧ୍ୟରେ ପୁଷ୍ଟିକର ଖାଦ୍ୟ ଗ୍ରହଣର ପରିମାଣରେ କୌଣସି ପାର୍ଥକ୍ୟ ନ ଥାଏ।



ଆମିଷାଶୀମାନେ ପ୍ରାଣିଜ ପ୍ରୋଟିନ୍ ଯଥା ମାଛ, ମାଂସ, ଅଣ୍ଡା ଆଦି ଦୈନିକ କିଛି କିଛି ଖାଇଥାନ୍ତି କିମ୍ବା ସପ୍ତାହକୁ ଅବା ୧୫ଦିନରେ ଥରେ ଭଲ ଭାବେ ଆହର କରିଥାନ୍ତି। ନିରାମିଷାଶୀ ବ୍ୟକ୍ତି ଦୈନିକ ନିର୍ଦ୍ଦିଷ୍ଟ ପରିମାଣର ପୁଷ୍ଟିକର ଖାଦ୍ୟ ଯଥା ଡାଲି, ଦୁଧ ଆଦି କିଛି କିଛି ଖାଇଥାନ୍ତି।

**ଶାରୀରିକ ପରିଶ୍ରମ:**

୧୯୫୦ ରୁ ୧୯୬୦ ଦଶକ ପର୍ଯ୍ୟନ୍ତ ମହିଳାମାନେ ଯାବତୀୟ ଗୃହକାର୍ଯ୍ୟ ସଂପାଦନ କରିବା ଅବସରରେ ଦୈନିକ କିଛି କିଛି ଶାରୀରିକ ଶ୍ରମ କରୁଥିଲେ। ପିଇବା ପାଣି ଆଣିବାକୁ ମହିଳାଙ୍କୁ ଦୈନିକ କିଛିବାଟ ଚାଲିବାକୁ ପଡୁଥିଲା। ସେହିଭଳି ଜାଳ ଓ ଗୋଖାଦ୍ୟ ସଂଗ୍ରହ ପାଇଁ ସେମାନେ ଦୈନିକ କିଛି ବାଟ ଚାଲୁଥିଲେ ଯାହା ତାଙ୍କର ଶାରୀରିକ ଶ୍ରମ ଆବଶ୍ୟକତା ପୂରଣ କରୁଥିଲା। କୃଷି କାର୍ଯ୍ୟରେ ବହୁ ମହିଳା ବିଭିନ୍ନ ସମୟରେ କଠିନ ପରିଶ୍ରମ କରୁଥିଲେ ଏବଂ ପରିବହନର ସୁବିଧା ନ ଥିବାରୁ ଚାଲିଚାଲି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିଲେ। ଏତେ ସବୁ ଶାରୀରିକ ଶ୍ରମ କରିବା ପାଇଁ ଯେଉଁ ଶକ୍ତି ଦରକାର ତାହା ପୂରଣ କରିବାକୁ ମହିଳାମାନେ ଉପଯୁକ୍ତ ଓ ଆବଶ୍ୟକ ଖାଦ୍ୟ ଖାଉ ନ ଥିଲେ। ଫଳରେ ମାତ୍ରାଧିକ ପରିଶ୍ରମ ଯୋଗୁଁ ସେମାନଙ୍କର ସ୍ୱାସ୍ଥ୍ୟ ଭଗ୍ନ ହେଉଥିଲା ଓ ସେମାନେ ପୁଷ୍ଟିହୀନତାର ସମ୍ମୁଖୀନ ହେଉଥିଲେ। ଏବେ ପରିସ୍ଥିତିରେ ଯଥେଷ୍ଟ ଉନ୍ନତି ଘଟିଛି। ଯାନବାହନର ବହୁଳ ବ୍ୟବହାର ଯୋଗୁଁ ମହିଳାଙ୍କ ଚାଲିବା ଅଭ୍ୟାସ ଯଥେଷ୍ଟ କମିଯାଇଛି। ଇନ୍ଧନ ଓ ପାଣି ସୁବିଧାରେ ଘର ପାଖରେ ମିଳୁଥିବାରୁ ଏଥିପାଇଁ ଆଉ ବହୁବାଟ ଚାଲିବା ବା ପରିଶ୍ରମ କରିବାକୁ ପଡୁନାହିଁ। ଏହାଦ୍ୱାରା ମହିଳାମାନଙ୍କ ଶାରୀରିକ ଶ୍ରମ ଯଥେଷ୍ଟ କମିଯାଇଛି। ଆଧୁନିକ ଗ୍ରାଇଣ୍ଡର, ୱାଶିଂମେସିନ୍, ଅଇଁଠା ବାସନ ସଫା ମେସିନ୍ ଏବେ ମିଳୁଛି ଓ ଅଧିକାଂଶ ମଧ୍ୟବିତ୍ତ ଶ୍ରେଣୀର ମହିଳା ଏହାକୁ ବ୍ୟବହାର କରୁଛନ୍ତି। ଏହା ଫଳରେ ସେମାନଙ୍କୁ ଆଉ ଲୁଗା ସଫା, ପିଠଉ ବଟା, ଚୂନା / ଅଟା ପ୍ରସ୍ତୁତି ଓ ବାସନ ମାଜିବା ପାଇଁ ଶାରୀରିକ ଶ୍ରମ ବିଶେଷ କରିବାକୁ ପଡୁନାହିଁ। ମୋଟାମୋଟିଭାବେ ଘର କାମ କରିବାରେ ମହିଳାଙ୍କ ଶ୍ରମ ଯଥେଷ୍ଟ ଲାଘବ ହୋଇଛି। ଏବେ ସବୁ ଘରେ ଟିଭି ଓ ଅନ୍ୟାନ୍ୟ ଡିଜିଟାଲ ମନୋରଞ୍ଜନ ମାଧ୍ୟମ ବିଦ୍ୟମାନ। ଲୋକେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ଏଥିରୁ ମଜା ଉଠାଉଥିବା ବେଳେ ଶାରୀରିକ ଶ୍ରମ କରିବାର ସୁଯୋଗ କମିଯାଇଛି। (ଫିଗର-୧ ଦ୍ରଷ୍ଟବ୍ୟ)। ଏନ୍ଏନ୍ଏମ୍‌ବି ଦ୍ୱାରା ହୋଇଥିବା ସର୍ଭେର ତଥ୍ୟ ଅନୁସାରେ ସହରାଞ୍ଚଳର ଅଧିକାଂଶ ମହିଳା ବିଶେଷ ଚାଲବୁଲ ନ'କରି ମୁଖ୍ୟତଃ ଗୋଟିଏ ସ୍ଥାନରେ କାମ କରିଥାନ୍ତି କିମ୍ବା ବସିରହନ୍ତି। ନିଜ ଓଜନକୁ ନିୟନ୍ତ୍ରଣରେ ରଖିବା, ଶରୀରର ଖଞ୍ଜା, ଅସ୍ଥି ଓ ମାଂସପେଶୀକୁ ସୁସ୍ଥ ଓ ସକ୍ରିୟ ରଖିବା ଏବଂ ଅଣ ସଂକ୍ରାମକ ବ୍ୟାଧିକୁ ଦୂରେଇ ରଖିବା ପାଇଁ ଦୈନିକ କିଛି କିଛି ଶାରୀରିକ ଶ୍ରମ ଦରକାର। ଅଧିକାଂଶ ସହରୀ ମହିଳା ଏହା କରୁ ନ ଥିବାରୁ ସେମାନଙ୍କୁ ନିଃରୋଗ ଓ ସୁସ୍ଥ ରଖିବାକୁ ଦୈନିକ କିଛି ଶାରୀରିକ ଶ୍ରମ କରିବାକୁ ପଡ଼ିବ। ଏ କ୍ଷେତ୍ରରେ ସବୁଠୁ ସରଳ ଓ ସହଜ ଉପାୟ ହେଲା ଦୈନିକ ୩୦ ରୁ ୪୫ ମିନିଟ୍ ଚାଲିବା। ଏକା ଥରକେ ଏତେ ସମୟ ଚାଲିବାକୁ ବେଳ ନମିଳିଲେ ଦିନକୁ ତିନି ଥରରେ ୧୦ ରୁ ୧୫ ମିନିଟ୍ ଲେଖାଏଁ ଚାଲିଲେ ମଧ୍ୟ ସେଥିରୁ ବହୁ ଉପକାର ମିଳିବ।


**ମହିଳାଙ୍କ ପୁଷ୍ଟିସାଧନ ସ୍ଥିତି:**

ଏନ୍ଏନ୍ଏମ୍‌ବିର ପୁନଃ ସର୍ଭେ ଅନୁସାରେ ୧୯୭୫ ରୁ ୨୦୧୨ ମଧ୍ୟରେ ମହିଳାଙ୍କ ପୁଷ୍ଟିହୀନତା ହାର ୫୨ ଶତାଂଶରୁ ୩୩ ଶତାଂଶକୁ ହ୍ରାସ ପାଇଥିଲା। ଏହି ସମୟ ମଧ୍ୟରେ ମହିଳାଙ୍କ ପୁଷ୍ଟି ବହୁଳତା ହାର ୩ ରୁ ୧୬%କୁ ବଢ଼ିଥିଲା। ଏନ୍ଏଫ୍ଏଚ୍‌ଏସ୍‌ର ୨,୩ ଓ ୪ ଡେଟା ଅନୁସାରେ ୧୯୯୮ ରୁ ୨୦୧୫ରେ ମହିଳାଙ୍କ ପୁଷ୍ଟିହୀନତା ହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଉଛି ଏବଂ ମାତ୍ରାଧିକ ପୁଷ୍ଟିସାଧନ ହାର ନିରନ୍ତର ବଢୁଛି। (ଫିଗର-୩ ଦ୍ରଷ୍ଟବ୍ୟ) ଏହା ଏକ ଚିନ୍ତାଜନକ ବିଷୟ। ଏହାର ଅର୍ଥ ଯେତିକି ମହିଳା


**ଫିଗର-୧ : ୧୯୬୦ ରୁ ୨୦୧୦ ମଧ୍ୟରେ ଶାରୀରିକ କାର୍ଯ୍ୟରେ ପରିବର୍ତ୍ତନ**

| | ଘରୋଇ | ବୃତ୍ତିଗତ | ପରିବହନ | ଇଚ୍ଛାଧୀନ |
|---|---|---|---|---|
| ଭାରତ ୧୯୬୦ | ମଧ୍ୟମ | ମଧ୍ୟମ | ମଧ୍ୟମ | ଏକସ୍ଥାନରେ ବସିରହିବା |
| ଭାରତ ୨୦୧୦ | ଏକସ୍ଥାନରେ ବସିରହିବା | ଏକସ୍ଥାନରେ ବସିରହିବା | ଏକସ୍ଥାନରେ ବସିରହିବା | ଏକସ୍ଥାନରେ ବସିରହିବା |


**ଫିଗର-୨ : ଜିଡିପି ଅଭିବୃଦ୍ଧି ଓ ଶକ୍ତି ଗ୍ରହଣ**




ଫିଗର-୩ : ମହିଳାଙ୍କଠାରେ ପୁଷ୍ଟିସାଧନ ପରିବର୍ତ୍ତନ
(ଏନ୍‌ଏଫ୍‌ଏଚ୍‌ଏସ୍ ୨,୩ ଓ ୪)





ଫିଗର-୪ : ମହିଳାଙ୍କ ପୋଷଣ ସ୍ଥିତି ଉପରେ ବୟସର ପ୍ରଭାବ
(ଏନ୍‌ଏଫ୍‌ଏଚ୍‌ଏସ୍-୪)




ଫିଗର-୫ : ମହିଳାଙ୍କ ପୋଷଣ ସ୍ଥିତି
(ଡିଏଲ୍‌ଏଚ୍‌ଏସ୍-୪ ଓ ଏଏଚ୍‌ଏସ୍)




ଫିଗର-୬ : ଅଙ୍ଗନବାଡ଼ିରେ ଅତ୍ୟଧିକ ଓଜନବିଶିଷ୍ଟ ମହିଳାଙ୍କ ରକ୍ତଚାପ ପରୀକ୍ଷା




ଅପୁଷ୍ଟିରୁ ଉପରକୁ ଉଠୁଛନ୍ତି ପ୍ରାୟ ସେତିକି ମହିଳା ମାତ୍ରାଧିକ ପୁଷ୍ଟିସାଧନ ଯୋଗୁଁ ସୁସ୍ଥରୁ ଅସୁସ୍ଥ ହେଉଛନ୍ତି। ଅତଏବ ଉପଯୁକ୍ତ ପୁଷ୍ଟିସାଧନ ସହ ସୁସ୍ଥ ମହିଳାଙ୍କ ସଂଖ୍ୟା ଯେଉଁ ୬୦ ଭାଗରେ ଥିଲା ସେଥିରେ କୌଣସି ପରିବର୍ତ୍ତନ ଘଟୁନାହିଁ।

ବୟସ ବୃଦ୍ଧି ସହିତ ମହିଳାଙ୍କ ପୁଷ୍ଟିସାଧନ ସ୍ଥିତିରେ ପରିବର୍ତ୍ତନ ଘଟେ। କୋଡ଼ିଏରୁ ୨୯ବର୍ଷ ବୟସ ମଧ୍ୟରେ ମହିଳାଙ୍କ ମଧ୍ୟରେ ପୁଷ୍ଟିହୀନତା ଅଧିକ ଦେଖାଯାଇଥାଏ (ଫିଗର -୪) ଦେଶର ଉତ୍ତର ଓ ପୂର୍ବାଞ୍ଚଳ ରାଜ୍ୟରେ ଏହି ହାର ଅଧିକ। (ଫିଗର-୫) ପୁଷ୍ଟିହୀନ ମହିଳା କମ୍ ଓଜନର ଶିଶୁ ଜନ୍ମ ଦିଅନ୍ତି। ଏବେ ସବୁ ଗର୍ଭବତୀ ମହିଳାଙ୍କୁ ଗର୍ଭାବସ୍ଥାକାଳୀନ ଯତ୍ନ (ଆଣ୍ଟେନାଟାଲ କେୟାର) ଯୋଗାଇ ଦିଆଯାଉଛି। ଆଇସିଡିଏସ୍ କାର୍ଯ୍ୟକ୍ରମରେ ସେମାନଙ୍କୁ ରାଶନ ଦିଆଯାଉଛି ଓ ଏହାକୁ ନେଇ ସେ ଘରେ ଭୋଜନ ପ୍ରସ୍ତୁତ କରି ଖାଉଛନ୍ତି। ସବୁ ଗର୍ଭବତୀଙ୍କର ନିୟମିତ ଓଜନ ମାପ କରି ରେକର୍ଡ କରାଯାଉଛି। ଖାଦ୍ୟାଭାବରୁ କୌଣସି ଗର୍ଭବତୀଙ୍କ ଓଜନ ହ୍ରାସ ଘଟୁଥିବା ଜଣାପଡ଼ିବା ମାତ୍ରେ ତାଙ୍କୁ ଚିହ୍ନଟ କରି ଦୈନିକ ସୁଷମ ଖାଦ୍ୟ ଯୋଗାଇ ଦିଆଯାଉଛି। ଏହାର ଲକ୍ଷ୍ୟ ହେଲା ସଂପୃକ୍ତ ଗର୍ଭବତୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଓ କମ୍ ଓଜନର ଶିଶୁଙ୍କ ଜନ୍ମକୁ ରୋକିବା।

ବୟସ ବୃଦ୍ଧି ସହିତ ମହିଳାଙ୍କ ପୁଷ୍ଟି ବହୁଳତାର ମଧ୍ୟ ପ୍ରତ୍ୟକ୍ଷ ସମ୍ପର୍କ ରହିଛି। (ଫିଗର-୪)। ଦେଶର ଦକ୍ଷିଣ ଓ ପଶ୍ଚିମ ଭାଗରେ ପୁଷ୍ଟିବହୁଳ ମହିଳାଙ୍କ ସଂଖ୍ୟା ଅଧିକ (ଫିଗର-୫)। ବିଗତ ବର୍ଷ ଗୁଡ଼ିକରେ ମହିଳାଙ୍କ ଖାଦ୍ୟପେୟ ଓ ଶକ୍ତି ଆହରଣ କ୍ଷମତା ବଢ଼ିନାହିଁ, ବରଂ ସେମାନଙ୍କ ଶାରୀରିକ ଶ୍ରମରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ଫଳରେ ସେମାନେ ଯାହା ଖାଉଛନ୍ତି ସେଥିରୁ ମିଳୁଥିବା ଶକ୍ତି ବ୍ୟୟ ହୋଇପାରୁନାହିଁ। ଏହା ଫଳରେ ସେମାନଙ୍କ ଓଜନ ବଢୁଛି ଓ ସେମାନେ ଅସୁସ୍ଥ ହୋଇପଡୁଛନ୍ତି। ଏହାହିଁ ଭାରତରେ ମହିଳାଙ୍କ ପୁଷ୍ଟିବହୁଳତାର ମୁଖ୍ୟ କାରଣ।

ପୁଷ୍ଟିବହୁଳତା ଯୋଗୁଁ ମହିଳାଙ୍କର ଓଜନ ବଢ଼ିବା ସହ ଉଚ୍ଚ ରକ୍ତଚାପ, ଡାଇବେଟିସ୍, ହୃଦ୍‌ରୋଗ, ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ଆଦି ନାନା ପ୍ରକାର ଅଣ ସଂକ୍ରାମକ ବ୍ୟାଧି ଭୟ ବଢୁଛି। ତେଣୁ ଏଥିପ୍ରତି ସଜାଗ ରହି ପ୍ରତିବିଧାନ ବ୍ୟବସ୍ଥା କଲେ ଏହି ସମସ୍ୟାରୁ ମୁକ୍ତି ମିଳିବ।

ଏଥିପାଇଁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଜରୁରୀ :

- ଜୀବନସାରା ଜୀବନଶୈଳୀରେ ପରିବର୍ତ୍ତନ (ଯାହା ସହଜ ନୁହେଁ)
- ଜୀବନ ସାରା ଔଷଧ ଗ୍ରହଣ (ଏଥିପାଇଁ ବହୁ ଖର୍ଚ୍ଚ ଜୀବନ ସାରା କରିବାକୁ ପଡ଼ିବ)
- ଅବହେଳା କଲେ ହୃଦ୍‌ରୋଗ, ମସ୍ତିଷ୍କ, କିଡ୍‌ନୀ ଓ ଚକ୍ଷୁରୋଗ ଜନିତ ଜଟିଳତା ଭୋଗିବାକୁ ହେବ।


ଅତଏବ ମହିଳାମାନେ ସ୍ୱାସ୍ଥ୍ୟ ସଚେତନ ରହିବା ସହ ନିୟମିତ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ଉଚିତ। ସବୁ ମହିଳା ସନ୍ତାନ ଜନ୍ମ ପରବର୍ତ୍ତୀ ଯତ୍ନ (ଆଣ୍ଟେନେଟାଲ କେୟାର) ବିଷୟରେ ଅବଗତ

ହେବା ଜରୁରୀ। ସେମାନେ ଗର୍ଭଧାରଣ ପରେ ନିଜର ରକ୍ତଚାପ, ଓଜନ, ରକ୍ତ ପରୀକ୍ଷା, ଡାଇବେଟିସ ଓ ରକ୍ତହୀନତା ଆଦି ବିଷୟରେ ନିୟମିତ ପରୀକ୍ଷା କରାଇ ନେବା ଉଚିତ। ଯଦି କିଛି ସମସ୍ୟା ଥାଏ ତାହା ପରୀକ୍ଷାରୁ ଜଣାପଡ଼ିବା ପରେ ଆବଶ୍ୟକ ଚିକିତ୍ସା କରାଯାଇପାରିବ। ଏହା ଫଳରେ ଉଭୟ ମା' ଓ ଗର୍ଭସ୍ଥ ଶିଶୁଙ୍କର ମଙ୍ଗଳ ହେବ। ଭାରତରେ ଗର୍ଭଧାରଣ ପରେ ଅଧିକାଂଶ ମହିଳା ଡାକ୍ତରଙ୍କ ପାଖକୁ ଯାଆନ୍ତି ନାହିଁ କିମ୍ବା ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତି ନାହିଁ। ସେହିଭଳି ୪୦ବର୍ଷ ପରେ କ୍ୱଚିତ୍ ମହିଳା ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥାନ୍ତି। ସେମାନଙ୍କର ଓଜନ ଏହି ସମୟରେ ବଢ଼ିଥାଏ ଏବଂ ଏହାକୁ ଋତୁବିରତି ଜନିତ ଏକ ସ୍ୱାଭାବିକ ପ୍ରକ୍ରିୟା ଭାବି ମହିଳାମାନେ ହେୟଜ୍ଞାନ କରିଥାନ୍ତି।

ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ଶିକ୍ଷା (ଟେକ୍ସଟ ବୁକ୍)ରେ ସେମାନଙ୍କ ପାଇଁ ନାନା ପ୍ରକାର ତଥ୍ୟ ଦିଆଯାଇଛି। ତାହାକୁ ପଢ଼ି ତଦନୁସାରେ ପ୍ରତିବିଧାନ କଲେ ମହିଳାମାନେ ସୁସ୍ଥ ଓ ନିରୋଗ ରହିପାରିବେ।

**ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ଶିକ୍ଷା:**

- ଅଯଥା ଓଜନ ବୃଦ୍ଧି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ
- ମାତ୍ରାଧିକ ପୋଷଣ ଯୋଗୁଁ ରକ୍ତଚାପ, ହୃଦ୍‌ବକ୍ଷରୋଗ ଓ ମଧୁମେହ ହୋଇପାରେ
- ଏସବୁ ରୋଗ ଭାରତୀୟ ମହିଳାଙ୍କ ମଧ୍ୟରେ ୪୦ବର୍ଷ ବୟସରୁ ଦେଖାଦିଏ
- ପ୍ରାରମ୍ଭିକ ଅବସ୍ଥାରେ ଏସବୁ ରୋଗ କୌଣସି ଲକ୍ଷଣ ଦେଖାଏ ନାହିଁ
- ମଝିରେ ମଝିରେ ସ୍ୱାସ୍ଥ୍ୟ ପରୀକ୍ଷା କଲେ ଏସବୁ ରୋଗ ଧରାପଡ଼େ
- ତିରିଶ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କର ବର୍ଷକୁ ଅତି କମ୍‌ରେ ଥରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ଉଚିତ
- ଅଣ ସଂକ୍ରାମକ ବ୍ୟାଧି (ଏନ୍‌ସିଡି)କୁ ପ୍ରଥମ ଅବସ୍ଥାରୁ ଚିହ୍ନଟ କରି ଚିକିତ୍ସା କଲେ ଏହା ବ୍ୟୟବହୁଳ ହୋଇ ନ ଥାଏ
- ରୋଗର ଚିହ୍ନଟ ପ୍ରାଥମିକ ଅବସ୍ଥାରେ କରି ଚିକିତ୍ସା କରିବା ଦ୍ୱାରା ମହିଳାଙ୍କ ପରମାୟୁ ବଢ଼େ ଏବଂ ସେମାନେ ସୁସ୍ଥ ରହନ୍ତି



ଫିଗର-୭ : ମହିଳାଙ୍କ ମଧ୍ୟରେ ରକ୍ତହୀନତାର ସ୍ଥିତି (ଡିଏଲ୍‌ଏଚ୍‌ଏସ୍-୪ ଓ ଏଏଚ୍‌ଏସ୍)

ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସେବା ଯୋଗାଣ ପାଇଁ ଉଭୟ ସହର ଓ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଚିକିତ୍ସା ସୁବିଧା ରହିଛି। ଏନ୍‌ସିଡି ମାଧ୍ୟମରେ ଉଭୟ ଗର୍ଭବତୀ ପ୍ରସୂତି ଓ ନବଜାତକଙ୍କୁ ଚିକିତ୍ସା ସେବା ନିଃଶୁଳ୍କ ଯୋଗାଇ ଦିଆଯାଉଛି। (ଫିଗର-୬) ଶିଶୁଙ୍କୁ ପ୍ରତିଷେଧକ ଟିକା ଦାନ ଓ ଅନ୍ୟାନ୍ୟ ପରାମର୍ଶ ଏହା ମାଧ୍ୟମରେ ଯୋଗାଇ ଦିଆଯାଉଛି। ଜାତୀୟ ଶିଶୁ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଜାତିସଂଘର ସହଯୋଗରେ ଏସବୁ କାର୍ଯ୍ୟ ଚାଲିଛି।

**ମହିଳାଙ୍କ ରକ୍ତହୀନତା:**

ଭାରତୀୟ ମହିଳାଙ୍କ ମଧ୍ୟରେ ରକ୍ତହୀନତା ହାର ବିଶ୍ୱରେ ସର୍ବାଧିକ। ଏକଶହ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଆମ ଦେଶରେ ବିଶ୍ୱର ସବୁଠୁ ଅଧିକ ରକ୍ତହୀନ ମହିଳା ବାସକରୁଛନ୍ତି। ନିମ୍ନ କାରଣରୁ ଏହି ସ୍ଥିତି ଉପୁଜିଛି।

- ପୁଷ୍ଟିକର ଖାଦ୍ୟର ଅଭାବ, ଖାଦ୍ୟରେ ଆଇରନ ଓ ଫୋଲିକ୍ ଏସିଡ୍ ଆବଶ୍ୟକ ପରିମାଣରେ ନ ରହିବା
- ତନ୍ତୁବହୁଳ ଭାରତୀୟ ଖାଦ୍ୟରେ ଲୌହ, ଜୈବସାରର ଅଭାବ
- ମେଲେରିଆ ଓ କୃମି ସଂକ୍ରମଣ ଯୋଗୁଁ ନିରନ୍ତର ରକ୍ତକ୍ଷୟ

ରକ୍ତହୀନତା ଯୋଗୁଁ ମଣିଷ ଶୀଘ୍ର କ୍ଳାନ୍ତ ହୋଇପଡ଼େ ଓ ତାହାର ଏକାଗ୍ରତା ନଷ୍ଟ ହୁଏ। ଏହା ଯୋଗୁଁ ମଣିଷ ନାନା ପ୍ରକାର ସଂକ୍ରମଣର ସମ୍ମୁଖୀନ ହୁଏ। ଗର୍ଭବତୀ ରକ୍ତହୀନତାରେ ଆକ୍ରାନ୍ତ ହେଲେ କମ୍ ଓଜନର ଶିଶୁ ଜନ୍ମ ହୋଇଥାନ୍ତି। ଗତ ଦଶନ୍ଧୀରେ ଭାରତରେ ମହିଳାଙ୍କ ମଧ୍ୟରେ ରକ୍ତହୀନତା ହାର କମିଛି। ଏହାସତ୍ତ୍ୱେ ଯେଉଁ ସଂଖ୍ୟାରେ ମହିଳା ଏବେ ରକ୍ତହୀନତାରେ ଆକ୍ରାନ୍ତ ତାହା ଗ୍ରହଣୀୟ ନୁହେଁ। ଦେଶର ପୂର୍ବ ଓ ଉତ୍ତରାଞ୍ଚଳ ରାଜ୍ୟର ରକ୍ତହୀନତାରେ ଆକ୍ରାନ୍ତ ମହିଳାଙ୍କ ସଂଖ୍ୟା ଅଧିକ। ପଶ୍ଚିମ ଓ ଦକ୍ଷିଣାଞ୍ଚଳରେ ଏହା ତୁଳନାତ୍ମକ ଭାବେ କମ୍। ଭାରତରେ ଶୈଶବରେ ରକ୍ତହୀନତା ଦେଖାଦିଏ। ଛୋଟ ଅବସ୍ଥାରୁ କୈଶୋର ଓ ଯୌବନାବସ୍ଥା ପର୍ଯ୍ୟନ୍ତ ଏହା ଲାଗି ରହେ। ଋତୁସ୍ରାବ ଓ ପରବର୍ତ୍ତୀ ଅବସ୍ଥାରେ ବିଶେଷ କରି ଗର୍ଭଧାରଣ ସମୟରେ ଏହା ଅତି ସାଂଘାତିକ ରୂପ ଧାରଣ କରେ। ଅନେକ ବୟସ୍କ ମହିଳା ମଧ୍ୟ ଏଥିରେ ଆକ୍ରାନ୍ତ ହୁଅନ୍ତି। କେବଳ କୁପୋଷିତ ମହିଳା ନୁହଁନ୍ତି, ସ୍ୱାଭାବିକ ପୋଷଣ ବା ଅତି ପୋଷଣ ସ୍ଥିତିର ମହିଳାଙ୍କ ମଧ୍ୟରେ ମଧ୍ୟ ଏହି ସମସ୍ୟା ଦେଖାଦିଏ।

ରକ୍ତହୀନତାର ଦୂରୀକରଣ ପାଇଁ ସରକାର ଏକ ତିନିସୂତ୍ରୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ତାହା ହେଲା ୧) ସମସ୍ତଙ୍କୁ ଲୌହସାର ପ୍ରଦାନ, ନାନା ପ୍ରକାର ଖାଦ୍ୟରେ ଲୌହସାର ଅନୁପାତ ବୃଦ୍ଧି ସହ ଲୌହ

ଉପାଦାନ ଥିବା ଆୟୋଡିନ୍‌ଯୁକ୍ତ ଲୁଣ ଖାଇବାକୁ ଦେବା, ୨) ମହିଳାଙ୍କୁ ଅତିରିକ୍ତ ଭାବେ ଆଇରନ ଓ ଫୋଲିକ୍ ଏସିଡ୍‌ର ଅତିରିକ୍ତ ମାତ୍ରା ପ୍ରଦାନ ଓ ୩) ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରି ମହିଳାଙ୍କ ରକ୍ତହୀନତାକୁ ଠାବ କରିବା।

ଏହି ପ୍ରୟାସ ଦ୍ୱାରା ରକ୍ତହୀନତାକୁ ଦୂର କରାଯାଇପାରିବ ଏବଂ ଭାରତ ସହସ୍ରାବ୍ଦ ଲକ୍ଷ୍ୟ ପୂରଣରେ ସଫଳ ହେବ।

**ଅର୍ଥନୈତିକ ବିକାଶ ଓ ଶକ୍ତିଆହରଣ:**

ଅର୍ଥନୈତିକ ବିକାଶ ସହିତ ଶକ୍ତି ଗ୍ରହଣ ତଥା ପ୍ରାଣିଜ ଖାଦ୍ୟ ଖାଇବାର ସମ୍ପର୍କ ରହିଛି। ବିଶ୍ୱର ବିକାଶଶୀଳ ଦେଶଗୁଡ଼ିକଠାରୁ ଏହି ପ୍ରମାଣ ମିଳିଛି। ଯେଉଁ ଦେଶର ବିକାଶଧାରା ଅଧିକ ସେଠାରେ ଲୋକଙ୍କ ପ୍ରାଣିଜ ଖାଦ୍ୟଗ୍ରହଣଜନିତ ଶକ୍ତିଲାଭ ପ୍ରକ୍ରିୟା ସେତେ ଅଧିକ। ୧୯୬୦ ରୁ ୧୯୯୦ ପର୍ଯ୍ୟନ୍ତ ଭାରତର ବିକାଶ ପ୍ରକ୍ରିୟା ଅପେକ୍ଷାକୃତ ମନ୍ଥର ଥିଲା। ନୂଆ ଶତାବ୍ଦୀରେ ବିଶ୍ୱର ଦ୍ରୁତ ଅର୍ଥନୈତିକ ବିକାଶ ସହିତ ଭାରତର ବିକାଶ ପ୍ରକ୍ରିୟା ମଧ୍ୟ ତାଳ ଦେଇ ଚାଲିଲା। ଜିଡିପି ତଥ୍ୟ ଅନୁସାରେ (୨୦୦୪-୦୫) ସ୍ଥିର ମୂଲ୍ୟ ସୂଚୀ ଭିତ୍ତିରେ ଭାରତରେ ଉଭୟ ସହର ଓ ଗ୍ରାମାଞ୍ଚଳରେ ଶକ୍ତିଆହରଣ ବା ଏନର୍ଜି ଇନ୍‌ଟେକ୍ ଅନୁପାତ ବିଶ୍ୱର ଦ୍ରୁତ ବିକାଶଶୀଳ ରାଷ୍ଟ୍ରଙ୍କ ସହ ସମକକ୍ଷ ନ ଥିଲା। (ଫିଗର-୨) ସର୍ଭେର ତଥ୍ୟ ଅନୁସାରେ ଅଧିକ ଜିଡିପି ଅଭିବୃଦ୍ଧି ହାର ଓ ମୁଣ୍ଡପିଛା ଆୟବୃଦ୍ଧି ସତ୍ତ୍ୱେ ଦେଶର ଉଭୟ ସହର ଓ ଗ୍ରାମାଞ୍ଚଳରେ ଏନର୍ଜି ଇନ୍‌ଟେକ୍ ଗତ ୩୦ବର୍ଷ ମଧ୍ୟରେ ଅଧିକରୁ ଅଧିକ ହ୍ରାସ ପାଇଥିଲା। ତଥ୍ୟ ଅନୁସାରେ ଅଧିକରୁ ଅଧିକ ଭାରତୀୟ ଅନୁଭବ କରିଥିଲେ ଯେ ସେମାନଙ୍କର ଶକ୍ତି ଆହରଣ ଦକ୍ଷତା ବଢ଼ାଇବାର ଆବଶ୍ୟକତା ନାହିଁ; କାରଣ ଏହା ଦରକାର ପଡୁନାହିଁ। ତେଣୁ ସେମାନେ ଶକ୍ତିବର୍ଦ୍ଧକ ଖାଦ୍ୟ ଖାଇବା ପରିମାଣ କମାଇଦେଇଛନ୍ତି। ଏହାର ଏକ ସିଧାସଳଖ ପ୍ରଭାବ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଉପରେ ପଡ଼ିଛି ଏବଂ



ଅନ୍ୟାନ୍ୟ ବିକାଶଶୀଳ ଦେଶ ତୁଳନାରେ ଆମର ଶକ୍ତିବର୍ଦ୍ଧନକାରୀ ଖାଦ୍ୟ ଗ୍ରହଣ ଅଭ୍ୟାସ ହ୍ରାସ ପାଇଛି।

**ସାରାଂଶ ଓ ଉପସଂହାର:**

ଗତ ଶତାବ୍ଦୀରେ ସ୍ୱଳ୍ପ ଆହାର ଗ୍ରହଣ, ବାରମ୍ବାର ଗର୍ଭଧାରଣ, ସ୍ତନ୍ୟପାନ ଓ ସଂକ୍ରମଣ ଭାରତୀୟ ମହିଳାଙ୍କ ପାଇଁ ସାଧାରଣ କଥା ଥିଲା। ଫଳରେ କୁପୋଷଣ, ରକ୍ତହୀନତା ସେମାନଙ୍କ ପାଇଁ ଥିଲା ପ୍ରମୁଖ ସମସ୍ୟା। ନୂଆ ଶତାବ୍ଦୀରେ କୁପୋଷଣ ଓ ରକ୍ତହୀନତା ମଧ୍ୟ ପୁଷ୍ଟିସାଧନ କ୍ଷେତ୍ରରେ ପୂର୍ବଭଳି ମୁଖ୍ୟ ସମସ୍ୟା ହୋଇ ରହିଛି। ଏହାଛଡ଼ା ଏବେ ମାତ୍ରାଧିକ ପୋଷଣ ଏକ ନୂଆ ସମସ୍ୟା ଭାବେ ଉଭା ହୋଇଛି। ଶାରୀରିକ ଶ୍ରମର ଅଭାବରୁ ଏହା ଉଭୟ ସହର ଓ ଗ୍ରାମାଞ୍ଚଳର ସବୁବର୍ଗର ମହିଳାଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

ମହିଳାଙ୍କ ମଧ୍ୟରେ ପୁଷ୍ଟିସାଧନଗତ ସ୍ଥିତି ବୟସକ୍ରମରେ ବଦଳିଥାଏ। କୋଡ଼ିଏବର୍ଷରୁ ୨୯ବର୍ଷ ବୟସର ମହିଳାଙ୍କଠାରେ କୁପୋଷଣ ସମସ୍ୟା ଅଧିକ। କୁପୋଷଣରେ ପୀଡ଼ିତା ମହିଳା କମ୍ ଓଜନର ଶିଶୁଙ୍କୁ ଜନ୍ମ ଦିଅନ୍ତି। ସେଥିପାଇଁ ଗର୍ଭବତୀଙ୍କୁ ସୁଷମ ଖାଦ୍ୟ ଓ ଯତ୍ନ ଯୋଗାଇ କୁପୋଷଣ ଜନିତ ସମସ୍ୟା ଦୂର କରିବାକୁ ଚେଷ୍ଟା କରାଯାଉଛି। ଯେଉଁ ପରିବାରରେ ଖାଦ୍ୟାଭାବ ସମସ୍ୟା ରହିଛି ସେହି ପରିବାରର ଗର୍ଭବତୀଙ୍କୁ ସରକାର ନିୟମିତ ଅତିରିକ୍ତ ସୁଷମ ଖାଦ୍ୟ ଯୋଗାଇ ଦେଉଛନ୍ତି। ଏହାଦ୍ୱାରା ମହିଳାଙ୍କ କୁପୋଷଣ ଦୂର ହେବା ସହ କମ୍ ଓଜନର ଶିଶୁ ଜନ୍ମ ସମ୍ଭାବନାକୁ ଅନେକାଂଶରେ ଏଡ଼ାଇ ଦିଆଯାଉଛି। ବୟସ ବୃଦ୍ଧି ସହିତ ମହିଳାଙ୍କଠାରେ ମାତ୍ରାଧିକ ପୋଷଣ ଜନିତ ସମସ୍ୟା ଦେଖାଦିଏ। ଦେଶର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ରାଜ୍ୟରେ ଏହି ସମସ୍ୟା ଅଧିକ। ମାତ୍ରାଧିକ ପୋଷଣ ଯୋଗୁଁ ମହିଳାଙ୍କଠାରେ ନାନା ପ୍ରକାର ଅଣ ସଂକ୍ରମିତ ବ୍ୟାଧି ଦେଖାଦିଏ।

ପ୍ରାରମ୍ଭିକ ଅବସ୍ଥାରେ ଅଣସଂକ୍ରମିତ ବ୍ୟାଧିର ଲକ୍ଷଣ ପ୍ରକାଶ ପାଏନାହିଁ। ନିୟମିତ ପରୀକ୍ଷାଦ୍ୱାରା ଏହା ଜଣାପଡ଼େ। ତେଣୁ ଅଯଥା ଓଜନ ବୃଦ୍ଧି ଓ ଭୂରିଭୋଜନ ପ୍ରତି ସେମାନେ ସତର୍କ ରହିବା ଉଚିତ। ପ୍ରାରମ୍ଭିକ ଅବସ୍ଥାରେ ଏହି ରୋଗ ଚିହ୍ନଟ ହେଲେ ସ୍ୱଳ୍ପ ଖର୍ଚ୍ଚରେ ଚିକିତ୍ସା ଦ୍ୱାରା ଏହା ନିୟନ୍ତ୍ରିତ ହୁଏ।

ବିଶ୍ୱରେ ରକ୍ତହୀନତା ଭୋଗୁଥିବା ମହିଳାଙ୍କ ସଂଖ୍ୟା ସର୍ବାଧିକ। ଏହାର ମୁକାବିଲା ପାଇଁ ତ୍ରିମୁଖୀ ପଦକ୍ଷେପ ଗ୍ରହଣ କରାଯାଇ ଆୟୋଡିନ୍ ମିଶ୍ରିତ ଲୁଣରେ ଲୌହ ସାର ପ୍ରଦାନ, ଆଇଏଫ୍‌ଏ ସପ୍ଲିମେଣ୍ଟ ଓ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରାଯାଉଛି।

ଭାରତରେ ମହିଳାମାନଙ୍କୁ ସୁସ୍ଥ ଓ ସୁରକ୍ଷିତ ରଖିବାକୁ ସ୍ୱାସ୍ଥ୍ୟ ପରୀକ୍ଷା, ଅତିରିକ୍ତ ଖାଦ୍ୟ ପ୍ରାଣ ଓ ସୁଷମ ଖାଦ୍ୟ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ମଧ୍ୟ ସଚେତନତା ଅଭିଯାନକୁ ବ୍ୟାପକ କରାଯାଇଛି। ସେମାନେ ସଚେତନ ହେବା ସହ ସୁସ୍ଥ ସବଳ ରହିଲେ ଜାତୀୟ ବିକାଶରେ ଆବଶ୍ୟକ ସହଯୋଗ ଯୋଗାଇପାରିବେ।

ଲେଖିକା ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ଭାରତୀୟ ପୋଷଣ ସଂସ୍ଥାର ନିର୍ଦ୍ଦେଶିକା। *E-mail:premaramachandran@gmail.com*

# ମହିଳା ସଶକ୍ତିକରଣ ପାଇଁ ଯୋଗାଯୋଗ ବ୍ୟବସ୍ଥା

ଅର୍ଚ୍ଚନାଦତ୍ତ ମୁଖୋପାଧ୍ୟାୟ

ମାନବ ସମାଜରେ ଯୋଗାଯୋଗର ଏକ ବୃହତ୍ତ ଭୂମିକା ରହିଛି। ମୁଖନିସୃତ ଶବ୍ଦ, ଛାପା ଶବ୍ଦ, ଦୃଶ୍ୟ ଶ୍ରାବ୍ୟ ମାଧ୍ୟମ ଓ ଅଣଭାଷା ମାଧ୍ୟମ ଜରିଆରେ ଯୋଗାଯୋଗ ଦ୍ୱାରା ଆମ ଦୈନନ୍ଦୀନ ଜୀବନକୁ ଏକ ବଳ ମିଳିଥାଏ। ସ୍ଥୁଳ ଭାବରେ ଦେଖିଲେ, ଏହାଦ୍ୱାରା ବିକାଶ ପ୍ରକ୍ରିୟା ଓ ସାମାଜିକ ପରିବର୍ତ୍ତନ ତ୍ୱରାନ୍ୱିତ ହୁଏ।

ଗଣମାଧ୍ୟମ ସାହାଯ୍ୟରେ ପ୍ରଯୁକ୍ତି ବିଦ୍ୟା ପରିଚାଳିତ ଆଧୁନିକ ସମାଜ, ଉନ୍ନତ ଯୋଗାଯୋଗ ଦ୍ୱାରା ଲୋକଙ୍କ ଜୀବନର ମାନରେ ଉନ୍ନତି ଆଣିପାରୁଛି। ଜୀବନ ଓ ଗଣମାଧ୍ୟମର ମିଶ୍ରଣ ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ଅଙ୍ଗୀକାରବଦ୍ଧତା ବୃଦ୍ଧିପାଇଛି, ଯାହା କୌଣସି ସାମାଜିକ ପରିବର୍ତ୍ତନ ପାଇଁ ଆବଶ୍ୟକ।

ପଛକୁ ଫେରି ଚାହିଁଲେ ଆମେ ଦେଖିପାରିବା ଯେ ଆମ ପ୍ରାଚୀନ ଗ୍ରନ୍ଥ ସମୂହରେ ନାରୀତ୍ୱକୁ ପ୍ରଶଂସା କରାଯାଇଛି। ଉପନିଷଦ ଅନୁଯାୟୀ ନାରୀ ଓ ପୁରୁଷ ହେଉଛନ୍ତି ସେଇ ଗୋଟିଏ ହିଁ ସର୍ବୋଚ୍ଚ ଶକ୍ତିର ଦୁଇଟି ପରିପ୍ରକାଶ ମାତ୍ର ଏବଂ ଶକ୍ତି, କ୍ଷମତା ଓ ବିଚାରଧାରାକୁ ନେଇ ସମସ୍ତେ ସମାନ। କିନ୍ତୁ ସମୟ ଅତିକ୍ରାନ୍ତ ହେବା ସହିତ, ମହିଳାମାନେ ସାମାଜିକ ବାସନ୍ଦ, ଅବହେଳା ଓ ନିର୍ଯାତନାର ଶିକାର ହେଲେ। ଅସମାନତା ଦ୍ୱାରା ମହିଳାଙ୍କ ମର୍ଯ୍ୟାଦା ହାନି ହେବା ସହିତ ବିକାଶ ମଧ୍ୟ ଏକପାଖିଆ ହେଲା।

ଏକବିଂଶ ଶତାବ୍ଦୀରେ ଏକ ବିରୋଧାଭାଷ ଦେଖିବାକୁ ମିଳେ। ଗୋଟିଏ ପଟେ ମହିଳାଙ୍କ ଏକ ନିର୍ଦ୍ଦିଷ୍ଟ ବର୍ଗ, ସାମାଜିକ-ଆର୍ଥିକ ଭାବେ ସବଳ ହୋଇଥିବା ବେଳେ ଅନେକ ମହିଳା କିନ୍ତୁ ସମ୍ମାନର ସହ ଜୀବନ ଜୀଇଁବାକୁ ମଧ୍ୟ ସମର୍ଥ ହେଉନାହାନ୍ତି। ବାଳିକାମାନଙ୍କ ଜୀବନ ମୂଲ୍ୟହୀନ ବୋଲି ମଧ୍ୟ ବେଳେବେଳେ ବର୍ଣ୍ଣନା କରାଯାଏ।

ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ମହିଳାମାନଙ୍କର ଯେମିତି ଅସମାନ ପ୍ରତିନିଧିତ୍ୱ ରହିଛି, ଗଣମାଧ୍ୟମରେ ମଧ୍ୟ ସେହି ଏକା କଥା ଦୃଷ୍ଟିଗୋଚର ହୁଏ।

ଉନ୍ନତ ଯୋଗାଯୋଗ ମାଧ୍ୟମ ଓ ଉପକରଣ ଯୋଗୁଁ, ଆମ ଜୀବନ ଉପରେ ଗଣମାଧ୍ୟମର ଏକ ବିଶେଷ ପ୍ରଭାବ ରହିଛି। ବର୍ତ୍ତମାନର ଭାରତୀୟ ସମାଜରେ ପ୍ରିଣ୍ଟ, ଭିଜୁଆଲ୍ ଓ ଇଲେକ୍ଟ୍ରିକ୍ ଗଣମାଧ୍ୟମ ଏକ ଶକ୍ତିଶାଳୀ ପରିବର୍ତ୍ତନକାରୀ ଭାବେ ଆବିର୍ଭୁତ ହୋଇଛନ୍ତି। ଏଗୁଡ଼ିକ ସାହାଯ୍ୟରେ ଅନେକ ମହିଳା, ବିକାଶର ମୁଖ୍ୟଧାରାରେ ନିଜକୁ ଯୋଡ଼ିବାରେ ସମର୍ଥ ହୋଇଛନ୍ତି।

ଉପଗ୍ରହ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସଶକ୍ତ ବର୍ତ୍ତମାନର ଗଣମାଧ୍ୟମ ହେଉଛି ବିଭିନ୍ନ ସାର୍ବଜନୀନ ବିଚାର ବିମର୍ଷର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଏହା ସାଙ୍ଗକୁ ଯୋଡ଼ି ହୋଇଯାଇଛି ସାମାଜିକ ଗଣମାଧ୍ୟମ, ଯେଉଁଥିରେ ସୂଚନା ଆଦାନ ପ୍ରଦାନ ପାଇଁ ପରିମାଣ, ସମୟ ଓ ସ୍ଥାନର କୌଣସି ପ୍ରତିବନ୍ଧକ ନଥାଏ।

ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ବିକାଶ ସହ ଯୋଗାଯୋଗ ବ୍ୟବସ୍ଥାର ବ୍ୟାପକତା ବୃଦ୍ଧି ପାଇଛି ଓ ଏହାଦ୍ୱାରା ଉଭୟ ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ଶିକ୍ଷା, କୌଶଳ ବିକାଶ, ଦକ୍ଷତା ବୃଦ୍ଧି, ଆର୍ଥିକ ସମାବେଶୀକରଣ, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ଉନ୍ନତ ସୁଯୋଗ ସୃଷ୍ଟି ହେଉଛି।

ତେବେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଓ ବିକାଶ ଯୋଗୁଁ ଅନେକ ଅବଦମିତ ଲିଙ୍ଗଗତ ଅସମାନତା ଓ ଅତ୍ୟାଚାର ଘଟଣାଗୁଡ଼ିକ ଲୋକଲୋଚନକୁ ଆସିପାରୁଛି। ଏହାଦ୍ୱାରା ଅନେକ ମହିଳାଙ୍କୁ ବିଭିନ୍ନ କାର୍ଯ୍ୟଭିତ୍ତିକ ବିକାଶ ସହାୟତା ମିଳିପାରୁଛି ଓ ଅନେକ ମହିଳା ନିଜପ୍ରତି ହେଉଥିବା ବିଭିନ୍ନ ପ୍ରକାରର ଅନ୍ୟାୟ, ଅତ୍ୟାଚାର ଓ ଅବହେଳାର



କାହାଣୀ ସମଗ୍ର ସମାଜ ସହିତ ବାଣ୍ଟି ପାରୁଛନ୍ତି। ମହିଳାଙ୍କ ପ୍ରତି ଏବେ ମଧ୍ୟ ସମାଜର ଧରାବନ୍ଧା ଦୃଷ୍ଟିଭଙ୍ଗୀ ରହିଛି। କାରଣ ନିର୍ଯାତନା ଓ ଯୌନ ଅତ୍ୟାଚାର ଭଳି ଘଟଣା ଖବରକାଗଜର ମୁଖ୍ୟ ପୃଷ୍ଠାରେ ସ୍ଥାନ ତ ପାଉଛି କିନ୍ତୁ ବେଳେବେଳେ ପକ୍ଷପାତିତାର ଶିକାର ମଧ୍ୟ ହେଉଛି।

ମହିଳାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ କିମ୍ବା ଜଣେ ପୋଖତ ବୃତ୍ତିଧାରୀ ହେବା ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ ନାହିଁ। ସେମାନଙ୍କ ସଫଳ କାହାଣୀକୁ ଗଣମାଧ୍ୟମ ସେତେବେଳେ ଗ୍ରହଣ କରେ, ଯେତେବେଳେ ସେମାନେ ପରମ୍ପରାକୁ ଭାଙ୍ଗିଦେଇ ହେଉ ବା ନିଜ ଦକ୍ଷତା ବଳରେ ହେଉ କୌଣସି କ୍ଷେତ୍ରରେ ଶୀର୍ଷସ୍ଥାନ ଅଧିକାର କରନ୍ତି। ଗଣମାଧ୍ୟମର ଏଭଳି ବାଛ ବିଚାର ଧାରଣ ଆଦୌ ଉଚିତ୍ ନୁହେଁ, କାରଣ ଏହା ହେଉଛି ସମାନତାର ଏକ ବୃହତ୍ ଶକ୍ତି।

କିନ୍ତୁ ଏକ ଆଶାର କିରଣ ଦେଖାଦେଇଛି। ଅନେକ ମହିଳା, ସାମ୍ବାଦିକତା କରି ନିଜର ସ୍ୱର ଉତ୍ତୋଳନ କରିପାରୁଛନ୍ତି- ସେମାନଙ୍କର ସଂଖ୍ୟା ଯେତେ ହେଉନା କାହିଁକି। ଲିଙ୍ଗଗତ ବିଷୟକୁ ସେମାନେ ଏକ ନୂତନ ପରିଭାଷା, ନୂତନ ଦୃଷ୍ଟିଭଙ୍ଗୀ ଦେଇଛନ୍ତି ଏବଂ ସମ୍ବେଦନଶୀଳତାର ସହ ନିର୍ଯାତନା ଓ ମାନବ ଅଧିକାର ଅବକ୍ଷୟର କାହାଣୀଗୁଡ଼ିକୁ ଲୋକଲୋଚନକୁ ଆଣିପାରୁଛନ୍ତି। ଏଭଳି ସମାନୁପାତିକ ପ୍ରକ୍ରିୟା ଦ୍ୱାରା ଅବହେଳିତ ବର୍ଗ ଓ ଗଣମାଧ୍ୟମ ମଧ୍ୟରେ ଏକ ନୂତନ ସମ୍ପର୍କ ନିଶ୍ଚୟ ସ୍ଥାପିତ ହେବ। ଅବହେଳିତ ମହିଳା ଅଙ୍ଗେ ନିଭାଇଥିବା କାହାଣୀଗୁଡ଼ିକ ସମ୍ପର୍କରେ ଜନସାଧାରଣ ସମ୍ୟକ୍ ତଥ୍ୟ ପାଇପାରିବେ।

ଏପରି ପରିବର୍ତ୍ତିତ ଦୃଶ୍ୟପଟରେ ଗଣମାଧ୍ୟମ ମଧ୍ୟ ନାରୀ ସଶକ୍ତିକରଣ ପାଇଁ ଧିରେ ଧିରେ ଅଣ୍ଟା ଭିଡ଼ିଛି। ଅନେକ ନାରୀ ସମ୍ପର୍କିତ କାର୍ଯ୍ୟକ୍ରମଗୁଡ଼ିକୁ ଲୋକଲୋଚନକୁ ଆଣୁଛି। ବର୍ତ୍ତମାନ ବିଭିନ୍ନ କାର୍ଯ୍ୟକ୍ରମର ଆଧାର ମହିଳା କଲ୍ୟାଣ ଅପେକ୍ଷା ମହିଳା ସଶକ୍ତିକରଣ ହୋଇଥିବା ବେଳେ, ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସଚେତନତା ସୃଷ୍ଟି ଓ ଗୋଷ୍ଠୀଗତ ଗତିଶୀଳତା। ପୁନଶ୍ଚ ବିଭିନ୍ନ ଆନୁଷ୍ଠାନିକ ଓ ଆଇନ୍ ପ୍ରଣୟନ ପଦକ୍ଷେପ ଦ୍ୱାରା ଏଥିପାଇଁ ଏକ ସାହାଯ୍ୟକାରୀ ବାତାବରଣ ନିର୍ମାଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମ ମଧ୍ୟ ନିଜ ଦାୟିତ୍ୱ ନିର୍ବାହ କରିବା ସହିତ ଏକ କୋଣଠେସା ଗୋଷ୍ଠୀଙ୍କ ଜୀବନର ମାନର ଉନ୍ନତି ଆଣିବା ପାଇଁ ଆଗେଇ ଆସିବା ଉଚିତ୍।

ବର୍ତ୍ତମାନ ଦେଶର ନିତୀଗତ ଲକ୍ଷ୍ୟ ହେଉଛି ଅନ୍ତର୍ଭୁକ୍ତିକରଣ ଓ ସଶକ୍ତିକରଣ। ଜାତୀୟ ମହିଳା ନୀତି-୨୦୧୬ ହେଉଛି ରାଷ୍ଟ୍ର ବିକାଶରେ ମହିଳାମାନଙ୍କ ଉତ୍ପାଦନଧର୍ମୀ ସହଯୋଗ ସୁନିଶ୍ଚିତ କରିବାର ଏକ ମହତ୍ୱପୂର୍ଣ୍ଣ ଦସ୍ତାବିଜ୍। କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା (ନିବାରଣ, ନିରାକରଣ ଓ ପ୍ରତିରୋଧ) ଆଇନ୍-୨୦୧୩ ଏକ ଯୁଗପେଯୋଗୀ ଆଇନ୍, ଯାହାଦ୍ୱାରା ମହିଳାମାନଙ୍କ ପାଇଁ ଏକ ସୁରକ୍ଷିତ ବାତାବରଣ ସୁନିଶ୍ଚିତ କରିବା ହେଉଛି ନିଯୁକ୍ତିଦାତାଙ୍କ ବାଧ୍ୟତାମୂଳକ ଦାୟିତ୍ୱ। ସହକର୍ମୀମାନଙ୍କୁ ଏ ସମ୍ପର୍କରେ ସଚେତନ କରାଇବା ହେଉଛି ଏହି ଆଇନ୍‌ର ଅନ୍ୟ ଏକ ଦିଗ।

ମହିଳା ସଶକ୍ତିକରଣ ପାଇଁ ଜାତୀୟ ମିଶନ ଯୋଜନା, ୨୦୧୬-୧୭ ଏପରି ଏକ ଯୋଜନା ଯାହା ଏକ ମହିଳା କୈନ୍ଦ୍ରିକ ଅନ୍ତଃବିଭାଗୀୟ ମଞ୍ଚ ଏବଂ ଯାହା ମହିଳା କଲ୍ୟାଣ ପାଇଁ ଗଣମାଧ୍ୟମର ମଧ୍ୟ ସାହାଯ୍ୟ ନେଇଥାଏ। ବିପଦରେ ଥିବା ମହିଳାଙ୍କ ପାଇଁ ଏକ ସ୍ୱତନ୍ତ୍ର ହେଲ୍ପଲାଇନ୍ ସ୍ଥାପିତ ହୋଇଛି। ସେହିପରି ମହିଳାଙ୍କୁ କୌଶଳଯୁକ୍ତ କରିବା ପାଇଁ 'ଏସ୍‌ଟିଇପି' ବା ମହିଳାଙ୍କ ପ୍ରଶିକ୍ଷଣ ଓ ନିଯୁକ୍ତି ପାଇଁ ସହାୟତା କାର୍ଯ୍ୟକ୍ରମ ରହିଛି। ମହିଳାମାନଙ୍କୁ ବିକାଶର ବିଭିନ୍ନ ସୁବିଧା ପ୍ରଦାନ ପାଇଁ ତୃଣମୂଳ ସ୍ତରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମୂହ କାର୍ଯ୍ୟ କରୁଛନ୍ତି।

ପ୍ରତ୍ୟେକ ମହିଳା କୈନ୍ଦ୍ରିକ କାର୍ଯ୍ୟକ୍ରମରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ହେଉଛି ଏକ ସମନ୍ୱିତ ଗଣମାଧ୍ୟମ ଯୋଗାଯୋଗ ରଣନୀତିର ଆଧାର। ଏଥିରେ ପ୍ରିଣ୍ଟ, ଇଲେକ୍‌ଟ୍ରୋନିକ୍ ମିଡ଼ିଆ ଆଦି ବିଭିନ୍ନ ପ୍ରକାରର ଗଣମାଧ୍ୟମକୁ ଏକାସାଙ୍ଗରେ ସାମିଲ୍ କରାଯାଇ ନିର୍ଦ୍ଧାରିତ ଗୋଷ୍ଠୀ ସହିତ ଯୋଗସୂତ୍ର ରକ୍ଷା କରାଯାଏ ଓ ସେମାନଙ୍କ ପ୍ରତିକ୍ରିୟା ମଧ୍ୟ ହାସଲ କରାଯାଏ। ଏପରି ସାର୍ବଜନୀନ ଯୋଗଯୋଗରେ ଆକାଶବାଣୀ ଓ ଦୂରଦର୍ଶନ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଏଥିରେ ମହିଳା ସଶକ୍ତିକରଣକୁ ଅଗ୍ରାଧିକାର ଦିଆଯାଏ।

ଦୂରଦର୍ଶନ (ଜାତୀୟ)ରେ ପ୍ରସାରିତ ଘଣ୍ଟିକିଆ କାର୍ଯ୍ୟକ୍ରମ 'ସ୍ତ୍ରୀ ଶକ୍ତି'ରେ ମହିଳାମାନଙ୍କ ସଫଳ କାହାଣୀଗୁଡ଼ିକୁ ସାର୍ବଜନୀନ କରାଯାଏ। ସେହିପରି ଦୂରଦର୍ଶନ (ସମାଚାର)ରେ 'ତେଜସ୍ୱିନୀ' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଏଭଳି ମହିଳାମାନଙ୍କ କଥା ସାମିଲ୍ କରାଯାଏ, ଯେଉଁମାନେ ଅଣ ପାରମ୍ପରିକ ମାର୍ଗରେ ସଫଳତା ହାସଲ କରିଥାନ୍ତି। ଏହାର ୧୦୦ଟି ଏପିସୋଡ୍ ପ୍ରସାରିତ ହୋଇସାରିଛି। ଦୂରଦର୍ଶନର ଅନ୍ୟ ଏକ କାର୍ଯ୍ୟକ୍ରମ ହେଉଛି 'ମେଁ କୁଛ୍‌ଭି କର୍ ସକ୍‌ତି ହୁଁ' (ମୁଁ ସବୁକିଛି କରିପାରେ) ଏହାକୁ ବିଶ୍ୱର ସବୁଠାରୁ ବେଶୀ ଦର୍ଶକ ଦେଖୁଥିବା କାର୍ଯ୍ୟକ୍ରମର ମାନ୍ୟତା ପ୍ରଦାନ କରାଯାଇଛି। ୨୦୦ଟି ଦେଶର ୪୦ କୋଟିରୁ ଅଧିକ ଦର୍ଶକ ଏହି କାର୍ଯ୍ୟକ୍ରମଟିକୁ ଉପଭୋଗ କରନ୍ତି। ଏହି କାର୍ଯ୍ୟକ୍ରମଟିକୁ ୧୪ଟି ଭାଷାରେ ଅନୁବାଦ କରାଯାଇଛି ଓ ଏହାର ୧୭୦ତମ ଏପିସୋଡ୍ ପ୍ରସାରିତ ହୋଇସାରିଛି। ଇଣ୍ଟରନେଟ୍ ସମେତ ୨୪୦ଟି ରେଡିଓ ଚ୍ୟାନେଲ୍‌ରେ ଏହି କାର୍ଯ୍ୟକ୍ରମଟିକୁ ପ୍ରସାରିତ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ମିଳିଥିବା ଅନେକ ପ୍ରତିକ୍ରିୟାରୁ ଏହା ପ୍ରମାଣିତ ଯେ ମନୋରଞ୍ଜନଧର୍ମୀ ଗଣ ଯୋଗାଯୋଗ ପ୍ରୟାସ ମାଧ୍ୟମରେ ବିଚାରଧାରା ଓ ବ୍ୟବହାରରେ ପରିବର୍ତ୍ତନ ଅଣାଯାଇପାରେ। ଏହି କାର୍ଯ୍ୟକ୍ରମର ଲଗାତାର ପ୍ରସାରଣ ଏହାର ଲୋକପ୍ରିୟତାର ପ୍ରମାଣ।

ଆକାଶବାଣୀ, ସମଗ୍ର ଦେଶରେ ବିଛାଡ଼ି ହୋଇରହିଛି। ତା' ସହ ସାର୍ବଜନୀନ ଯୋଗାଯୋଗ ସମ୍ପର୍କିତ ପ୍ରୟାସର ଏହା ହେଉଛି ଅଗ୍ରଦୂତ। ପରିବାର କଲ୍ୟାଣ, ଉଦ୍ୟମିତା ବିକାଶ ଓ ଅନ୍ୟାନ୍ୟ ଲିଙ୍ଗଗତ ବିଷୟବସ୍ତୁ ଉପରେ ଆକାଶବାଣୀ



ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପ୍ରସାରିତ କରିଛି। ଅନ୍ୟପକ୍ଷରେ ଗୋଷ୍ଠୀ ରେଡିଓ ସାହାଯ୍ୟରେ ମହିଳାମାନେ ସ୍ୱାସ୍ଥ୍ୟ, ପରିମଳ, ଶିକ୍ଷା, ଖାଦ୍ୟ ଆଦି ସ୍ଥାନୀୟ ବିଷୟ ସମ୍ପର୍କରେ ମଧ୍ୟ ଆଲୋଚନା କରିବାର ସୁଯୋଗ ପାଉଛନ୍ତି। ନେତୃତ୍ୱ ବିକାଶ ଓ ରାଜନୈତିକ ଅଂଶୀଦାରୀକୁ ନେଇ ଏହା ତୃଣମୂଳ ସ୍ତରରେ ଏକ କ୍ଷୁଦ୍ର ଆନ୍ଦୋଳନର ସୂତ୍ରପାତ କରିଛି। ଏତଦ୍‌ବ୍ୟତୀତ ନୂଆ ନୂଆ କୌଶଳ ଶିକ୍ଷା ପ୍ରଦାନ କରି ନୂତନ ଓ ଲାଭଜନକ ଜୀବିକା ଚୟନ ପାଇଁ ମଧ୍ୟ ଏହା ଦ୍ୱାରା ମହିଳାମାନଙ୍କୁ ପ୍ରୋତ୍ସାହିତ କରିଛି।

ଦେଶର ଛାପା ଗଣମାଧ୍ୟମରେ ମଧ୍ୟ 'ବିକାଶ' ଏକ ବିଷୟବସ୍ତୁ ଭାବେ ସ୍ଥାନ ପାଇବାରେ ଲାଗିଛି। ବିଶ୍ୱର ଅନ୍ୟତ୍ର ଏହି ଗଣମାଧ୍ୟମଟି ଅବକ୍ଷୟମୁଖୀ ହେଉଥିବା ବେଳେ, ଭାରତରେ କିନ୍ତୁ ଏହା ଅନାୟାସରେ ଅଗ୍ରଗତି କରିଚାଲିଛି- ବିଶେଷ ଭାବେ ଗ୍ରାମାଞ୍ଚଳରେ ଭାଷାଭିତ୍ତିକ ଖବରକାଗଜଗୁଡ଼ିକ ବେଶ୍ ଆଦୃତି ଲାଭ କରିଆସୁଛନ୍ତି। ଆଜିକାଲି ଏହି ଖବରଗୁଡ଼ିକରେ ମହିଳାଙ୍କ ସମ୍ପର୍କିତ ନିର୍ଯାତନା ଓ ସଫଳତାର କାହାଣୀମାନ ସ୍ଥାନ ପାଇ ଆସୁଛି। ବେଳେବେଳେ ମହିଳା ସମ୍ପର୍କିତ ବିଷୟଗୁଡ଼ିକ ମୁଖ୍ୟ ପୃଷ୍ଠା ମଣ୍ଡନ କରୁଛନ୍ତି।

ଲିଙ୍ଗଗତ ଓ ମହିଳାମାନଙ୍କ ସହ ସମ୍ପୃକ୍ତ ବିଷୟବସ୍ତୁକୁ ନେଇ ଟେଲିଭିଜନରେ ମଧ୍ୟ ଅନେକ କାର୍ଯ୍ୟକ୍ରମ ପ୍ରସାରିତ ହୋଇ ଆସୁଛି। ୨୦୧୫ ମସିହାରେ ହରିଆଣାର ପାନିପତ୍ ଠାରେ ପ୍ରଧାନମନ୍ତ୍ରୀ 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ବେଳେ, ମହିଳା ସଶକ୍ତିକରଣ ପ୍ରତି ସମଗ୍ର ଦେଶର ଧ୍ୟାନ ଆକର୍ଷିତ ହୋଇଥିଲା। ରାଜ୍ୟର ଏହି ଜିଲ୍ଲାରେ ସବୁଠାରୁ ନିମ୍ନ 'ଜନ୍ମ ସମୟ' ଲିଙ୍ଗ ଅନୁପାତ ରହିଛି। ତେବେ ଏଥିରେ ସକାରାତ୍ମକ ପରିବର୍ତ୍ତନ ହେବା ଆରମ୍ଭ ହେଲାଣି। ସଂସ୍ଥାଗତ ପ୍ରସବ, ବିଦ୍ୟାଳୟରେ ବାଳିକାମାନଙ୍କ ନାମ ପଞ୍ଜିକରଣ ଆଦି ଦୃଷ୍ଟାନ୍ତ ଗୁଡ଼ିକରେ ବୃଦ୍ଧି ଘଟିଛି। ଏହା ପଛର କାରଣ ହେଉଛି ଗଣମାଧ୍ୟମ ସାହାଯ୍ୟରେ ଓ ସ୍ଥାନୀୟ ସ୍ତର ଜନସାଧାରଣଙ୍କ ସହଯୋଗରେ ଉଚିତ୍ ବାର୍ତ୍ତାର ପ୍ରସାରଣ। ଗୋଟିଏ ପଟେ 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମର ବିଭିନ୍ନ ଦିଗ ପ୍ରତି ଜନସଚେତନତା ସୃଷ୍ଟି ପାଇଁ ସ୍ଥାନୀୟ ସ୍ତରର ନେତା, କଳାକାର ଓ କର୍ମୀମାନଙ୍କ ସହାୟତା ନିଆଯାଉଥିବା ବେଳେ ଅନ୍ୟପକ୍ଷରେ ଝିଅ ଜନ୍ମ ଓ ବିଦ୍ୟାଳୟରେ ନାମ ଲେଖା ଘଟଣାଗୁଡ଼ିକରେ ଗୋଷ୍ଠୀଗତ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

ଆମ ଦେଶ, ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନଶୀଳତା ଓ ଜୀବିକା ନିର୍ବାହନ ସ୍ୱାୟତ୍ତତା ଆଡ଼କୁ ଲଗାତାର ଭାବେ ଗତି କରୁଛି। ନିକଟରେ ଉଦ୍‌ଘାଟିତ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧିନରେ ମାତ୍ର ଦୁଇବର୍ଷ ଭିତରେ ୧୬.୩୪ କୋଟି ମହିଳା ବ୍ୟାଙ୍କ୍ ଖାତା ଖୋଲିବାର ସୁଯୋଗ ପାଇଛନ୍ତି। ଏଥିରେ ସେମାନେ ପୁରୁଷମାନଙ୍କୁ ମଧ୍ୟ ଟପି ଯାଇଛନ୍ତି। ସେହିଭଳି ସୁକନ୍ୟା ସମୃଦ୍ଧି ଯୋଜନାରେ ନଭେମ୍ବର ୨୦୧୭ ସୁଦ୍ଧା ୧.୨୬ କୋଟି ନୂଆ ବ୍ୟାଙ୍କ୍ ଖାତା ଖୋଲାଯାଇଛି। ବାଳିକାମାନଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ଏହି କାର୍ଯ୍ୟକ୍ରମଟି ଉଦ୍ଦିଷ୍ଟ। ସେହିପରି ମୁଦ୍ରା ଯୋଜନା ଅଧିନରେ ଦିଆଯାଇଥିବା ସମଗ୍ର ଋଣର ୭୫ ଭାଗ ମହିଳା ଉଦ୍ୟମୀମାନଙ୍କୁ ପ୍ରଦାନ କରାଯାଇଛି।

ଏଥିରେ ସନ୍ଦେହ ନାହିଁ ଯେ, ମହିଳା ସଶକ୍ତିକରଣ ଓ ଲିଙ୍ଗଗତ ଅଧିକାର ଆଦି ବିଷୟକୁ ଗଣମାଧ୍ୟମଗୁଡ଼ିକ ଯଥେଷ୍ଟ ସ୍ଥାନ ଦେଇଛନ୍ତି ଓ ବିଭିନ୍ନ ଲୋକଙ୍କ ପାଖରେ ଏହାର ବାର୍ତ୍ତା ପହଞ୍ଚାଇବାରେ ସଫଳ ହୋଇଛନ୍ତି। ଯୋଗାଯୋଗ ମାଧ୍ୟମର ଶକ୍ତି ଓ ନୂଆ ସୂଚନା ପ୍ରଯୁକ୍ତିବିଦ୍ୟା ଯୋଗୁଁ ପରିବର୍ତ୍ତନ ପାଇଁ ଏକ ବାତାବରଣ ସୃଷ୍ଟି ହୋଇଛି। ଆଜି, ସମାଜରେ ନିଜର ଯୁକ୍ତିଯୁକ୍ତ ସ୍ଥାନ ପାଇବା ପାଇଁ ସଂଗ୍ରାମ କରିବାକୁ ଅଧିକରୁ ଅଧିକ ମହିଳା ନିଜକୁ ସଶକ୍ତ ବୋଲି ମଣୁଛନ୍ତି। ଏଭଳି ନୂତନ ଆତ୍ମପ୍ରତ୍ୟୟ ଦ୍ୱାରା ମହିଳାଙ୍କ ବହୁମୁଖୀ ବିକାଶ ପାଇଁ ଏକ ନୂଆ ଯୁଗର ସୂତ୍ରପାତ ଘଟିବ।

ଲେଖିକା ହେଉଛନ୍ତି ଭାରତୀୟ ସୂଚନା ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ। ବିଭିନ୍ନ ଉଚ୍ଚସ୍ତରରେ
ଯୋଗଯୋଗ ବିଷୟରେ ସେ ପ୍ରାୟ ୩୫ ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି। *E-mail:archanadatta12@gmail.com*

# ଆର୍ଥିକ ନାଗରିକତ୍ୱରେ ମହିଳା ଓ ସମାବେଶୀ ବିକାଶ

**ବୃନ୍ଦା ବିଶ୍ୱନାଥନ, ସଂଜନା ଶର୍ମା**

ଭାରତରେ ପ୍ରାପ୍ତବୟସ୍କା ମହିଳାଙ୍କ ମୌଳିକ ଭୂମିକା ହେଲା ଗୃହିଣୀ ଭାବେ ଘରର ସବୁ ପାଇଟି ସମ୍ପାଦନ କରିବା ଏବଂ ନିଜର ପ୍ରତ୍ୟକ୍ଷ ଆୟ ପ୍ରତି ବିଶେଷ ଧ୍ୟାନ ନ'ଦେଇ ଘର ଚଳାଇବା କାମରେ ବ୍ୟସ୍ତ ରହିବା। ଏହି କାମରେ ସେମାନେ ବେଶ୍ କିଛି ସମୟ ଓ ଶ୍ରମ ଦେଉଥିଲେ ହେଁ ସେମାନଙ୍କର ଆୟର ଯଥାର୍ଥ ମୂଲ୍ୟାୟନ ହୁଏନାହିଁ। ଫଳରେ ଭାରତରେ ଉଚ୍ଚ ଅଭିବୃଦ୍ଧି ହାର ହାସଲ କାଳରେ ମହିଳାମାନଙ୍କର ପ୍ରକୃତ ରୋଜଗାର କ୍ରମଶଃ କମି କମି ଯାଉଛି। ଧରାବନ୍ଧା କାମ, ମହିଳାଙ୍କ କାମର ବର୍ଗୀକରଣ ଏବଂ ଲିଙ୍ଗଗତ କାରଣରୁ ମଜୁରିରେ ପାର୍ଥକ୍ୟ ତଥା ରୋଜଗାର ପାଇଁ ସୁଯୋଗ ସୁବିଧାର ଅଭାବ ଯୋଗୁଁ ମହିଳାମାନେ ଭାରତରେ ଆର୍ଥିକ ଅସମତାର ସମ୍ମୁଖୀନ। ଅତଏବ ପ୍ରକୃତ ଆୟ ନ ଥିବା ମହିଳା ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇ ନ'ପାରି ସ୍ୱୟଂସମ୍ପୂର୍ଣ୍ଣ ନାଗରିକ ହେବାରୁ ବଞ୍ଚିତ। ପ୍ରତିଭା ଓ ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ନ'ହେଲେ ତାହାର ପ୍ରଭାବ ଜିଡିପି ଅଭିବୃଦ୍ଧି ହାର ଉପରେ ପଡ଼େ। ମହିଳାଙ୍କ ଯୋଗଦାନ ହାରକୁ ଯଦି ୧୦ଶତାଂଶ ବୃଦ୍ଧି କରାଯିବ, ତା'ହେଲେ ୨୦୨୫ସୁଦ୍ଧା ଦେଶର ଜିଡିପିକୁ ୭୦୦ ବିଲିୟନ ଡଲାର ଅତିରିକ୍ତ ଅର୍ଥ ମିଳିବ।


ଶ୍ରମ ବଜାର ଉପରେ ଦୃଷ୍ଟିପାତ କଲେ ଦେଖାଯାଏ ଯେ ସେଠାରେ ମଧ୍ୟ ପାତରଅନ୍ତର କମ୍ ରହିଛି। ଶ୍ରମବଜାରରେ ମହିଳାଙ୍କ ସ୍ଥିତି ଓ ସେମାନଙ୍କର ନିଯୁକ୍ତି ତଥା ଆର୍ଥିକ ଅବସ୍ଥା ଆଦି ସମ୍ପର୍କରେ ଏହି ଲେଖାରେ ଦୃଷ୍ଟିପାତ କରାଯାଇଛି। ଏ କ୍ଷେତ୍ରରେ ସରକାର କି ପ୍ରକାର ପଦକ୍ଷେପମାନ ଗ୍ରହଣ କରିଛନ୍ତି ସେ ସମ୍ପର୍କରେ ମଧ୍ୟ ଉଲ୍ଲେଖ ଅଛି।

**ଭାରତରେ ଶୈଳୀଭୁକ୍ତ ତଥ୍ୟାବଳୀ:**


ଭାରତରେ ଶ୍ରମଶକ୍ତିରେ ସ୍ୱଳ୍ପ ମହିଳାଙ୍କ ଯୋଗଦାନ ହାର ଇତିମଧ୍ୟରେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରଙ୍କ ତୁଳନାରେ ହ୍ରାସ ପାଇଛି। (ଫିଗର-୧ ଦ୍ରଷ୍ଟବ୍ୟ) ଏହାର ଅର୍ଥ ଶ୍ରମଶକ୍ତିରେ ମହିଳାଙ୍କ ଅଂଶଗ୍ରହଣ ଭାରତରେ ବଢ଼ିଛି। ପୁରୁଷ-ମହିଳା ହାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ସହରାଞ୍ଚଳରେ ଏହା ସ୍ୱଳ୍ପ ଓ ସ୍ଥିର ରହିଥିବାବେଳେ ଗ୍ରାମାଞ୍ଚଳରେ ହ୍ରାସ ପାଉଛି (ଫିଗର-୨କ)। ଶ୍ରମବଜାରରେ ମହିଳାଙ୍କ ସଂଖ୍ୟା ହ୍ରାସ ସବୁ କ୍ଷେତ୍ର ଓ ଅଞ୍ଚଳରେ ସାଧାରଣ ଘଟଣା ହୋଇଛି। ଦିଲ୍ଲୀରେ ଶ୍ରମଶକ୍ତିରେ ମହିଳାଙ୍କ ଅଂଶଗ୍ରହଣ ଅନୁପାତ ୧୭% ଥିବାବେଳେ ଦେଶର ଅନ୍ୟାନ୍ୟ ମହାନଗରୀରେ ଏହା ୨୪%। ଲୁଧିଆନା ଶ୍ରମବଜାରରେ ପୁରୁଷଙ୍କ ଅଂଶଗ୍ରହଣ ସର୍ବାଧିକ ୮୩% ଥିବାବେଳେ ମହିଳାଙ୍କ ଅଂଶଗ୍ରହଣ ମାତ୍ର ୧୨%।

ଅତିରିକ୍ତ କାମ ପାଇଁ ଅଧିକ ମହିଳା ଉପଲବ୍ଧ ହେଉଛନ୍ତି ଏବଂ ନିଜର ଓ ପରିବାରର ଆୟ ବୃଦ୍ଧି କରୁଛନ୍ତି। ମହିଳାଙ୍କ ମଧ୍ୟରେ ରୋଜଗାରର ଆକାଂକ୍ଷା ବୃଦ୍ଧି ଏହାର ମୁଖ୍ୟ କାରଣ। ପୁରୁଷଙ୍କ ତୁଳନାରେ ମହିଳାଙ୍କ ମଧ୍ୟରେ ବେକାରୀ ହାର ବହୁ ଅଧିକ। (ଫିଗର-୨ଖ)। ପୁରୁଷ ବେକାରୀ ହାରର ସ୍ଥିତି ଉଭୟ ଗ୍ରାମ ଓ ସହରାଞ୍ଚଳରେ ଭିନ୍ନଭିନ୍ନ।

**ଫିଗର-୧ : ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର (ଏଫ୍.ଏଲ୍ଏଫ୍ପିଆର) ଭାରତ ଓ ବିଶ୍ୱର ବିଭିନ୍ନ**





ସୂତ୍ର : ଡବ୍ଲ୍ୟୁଡିଆଇ




(ଫିଗର-୨(କ): କାମରେ ଅଂଶଗ୍ରହଣ ହାର (ପିଏସ୍ + ଏସ୍ଏସ୍)

ଦ୍ରଷ୍ଟବ୍ୟ : ସୂତ୍ର ଏନ୍ଏସ୍ଏସ୍ ଓ ରିପୋର୍ଟ / ୫୫୪ ହାର ୧୦୦୦ ଲୋକ ପିଛା




(ଫିଗର-୨(ଖ): କାମରେ ଅଂଶଗ୍ରହଣ ହାର (ପିଏସ୍ + ଏସ୍ଏସ୍)

ଦ୍ରଷ୍ଟବ୍ୟ : ସୂତ୍ର ଏନ୍ଏସ୍ଏସ୍ ଓ ରିପୋର୍ଟ / ୫୫୪ ହାର ୧୦୦୦ ଲୋକ ପିଛା

୨୦୧୧-୧୨ରେ ହୋଇଥିବା ଭାରତର ମାନବ ବିକାଶ ସର୍ଭେ ଅନୁସାରେ ଶ୍ରମବଜାରରେ ଉଭୟ ବ୍ୟକ୍ତିଗତ ଓ ପାରିବାରିକ ବାଧ୍ୟବାଧକତା ରହିଛି। (ଫିଗର-୩)

ଶିକ୍ଷା ସହିତ ମହିଳାଙ୍କ ଶ୍ରମବଜାରରେ ଯୋଗଦାନ ହାରର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ଶିକ୍ଷାର ସ୍ତର ବଢ଼ିଲେ ଅଧିକ ମହିଳା ଶ୍ରମ ବଜାରକୁ ଆସିବାକୁ ପସନ୍ଦ କରୁଛନ୍ତି। ଅଣ ମେଟ୍ରୋ ସହର ତୁଳନାରେ ମେଟ୍ରୋ ସହରଗୁଡ଼ିକରେ ଶ୍ରମ ବଜାରରେ ମହିଳାଙ୍କ ଅଂଶଗ୍ରହଣ ଅଧିକ ରହୁଛି। ଶିକ୍ଷିତ ବର୍ଗରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ବେକାରୀ ହାର ସହରାଞ୍ଚଳରେ ହାରାହାରି ୨-୫ ଶତାଂଶ (୨୦୧୧-୧୨ରେ) ଅଧିକ ଥିଲା। ତେବେ ସେହି ସମୟରେ ଗ୍ରାମାଞ୍ଚଳରେ ଏହି ହାର ଥିଲା ୧୭-୧୮%। ଉଚ୍ଚମାଧ୍ୟମିକ ଓ ଡିପ୍ଲୋମାଧାରୀଙ୍କ ବର୍ଗରେ ପୁରୁଷଙ୍କ ବେକାରୀ ହାର ୪-୫% ରହିଥିଲା।


ବିଭିନ୍ନ ଅଞ୍ଚଳରେ ଓ କ୍ଷେତ୍ର ବିଶେଷରେ ନିଯୁକ୍ତିର ସ୍ୱରୂପ ଭିନ୍ନଭିନ୍ନ। ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ମହିଳାମାନଙ୍କର ଶ୍ରମବଜାରରେ ଯୋଗଦାନ ଅଂଶ ଦକ୍ଷିଣଭାରତୀୟ ରାଜ୍ୟଗୁଡ଼ିକ ତୁଳନାରେ କମ୍। ଅଧିକରୁ ଅଧିକ ମହିଳା କୃଷିକ୍ଷେତ୍ରରେ କାମ କରି ଓ ସାଧାରଣ ଭାବେ ମୂଲ ମଜୁରି ଖଟି ନିଜର ଗୁଜରାଣ ମେଣ୍ଟାଇଥାନ୍ତି। ଏହାପରେ ସବୁଠୁ ଅଧିକ ମହିଳା ସରକାରୀ ଚାକରିରେ ନିଯୁକ୍ତ। ଏହା ପଛକୁ ବୟନ ଉଦ୍ୟୋଗରେ ତୃତୀୟ ସର୍ବାଧିକ ମହିଳା କାର୍ଯ୍ୟ କରନ୍ତି।

## ମହିଳା ଶ୍ରମିକଙ୍କ ଅଂଶଗ୍ରହଣ ହାରକୁ ନିୟନ୍ତ୍ରିତ କରୁଥିବା କାରଣ:


ଶ୍ରମକ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ଓ ସେମାନଙ୍କ ଅନୁପାତ ଦୁଇଟି କାରଣ ଉପରେ ମୁଖ୍ୟତଃ ନିର୍ଭରଶୀଳ। ଗୋଟିଏ ହେଲା ଚାହିଦା ଦିଗ ବା ରଚନାତ୍ମକ କାରଣ ଓ ଅନ୍ୟଟି ହେଲା ଯୋଗାଣ ଦିଗ ବା ସାଂସ୍କୃତିକ କାରଣ। ଏହି ସାଂସ୍କୃତିକ କାରଣ ମୁଖ୍ୟତଃ ପରିବାରର ଭୂମିକା ଓ ସାମାଜିକ ରୀତିନୀତି ଦ୍ୱାରା ପ୍ରଭାବିତ ହୋଇଥାଏ।

ଘରର ଯାବତୀୟ କାମ କରିବା ଓ ପରିବାରର ଯତ୍ନନେବାର ଦାୟିତ୍ୱ ମହିଳାଙ୍କ ଉପରେ ନ୍ୟସ୍ତ। ଘର ପାଇଟିରେ ପୁରୁଷମାନେ କମ୍ ସମୟ ଦେଉଥିବାରୁ ମହିଳାମାନେ ଘର ବାହାରକୁ ବାହାରି ଶ୍ରମ ବଜାରରେ

ଭାରତୀୟ ମାନବ ବିକାଶ ସର୍ଭେ (ଆଇଏଚ୍ଡିଏସ୍-୨) ୨୦୧୧-୧୨ ଦର୍ଶାଉଛି ଯେ ଉଭୟ ବ୍ୟକ୍ତିବିଶେଷ ଓ ପରିବାରରେ ଶ୍ରମବଜାର ପାଇଁ ପ୍ରତିବନ୍ଧକ ରହିଛି (ଫିଗର-୩)




(କ) ଯଦି ଆପଣ ଏକ ଭଲ ନିଯୁକ୍ତି ସୁଯୋଗ ପାଇବେ
ଏହାକୁ ଗ୍ରହଣ କରିବାକୁ ଆଗ୍ରହୀ ହେବେ କି ?




ଆପଣ ଯଦି ଏକ ଭଲ ନିଯୁକ୍ତି ସୁଯୋଗ ପାଇବେ
ଆପଣଙ୍କୁ ତାହା ଗ୍ରହଣ କରି କାମ କରିବାକୁ ଅନୁମତି ମିଳିବ କି ?

ସାମିଲ ହେବାକୁ ବିଶେଷ ସୁଯୋଗ ପାଆନ୍ତି ନାହିଁ। ଘରେ କାମ କରିବାକୁ ଲୋକ ମିଳିଲେ କିମ୍ବା ପରିବାରର ଅନ୍ୟ କେହି ସାହାଯ୍ୟ ସହଯୋଗ କଲେ ମହିଳାମାନଙ୍କର ରୋଜଗାରିଆ ଶ୍ରମଶକ୍ତିରେ ସାମିଲ ହେବାର ସୁଯୋଗ ବଢ଼ିଥାଏ।

ସେହିଭଳି ଉତ୍ତମ ପରିବହନ ବ୍ୟବସ୍ଥା ମହିଳାଙ୍କ କର୍ମଜୀବୀ ଜୀବନରେ ବିଶେଷ ସହାୟକ ହୋଇଥାଏ। ଏହା ସହିତ ପରିବାରର ସେବାଯତ୍ନ ପାଇଁ ଆଉ କାହାର ସାହାଯ୍ୟ ମିଳିଲେ ସେମାନଙ୍କର ରୋଜଗାର ସୁବିଧା ସୁଗମ ହୁଏ। ଗ୍ରାମାଞ୍ଚଳରେ ଗମନାଗମନ ଓ ପରିବହନ ସୁବିଧା ଭଲ ନ ଥିବାରୁ ମହିଳାମାନେ ବିଶେଷ ରୋଜଗାରକ୍ଷମ ନୁହଁନ୍ତି। ସହରାଞ୍ଚଳରେ ଏ ସୁବିଧା ଅପେକ୍ଷାକୃତ ଭଲ ଥିବାରୁ ମହିଳାଙ୍କ ଆୟ ସୁଯୋଗ ଅଧିକ। ଆସାମ, ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ତାମିଲନାଡୁ ଭଳି କେତେକ ରାଜ୍ୟରେ ମହିଳାଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ୩୦ ଶତାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଅଛି। ତେବେ ସରକାରୀ ଚାକିରି ବା ନିଯୁକ୍ତି ପରିସର କ୍ରମଶଃ ସଂକୁଚିତ ହେଉଥିବାରୁ ଏହି ସଂରକ୍ଷଣ ବ୍ୟବସ୍ଥା ବିଶେଷ ପ୍ରଭାବଶାଳୀ ହେଉନାହିଁ। କର୍ପୋରେଟ ଶାସନ ନୀତି ଅନୁସାରେ ସାରା ପୃଥିବୀରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଥିବାରୁ ଭାରତ ମଧ୍ୟ ଏହା କରିଛି। ୨୦୧୩ରୁ ସବୁ ବେସରକାରୀ ସଂସ୍ଥାର ପରିଚାଳନା ପରିଷଦରେ ନିର୍ଦ୍ଦିଷ୍ଟ ସଂଖ୍ୟକ ମହିଳା ସଦସ୍ୟ ରଖିବାର ନିୟମ କରାଯାଇଛି। ଏହା ସତ୍ତ୍ୱେ ଅଧିକାଂଶ କମ୍ପାନୀ ଓ ଉଦ୍ୟୋଗ ଘରୋଇ କ୍ଷେତ୍ରରେ ଥିବାରୁ ଏହା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉନାହିଁ।

ଅପରାଧମୁକ୍ତ ପରିବେଶ, ଉତ୍ତମ ଆଇନ ଶୃଙ୍ଖଳା, ମହିଳାଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା, ଉତ୍ତମ ପୁଲିସ ଓ ନ୍ୟାୟିକ ବ୍ୟବସ୍ଥା, ଆଇନକାନୁନ ଏବଂ ସାମାଜିକ ଦୃଷ୍ଟି ଅଧିକରୁ ଅଧିକ ମହିଳାଙ୍କୁ ରୋଜଗାରକ୍ଷମ କରାଇବାରେ ସହାୟକ ହୋଇଥାଏ। ଏହାଦ୍ୱାରା ମହିଳା ସୁରକ୍ଷିତ ରହିବା ସହ କାମ କରିବାକୁ ଅନୁକୂଳ ପରିବେଶ ପାଇଥାନ୍ତି। ମୋଟାମୋଟି ଆଇନଶୃଙ୍ଖଳା ଓ ସୁରକ୍ଷା ଉପରେ

> କର୍ମଜୀବୀ ମହିଳାଙ୍କ ପାଇଁ ହଷ୍ଟେଲ ଯୋଜନାରେ ମହିଳାଙ୍କ ପାଇଁ କାମ କରିବାର ଏକ ନିରାପଦ ପରିବେଶ ସୃଷ୍ଟିର ଉଦ୍ଦେଶ୍ୟ ନିହିତ। ନିଜର ଘରଠାରୁ ଦୂରରେ ରହୁଥିବା କର୍ମଜୀବୀ ମହିଳା ଅଳ୍ପ ଖର୍ଚ୍ଚରେ ରହିବାକୁ ଯେପରି ନିରାପଦ ସ୍ଥାନଟିଏ ପାଇବେ ସେଥିପାଇଁ ଏହି ହଷ୍ଟେଲର ପରିକଳ୍ପନା।

ମହିଳାଙ୍କ କାମ କରିବାର ହାର ଅଧିକ ନିର୍ଭରଶୀଳ। ଯେଉଁ ରାଜ୍ୟରେ ମହିଳାଙ୍କ ପ୍ରତି ସାମାଜିକ ଦୃଷ୍ଟିଭଙ୍ଗୀ ଭଲ ଓ ମହିଳାଙ୍କୁ ଯୌନଗତ ଓ ଅନ୍ୟାନ୍ୟ ଶୋଷଣରୁ ସୁରକ୍ଷା ଦେବାର ବ୍ୟବସ୍ଥା ଦୃଢ଼ ସେଠାରେ ଅଧିକ ମହିଳା କର୍ମଜୀବୀ ହେବାକୁ ଆଗ୍ରହ ପ୍ରକାଶ କରିଥାନ୍ତି।


ମହିଳା ରାଜନୈତିକ ପ୍ରତିନିଧିତ୍ୱ ଯେ ମହିଳା ନିଯୁକ୍ତିକୁ ପ୍ରୋତ୍ସାହିତ କରିଥାଏ ଏହା ନିଃସନ୍ଦେହରେ କୁହାଯାଇପାରେ। ଏହା ଉତ୍ତମ ରାସ୍ତାଘାଟ, ଯୋଗାଯୋଗ ବ୍ୟବସ୍ଥା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବ୍ୟାଙ୍କ ଭଳି ସାଧାରଣ ସ୍ୱାର୍ଥ ଜଡ଼ିତ କ୍ଷେତ୍ରଗୁଡ଼ିକୁ ମହିଳାଙ୍କ ପହଞ୍ଚ ବଢ଼ାଇଥାଏ। ଅଧିକରୁ ଅଧିକ ମହିଳା ଲୋକପ୍ରତିନିଧି ରହିଲେ ସେମାନେ ନିଜର ମହିଳା କର୍ମଚାରୀ ଓ ସହଯୋଗୀମାନଙ୍କ ପାଇଁ ସୁରକ୍ଷିତ ପରିବେଶ ତିଆରି କରିବା ଉପରେ ଧ୍ୟାନ ଦିଅନ୍ତି।

**ଉପସଂହାର:**

ମହିଳାଙ୍କର ବ୍ୟକ୍ତିଗତ ଆକାଂକ୍ଷା ପୂରଣ ହେଲେ ସେମାନଙ୍କର ଅର୍ଥନୈତିକ ନାଗରିକତ୍ୱ ମଜବୁତ୍ ହୋଇଥାଏ। ଏହା ଫଳରେ ସେ ପରିବାର ପାଇଁ ଆର୍ଥିକ ସହଯୋଗ ଯୋଗାଇବା ସହ ଏହାର ସଦସ୍ୟମାନଙ୍କର ମଧ୍ୟ ଯତ୍ନ ନେଇପାରିଥାଏ। ସମାବେଶୀ ବିକାଶର ଲକ୍ଷ୍ୟ ପୂରଣରେ ରାଷ୍ଟ୍ରର ଏକ ନିୟନ୍ତ୍ରକ ଭୂମିକା ରହିଛି। ମହିଳାଙ୍କୁ ରୋଜଗାର ପାଇଁ ସୁଯୋଗ ଦେବା ସହ ସେମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ବିଭିନ୍ନ ପ୍ରକାର ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଣ ରାଷ୍ଟ୍ରର ଦାୟିତ୍ୱ। ଏହାଛଡ଼ା ମହିଳାଙ୍କୁ ରୋଜଗାର ପାଇଁ ଉତ୍ସାହିତ କରିବା ନିମନ୍ତେ ଉଭୟ ପରିବାର ଓ ସଂପ୍ରଦାୟ ସ୍ତରରେ ଏକ ଉଦାର ସାଂସ୍କୃତିକ ବିଚାର ଓ ନୀତି ରହିବା ଦରକାର।

ବିତ୍ତୀୟ ନୀତି ଯଥା ସ୍ୱଳ୍ପ ଟିକସ ଭଳି ବ୍ୟବସ୍ଥା ଦ୍ୱାରା ମହିଳାମାନେ ରୋଜଗାର କ୍ଷେତ୍ରରେ ବିଶେଷ ଉପକୃତ ହୋଇପାରିନାହାନ୍ତି। ଟିକସ ରିଆତି ବା ଛାଡ଼ ବାବଦରେ ମହିଳାମାନେ ବୃତ୍ତିଗତ କ୍ଷେତ୍ରରେ ଯେଉଁ ଆର୍ଥିକ ଲାଭ ପାଉଛନ୍ତି ବାସ୍ତବରେ ତାଙ୍କର ଖର୍ଚ୍ଚ ଭରଣା କରିବାକୁ ଏହା ଯଥେଷ୍ଟ ନୁହେଁ। ଏବେ ଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଅତି ସ୍ୱଳ୍ପ କିମ୍ବା ନ ଥିବା ପ୍ରାୟ ସ୍ଥିତିରେ। ଏଭଳି ସ୍ଥିତିରେ ମହିଳାମାନଙ୍କୁ ନିଯୁକ୍ତି ସମୟରେ ଇପିଏଫ୍ ଦେୟହାର ୧୨ ରୁ ୮ ଶତାଂଶକୁ ହ୍ରାସ କରିବାର କୌଣସି ଅର୍ଥ ନାହିଁ।

ଅଭିବୃଦ୍ଧି ଓ ସମାନୁପାତିକ ଅଂଶଗ୍ରହଣ ମଧ୍ୟରେ ଯେଉଁ ଲିଙ୍ଗଗତ ବ୍ୟବଧାନ ଥିଲା ତାହାକୁ ହ୍ରାସ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯିବା ଭଲ କଥା; ତେବେ ଏହା ଯଥେଷ୍ଟ ନ'ହେଲେ ମଧ୍ୟ ଉଲ୍ଲେଖନୀୟ। ଏମ୍‌ଜିନରେଗା ମଜୁରିରେ ପୁରୁଷ ଓ ମହିଳା ଶ୍ରମିକଙ୍କ ମଧ୍ୟରେ ଥିବା ବ୍ୟବଧାନ ହ୍ରାସ କରାଯାଇଛି ଓ ଏହା ଫଳରେ ଏହି କାର୍ଯ୍ୟକ୍ରମରେ ମହିଳା ଶ୍ରମିକଙ୍କ ଅଂଶଗ୍ରହଣ ବଢ଼ିଛି। ମହିଳାଙ୍କ ଦାରିଦ୍ର୍ୟ ଦୂରୀକରଣ, ଶିଶୁ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ କ୍ଷେତ୍ରରେ ଏହାର ଅନୁକୂଳ ପ୍ରଭାବ ପଡୁଛି। ଫଳରେ ଏହା ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରୁଛି। ଏନ୍‌ଆର୍‌ଏଚ୍‌ଏମ୍‌ର ସଂପ୍ରସାରଣ ସହିତ 'ଆଶା' କର୍ମଚାରୀଙ୍କ ସଂଖ୍ୟା ବଢ଼ିଛି। ଏହା ଫଳରେ ନିଯୁକ୍ତି ବଜାରକୁ ଅଧିକ ମହିଳା ପ୍ରବେଶ କରିବା ସମ୍ଭବ ହୋଇଛି। ଆଇସିଡିଏସ୍ ସହିତ କ୍ରେଚ୍ ଯୋଜନାକୁ ମଧ୍ୟ ସୁସଂହତ କରିବାର ଆବଶ୍ୟକତା ରହିଛି। ଏଥିରେ ମହିଳାମାନେ ସେବା ଯୋଗାଣକାରୀ ଦାୟିତ୍ୱ ତୁଲାଇବାକୁ ଥିବାରୁ ସମଗ୍ର ଦେଶରେ ଅଧିକରୁ ଅଧିକ ମହିଳାଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ବିଶେଷ କରି ଗ୍ରାମାଞ୍ଚଳରେ ଅଧିକ ସଂଖ୍ୟକ ମହିଳାଙ୍କୁ ନିଯୁକ୍ତି ସୁବିଧା ମିଳିବ। କ୍ରେଚ୍‌ରେ କର୍ମଜୀବୀ ମହିଳାଙ୍କ ପିଲାଙ୍କୁ ଦିବସକାଳୀନ ସେବାଯତ୍ନ ଯୋଗାଇଦେବାର ବ୍ୟବସ୍ଥା ଅଛି। ଏହା ଫଳରେ ମହିଳାମାନେ ନିଜ



ପିଲାଙ୍କୁ କ୍ରେଚର ନିରାପଦ ବ୍ୟବସ୍ଥା ମଧ୍ୟରେ ଛାଡ଼ି ନିଜର କର୍ମକ୍ଷେତ୍ରରେ ନିଶ୍ଚିନ୍ତରେ କାର୍ଯ୍ୟ କରିପାରିବେ।

୨୦୧୮ କେନ୍ଦ୍ରୀୟ ବଜେଟରେ ମହିଳା ଓ ସାଧାରଣ ପରିବହନ ବ୍ୟବସ୍ଥା ପାଇଁ ୧୭୩ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ କରାଯାଇଛି। ସେହିଭଳି ତାମିଲନାଡୁରେ କର୍ମଜୀବୀ ମହିଳାଙ୍କ ପାଇଁ ଏକ ସବ୍‌ସିଡି ଭିତ୍ତିକ ସ୍କୁଟର ସ୍କିମ୍ କାର୍ଯ୍ୟକାରୀ ହେଉଛି। ଏହାର ଲାଭ କ'ଣ ମିଳୁଛି ତାହାକୁ ଅପେକ୍ଷା କରିବାକୁ ପଡ଼ିବ।

କର୍ମଜୀବୀ ମହିଳାଙ୍କ ପାଇଁ ହଷ୍ଟେଲ ଯୋଜନାରେ ମହିଳାଙ୍କ ପାଇଁ  କାମ କରିବାର ଏକ ନିରାପଦ ପରିବେଶ ସୃଷ୍ଟିର ଉଦ୍ଦେଶ୍ୟ ନିହିତ। ନିଜର ଘରଠାରୁ ଦୂରରେ ରହୁଥିବା କର୍ମଜୀବୀ ମହିଳା ଅଳ୍ପ ଖର୍ଚ୍ଚରେ ରହିବାକୁ ଯେପରି ନିରାପଦ ସ୍ଥାନଟିଏ ପାଇବେ ସେଥିପାଇଁ ଏହି ହଷ୍ଟେଲର ପରିକଳ୍ପନା।

୧୯୬୧ରେ ମାତୃତ୍ୱକାଳୀନ ସୁବିଧାସୁଯୋଗ ଆଇନକୁ ୨୦୧୭ରେ ସଂଶୋଧିତ କରାଯାଇଛି। ମାତୃତ୍ୱ କାଳରେ ସବେତନ ଛୁଟି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇବା ଏହି ସଂଶୋଧନର ଲକ୍ଷ୍ୟ। ଆଗରୁ ଏଥିପାଇଁ ମହିଳା କର୍ମଚାରୀଙ୍କୁ ୧୨ ସପ୍ତାହ ଛୁଟି ମିଳୁଥିବାବେଳେ ତାହାକୁ ୨୬ ସପ୍ତାହକୁ ବୃଦ୍ଧି କରାଯାଇଛି। ଏହି ସମୟ ପରେ ମହିଳାଙ୍କୁ ଘରୁ ନିଜ ଅଫିସ ପାଇଁ କାମ କରିବାକୁ ମଧ୍ୟ ସୁଯୋଗ ଦିଆଯାଇଛି ଯ'ଦ୍ୱାରା ସେମାନେ ଘରେ ପିଲାର ଯତ୍ନ ନେଇ ଅନ୍‌ଲାଇନ୍ ବା ଅନ୍ୟ ବ୍ୟବସ୍ଥାରେ ଅଫିସ କାର୍ଯ୍ୟ କରିବେ। ଏହି ୨୬ ସପ୍ତାହ ବ୍ୟାପୀ ମାତୃତ୍ୱକାଳୀନ ଛୁଟି ପରେ ସନ୍ତାନଙ୍କୁ କ୍ରେଚରେ ରଖିବାର ସୁବିଧା ସୁଯୋଗ ମଧ୍ୟ କରାଯାଇଛି। ଏହି ସଂଶୋଧନ ଫଳରେ କେବଳ ସଂଗଠିତ କ୍ଷେତ୍ରର ମହିଳା ଉପକୃତ ହେବେ ଏବଂ ଏହାର ଲାଭ ଅସଂଗଠିତ କ୍ଷେତ୍ରର ମହିଳା କର୍ମଜୀବୀ ପାଇପାରିବେ ନାହିଁ। ଏହି ସଂଶୋଧନର ପ୍ରଭାବ କ'ଣ ତାହା ଦେଖିବାକୁ ଅଛି।

'ଡିଜିଟାଲ ଇଣ୍ଡିଆ' ଓ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ମହିଳାଙ୍କ ପାଇଁ ଏକ ଇ-କମର୍ସ ହାଟ ବ୍ୟବସ୍ଥା କରାଯାଇଛି ଯାହା ଅନ୍‌ଲାଇନ୍ ବ୍ୟବସ୍ଥାରେ କାର୍ଯ୍ୟକାରୀ ହେଉଛି। ଏହାର ନାମ ରଖାଯାଇଛି ମହିଳା 'ଇ-ହାଟ'। ମହିଳାଙ୍କୁ ଶ୍ରମ ବଜାର ଓ ନିଯୁକ୍ତି ସମ୍ପର୍କରେ ଆବଶ୍ୟକ ସର୍ବଶେଷ ତଥ୍ୟ ଯୋଗାଣ ଏହାର ଉଦ୍ଦେଶ୍ୟ। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ଋଣ ଯୋଗାଣ ବ୍ୟବସ୍ଥା ରହିଛି ଓ ପୁନଃ ଋଣ ଯୋଗାଣ ଉପରେ ୦.୨୫% କମ୍ ସୁଧ ଆଦାୟ ବ୍ୟବସ୍ଥା କରାଯାଇଛି। ମହିଳାଙ୍କୁ କ୍ଷୁଦ୍ର, ଅତିକ୍ଷୁଦ୍ର ଉଦ୍ୟୋଗ ସ୍ଥାପନ କରିବାକୁ ସୁଯୋଗ ଦେବା ସହ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଏହି ଯୋଜନାର ଲକ୍ଷ୍ୟ। ମହିଳାଙ୍କ ଆତ୍ମନିଯୁକ୍ତି କ୍ଷେତ୍ରରେ 'ସେଓ୍ୱା-ବ୍ୟାଙ୍କ' ମଧ୍ୟ କାର୍ଯ୍ୟ କରୁଛି।

ସ୍ୱଚ୍ଛଭାରତ ଯୋଜନା ମଧ୍ୟ ଦେଶରେ ଏବେ ଚାଲିଛି। ପୁରୁଣା ଅଭ୍ୟାସ ବଦଳାଇ ଏକ ନୂଆ ଧାରାରେ ପଡ଼ିବାକୁ ଅବଶ୍ୟ ଲୋକଙ୍କୁ ସମୟ ଲାଗିବ। ଏଥିରେ ମହିଳାମାନେ ନିଜ ପରିବାର ଓ ଗୋଷ୍ଠୀର ଅଭ୍ୟାସ ପରିବର୍ତ୍ତନରେ କେତେ ସହାୟକ ହେବେ ତାହା ମଧ୍ୟ ଉଲ୍ଲେଖଯୋଗ୍ୟ। ସବୁଠୁ ବଡ଼ କଥା ହେଲା ମହିଳାମାନଙ୍କୁ ନିଜ ଘରର ଯାବତୀୟ ଦାୟିତ୍ୱରୁ ମୁକ୍ତ କରିବା, ଏହାର ବୋଝ କମାଇ ବାହାରକୁ ପଠାଇ ରୋଜଗାରକ୍ଷମ କରିବାରେ ପୁରୁଷମାନଙ୍କର ଭୂମିକା ଅଧିକ। ସେମାନେ ପରିବାରର ଦାୟିତ୍ୱ ନିର୍ବାହରେ ମହିଳାଙ୍କ ସହ ଯେତେ ଅଂଶୀଦାର ହେବେ ମହିଳାଙ୍କ ବୋଝ ସେତେ କମିବ। ମହିଳାଙ୍କୁ ସଶକ୍ତ ହେବାକୁ ହେଲେ ପାରିବାରିକ ଦାୟିତ୍ୱକୁ କମାଇବାକୁ ପଡ଼ିବ ଓ ସେମାନଙ୍କୁ ରୋଜଗାରକ୍ଷମ ହେବାକୁ ହେବ। ଏହି ଦାୟିତ୍ୱକୁ ସେମାନେ କେତେ ଦକ୍ଷତାର ସହ ଭାରସାମ୍ୟ ରଖି ନିର୍ବାହ କରୁଛନ୍ତି ଓ ପରିବାରର ପୁରୁଷମାନେ ଏଥିରେ କେତେ ସହଯୋଗ କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ତାଳମେଳ ଠିକ୍‌ଠାକ୍ ରହିଲେ ମହିଳାମାନେ ଆର୍ଥିକ ନାଗରିକତ୍ୱର ଯଥାର୍ଥ ମର୍ଯ୍ୟାଦା ଲାଭ କରିପାରିବେ।

**ବୃନ୍ଦା ବିଶ୍ୱନାଥନ, ଚେନ୍ନଇସ୍ଥିତ ମାଡ୍ରାସ ସ୍କୁଲ ଅଫ୍ ଇକନମିକ୍ସର ପ୍ରଫେସର ଓ ସଂଜନା ଶର୍ମା ନୂଆଦିଲ୍ଲୀସ୍ଥିତ ରୟାଲ ବ୍ୟାଙ୍କ ଅଫ୍ ସ୍କଟଲ୍ୟାଣ୍ଡର ଡେଟା ଆନାଲିଟିକ୍ସ ସହଯୋଗୀ। *E-mail:brinda@mse.ac.in, E-mail:sanjanasharma339@gmail.com***

# ଆଦିବାସୀ ମହିଳାଙ୍କ ସଶକ୍ତିକରଣ: ପ୍ରସଙ୍ଗ ଓ ସମ୍ଭାବନା

**ଦୀପକ ଖାଣ୍ଡେକର**

ଭାରତରେ ପ୍ରାୟ ୭୦୫ଟି ଅନୁସୂଚିତ ଜନଜାତି ଗୋଷ୍ଠୀ ଅଛନ୍ତି। ଏତଦ୍‌ବ୍ୟତୀତ ପ୍ରାୟ ୭୫ଟି ବିଶେଷ ଭାବେ ଦୁର୍ବଳ ଆଦିବାସୀ ଗୋଷ୍ଠୀ ମଧ୍ୟ ଅଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ଦେଶର ସମଗ୍ର ଜନସଂଖ୍ୟାର ୮.୬% ହେଉଛନ୍ତି ଜନଜାତି ବର୍ଗ। ୧୯୬୧ ମସିହାରେ ଏମାନଙ୍କ ସଂଖ୍ୟା ୩ କୋଟି ଥିବାବେଳେ ୨୦୧୧ ମସିହା ବେଳକୁ ତାହା ୧୦.୪ କୋଟିକୁ ବୃଦ୍ଧି ପାଇଛି। ଆଦିବାସୀ ମହିଳାଙ୍କ ଜନସଂଖ୍ୟା ହେଉଛି ୫.୧୯ କୋଟି, ଯାହା ସମଗ୍ର ଆଦିବାସୀ ଜନସଂଖ୍ୟାର ୪୯.୭%।

ସାମାଜିକ ସଂରଚନାରେ ଆଦିବାସୀ ମହିଳାଙ୍କ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଆଦିବାସୀ ସମାଜରେ ଲିଙ୍ଗଗତ ଅନୁପାତ ପୂର୍ବରୁ ଏକ ଚିନ୍ତାର ବିଷୟ ଥିଲା। ତେବେ ବର୍ତ୍ତମାନ ସେଥିରେ ଉନ୍ନତି ଘଟିଛି। ୨୦୦୧ ମସିହାରେ ପ୍ରତି ୧୦୦୦ ପୁରୁଷରେ ୯୭୮ ଜଣ ମହିଳା ଥିବାବେଳେ ୨୦୧୧ ବେଳକୁ ତାହା ୯୯୦କୁ ବୃଦ୍ଧି ପାଇଛି। ତେବେ ଆଦିବାସୀଙ୍କ ସାକ୍ଷରତା ହାର ଜାତୀୟ ହାର ୭୩% ଠାରୁ କମ୍ ରହିଛି। ସେମାନଙ୍କ ମଧ୍ୟରେ ପୁରୁଷ ସାକ୍ଷରତା ହାର ୬୯% ତୁଳନାରେ ମହିଳା ସାକ୍ଷରତା ମାତ୍ର ୪୯% ରହିଛି।

ଭାରତର ଆଦିବାସୀ ବର୍ଗଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରୁ ଉନ୍ନତି ଆଣିବା ସହ ସେମାନଙ୍କ ସଂସ୍କୃତି ଓ ସମ୍ମାନକୁ ଅକ୍ଷୁଣ୍ଣ ରଖିବା ଏବଂ ବିଭିନ୍ନ ସମ୍ବଳର ସମନ୍ୱୟ ଦ୍ୱାରା ଫଳାଫଳ ଆଧାରିତ ଦୃଷ୍ଟିଭଙ୍ଗୀ ନେଇ ଆଦିବାସୀ ଓ ଅନ୍ୟ ବର୍ଗର ଜନସାଧାରଣଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ପ୍ରତିହତ କରି ସେମାନଙ୍କ ମାନବ ବିକାଶ ସୂଚକାଙ୍କରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ୧୯୯୯ ମସିହାରେ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟରୁ ପୃଥକ୍ କରି ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ଗଠିତ ହେଲା। ବିଭିନ୍ନ ଶିକ୍ଷାଗତ, ଭିତ୍ତିଭୂମି ଓ ଜୀବନଜୀବିକା ସମ୍ପର୍କିତ ଯୋଜନା ଦ୍ୱାରା ଆଦିବାସୀମାନଙ୍କ ବିକାଶ ପାଇଁ ଏହି ମନ୍ତ୍ରଣାଳୟ ବଦ୍ଧ ପରିକର।

ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟର ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ ହେଉଛି 'ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ'। ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ପାଇଁ ଏହା ଉଦ୍ଦିଷ୍ଟ। ଏହି ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ୫୦%ରୁ ଊର୍ଦ୍ଧ୍ୱ ହେଉଛନ୍ତି ଛାତ୍ରୀ। ଏମାନେ ଗତ ବର୍ଷଗୁଡ଼ିକରେ ପାଠପଢ଼ା, ଖେଳକୁଦ ଓ ଅନ୍ୟାନ୍ୟ ବିଷୟରେ ବେଶ୍ ଭଲ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଆଶ୍ରମ ବିଦ୍ୟାଳୟ, ଯେଉଁଠି ବାଳିକା ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଏ ସେଠାରେ ମଧ୍ୟ ଅନୁରୂପ ସ୍ଥିତି ରହିଛି। ଆଦିବାସୀ ଛାତ୍ରୀଙ୍କ ବିଶେଷ ସୁବିଧା ପାଇଁ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ମଧ୍ୟ ଅନୁସୂଚିତ ଜନଜାତି ବାଳିକା ଛାତ୍ରାବାସ ନିର୍ମାଣ କରାଯାଇଛି। ବିଭିନ୍ନ ସ୍ତରର ଶିକ୍ଷା ହାସଲ କରିବା ପାଇଁ ଏହି ଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ରୀ, ସେଇମାନଙ୍କ ସକାଶେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ହାସଲ କରିବା ପାଇଁ ମେଟ୍ରିକ୍ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଜନା ପରିଚାଳିତ ହେଉଛି। ଏମ୍‌ଫିଲ୍ ଓ ପିଏଚ୍‌ଡି ଆଦି ଉଚ୍ଚଶିକ୍ଷା ହାସଲ ପାଇଁ ଏହି ବର୍ଗର ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ଓ



ବିଶ୍ୱ ବିଦ୍ୟାଳୟସ୍ତରରେ ମଧ୍ୟ ଛାତ୍ରବୃତ୍ତି ଓ ଫେଲୋସିପ୍ ଯୋଜନା ରହିଛି। ଏହି ଯୋଜନାରେ ଦିଆଯାଉଥିବା ଫେଲୋସିପ୍‌ର ୩୦% ଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ବିଦେଶରେ ଉଚ୍ଚଶିକ୍ଷା ହାସଲ ପାଇଁ ଉଦ୍ଦିଷ୍ଟ ଜାତୀୟ ଦରିଆ ପାର ଛାତ୍ରବୃତ୍ତି ଯୋଜନାରେ ମଧ୍ୟ ଏହି ବର୍ଗର ଛାତ୍ରୀଙ୍କ ପାଇଁ ୩୦% ସଂରକ୍ଷଣ ବ୍ୟବସ୍ଥା ଅଛି। 'ସ୍ୱଳ୍ପ ସାକ୍ଷରତା ହାର ଥିବା ଜିଲ୍ଲାଗୁଡ଼ିକରେ ଅନୁସୂଚିତ ଜନଜାତି ବାଳିକାଙ୍କ ଶିକ୍ଷା ସଶକ୍ତିକରଣ ଯୋଜନା'ରେ ଏଭଳି ଜିଲ୍ଲାଗୁଡ଼ିକର ବିଦ୍ୟାଳୟ ପରିଚାଳନା ପାଇଁ ବେସରକାରୀ ସଂଗଠନଗୁଡ଼ିକୁ ସହାୟତା ପ୍ରଦାନ କରାଯାଇଛି।




ଅନୁସୂଚିତ ଜନଜାତିଙ୍କ ଆର୍ଥିକ ବିକାଶ ପାଇଁ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଅନୁସୂଚିତ ଜନଜାତି, ବିତ୍ତ ଓ ବିକାଶ ନିଗମ କାର୍ଯ୍ୟ କରୁଛି। ଅନୁସୂଚିତ ଜନଜାତି ମହିଳାଙ୍କ ଆର୍ଥିକ ବିକାଶ ପାଇଁ ଏହି ନିଗମ ଆଦିବାସୀ ମହିଳା ସଶକ୍ତିକରଣ ଯୋଜନା କାର୍ଯ୍ୟକାରୀ କରୁଛି। ଏହା ଅଧୀନରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୌଣସି ପ୍ରକଳ୍ପ ଖର୍ଚ୍ଚର ୯୦% ଅର୍ଥ ଋଣ ଆକାରରେ ମାତ୍ର ୪% ରିଆତି ସୁଧ ହାରରେ ପ୍ରଦାନ କରାଯାଏ। ଅନ୍ୟାନ୍ୟ ଆୟ ସୃଷ୍ଟିକାରୀ ଯୋଜନା ଅଧୀନରେ ମଧ୍ୟ ଏହି ନିଗମ ଏସ୍‌ଟି ମହିଳାଙ୍କୁ ଆର୍ଥିକ ସହାୟତା ଦେଇଥାଏ। ଏତଦ୍‌ବ୍ୟତୀତ ଲଘୁ ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଟ୍ରାଇଫେଡ୍ ମାଧ୍ୟମରେ ଆଦିବାସୀ କଳାକାରମାନଙ୍କୁ ସହାୟତା ଆଦି ଯୋଜନା ଦ୍ୱାରା ମଧ୍ୟ ଏହି ବର୍ଗର ମହିଳାମାନେ ବିଶେଷ ଭାବେ ଉପକୃତ ହେଉଛନ୍ତି।

ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପାରିକ ବନବାସୀ (ଜଙ୍ଗଲ ଅଧିକାର) ଅଧିନିୟମ ୨୦୦୬ ଅଧୀନରେ ପ୍ରତ୍ୟେକ ସ୍ତରରେ ମହିଳାଙ୍କ ସମ୍ପୂର୍ଣ୍ଣ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯାଇଛି। ଏଥିରେ ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେ ଏହି ଅଧିନିୟମ ଦ୍ୱାରା ପ୍ରଦତ୍ତ ଅଧିକାରଗୁଡ଼ିକ ଉଭୟ ପତି-ପତ୍ନୀଙ୍କ ପାଇଁ ଯୁଗ୍ମ ଭାବେ ଉଦ୍ଦିଷ୍ଟ। ଏପରିକି ଜଙ୍ଗଲ ଅଧିକାର କମିଟିଗୁଡ଼ିକରେ ଅନ୍ତତଃ ଦୁଇ ତୃତୀୟାଂଶ ମହିଳା ସଦସ୍ୟ ଅନୁସୂଚିତ ଜନଜାତି ବର୍ଗର ହୋଇଥିବେ ଏବଂ ଏଭଳି ସଦସ୍ୟମାନଙ୍କ ମଧ୍ୟରୁ ଅତି କମ୍‌ରେ ଏକ ତୃତୀୟାଂଶ ମହିଳା ସଦସ୍ୟ ଥିବେ।

ଆଦିବାସୀ ଉପଯୋଜନା ପାଇଁ ବିଶେଷ କେନ୍ଦ୍ରୀୟ ସହାୟତା ଯୋଜନା ଓ ୨୭୫(୧) ଧାରା ଅଧୀନରେ ଅନୁସୂଚିତ ଜନଜାତି ମହିଳାଙ୍କ କୌଶଳ ବିକାଶ ଓ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ସରକାରଗୁଡ଼ିକୁ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟର ପୂର୍ଣ୍ଣ ସମର୍ଥନ ରହିଛି।

ଆଦିବାସୀ ମହିଳାଙ୍କ ପ୍ରଶିକ୍ଷଣ ଓ ସଚେତନତା ଏବଂ ପଞ୍ଚାୟତିରାଜ ଅନୁସୂଚିତ ଜନଜାତି ସଦସ୍ୟାଙ୍କ ପାଇଁ ନେତୃତ୍ୱ ବିକାଶ, ମହିଳା ସଶକ୍ତିକରଣ, ପେସା ଅଧିନିୟମ ଆଦି ବିଷୟ ଉପରେ ଆଦିବାସୀ ଅନୁସନ୍ଧାନ ସଂସ୍ଥାନଗୁଡ଼ିକ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରାଯାଉଛି। ଆଦିବାସୀ ଅଞ୍ଚଳଗୁଡ଼ିକରେ ରାସ୍ତାଘାଟ, ବଜାର ଆଧୁନିକୀକରଣ ଓ ସଂଗ୍ରହ ସୁବିଧା ଆଦି ଭିତ୍ତିଭୂମି ବିକାଶ ପାଇଁ ନାନାବିଧ ପଦକ୍ଷେପ ନିଆଯାଉଛି। ଆଦିବାସୀ, ବିଶେଷ ଭାବେ ଆଦିବାସୀ ମହିଳାମାନଙ୍କ କଳାକୌଶଳ ପ୍ରଦର୍ଶନ ପାଇଁ ଏହି ମନ୍ତ୍ରଣାଳୟ ତରଫରୁ ଜାତୀୟ ଓ ରାଜ୍ୟସ୍ତରରେ ଆଦିବାସୀ ମେଳା ଆୟୋଜନକୁ ପ୍ରୋତ୍ସାହିତ କରାଯାଉଛି।

ଏ ଦିଗରେ ଅନ୍ୟାନ୍ୟ ମନ୍ତ୍ରଣାଳୟର ପଦକ୍ଷେପଗୁଡ଼ିକୁ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟର ପୂର୍ଣ୍ଣ ସହଯୋଗ ରହିଛି। ଏହି ମନ୍ତ୍ରଣାଳୟର ବାର୍ଷିକ ବଜେଟ୍ ରାଶିର ଅଧାରୁ ଅଧିକ ଅର୍ଥ ଆଦିବାସୀ ଓ ଆଦିବାସୀ ମହିଳାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଓ ଜୀବନଜୀବିକା ସକାଶେ ଖର୍ଚ୍ଚ କରାଯାଉଛି। ଅପହଞ୍ଚ ଇଲାକାରେ ଆଦିବାସୀ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ମନ୍ତ୍ରଣାଳୟ ତରଫରୁ ବେସରକାରୀ ସଂଗଠନଗୁଡ଼ିକୁ ସହାୟତା ପ୍ରଦାନ କରାଯାଉଛି।

ମହିଳା ସଶକ୍ତିକରଣ ଏକ ନିରନ୍ତର ପ୍ରକ୍ରିୟା ଏବଂ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ଏଥିପାଇଁ ସଂକଳ୍ପବଦ୍ଧ। ବିଭିନ୍ନ ଚେଷ୍ଟା ପରେ ମଧ୍ୟ ଆହୁରି ଅନେକ ଆହ୍ୱାନ ରହିଛି, ଯେଉଁଗୁଡ଼ିକ ପାଇଁ ପ୍ରୟାସ ଅବ୍ୟାହତ ରହିଛି। ସାଧାରଣ ବର୍ଗ ଓ ଅନୁସୂଚିତ ଜନଜାତି ବର୍ଗଙ୍କ ମଧ୍ୟରେ ଥିବା ପ୍ରଭେଦକୁ ଦୂର କରିବାକୁ ପଡ଼ିବ। ଏ ଦିଗରେ ମନ୍ତ୍ରଣାଳୟର କେତେକ ପଦକ୍ଷେପର ଭଲ ପରିଣାମ ଆସିଛି। ସେମାନଙ୍କୁ ମୁଖ୍ୟଧାରାରେ ଯୋଡ଼ିବା ପାଇଁ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ନିଜର ପ୍ରଚେଷ୍ଟାକୁ ଦ୍ୱିଗୁଣିତ କରିବ। ତେବେ ସେମାନେ ଯେମିତି ନିଜ ଭିଟାମାଟି ସହ ଯୋଡ଼ି ହୋଇ ରୁହନ୍ତି ଓ ନିଜ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ କରନ୍ତି ତାହା ମଧ୍ୟ ସୁନିଶ୍ଚିତ କରାଯିବ।

ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟରେ ଲେଖକ ସଚିବ ଭାବେ କାର୍ଯ୍ୟରତ। ***E-mail:secy-tribal@nic.in***

# ଦକ୍ଷତା ବିକାଶରେ ଓଡ଼ିଶା: ଗତି ଓ ପ୍ରଗତି

ଅନୁପମ ପ୍ରହରାଜ

ଭାରତ ଏଭଳି ଏକ ଭୂଖଣ୍ଡ ଯାହାର ଜନସଂଖ୍ୟା ବିଶ୍ୱରେ ଚୀନ୍ ତଳେ ଦ୍ୱିତୀୟ ସ୍ଥାନରେ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଭାରତର ଜନସଂଖ୍ୟାର ୬୫ ପ୍ରତିଶତରୁ ଅଧିକ ହେଉଛନ୍ତି ଯୁବଶକ୍ତି। ଏବେଠାରୁ ଯଦି ଏହି ବୃହତ୍ ଶକ୍ତିକୁ ସଠିକ୍ ଦିଶାନିର୍ଦ୍ଦେଶ କରାନଯାଏ, ତେବେ ଆଗାମୀ ଦିନରେ ମିଳିବାକୁ ଥିବା ଏକ ବଡ଼ ସୁଯୋଗକୁ ଭାରତ ହାତଛଡ଼ା କରିବ। ବ୍ୟବସ୍ଥା ଭିତ୍ତିରେ ଭାରତରେ ଏକ ବିଶାଳ ଯୁବଗୋଷ୍ଠୀ ରହିଛନ୍ତି ସତ; ମାତ୍ର ସେମାନଙ୍କୁ ବିଶ୍ୱ ବଜାରର ଉନ୍ନତ ତଥା ଦକ୍ଷ ମାନବ ସମ୍ବଳ ଭାବେ ପ୍ରସ୍ତୁତ କରାଯିବା ବି ଦରକାର। ତା'ହେଲେ ଯାଇ ଇପ୍ସିତ ସ୍ୱପ୍ନ ଓ ଲକ୍ଷ୍ୟ ପୂରଣ ହୋଇପାରିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏଭଳି ଦୂରଦୃଷ୍ଟିର ମୂଳଦୁଆ ଉପରେ ଆରମ୍ଭ କରିଛନ୍ତି ଯୁବଗୋଷ୍ଠୀଙ୍କ ଲାଗି ଏକାଧିକ ଯୋଜନା ଓ ହାତକୁ ନେଇଛନ୍ତି ବହୁବିଧ କାର୍ଯ୍ୟକ୍ରମ। ଷ୍ଟାର୍ଟଅପ୍, ଷ୍ଟାଣ୍ଡଅପ୍, ଡିଜିଟାଲ ଇଣ୍ଡିଆ ପରେ ସ୍କିଲ ଇଣ୍ଡିଆ ଜରିଆରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ତଥା ଦକ୍ଷତା ବିକାଶ ଲାଗି ୧୫ରୁ ୩୪ ବର୍ଷ ବୟସ୍କ ଯୁବକ ଓ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା ତଥା ସେମାନଙ୍କ ଶିକ୍ଷା, ତାଲିମପୂର୍ଣ୍ଣ ଦକ୍ଷତା ଆଧାରରେ ରୋଜଗାରର ବାଟ ତିଆରି କରିବା ଏହାର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ।

ଉଦ୍ୟୋଗ ଓ ଦକ୍ଷତା ବିକାଶ ଦ୍ୱାରା ଭାରତକୁ ଏକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ରୂପେ ପରିଣତ କରିବା ଏବଂ ଆଗାମୀ ଦିନରେ ଦେଶକୁ ଏକ ସ୍କିଲ ହବ୍ (ଦକ୍ଷତା କେନ୍ଦ୍ରସ୍ଥଳୀ), ଉତ୍ପାଦନ ଓ ସେବା କ୍ଷେତ୍ରରେ ଉନ୍ନତ ତଥା ସର୍ବାଧିକ ପସନ୍ଦଯୋଗ୍ୟ ରାଷ୍ଟ୍ର ରୂପେ ପ୍ରସ୍ତୁତ କରିବାର ଅଭିଳଷିତ ଲକ୍ଷ୍ୟ ଏହି ଯୋଜନା ଦ୍ୱାରା ସାଧିତ ହୋଇପାରିବା ଆଶା କରାଯାଏ।

**ଯୋଜନାର ଲକ୍ଷ୍ୟ:**

୧.୩୨ ଶହ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତରେ ଆଗାମୀ ଦଶନ୍ଧି ଭିତରେ ୬୫ ପ୍ରତିଶତ କର୍ମସାମର୍ଥ୍ୟ ରଖୁଥିବା ଏକ ବୃହତ୍ ଗୋଷ୍ଠୀ ପ୍ରସ୍ତୁତ ହେଉଛି। ତେଣୁ ସେମାନଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଦାରିଦ୍ର୍ୟ ଦୂରୀକରଣ ସ୍ୱାଭାବିକ ରୂପେ ସରକାରୀ ପ୍ରାଥମିକତାରେ ରହିଛି।

**ଦକ୍ଷତା ବିକାଶ ସହ ନିଯୁକ୍ତି ସୁଯୋଗ:**

ଏନଡିଏ ସରକାର ତାଲିମ ଓ ଦକ୍ଷତା ବିକାଶ ଲାଗି ସ୍କିଲ୍ ଇଣ୍ଡିଆ ଅଧୀନରେ ୨୦୧୫ ଜୁଲାଇରୁ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମକେଭିୱାଇ), ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା(ଡିଡିୟୁଜିକେୱାଇ) ଆରମ୍ଭ କରିଛନ୍ତି। ଓଡ଼ିଶାରେ 'ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ' (ଓଏସଡିଏ) ଭଳି ପ୍ରତିଟି ରାଜ୍ୟରେ ପ୍ରାଧିକରଣ ଗଠନ କରାଯାଇ କାର୍ଯ୍ୟାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା 'ନେସନାଲ ସ୍କିଲ ଡେଭଲପମେଣ୍ଟ କର୍ପୋରେସନ୍' (ଏନଏସଡିସି) ଜରିଆରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨ କୋଟି ୪୦ ଲକ୍ଷ ଯୁବକ/ଯୁବତୀଙ୍କୁ ତାଲିମ ଦେବା କାର୍ଯ୍ୟ ଚାଲିଛି। ବିଶେଷକରି କମ୍ ରୋଜଗାର କରୁଥିବା ପିଲାଙ୍କୁ ଏଭଳି ତାଲିମ ଦିଆଯାଉଛି। ଅନ୍ତର୍ଜାତୀୟ ସ୍ତରର ପାଠ୍ୟକ୍ରମଯୁକ୍ତ ତାଲିମ ଦିଆଯାଉଛି। ସ୍ୱଳ୍ପ ଅବଧି (୩ ମାସ), ମଧ୍ୟମ ଅବଧି (୬ ମାସରୁ ଏକବର୍ଷ) ଓ ଦୀର୍ଘ ଅବଧି(ଏକବର୍ଷରୁ ଅଧିକ) ଭଳି ତିନିଟି ପର୍ଯ୍ୟାୟର ତାଲିମ ଦିଆଯାଉଛି।

ସ୍କିଲ ଇଣ୍ଡିଆର ଲକ୍ଷ୍ୟ ହେଉଛି ଶିକ୍ଷାଦାନ ସହିତ ଯୁବପିଢ଼ିଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରିବା। ସେମାନଙ୍କ ଭିତରେ ଏକ ଆତ୍ମପ୍ରତ୍ୟୟ ସୃଷ୍ଟି କରିବା। ଉପଯୁକ୍ତ ଦକ୍ଷତା ବିକାଶ ଲାଗି ମାର୍ଗଦର୍ଶନ କରାଇବା ସହ ଉତ୍ପାଦନଶୀଳତା ବୃଦ୍ଧି ଶ୍ରମସମ୍ବଳ ସୃଷ୍ଟି କରିବା। ଏହା ସେମାନଙ୍କ ଲାଗି ପରବର୍ତ୍ତୀ ସମୟରେ ମର୍ଯ୍ୟାଦାଜନକ ନିଯୁକ୍ତି ଲାଗି ସୁଯୋଗ ଆଣିବ। ବିଦ୍ୟାଳୟ ସ୍ତରରୁ ସେମାନଙ୍କ ଦକ୍ଷତା ବିକାଶ କରାଇବା, ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କୁ ଆବଶ୍ୟକ ନିଯୁକ୍ତି ପାଇବାରେ ସହାୟକ ହୋଇପାରିବ। ଫଳରେ ସବୁ କ୍ଷେତ୍ରରେ ଏକ ସନ୍ତୁଳିତ ବିକାଶ ସହ ପ୍ରତ୍ୟେକ ନିଯୁକ୍ତି କ୍ଷେତ୍ରକୁ ସମାନ ଅଗ୍ରାଧିକାର ମିଳିପାରିବ। ଏକ ସମ୍ମାନଜନକ ଜୀବନ ଜୀଇଁବା ଲାଗି ପ୍ରତ୍ୟକ ନିଯୁକ୍ତି ଆଶାୟୀ 'ସଫ୍ଟ ସ୍କିଲ ଟ୍ରେନିଂ' ଗ୍ରହଣ ଜରୁରୀ। କେବଳ ଏହି ସୁଯୋଗ ସହରାଞ୍ଚଳରେ ସୀମୀତ ନ ରହି ଗ୍ରାମାଞ୍ଚଳ ତଥା ବିଶେଷକରି ଦୁର୍ଗମ ଅଞ୍ଚଳରେ ପହଞ୍ଚିବା ଦରକାର। କେବଳ ସରକାର ନୁହଁନ୍ତି ପ୍ରତିଟି ସରକାରୀ ସଂସ୍ଥା, ଉଦ୍ୟୋଗ ପ୍ରତିଷ୍ଠାନ, ବେସରକାରୀ ସଂସ୍ଥା, ଶିକ୍ଷାନୁଷ୍ଠାନ ଏବଂ ସର୍ବୋପରି ସମାଜ ବ୍ୟବସ୍ଥା ପକ୍ଷରୁ ଏଥିଲାଗି ସୁଯୋଗ ଓ ପ୍ରୋତ୍ସାହନ ସୃଷ୍ଟିର ଆବଶ୍ୟକତା ରହିଛି। ଯେତେଶୀଘ୍ର ସମ୍ଭବ ଯୁବଗୋଷ୍ଠୀଙ୍କୁ ଏଭଳି ଦକ୍ଷ ତଥା କୁଶଳୀ ଶ୍ରମ ସମ୍ବଳ ରୂପେ ପରିଣତ କରିବା ଦରକାର।

**କେତେ ସଫଳ ଆଶା:**

ଭାରତକୁ ଏକ ଦକ୍ଷ ଶ୍ରମବଜାର ରୂପେ ଗଢ଼ିତୋଳିବାରେ 'ସ୍କିଲ ଇଣ୍ଡିଆ' କେତେ ସଫଳ ହୋଇଛି ଓ ଆଗକୁ ହେବାକୁ ଯାଉଛି ତାହାର ପରିସଂଖ୍ୟାନ ଲୋଡ଼ାନାହିଁ; ମାତ୍ର ଏହା ଯେ ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ଅର୍ଥନୀତି ଲାଗି ଏକ ବଳିଷ୍ଠ ପଦକ୍ଷେପ ତାହା ସ୍ପଷ୍ଟ ହୋଇଛି। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ, ଭାରତରେ ଏହାର ସଫଳତା ନିଶ୍ଚିତ ଭାବେ ଅର୍ଥନୈତିକ ପ୍ରଗତିକୁ ସାମର୍ଥ୍ୟ ଯୋଗାଇବ। ଯୁବଗୋଷ୍ଠୀକୁ ଉପଯୁକ୍ତ ତାଲିମ ଦିଆଯାଇ କର୍ମସଂସ୍ଥାନରେ ନିଯୁକ୍ତି ତଥା ଆତ୍ମନିର୍ଭରଶୀଳ କରାଇବା ଦ୍ୱାରା ବେକାରୀ ସମସ୍ୟାକୁ ଆଗାମୀ ଦଶନ୍ଧିରେ ହ୍ରାସ କରାଯାଇପାରିବ। ସାମାଜିକ ସୁରକ୍ଷା ଓ ନିଯୁକ୍ତି କ୍ଷେତ୍ରକୁ ସରକାର ପ୍ରାଥମିକତା ଦେଉଥିବା ଏଭଳି ଯୋଜନାରୁ ସ୍ପଷ୍ଟ ପ୍ରତୀୟମାନ। ଏକ ନୂତନ ଆଭିମୁଖ୍ୟ ନେଇ ଦକ୍ଷତା ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଉଥିବାରୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଆଶା ସଞ୍ଚାର ହୋଇଛି।

ଦକ୍ଷତା ବିକାଶ ଯୋଜନା ଜରିଆରେ ଉଭୟ

ଉଦ୍ୟୋଗ, ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ମିଳିପାରିବ। ତାଲିମଧାରୀ ଯୁବକ ମଧ୍ୟ କେଉଁଠି କର୍ମସଂସ୍ଥାନ ପାଇବା ସହ ଅନେକ କ୍ଷେତ୍ରରେ ନିଜକୁ ସେହି ଧନ୍ଦାରେ ନିଜସ୍ୱ ସଂସ୍ଥା ଖୋଲି ସ୍ୱାବଲମ୍ବୀ ହୋଇପାରିବ। ଏଥିଲାଗି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଭୟ ଉଦ୍ୟୋଗ, ଉଦ୍ୟୋଗୀ, ନୂତନ ଉଦ୍ୟୋଗ ଲାଗି ଆଗ୍ରହୀ ଯୁବଗୋଷ୍ଠୀଙ୍କ ଲାଗି ଫାଇଦା ଦେବ।

**ପାଠ୍ୟକ୍ରମ ଓ ତାଲିମ:**

ଏହି ଯୋଜନାରେ ବହୁମୁଖୀ ତାଲିମ ଓ ପାଠ୍ୟକ୍ରମ ପ୍ରଚଳନ କରାଯାଇଛି। ବିଶେଷକରି ଏଥିଲାଗି ଶିକ୍ଷାଗତ ଯୋଗ୍ୟତା ଦଶମ ଶ୍ରେଣୀ ଫେଲ୍ ପିଲାଙ୍କ ଲାଗି ମଧ୍ୟ ରହିଛି। ପିଲାଟିକୁ ଜିଲାସ୍ତରରେ ନିଜ ନାମ ପଞ୍ଜିକରଣ କରାଇବା ପରେ କ୍ଲଷ୍ଟରସ୍ତରରେ ଏହି ପାଠ୍ୟକ୍ରମ ଓ ତାଲିମ ଲାଗି ସୁଯୋଗ ଦିଆଯାଉଛି। ଯୁବକ/ଯୁବତୀ ତାଙ୍କ ଇଚ୍ଛାନୁଯାୟୀ ପାଠ୍ୟକ୍ରମ ଓ ତାଲିମକୁ ବାଛୁଛନ୍ତି। ୩ ମାସ, ୬ମାସରୁ ଏକବର୍ଷ ଓ ଏକବର୍ଷରୁ ଊର୍ଦ୍ଧ୍ୱ ଭଳି ତିନିଟି ପର୍ଯ୍ୟାୟରେ ତାଲିମ ମାଗଣାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଦିଆଯାଉଛି। ଏଥିପାଇଁ ଉନ୍ନତ ଭିତ୍ତିଭୂମି ପ୍ରତିଷ୍ଠା କରିଛନ୍ତି କେନ୍ଦ୍ର ତଥା ପ୍ରାଦେଶିକ ସରକାର। ପିଲାଙ୍କୁ ଶିକ୍ଷାଦାନ, ତାଲିମ ସହ ସ୍ୱତନ୍ତ୍ର ହଷ୍ଟେଲରେ ମାଗଣା ରହିବା ଓ ଖାଇବା ବ୍ୟବସ୍ଥା ମଧ୍ୟ କରାଯାଇଛି। ତାଲିମ ପ୍ରଦାନ ପରେ ନିଶ୍ଚିତ କର୍ମନିଯୋଜନ ବ୍ୟବସ୍ଥା ମଧ୍ୟ କରାଯାଉଛି। ବିଭିନ୍ନ ଉଦ୍ୟୋଗ, ନିର୍ମାଣକାରୀ ଓ ଉତ୍ପାଦନକାରୀ ସଂସ୍ଥା କ୍ୟାମ୍ପସ୍ ଜରିଆରେ ଏହି ତାଲିମପ୍ରାପ୍ତ ଯୁବକ/ଯୁବତୀଙ୍କୁ ନିଯୁକ୍ତି ମଧ୍ୟ ଦେବା ଆରମ୍ଭ କଲେଣି।

**ଓଡ଼ିଶାରେ ସ୍ଥିତି ଓ ରୂପାୟନ:**

କେନ୍ଦ୍ର ସରକାରଙ୍କ ଏହି ଦକ୍ଷତା ବିକାଶ ଯୋଜନାକୁ କାର୍ଯ୍ୟାନ୍ୱୟନ କରିବା ଦାୟତ୍ୱ କିନ୍ତୁ ରାଜ୍ୟ ସରକାରଙ୍କ ଉପରେ ନିର୍ଭରଶୀଳ। ସମସ୍ତ ଭିତ୍ତିଭୂମି ଓ ଆନୁଷଙ୍ଗିକ ବ୍ୟବସ୍ଥା ସତ୍ତ୍ୱେ ଯଦି ଏହାର ସମୟୋଚିତ ରୂପାୟନ କରା ନ ଯାଏ, ତେବେ ଯୋଜନା ଯୋଜନ ଦୂରରେ ରହିଯାଏ। ତେଣୁ ବିଶେଷ ଭୂମିକା ପ୍ରାଦେଶିକ ସରକାର ତଥା ନୋଡାଲ ଏଜେନ୍ସିର ହିଁ ରହିଛି। ତେଣୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଗଢାଯାଇଛି ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ)। ୧୫ରୁ ୩୪ ବର୍ଷ ଯୁବକ/ଯୁବତୀଙ୍କ ଦକ୍ଷତା ବୃଦ୍ଧି, ସେମାନଙ୍କୁ ନିଯୁକ୍ତି ପ୍ରଦାନ ସହ ଆୟବୃଦ୍ଧି ଲାଗି ଏହି ପ୍ରକଳ୍ପ ଜରିଆରେ ଓଡ଼ିଶାର ପ୍ରାୟ ୨ ଲକ୍ଷ ଯୁବକଙ୍କ ଦକ୍ଷତା, ନିଯୁକ୍ତି ତଥା ଆୟବୃଦ୍ଧି କରାଇବା ଲକ୍ଷ୍ୟ ରଖାଯାଇଛି। ବିଶେଷକରି ନୂଆ ଯୁବକ/ଯୁବତୀଙ୍କୁ ପ୍ରଥମ ପ୍ରବେଶକାରୀ ଓ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ଅନ୍ୟ କର୍ମଜୀବୀ ଯୁବକ/ଯୁବତୀଙ୍କୁ ଏଥିରେ ସାମିଲ କରାଯାଉଛି। ଉତ୍ପାଦନ, ନିର୍ମାଣ ଶିଳ୍ପ ଓ ବିଭିନ୍ନ ସେବା କ୍ଷେତ୍ରକୁ ଏଥିପାଇଁ ପ୍ରାଥମିକ ତଥା ପ୍ରଭାବୀ କ୍ଷେତ୍ର ରୂପେ ବଛାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଯୁବଗୋଷ୍ଠୀ, ମହିଳା ଓ ସମାଜର ଅନ୍ୟ ଭିନ୍ନକ୍ଷମ ଗୋଷ୍ଠୀକୁ ସ୍ୱାବଲମ୍ବୀ ହେବା ଲାଗି ସୁଯୋଗ ମିଳିପାରିବ।

ଓଡ଼ିଶାର ଅର୍ଥନୀତି ଏବେ ଏକ ଭିନ୍ନ ସ୍ଥିତି ଦେଇ ଗତି କରୁଛି। ଶିଳ୍ପ ଓ ସେବା କ୍ଷେତ୍ର ଆର୍ଥିକ ଅଭିବୃଦ୍ଧିର ମୁଖ୍ୟ ସ୍ରୋତ ପାଲଟିଛି। ୧୯୯୬ରୁ ୨୦୧୫ ମସିହା ପର୍ଯ୍ୟନ୍ତ ରାଜ୍ୟର କୃଷି ଉତ୍ପାଦନ ହାର କ୍ରମାଗତ ଭାବେ ଖସିବାରେ ଲାଗିଛି। ଓଡ଼ିଶାର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ କୃଷି କ୍ଷେତ୍ରରୁ ଯୋଗଦାନ ୩୨ ପ୍ରତିଶତରୁ ଖସି ୧୫ ପ୍ରତିଶତରେ ପହଞ୍ଚିଲାଣି। ଅନ୍ୟପକ୍ଷରେ ଶିଳ୍ପ ଅଭିବୃଦ୍ଧି ରାଜ୍ୟ ଜିଡିପି ଯୋଗଦାନରେ ୧୮ ପ୍ରତିଶତରୁ ୩୩ ପ୍ରତିଶତରେ ପହଞ୍ଚାଇଲାଣି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସେବା କ୍ଷେତ୍ରରୁ ରାଜ୍ୟ ଜିଡିପିକୁ ଯୋଗଦାନ ରହିଛି ସର୍ବାଧିକ ୫୧ ପ୍ରତିଶତ। ଓଡ଼ିଶା ଗରିବୀ ତଥା ଦାରିଦ୍ର୍ୟ ହଟାଇବାରେ ଅନେକ ସଫଳ ହୋଇଥିବା କୁହାଯାଉଛି। ୨୦୦୫ରୁ ୨୦୧୩ ପର୍ଯ୍ୟନ୍ତ ଓଡ଼ିଶା ସମେତ ଦେଶର କେତେକ ପ୍ରମୁଖ ରାଜ୍ୟ ଦାରିଦ୍ର୍ୟକୁ ୨୫ ପ୍ରତିଶତ କମାଇ ପାରିଛନ୍ତି। ତଥାପି ଭାରତରେ ଓଡ଼ିଶାର ଗରିବୀ ହାର ୩୩ ପ୍ରତିଶତ ରହିବା ଉଭୟ ରାଜ୍ୟ ଓ ଦେଶ ପାଇଁ ଏକ ଚାଲେଞ୍ଜ ସୃଷ୍ଟି କରିଛି। ଅର୍ଥନୈତିକ ସଂସ୍କାର ଓ ପରିବର୍ତ୍ତନ ସତ୍ତ୍ୱେ ରାଜ୍ୟର ଅଧା କର୍ମଜୀବୀ କୃଷି କ୍ଷେତ୍ରରେ ନିୟୋଜିତ ରହିଛନ୍ତି। ଅବଶିଷ୍ଟ ୨୫ ପ୍ରତିଶତ ଅର୍ଥାତ୍ ଏକ ଚତୁର୍ଥାଂଶ ଶିଳ୍ପ ଓ ଅନ୍ୟ ୨୫ ପ୍ରତିଶତ କର୍ମଜୀବୀ ସେବା କ୍ଷେତ୍ରରେ ନିୟୋଜିତ ରହିଛନ୍ତି। ପାଖାପାଖି ୮୦ ପ୍ରତିଶତ କର୍ମଜୀବୀ ଅଣାନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତ ଥିବାରୁ ଶ୍ରମଶକ୍ତିର ସଠିକ୍ ବିନିଯୋଗ ହୋଇପାରୁନି। ତେଣୁ ଏଠି ଓଡ଼ିଶାର ଶ୍ରମଶକ୍ତିକୁ କମ୍ ଉତ୍ପାଦନକ୍ଷମ କ୍ଷେତ୍ର (କୃଷି) ଏବଂ ଅଣାନୁଷ୍ଠାନିକ କ୍ଷେତ୍ରରୁ ହଟାଇ ଅଧିକ ମଜୁରୀ ମିଳୁଥିବା ଆନୁଷ୍ଠାନିକ କ୍ଷେତ୍ରମୁହାଁ କରିବା ସବୁଠାରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏହା କରାଯାଇପାରିଲେ, ଦାରିଦ୍ର୍ୟ ହଟିବା ସହ ରାଜ୍ୟର ନୁହେଁ; ବରଂ ବୃହତ୍ ଶ୍ରମଶକ୍ତିର ଅର୍ଥନୈତିକ ଅଭିବୃଦ୍ଧି ଘଟାଯାଇପାରିବ। ଏଥିଲାଗି ଅଣକୁଶଳୀ ଯୁବଗୋଷ୍ଠୀ ତଥା ଶ୍ରମଶକ୍ତିକୁ ଉପଯୁକ୍ତ ତାଲିମ ପ୍ରଦାନ ସହ ଦକ୍ଷତାର ବିକାଶ ଘଟାଇବାକୁ ସ୍କିଲ ଇଣ୍ଡିଆ କ୍ଲଷ୍ଟରରେ ସ୍କିଲ୍ ଓଡ଼ିଶା ଭଳି ଆରମ୍ଭ କରାଯାଇଛି।

**ଶ୍ରମଶକ୍ତି ସ୍ଥିତି:**

ଓଡ଼ିଶାର ମୂଳ ସମସ୍ୟାଟି ହେଉଛି ଏଠାକାର ଯୁବକ/ଯୁବତୀଙ୍କଠାରେ ଆବଶ୍ୟକ ତାଲିମ, ଦକ୍ଷତା ଅଭାବରୁ ସେମାନେ ଶିଳ୍ପ, ବାଣିଜ୍ୟ, ମ୍ୟାନୁଫାକ୍‌ଚରିଂ, ନିର୍ମାଣ ଓ ସେବା ଆଦି ଏକାଧିକ ଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ପାଇପାରୁନାହାନ୍ତି। ଅଥବା ସେମାନଙ୍କ ନିଯୁକ୍ତି ହାର ପଛରେ ପଡିଛି। ଓଡ଼ିଶାର ମୋଟ ଜନସଂଖ୍ୟା ପାଖାପାଖି ୪ କୋଟି ୩୦ ଲକ୍ଷ। ମୋଟ ଜନସଂଖ୍ୟାର ଏକ ତୃତୀୟାଂଶ ଅର୍ଥାତ୍ ତିନିଭାଗରୁ ଗୋଟିଏ ଭାଗ ହେଉଛନ୍ତି ୧୫ରୁ ୩୪ ବର୍ଷ ଯୁବକ/ଯୁବତୀ। ଅର୍ଥାତ୍ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ; ମାତ୍ର ସେମାନଙ୍କ ମଧ୍ୟରୁ ବେକାରୀ ହେଉଛନ୍ତି ୬.୮ ପ୍ରତିଶତ; ଯାହାକି ଜାତୀୟ ହାର (୫.୮%)ଠାରୁ ମଧ୍ୟ ସାମାନ୍ୟ ଅଧିକ। ସେହିଭଳି ପ୍ରଚ୍ଛନ୍ନ ବେକାରଙ୍କ ସଂଖ୍ୟା ୧୧ ପ୍ରତିଶତ ଥିବାବେଳେ ଜାତୀୟ ହାର (୬%)ରୁ ପାଖାପାଖି ଦୁଇଗୁଣ ଅଧିକ। ସୂଚନା ଆଧାରରେ ଜାତୀୟ ହାରରେ ଧନ୍ଦାମୂଳକଧାରୀ ଯୁବଗୋଷ୍ଠୀଙ୍କ ସଂଖ୍ୟା ୩.୭ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୧.୮ ପ୍ରତିଶତ ରହିବା ନିରାଶାଜନକ। ଏପରିକି ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଜାତୀୟ ହାରଠାରୁ କମ୍। ମହିଳାଙ୍କ କ୍ଷେତ୍ରରେ ଏହି ସ୍ଥିତି ପୁରୁଷମାନଙ୍କଠାରୁ ବହୁତ କମ୍। ୧୫-୩୪ ବର୍ଷ ବୟସ୍କ ପୁରୁଷ ଶ୍ରମଶକ୍ତି ୮୦ ପ୍ରତିଶତ ରହିଥିବାବେଳେ ମହିଳାଙ୍କ ଯୋଗଦାନ ଏକ୍ଷେତ୍ରରେ ମାତ୍ର ୨୯ ପ୍ରତିଶତ ରହଛି। ଯାହାକି ଉଭୟ ଓଡ଼ିଶା ଓ ଭାରତ ଲାଗି ଏକ ବଡ଼ ଧରଣର ଲିଙ୍ଗଗତ ଅସମତୁଲ ଶ୍ରମଶକ୍ତି ପରିସ୍ଥିତି ସୃଷ୍ଟି କରିଛି।

ଏଭଳି ସ୍ଥିତିରେ ତୁରନ୍ତ ସୁଧାର ଆଣିବା ଓ ଲିଙ୍ଗଗତ ଶ୍ରମବଜାରକୁ କେବଳ ସମତୁଲ ନୁହେଁ; ବରଂ କୁଶଳୀ ତଥା

ଦକ୍ଷ ଶ୍ରମବଜାରରେ ପରିଣତ କରିବା ଲାଗି ରାଷ୍ଟ୍ରୀୟ ସ୍ତରରେ ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଓ 'ସ୍କିଲ ଇଣ୍ଡିଆ' ଅଭିଯାନ ଯୁବଗୋଷ୍ଠୀଙ୍କୁ ଦକ୍ଷ ତଥା କୁଶଳୀ କରାଇବ। କେବଳ ସେତିକି ନୁହେଁ; ଗୁଣାତ୍ମକ କାର୍ଯ୍ୟ ସହ ଅଧିକ ଆୟପନ୍ଥା ମଧ୍ୟ ସୃଷ୍ଟି କରିବାରେ ସ୍କିଲ ଇଣ୍ଡିଆ ସମର୍ଥ ହୋଇପାରିବ। ବିଶେଷକରି ଉତ୍ପାଦନ ଓ ସେବା କ୍ଷେତ୍ରରେ ଏଭଳି ଭରପୁର ସୁଯୋଗ ରହିଛି। ତେବେ ଓଡ଼ିଶା ଭଳି ରାଜ୍ୟ ଯେଉଁଠାରେ ଆଦିବାସୀ, ଜନଜାତି, ଉପଜାତି ଓ ଅନ୍ୟ ଦୁର୍ବଳବର୍ଗର ଲୋକଙ୍କ ସଂଖ୍ୟା ଅଧିକ ରହିଛି ସେମାନଙ୍କୁ ଏଭଳି ଧନ୍ଦାମୂଳକ ତାଲିମ ଦେଇ ବିକାଶର ମୁଖ୍ୟସ୍ରୋତକୁ ଆଣିବା ନିଶ୍ଚିତ ରୂପେ ଏକ ଆହ୍ୱାନ ନିଶ୍ଚୟ। ତଥାପି ଶ୍ରମ ବଜାରର ଚାହିଦା ମୁତାବକ ସେକ୍ଷେତ୍ରରୁ ଯୁବଗୋଷ୍ଠୀଙ୍କୁ ଅଧିକରୁ ଅଧିକ ଜାତୀୟ ଦକ୍ଷତା ବିକାଶ ନିଗମ ଜରିଆରେ ତାଲିମ ଦେଇ ନିଯୁକ୍ତି ସୁଯୋଗ ଦେବା ଓ ସ୍ୱାବଲମ୍ବନ କରାଇବା ପ୍ରୟାସ ଆରମ୍ଭ ହୋଇଛି।

**ଭିତ୍ତିଭୂମି ନିର୍ମାଣ ଓ ଯୋଜନା ରୂପାୟନ:**

ଜାତୀୟ ଦକ୍ଷତା ବିକାଶ ନିଗମ (ଏନଏସଡିସି) ଦ୍ୱାରା ଓଡ଼ିଶା ପରିପ୍ରେକ୍ଷୀରେ ଏକ ସର୍ଭେ କରାଯାଇଥିଲା। ସେଥିରୁ ଜଣାପଡିଛି ଏହି ଯୋଜନା କାର୍ଯ୍ୟକ୍ଷମ ହେବା ପରଠାରୁ ଅର୍ଦ୍ଧକୁଶଳୀ ଓ କୁଶଳୀ ତଥା ଧନ୍ଦାମୂଳକ ତାଲିମପ୍ରାପ୍ତ ଯୁବଗୋଷ୍ଠୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହାସତ୍ତ୍ୱେ ୨୦୧୬ରୁ ୨୦୨୬ ମଧ୍ୟରେ ଓଡ଼ିଶାରୁ କେବଳ ନିର୍ମାଣ, ଉତ୍ପାଦନ, ପରିବହନ, ସୂଚନା ଓ ପ୍ରଯୁକ୍ତି ତଥା ତତ୍‌ସଂକ୍ରାନ୍ତ ସେବା, ଶିକ୍ଷା, ବିତ୍ତୀୟ ଓ ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ କୁଶଳୀ ଶ୍ରମଶକ୍ତିର ଯୋଗାଣ ଓ ଚାହିଦା ମଧ୍ୟରେ ବ୍ୟବଧାନ ୪୦ ଲକ୍ଷ ରହିବା ଆକଳନ କରାଯାଉଛି। ଓଡ଼ିଶାରୁ ଅଧିକ ସଂଖ୍ୟାରେ ଶ୍ରମଶକ୍ତି ଭାରତ ଓ ଦେଶ ବାହାରକୁ ଯାଇଥାନ୍ତି। ତେଣୁ ଆଗାମୀ ଦିନରେ ଓଡ଼ିଶାରୁ କୁଶଳୀ ଶ୍ରମଶକ୍ତିର ଚାହିଦା ଭାରତର ଅନ୍ୟାନ୍ୟ ପ୍ରଦେଶ ଓ ଭାରତ ବାହାର ଲାଗି ବର୍ତ୍ତମାନ ଅପେକ୍ଷା ମଧ୍ୟ ଅଧିକ ଦରକାର ପଡିବ। ତେଣୁ ଏବେଠାରୁ ଦକ୍ଷତା ବିକାଶ କ୍ଷେତ୍ରକୁ ରାଜ୍ୟ ସରକାର ବିଶେଷ ଗୁରୁତ୍ୱଦେଇ ଆଗେଇ ନେବାର ଆବଶ୍ୟକତା ରହିଛି। ସେଥିଲାଗି କେନ୍ଦ୍ର ଓ ରାଜ୍ୟ ଉଦ୍ୟମରେ ଓଡ଼ିଶା ସ୍କିଲ ଡେଭଲପ୍‌ମେଣ୍ଟ ଅଥରିଟି(ଓଏସଡିଏ) ଭୁବନେଶ୍ୱରରେ ୨.୭୯ ଲକ୍ଷ ବର୍ଗଫୁଟ ଜମିରେ ଏକ ୧୮ ମହଲା ବିଶିଷ୍ଟ 'ୱାର୍ଲ୍ଡ ସ୍କିଲ ସେଣ୍ଟର' (ଡବ୍ଲ୍ୟୁଏସସି) ନିର୍ମାଣ ଲାଗି ଶିଳାନ୍ୟାସ କରାଯାଇଛି। ପ୍ରତିଟି ମହଲାରେ ସ୍ୱତନ୍ତ୍ର ଦକ୍ଷତା ବିକାଶ କୌଶଳ ଲାଗି ଶ୍ରେଣୀଗୃହ ଓ ତାଲିମ ପରୀକ୍ଷାଗାର ରହିବ। ଅର୍ଥନୀତିକୁ ଅଧିକ ମଜବୁତ କରିବା ଲାଗି ଓଡ଼ିଶାର ଯୁବପିଢିଙ୍କୁ ଅଧିକରୁ ଅଧିକ ଦକ୍ଷ, ତାଲିମପ୍ରାପ୍ତ ଓ ସମୟ ଉପଯୋଗୀ କୁଶଳୀ କରିବା ଲାଗି ଏହି ସେଣ୍ଟର ପ୍ରମୁଖ ଭୂମିକା ତୁଲାଇବା ଆଶା ରହିଛି। ୱାର୍ଲ୍ଡ ସ୍କିଲ ସେଣ୍ଟର (ଡବ୍ଲ୍ୟୁଏସସି) ପ୍ରତିଷ୍ଠା ଲାଗି ଚଳିତବର୍ଷ ଜୁଲାଇ ୧୬ ତାରିଖରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାରଙ୍ଗଠାରେ ଏହାର ଶିଳାନ୍ୟାସ କରିଛନ୍ତି। ଓଡ଼ିଶା ଓ ଭାରତ ଲାଗି ଏହା ଏକ ଗୌରବଶାଳୀ ତଥା ବିଶ୍ୱସ୍ତରୀୟ ଦକ୍ଷତା ବିକାଶ ହବ୍ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏଠାରୁ ଶିକ୍ଷା ଓ ତାଲିମ ଗ୍ରହଣ କରି ପ୍ରଦେଶ, ରାଷ୍ଟ୍ର ତଥା ବିଦେଶରେ ଓଡ଼ିଆ ପିଲାମାନେ ସେମାନଙ୍କ କୁଶଳ ଶ୍ରମଶକ୍ତିର ପରିଚୟ ପ୍ରଦାନ କରିବା ସହ ଅଧିକରୁ ଅଧିକ ରୋଜଗାରକ୍ଷମ ହୋଇପାରିବେ। ଏଠାରେ ବିଭିନ୍ନ ଶିଳ୍ପାନୁଷ୍ଠାନ, ଟ୍ରେନିଂ ପାର୍ଟନର, ବିଶେଷଜ୍ଞ ରହିବେ। ପ୍ରତିଟି ମହଲା ୧୭,୦୦୦ ବର୍ଗଫୁଟର ରହିବ; ଯାହାକି 'ସେଣ୍ଟର ଅଫ୍ ଏକ୍ସିଲେନ୍ସ' ରୂପେ ଗଢାଯିବ ବୋଲି ଦକ୍ଷତା ବିକାଶ ତଥା ଉଦ୍ୟମିତା ମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରହିଛି।

**ଲକ୍ଷ୍ୟ ହାସଲ:**

ରାଜ୍ୟର ବେକାରୀ ଓ ବେରୋଜଗାରୀ ସ୍ଥିତିକୁ ଦେଖି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ଓଡ଼ିଶା ସରକାରଙ୍କ ପ୍ରାରମ୍ଭିକ ଲକ୍ଷ୍ୟ ଥିଲା ୧୦ ଲକ୍ଷ ଲୋକଙ୍କୁ ତାଲିମ ଦେବା। ମାତ୍ର ପରେ ଏହାକୁ ବଢାଯାଇ ଆଉ ୮ ଲକ୍ଷ(୧୦+୮= ୧୮ ଲକ୍ଷ) ଯୁବକ/ଯୁବତୀଙ୍କୁ ୨୦୧୯ ମସିହା ସୁଦ୍ଧା ତାଲିମ ପ୍ରଦାନ ପାଇଁ ସ୍ଥିରୀକୃତ କରାଯାଇଥିଲା। ତେବେ ୨୦୧୪-୧୫ ସୁଦ୍ଧା ରାଜ୍ୟ ସରକାର ୩ ଲକ୍ଷ ୩୦ ହଜାର ଯୁବକ/ଯୁବତୀଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ ଦେଇଥିବା ପରିସଂଖ୍ୟାନ ରିପୋର୍ଟରେ ଦର୍ଶାଇଛନ୍ତି। ଦକ୍ଷ ଶ୍ରମଶକ୍ତିର ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ୨୦୦୫-୨୦୦୬ରେ ଓଡ଼ିଶା ରାଜ୍ୟ ନିଯୁକ୍ତି ମିଶନ(ଓଏସଇଏମ) ପ୍ରତିଷ୍ଠା କରିଥିଲେ। ଏପରିକି ଏହାର ଦଶବର୍ଷ ପରେ ଅର୍ଥାତ୍ ରାଷ୍ଟ୍ରୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭଳି ୨୦୧୫ରେ ଓଡ଼ିଶା ସରକାର 'ସ୍କିଲ ଡେଭଲପ୍‌ମେଣ୍ଟ ଆଣ୍ଡ ଟେକ୍ନିକାଲ ଏଡୁକେସନ୍ ଡିପାର୍ଟମେଣ୍ଟ'(ଏସ୍‌ଡିଟିଇଡି) ବା ଦକ୍ଷତା ବିକାଶ ଓ କୌଶଳ ଶିକ୍ଷା ବିଭାଗ ପ୍ରତିଷ୍ଠା କରିଥିଲେ। ଉଦ୍ଦେଶ୍ୟ ଥିଲା ସରକାରଙ୍କ ବିଭିନ୍ନ ଏଜେନ୍ସି ଜରିଆରେ ବେକାର ଯୁବକ/ଯୁବତୀଙ୍କୁ ତାଲିମ ପ୍ରଦାନ ସହ ନିଯୁକ୍ତି ସୁଯୋଗ ବଢାଇବା ଓ ଶ୍ରମ ବଜାରକୁ ସୁବ୍ୟବସ୍ଥିତ କରିବା। ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ (ଡିଟିଇଟି) ଜରିଆରେ ଦକ୍ଷତା ବିକାଶ ଲାଗି ଏକାଧିକ ଶିଳ୍ପ ତାଲିମ ପ୍ରତିଷ୍ଠାନ(ଆଇଟିଆଇ) ପ୍ରତିଷ୍ଠା କରାଯାଇଥିଲେ ମଧ୍ୟ ଦୁର୍ବଳ ଭିତ୍ତିଭୂମି ଓ ଯୁଗ ଅନୁପଯୋଗୀ ଢାଞ୍ଚାର ଦକ୍ଷତା ତାଲିମ ଯୋଗୁଁ ଲକ୍ଷ୍ୟପୂରଣ ବିଫଳ ହୋଇଥିଲା। ତେଣୁ ଏବେ କେନ୍ଦ୍ର ସରକାର ଦକ୍ଷତା ବିକାଶ ଯୋଜନାରେ ଓଡ଼ିଶାକୁ ତା'ର ତାଲିମ ଓ ପ୍ରଶିକ୍ଷଣ ଲାଗି ବେଶ୍ ସହାୟକ ହୋଇଛି। ଫଳରେ ବିଗତ ତିନିବର୍ଷରେ ୩,୩୦,୦୦୦ ଯୁବପିଢିଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ସହ ସ୍ୱାବଲମ୍ବନଶୀଳ କରିବାର ପ୍ରୟାସ ଚାଲିଛି।

ଓଡ଼ିଶାରେ ଦକ୍ଷତା ବିକାଶକୁ ଅଧିକ ପ୍ରଭାବୀ କରିବା ଲାଗି କେତେକ ସମସ୍ୟା ମଧ୍ୟ ରହିଛି।

- ୫ ବର୍ଷିଆ ଲକ୍ଷ୍ୟପୂରଣ ଦିଗରେ ଏବଂ ଭୌଗୋଳିକ ସ୍ଥିତି ଅନୁଯାୟୀ ଅସନ୍ତୁଳିତ ତାଲିମ କେନ୍ଦ୍ର।
- ଆଇଟିଆଇ ଗୁଡିକରେ ରହିଥିବା ଶିଳ୍ପ ତାଲିମଦାତାଙ୍କ ଅଭିଜ୍ଞତାର ଅଭାବ, ପୁରୁଣା ପାଠ୍ୟକ୍ରମ ଓ ଯନ୍ତ୍ରାଂଶ।
- ଅନ୍ତର୍ଜାତୀୟ ମାନକର ଚାହିଦା ପୂରଣ ଲାଗି ଆବଶ୍ୟକ ଅନୁଷ୍ଠାନ ଓ ସଂସ୍ଥା ଗୁଡିକର ଅଭାବ।
- ଦିଆଯାଉଥିବା ତାଲିମ କାର୍ଯ୍ୟକ୍ରମ ସହ ନିଯୁକ୍ତି ସମ୍ଭାବନା କ୍ଷେତ୍ର ନ ରହିବା।
- ବଜାରର ଆବଶ୍ୟକତା ଅନୁସାରେ ସୀମୀତ ସରକାରୀ ଓ ଘରୋଇ ସଂସ୍ଥା।
- ଦକ୍ଷତା ପରିସଂସ୍ଥା ଓ ଶିଳ୍ପ ପ୍ରତିଷ୍ଠାନ ଗୁଡିକ ମଧ୍ୟରେ ଦୁର୍ବଳ ସମନ୍ୱୟ।
- ଆଇଟିଆଇ ଗୁଡିକୁ ସମୟାନୁଯାୟୀ ପ୍ରଭାବୀ ତାଲିମ କେନ୍ଦ୍ରରେ ରୂପାନ୍ତରଣ କରି ନ ପାରିବା ଓ ଏହାକୁ ଅନୁଧ୍ୟାନ କରିବାରେ ଅଚଳାବସ୍ଥା।
- ଅତ୍ୟାଧୁନିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ମଡେଲକୁ

ତାଲିମ ପାଠ୍ୟକ୍ରମରେ ସାମିଲ ନ କରି ପାରିବା।

– ଏବଂ ଶେଷରେ ବ୍ୟୟଭାର ସମସ୍ୟା ଓ ଉତ୍ପାଦନକ୍ଷମ ବଜାର ଚାହିଦାର ସମସ୍ୟା।

ଏହାଫଳରେ ରାଜ୍ୟ ସରକାରଙ୍କ ଅତୀତର ଯୋଜନା ଗୁଡ଼ିକ ଇପ୍ସିତ ଲକ୍ଷ୍ୟ ହାସଲରେ ବିଫଳ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଯେଉଁ 'ସ୍କିଲ୍ ଇଣ୍ଡିଆ' ଯୋଜନା ରୂପାୟନ କରିଛନ୍ତି ସେଥିରେ ପୂର୍ବରୁ ଥିବା ସମସ୍ତ ଦୋଷ ଦୁର୍ବଳତା ଓ ତ୍ରୁଟିକୁ ସୁଧୁରା ଯାଇଛି। ବିଶେଷକରି ପାଠ୍ୟକ୍ରମକୁ ଯୁଗପୋଯୋଗୀ କରିବା ସହ ବଜାର ଚାହିଦା ଅନୁଯାୟୀ ଶହ ଶହ କ୍ଷେତ୍ରରେ ତାଲିମ ଓ ଦକ୍ଷତା ବିକାଶ କରାଇବାର ସୁଯୋଗ ସୃଷ୍ଟି କରାଯାଇଛି।

**କାର୍ଯ୍ୟକ୍ରମ:**

ଯୁବପିଢ଼ିଙ୍କ ଚାହିଦାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ବ୍ୟବସ୍ଥା ସହ ସମତୁଳତା ରକ୍ଷାକରି ୨୦୧୬ରେ ରାଜ୍ୟ ସରକାର ଗଠନ କରିଛନ୍ତି ଓଡ଼ିଶା ସ୍କିଲ ଡେଭଲପମେଣ୍ଟ ଅଥରିଟି(ଓଏସଡିଏ) ରାଜ୍ୟରେ ଥିବା ବିଭିନ୍ନ ତାଲିମ ସଂସ୍ଥା ଓ ପ୍ରତିଷ୍ଠାନ ଗୁଡିକୁ ଅଧିକ କ୍ରିୟାଶୀଳ କରାଯାଇଛି। ସମସ୍ତ ଦକ୍ଷତା ବିକାଶ ପାଠ୍ୟକ୍ରମ ଓ ତାଲିମ କାର୍ଯ୍ୟକ୍ରମକୁ ଏକାଠି ଗୋଟିଏ ବ୍ୟବସ୍ଥା ଭିତରେ ରଖାଯାଇଛି। ଓଏସଡ଼ିଏର ନେତୃତ୍ୱ ଜଣେ ଦକ୍ଷ ଶିଳ୍ପ ଉଦ୍ୟୋଗୀ ତଥା ବ୍ୟକ୍ତିତ୍ୱଙ୍କୁ ପ୍ରଦାନ କରାଯାଇଛି। ବଜାର ଚାହିଦା ଅନୁଯାୟୀ ଗୁଣାତ୍ମକ ତାଲିମ ଲାଗି ଶତାଧିକ ପାଠ୍ୟକ୍ରମକୁ ସାମିଲ କରାଯାଇଛି। ଉତ୍ପାଦନ, ନିର୍ମାଣ ଓ ସେବା କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରାଥମିକତା ଦିଆଯାଇଛି। ବିଶେଷକରି ଅଟୋମୋବାଇଲ ଓ ସ୍ୱାସ୍ଥ୍ୟସେବାର ବିଭିନ୍ନ ଅନୁଷଙ୍ଗିକ କ୍ଷେତ୍ର ଗୁଡିକୁ ଚିହ୍ନଟ କରାଯାଇ ଆଇଟିଆଇ ଗୁଡିକର କ୍ଷମତା ବୃଦ୍ଧି କରାଯାଇଛି। କ୍ଷୁଦ୍ର, ମଧ୍ୟମ ଓ ଦୀର୍ଘକାଳୀନ ଭଳି ତିନିଟି ପର୍ଯ୍ୟାୟରେ ଦିଆଯାଉଥିବା ତାଲିମ ଲାଗି ବିଶେଷକରି ଓଡ଼ିଶାର ୮ଟି ନୂତନ ଅତ୍ୟାଧୁନିକ ଦକ୍ଷତା ତାଲିମ ପ୍ରତିଷ୍ଠାନ (ଏଏସଟିଆଇ)କୁ ପ୍ରମୁଖତା ଭିତ୍ତିରେ ବିକଶିତ କରାଯାଉଛି।

ଏହି ବ୍ୟବସ୍ଥା ଦ୍ୱାରା ରାଜ୍ୟରେ ତାଲିମ କ୍ଷମତା ବୃଦ୍ଧି ପାଇବ। ଦକ୍ଷତା ତାଲିମର ଗୁଣାତ୍ମକମାନ ବଢିବ। ବଜାର ଚାହିଦା ଅନୁଯାୟୀ ପାଠ୍ୟକ୍ରମ ଗ୍ରହଣ ଦ୍ୱାରା ଅଧିକ ଚାହିଦା ଥିବା କ୍ଷେତ୍ର ଗୁଡିକ ଲାଗି ଯୁବ ଶ୍ରମଶକ୍ତି ସୃଷ୍ଟି ହୋଇପାରିବ। ଜାତୀୟ ଓ ଅନ୍ତର୍ଜାତୀୟ ପାଠ୍ୟକ୍ରମ ଓ ତାଲିମ କୌଶଳକୁ ପ୍ରକଳ୍ପରେ ଗ୍ରହଣ କରାଯିବା ଦ୍ୱାରା ଏହା ରାଜ୍ୟର ଯୁବଶକ୍ତିକୁ ଦେଶବିଦେଶରେ ମଧ୍ୟ ଉତ୍ତମ ନିଯୁକ୍ତି କ୍ଷେତ୍ରଲାଗି ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବ।

କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଭୁବନେଶ୍ୱରର ବାରଙ୍ଗଠାରେ ଯେଉଁ ନେସନାଲ ସ୍କିଲ ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ୍ (ଏନଏସଟିଆଇ)ର ଶିଳାନ୍ୟାସ କରିଛନ୍ତି ତାହା ରାଜ୍ୟରେ ଆଗାମୀ ଦିନରେ ଆବଶ୍ୟକ ପଡୁଥିବା ଦକ୍ଷ ଶ୍ରମଶକ୍ତି ଯୋଗାଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ। ୧୬୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଆରମ୍ଭ ହୋଇଥିବା ଏହି ପ୍ରତିଷ୍ଠାନ କେବଳ ପିଲାମାନଙ୍କୁ ତାଲିମ ଦେବନି; ବରଂ ତାଲିମଦାତା ମାନଙ୍କୁ ମଧ୍ୟ ନୂତନ ପାଠ୍ୟକ୍ରମ ଓ ଶିକ୍ଷା ଓ ଅନୁସନ୍ଧାନ କ୍ଷେତ୍ରରେ ଆଲୋକ ଦେଖାଇବ। ପ୍ରତିଟି ରାଜ୍ୟରେ ଏଭଳି ଗୋଟିଏ ଲେଖାଁଏ ଏନ୍ଏସ୍ଟିଆ ପ୍ରତିଷ୍ଠା କରାଯିବା ଲକ୍ଷ୍ୟ ଭାରତ ସରକାରଙ୍କର ରହିଛି। ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଏବେ ଅସ୍ଥାୟୀ ରୂପେ ଏନ୍ଏସ୍ଟିଆଇ କ୍ୟାମ୍ପସ୍ ଆରମ୍ଭ କରିବାକୁ ନେସନାଲ ସ୍ମଲ ଇଣ୍ଡଷ୍ଟ୍ରିଜ(ଏନଏସଆଇସି) ସହ ବୁଝାମଣା ପତ୍ର(ଏମଓୟୁ) ମଧ୍ୟ କରାଯାଇଛି।

ଦକ୍ଷତା ବିକାଶ ମନ୍ତ୍ରଣାଳୟ ମଧ୍ୟ ଆଇବିଏମ୍, ନାସ୍କମ୍ ଓ ଏସଏପି ଭଳି ବଡ଼ ବଡ଼ ସଂସ୍ଥାଙ୍କ ସହିତ ମିଶି ସହଭାଗିତାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ପାଠ୍ୟକ୍ରମ ବିକଶିତ କରିବାକୁ ଉଦ୍ୟମ ଆରମ୍ଭ କରିଛି। ଯାହାଫଳରେ କି, ଏହିସବୁ ପାଠ୍ୟକ୍ରମ ଏନ୍ଏସ୍ଟିଆଇରେ ଲାଗୁ କରାଯାଇପାରିବ।

ଆଇବିଏମ୍ ମଧ୍ୟ ଆଇଟି ନେଟ୍ୱାର୍କିଂ ଓ କ୍ଲାଉଡ୍ କଂପ୍ୟୁଟିଙ୍ଗ୍ ଭଳି ଅତ୍ୟାଧୁନିକ ପାଠ୍ୟକ୍ରମ ଓ ନାସ୍କମ୍ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଏବଂ ଏସଏପି ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ ଓ ଡାଟା ସାଇନ୍ସ ଭଳି ପାଠ୍ୟକ୍ରମ ଗୁଡିକ ବିକଶିତ କରିବା ଲାଗି ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ଏନଏସଟିଆଇ ଭୁବନେଶ୍ୱରରେ ମଧ୍ୟ ଏସଏପି ଓ ଡାଇରେକ୍ଟୋରେଟ୍ ଅଫ୍ ଟ୍ରେନିଂର ବିଶେଷଜ୍ଞମାନେ ଆସି ପିଲାମାନଙ୍କୁ ତାଲିମ ଦେବାକୁ ବୁଝାମଣାପତ୍ର ଭାରତ ସରକାରଙ୍କ ସହ ସ୍ୱାକ୍ଷରିତ ହୋଇଛି।

ବ୍ୟାବସାୟିକ ମନୋବୃତ୍ତି ଥିବା କୁଶଳୀ ଯୁବପିଢ଼ିଙ୍କୁ ଉଚିତ ମାର୍ଗରେ ପରିଚାଳିତ କରି ସଫଳ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀରେ ପରିଣତ କରିବା ସହ ତୃଣମୂଳ ସ୍ତରରେ ସେମାନଙ୍କ ଦ୍ୱାରା ନିଯୁକ୍ତି ସୃଷ୍ଟି କରିବାକୁ 'ନାନୋ ୟୁନିକର୍ଣ୍ଣ' କାର୍ଯ୍ୟ କରୁଛି। ଓଏସଡିଏ ଦ୍ୱାରା ଆରମ୍ଭ ହୋଇଥିବା ଏକ କାର୍ଯ୍ୟକ୍ରମ ହେଉଛି ନାନୋ ୟୁନିକର୍ଣ୍ଣ। ମନୋନୀତ ଯୁବକ ଯୁବତୀମାନଙ୍କୁ ଏକ ସପ୍ତାହ ବ୍ୟାବସାୟର ବିଭିନ୍ନ ଦିଗ ସଂପର୍କରେ ତାଲିମ ଦିଆଯିବ। ପରେ ଏହି ଯୋଜନାରେ ସେମାନଙ୍କୁ ବ୍ୟବସାୟ ଆରମ୍ଭ କରିବା ଲାଗି ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯିବ। ୨୦୧୭-୧୮ରେ ୧୦୦ ଜଣ, ୨୦୧୮-୧୯ରେ ଏକହଜାର ତାଲିମଧାରୀ ଓ ୨୦୧୯-୨୦ରେ ୩ ହଜାର ଉଦ୍ୟୋଗୀଙ୍କୁ ଏହି ଯୋଜନା ଅଧିନରେ ସହାୟତା କରିବାକୁ ଲକ୍ଷ୍ୟ ରଖାଯାଇଛି।

ଓଡ଼ିଶାରେ ଟାଟା ଷ୍କିଲ କଳିଙ୍ଗନଗର ଗ୍ରୀନ୍ପ୍ଲାଣ୍ଟରେ ରାଜ୍ୟର ୨ ହଜାରରୁ ଉର୍ଦ୍ଧ୍ୱ କୁଶଳୀ, ଅର୍ଣକୁଶଳୀ ଓ ସୁପରଭାଇଜର ଭଳି ପଦରେ ନିଯୁକ୍ତି ଦେଇଥିବା କୁହନ୍ତି ଟାଟା ଷ୍ଟିଲ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ୍। ତେବେ ସ୍କିଲ ଇଣ୍ଡିଆ ଏବଂ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ପଦକ୍ଷେପ ଆଗକୁ ଅଧିକ କୁଶଳୀ ଶ୍ରମଶକ୍ତି ସୃଷ୍ଟି କରିବ ବୋଲି ସେ ଆଶାବାଦୀ ଥିବା କୁହନ୍ତି।

ଶେଷରେ ଏତିକି କୁହାଯାଇପାରେ; ଦ୍ରୁତ ଅଭିବୃଦ୍ଧିଶୀଳ ଭାରତର ସଫଳତା ସାମୁହିକ ପ୍ରାଦେଶିକ ପଦକ୍ଷେପ ଉପରେ ନିର୍ଭର କରେ। ତୃଣମୂଳ ସ୍ତରରେ ଯଦି ସ୍କିଲ ଇଣ୍ଡିଆ ଭଳି ସୁଦୂରପ୍ରସାରୀ ତଥା ଦୀର୍ଘମିଆଦୀ ଯୋଜନାକୁ ସଠିକ୍ ରୂପେ କାର୍ଯ୍ୟାନ୍ୱୟନ କରାଯାଏ, ତା'ହେଲେ ଭାରତର ବିଶାଳ ଯୁବଶକ୍ତି ଆଗାମୀ ଦିନରେ ପୃଥିବୀର କୁଶଳୀ ଶ୍ରମ ଚାହିଦାକୁ ପୂରଣ କରିବା ସହ ବ୍ୟକ୍ତି ଓ ରାଷ୍ଟ୍ରୀୟ ଆର୍ଥିକ ବିକାଶରେ ମାଇଲଖୁଣ୍ଟ ସ୍ଥାପନ କରିବ।

**ଲେଖକ ଓଡ଼ିଶାର ଜଣେ ପ୍ରମୁଖ ଖବରକାଗଜର ସାମ୍ବାଦିକ ଓ ସ୍ତମ୍ଭକାର।**

# ଏସୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୧୮ରେ ଭାରତୀୟ ମହିଳା

୨୦୧୮ ମସିହା ଏସୀୟ କ୍ରୀଡ଼ାରେ ଭାରତୀୟ ମହିଳା ଖେଳାଳିମାନେ ଆକର୍ଷଣୀୟ ପ୍ରଦର୍ଶନ କରିଛନ୍ତି। ଅନେକ ପଦକ ଜିତିବା ସହ ସେମାନେ ସମଗ୍ର ବିଶ୍ୱ ସମ୍ମୁଖରେ ନିଜର ଉତ୍ସାହ ପ୍ରତିପାଦିତ କରିଛନ୍ତି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଦେଶକୁ ଗର୍ବିତ କରାଇଥିବା କେତେଜଣ ମହିଳା ଖେଳାଳିଙ୍କ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ନିମ୍ନରେ ପ୍ରଦତ୍ତ ହୋଇଛି।

**ଭିନେଶ ଫୋଗଟ-** ୫୦ କେଜି ଫ୍ରିଷ୍ଟାଇଲ୍ ମହିଳା କୁସ୍ତି ପ୍ରତିଯୋଗିତାରେ ଭିଶେ ଫୋଗଟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଉଭୟ ରାଜ୍ୟଗୋଷ୍ଠୀ ଓ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ



ଭାରତୀୟ ମହିଳା କୁସ୍ତି ଖେଳାଳି। ୨୦୧୩, ୨୦୧୪ ଏସୀୟ କ୍ରୀଡ଼ାରେ ତାଙ୍କୁ କାଂସ୍ୟପଦକ ମିଳିଥିବାବେଳେ ୨୦୧୫ରେ ରୌପ୍ୟପଦକ ମିଳିଥିଲା। ଏହାସହିତ ସେ ୨୦୧୩ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟପଦକ ପାଇଥିବା ବେଳେ ୨୦୧୪ ଓ ୨୦୧୮ରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ।

**ରାହି ସର୍ଣ୍ଣୋବତ୍-** ୨୫ ମିଟର ମହିଳା ପିସ୍ତଲ ସୁଟିଂରେ ରାହି ସର୍ଣ୍ଣୋବତ୍‌ଙ୍କୁ ସ୍ୱର୍ଣ୍ଣପଦକ ମିଳିଥିଲା। ଏହି କୃତିତ୍ୱ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ମହିଳା।



୨୦୦୮ରେ ପୁଣେଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଯୁବ କ୍ରୀଡ଼ା ପ୍ରତିଯୋଗିତାରେ ସେ ତାଙ୍କ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଥିଲେ। ପରେ ପରେ ସେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ଦୁଇଟି ସ୍ୱର୍ଣ୍ଣପଦକ, ୨୦୧୪ ମସିହାରେ ଗ୍ଲାସ୍‌ଗୋ ଠାରେ ଗୋଟିଏ ସ୍ୱର୍ଣ୍ଣପଦକ ଓ ସେହି ବର୍ଷ ଏସୀୟ କ୍ରୀଡ଼ାରେ ଗୋଟିଏ କାଂସ୍ୟପଦକ ଜିତିଥିଲେ।

୨୦୧୧ ବିଶ୍ୱକପ୍ ପ୍ରତିଯୋଗିତାରେ ରାହିଙ୍କୁ କାଂସ୍ୟପଦକ ମିଳିଥିବାବେଳେ ୨୫ ମିଟର ମହିଳା ପିସ୍ତଲ ସୁଟିଂରେ ସେ ୨୦୧୨ରେ ଅନୁଷ୍ଠିତ ଲଣ୍ଡନ ଅଲିମ୍ପିକ୍ସ ପାଇଁ ଯୋଗ୍ୟ ବିବେଚିତ ହେବାରେ ହେଉଛନ୍ତି ପ୍ରଥମ ଭାରତୀୟ ସୁଟର୍।


**ସ୍ୱପ୍ନା ବର୍ମନ୍-** ମହିଳା ହେପ୍ଟାଥ୍ଲନରେ ସ୍ୱପ୍ନା ବର୍ମନଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ୨୦୧୭ରେ ଅନୁଷ୍ଠିତ ଏସୀୟ ଆଥ୍‌ଲେଟିକ୍ ଚାମ୍ପିଅନ୍‌ସିପରେ ହେପ୍ଟାଥ୍ଲନ ବିଭାଗରେ ସେ ପ୍ରଥମ ହୋଇଥିଲେ।




ଏମାନଙ୍କ ବ୍ୟତୀତ ଆହୁରି ଅନେକ ମହିଳା ଖେଳାଳି ଏହି କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିଲେ। ମହିଳା ୧୦୦ ମିଟର ଓ ୨୦୦ ମିଟର ଦୌଡ଼ରେ ଦୂତୀ ଚାନ୍ଦଙ୍କୁ ରୌପ୍ୟ ପଦକ ମିଳିଥିଲା। ସେ ହେଉଛନ୍ତି ତୃତୀୟ ଭାରତୀୟ ମହିଳା, ଯିଏ ମହିଳା ୧୦୦ ମିଟର ଦୌଡ଼ରେ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ୨୦୧୮ ଜାକର୍ତ୍ତା ଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ସେ ମହିଳା ୧୦୦ ମିଟର ଦୌଡ଼ରେ ରୌପ୍ୟପଦକ ହାସଲ କରିଥିଲେ। ୧୯୯୮ ପରଠାରୁ ୨୦ ବର୍ଷ ଭିତରେ ଏହି ବିଭାଗରେ ଏହା ଥିଲା ଭାରତର ପ୍ରଥମ ପଦକ। ଏତଦ୍‌ବ୍ୟତୀତ ମହିଳା ୪ x ୪୦୦ ମିଟର ରିଲେ ରେସ୍‌ରେ ଏମ୍.ଆର୍. ପୁଭାମ୍ମା, ସାରିଆ ବେନ୍ ଗାଏକ୍ୱାଡ୍, ହିମା ଦାସ ଓ ଭେଲୁଭାକୋରଥ୍ ବିସ୍ମାୟାଙ୍କୁ ସ୍ୱର୍ଣ୍ଣପଦକ ମିଳିଥିବାବେଳେ ଜାତୀୟ ମହିଳା କବାଡ଼ି ଦଳକୁ ରୌପ୍ୟପଦକ ମିଳିଥିଲା।




ହୀନା ସିନ୍ଧୁ



ଏମ୍‌ଆର୍ ପୁଭାମ୍ମା, ସାରିଆବେନ୍ ଗାଏକ୍ୱାଡ୍, ହିମା ଦାସ ଏବଂ ଭେଲୁଭାକୋରଥ୍ ବିସ୍ମାୟା



ଦୂତୀ ଚାନ୍ଦ



ସୀମା ପୁନିଆ



ସାଇନା ନେହେୱାଲ୍

ସେହିପରି ମହିଳା ୩୦୦୦ ମିଟର ଷ୍ଟିପୁଲ୍‌ଚେଜ୍ ବିଭାଗରେ ସୁଧା ସିଂହଙ୍କୁ ରୌପ୍ୟ, ମହିଳା ଲଙ୍ଗ୍ ଜମ୍ପରେ ନିନା ଭରାକିଲ୍‌ଙ୍କୁ ରୌପ୍ୟ, ମହିଳା ସିଙ୍ଗିଲ୍ ବ୍ୟାଡ୍‌ମିଣ୍ଟନରେ ପି.ଭି. ସିନ୍ଧୁଙ୍କୁ ରୌପ୍ୟ, ୬୮ କେଜି ମହିଳା ଫ୍ରିଷ୍ଟାଇଲ୍ କୁସ୍ତିରେ ଦିବ୍ୟା କକ୍‌ରାନ୍‌ଙ୍କୁ କାଂସ୍ୟ, ୬୦ କେଜି ମହିଳା ସାଣ୍ଡାଉଶୁରେ ନାଓରେମ୍ ରୋସିବିନାଙ୍କୁ କାଂସ୍ୟ, ମହିଳା ସିଙ୍ଗିଲ୍ସ ଲନ୍ ଟେନିସ୍‌ରେ ଅଙ୍କିତା ରାଇନାଙ୍କୁ କାଂସ୍ୟ, ୧୦ ମିଟର ମହିଳା ଏୟାର ପିସ୍ତଲ ସୁଟିଂରେ ହିନା ସିନ୍ଧୁଙ୍କୁ କାଂସ୍ୟ, ମହିଳା ସିଙ୍ଗିଲ୍ସ ସ୍କ୍ୱାଶ୍‌ରେ ଦୀପିକା ପାଲିକଲ୍‌ଙ୍କୁ କାଂସ୍ୟପଦକ ମିଳିଥିଲା। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଅନ୍ୟ ଭାରତୀୟ ମହିଳା ଖେଳାଳି ହେଉଛନ୍ତି,- ସାଇନା ନେହେୱାଲ୍, ସୀମା ପୁନିଆ, ପି.ଭି. ଚିତ୍ରା, ମାଳପ୍ରଭା ଯାଦବ, ଜ୍ୟୋତ୍ସ୍ନା ଚିନାପ୍ପା ଓ ହର୍ଷିତା ତୋମର୍।



ପି.ଭି. ସିନ୍ଧୁ



ପି.ୟୁ ଚିତ୍ରା

**ସାମ୍ପ୍ରତିକୀ**

# ରପ୍ତାନୀ ନୀରିକ୍ଷଣ ଏଜେନ୍ସିର ନୂଆ ଅଫିସ୍ ଉଦଘାଟନ



ଭାରତ ସରକାରଙ୍କ ରପ୍ତାନୀ ନୀରିକ୍ଷଣ ଏଜେନ୍ସିର ନୂତନ ଗୃହ ଓ ପରୀକ୍ଷାଗାର ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡିଶା କେବଳ ଖଣିଜ ସଂପଦର ରପ୍ତାନୀରୁ ନୁହେଁ ବରଂ ଉଚ୍ଚ ମାନର ମାନୁଫାକଚରିଂରୁ ରପ୍ତାନୀ ସୁଯୋଗ ସୃଷ୍ଟି କରି ରୋଜଗାର ବଢାଇ ରାଜ୍ୟକୁ ସମୃଦ୍ଧ କରିବାକୁ ଆହ୍ୱାନ ଜଣାଇଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ଶିଳ୍ପ, ବାଣିଜ୍ୟ ତଥା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ସୁରେଶ ପ୍ରଭୁଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ ଓଡିଶାକୁ ଉଡାଜାହାଜ ପାଇଁ ଆବଶ୍ୟକ ଯନ୍ତ୍ରାଂଶ ନିର୍ମାଣର ଏକ ପ୍ରମୁଖ କେନ୍ଦ୍ର କାହଁକି କରାଯାଇ ପାରିବ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଓଡିଶାରେ ଉଚ୍ଚ ମାନର ଇସ୍ପାତ, ଆଲୁମିନିୟମ ଓ ପ୍ଲାଷ୍ଟିକ ଉପଲବ୍ଧ।୨୦୧୪ ମସିହାରେ ଦେଶରେ ମୋଟ୍ ୪୦୦ ଯାତ୍ରୀବାହୀ ବଡ ଉଡାଜାହାଜ ଥିଲା। ମୋଦୀ ସରକାରଙ୍କ ନୀତି ଯୋଗୁଁ ଏବେ ଆଉ ୫୦୦ ଉଡାଜାହାଜର ଆବଶ୍ୟକତା ରହିଛି। ଏପରି ସ୍ଥିତିରେ ଏହି ସୁଯୋଗକୁ କିପରି ଓଡିଶା ଆଉ ଦେଇ ପାରିବ ଏଥିରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଭୁ ଗାଇଡ କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ଓଡିଶା ବାର୍ଷିକ ୫୨ହଜାର କୋଟିର ଲୁହାପଥର ଓ ଅନ୍ୟାନ୍ୟ ଖଣିଜ ସଂପଦ ରପ୍ତାନୀ ସହ ଓଡିଶାର ଶିଳ୍ପ ଓ ବାଣିଜ୍ୟର ବୃଦ୍ଧି ପାଇଁ ଓଡିଶା ମେକ୍ ଇନ ଇଣ୍ଡିଆକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି ଶ୍ରୀ ପ୍ରଧାନ।

# କଳାହାଣ୍ଡି ଜିଲ୍ଲାରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ରର ଉଦଘାଟନ

ପ୍ରତିଦିନ ନୂଆ ନୂଆ ସ୍କିଲ୍ ଆରମ୍ଭ ହେଉଛି । ଏହା ସହ ତାଳ ଦେଇ ଚାଲିବାର ସମୟ ଆସିଯାଇଛି । ଓଡିଆ ଯୁବକ ଆତ୍ମସମ୍ମାନର ସହ ରୋଜଗାରର ସୁଯୋଗ ପାଉ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଗତ ସେପ୍ଟେମ୍ବର ୨୭ ତାରିଖ କଳାହାଣ୍ଡି ଜିଲ୍ଲାର ଧର୍ମଗଡରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ରର ଉଦଘାଟନ ଅବସରରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ ଯେ, ଯୁବକମାନଙ୍କୁ କୁଶଳୀ କରିବା ପାଇଁ ଭାରତ ସରକାର ଏପରି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ୩ ମାସିଆ, ୬ ମାସିଆ, ୯ ମାସିଆ ଓ ବର୍ଷକିଆ ତାଲିମ ପ୍ରଦାନ କରାଯାଇ ଯୁବକମାନଙ୍କୁ ନିଶ୍ଚିତ ରୋଜଗାର ସହ ଯୋଡିବା ପାଇଁ ଏପରି ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି।

ଶ୍ରୀ ପ୍ରଧାନ ଆହୁରି କହିଲେ ଯେ, ଓଡିଶାର ଭାତହାଣ୍ଡି, ସଂସ୍କୃତି ଓ ଆତ୍ମାର ପରିଚୟ କଳାହାଣ୍ଡିରେ ଏପରି କେନ୍ଦ୍ର ଚାଲିବ ଏହା ସମସ୍ତଙ୍କ ପାଇଁ ସୌଭାଗ୍ୟର କଥା। ଏହିଠାରୁ ତାଲିମ ପାଇଁ ଯୁବକ ଯୁବତୀମାନେ ରାଜ୍ୟ ସହ ବାହାର ରାଜ୍ୟକୁ ଯାଇ ସମ୍ମାନର ସହ କାମ କରିବେ।

ଏହି କୌଶଳ କେନ୍ଦ୍ରରେ ୧୦୦୦ ଜଣଙ୍କୁ ତାଲିମ ପ୍ରଦାନ କରାଯିବ । ଏହାପରେ ଏଠାରେ ରୋଜଗାର ମେଳା କରାଯାଇ ସେମାନଙ୍କର ନିଶ୍ଚିତ ରୋଜଗାର ସୁଯୋଗ ସୃଷ୍ଟି କରାଯିବ। ଆଗାମୀ ଦିନରେ ଏହା ବଡ ରୂପ ଧାରଣ କରିବ । ପାରମ୍ପରିକ କାରିଗରକୁ କୌଶଳ ସହ ଯୋଡିବା ଏହି କେନ୍ଦ୍ରର ଲକ୍ଷ୍ୟ ବୋଲି ଶ୍ରୀ ପ୍ରଧାନ କହିଥିଲେ।


ଏହି କେନ୍ଦ୍ରର ପରିଚାଳନା ଓ ସ୍ଥାପନା କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ସହଯୋଗୀତାରେ ଶ୍ରୀ ଶ୍ରୀ ରୁରାଲ ଡେଭେଲମେଂଟ ଟ୍ରଷ୍ଟ ତରଫରୁ କରାଯାଉଛି । ୧୫ ହଜାର ବର୍ଗଫୁଟ ପରିମିତ ଅଂଚଳରେ ପ୍ରତିଷ୍ଠିତ ଏହି କେନ୍ଦ୍ର ବର୍ଷକୁ ୧୦୦୦ ଯୁବ ପୀଢିଙ୍କୁ ଦକ୍ଷତା ବିକାଶର ପ୍ରଶିକ୍ଷଣ ଦେବ । ଜୈବିକ କୃଷି, ପାଇପ ମିସ୍ତ୍ରୀ, ସିଲେଇ ଶିକ୍ଷା, ଘରୋଇ ସ୍ୱାସ୍ଥ୍ୟ ସହାୟକ ଏବଂ ବିଜୁଳି ମେକାନିକ ପ୍ରତି କ୍ଷେତ୍ରରେ ପ୍ରତବର୍ଷ ୨୦୦ ଲେଖାଁଏ ଯୁବକଙ୍କୁ ପ୍ରଶିକ୍ଷିତ କରାଯାଇ ଏହାର ମୋଟ ସଂଖ୍ୟା ୧୦୦୦ କରାଯିବ । ଦକ୍ଷତା ମନ୍ତ୍ରଣାଳୟର ଏନଏସଡିସି ଓ ଶ୍ରୀଶ୍ରୀ ରୁରାଲ ଡେଭଲପମେଣ୍ଟ ଟ୍ରଷ୍ଟ ମଧ୍ୟରେ ୩ ଟି ବୁଝାମଣା ଆଧାରରେ ଦକ୍ଷତା ବିକାଶ କାର୍ଯ୍ୟକୁ ଆଗକୁ ନେବାପାଇଁ ଏହି କାର୍ଯ୍ୟକ୍ରମରେ ବୁଝାମଣା ପତ୍ରରେ ପରସ୍ପର ମଧ୍ୟରେ ଆଦାନପ୍ରଦାନ ହୋଇଛି ।

ଓଡିଶାରେ ମଡେଲ ସ୍କିଲ ଭିଲେଜ୍ ପ୍ରତିଷ୍ଠା ସହ ପୂର୍ବରୁ ବୃତ୍ତି କରୁଥିବା ବ୍ୟକ୍ତି ବିଶେଷମାନଙ୍କୁ ପ୍ରାୟର ଲର୍ଣିଂ ପ୍ରମାଣପତ୍ର ଦେବାପାଇଁ ଶ୍ରୀ ଶ୍ରୀ ଟ୍ରଷ୍ଟ କାମ କରିବ । ଏହାସହ ୨୦ ହଜାର ଯୁବକଙ୍କୁ ଯୋଗ ଶିକ୍ଷକ ଭାବରେ ଯୋଗାଚାର୍ଯ୍ୟ କରିବା ପାଇଁ ଶ୍ରୀଶ୍ରୀ ଟ୍ରଷ୍ଟ କାମ କରିବ ବୋଲି ବୁଝାମଣା ପତ୍ର ପ୍ରସ୍ତୁତ ହୋଇଛି।




# ଦିଲ୍ଲୀ ପୁସ୍ତକ ମେଳା-୨୦୧୮ରେ ପ୍ରକାଶନ ବିଭାଗ

ନିଜର ସମୃଦ୍ଧ ପରମ୍ପରା ଅନୁଯାୟୀ ପ୍ରକାଶନ ବିଭାଗ, ନୂଆଦିଲ୍ଲୀର ପ୍ରଗତି ମୈଦାନ ଠାରେ ଗତ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ 'ଦିଲ୍ଲୀ ପୁସ୍ତକ ମେଳା'ରେ ଅଂଶଗ୍ରହଣ କରିଥିଲା। ଏଥିରେ ଇତିହାସ, ସ୍ୱାଧୀନତା ସଂଗ୍ରାମ, କଳା ଓ ସଂସ୍କୃତି ସମେତ ପିଲାଙ୍କ ସମ୍ପର୍କିତ ତଥା ଅନ୍ୟାନ୍ୟ ବିଷୟ ଉପରେ ବିଭାଗ ତରଫରୁ ପ୍ରକାଶିତ ବହୁ ଉପାଦେୟ ପୁସ୍ତକ ସ୍ଥାନିତ ହୋଇଥିଲା। ପ୍ରକାଶନ ବିଭାଗର ଷ୍ଟଲ୍‌ରେ ଶ୍ରୀ ଅଟଳବିହାରୀ ବାଜପେୟୀଙ୍କ ଉପରେ ଲିଖିତ ପୁସ୍ତକଗୁଡ଼ିକ ମୁଖ୍ୟ ଆକର୍ଷଣ ସାଜିଥିଲା। ଶହ ଶହ ବ୍ୟକ୍ତି ପ୍ରକାଶନ ବିଭାଗର ଷ୍ଟଲ୍ ପରିଦର୍ଶନ କରିଥିଲେ।



*ଶ୍ରୀ ଅମିତ୍ ଖାରେ, ସଚିବ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଦିଲ୍ଲୀ ପୁସ୍ତକ ମେଳା-୨୦୧୮ରେ ପ୍ରକାଶନ ବିଭାଗର ପୁସ୍ତକ ବିମୋଚନ କରୁଛନ୍ତି। ଚିତ୍ରରେ ଅଛନ୍ତି ଡକ୍ଟର ସଚ୍ଚିଦାନନ୍ଦ ଯୋଶୀ, ସଦସ୍ୟ ସଚିବ, ଆଇଜିଏମ୍‌ସିଏ (ଡାହାଣରୁ ଦ୍ୱିତୀୟ), ମହାନିର୍ଦ୍ଦେଶକ, ପ୍ରକାଶନ ବିଭାଗ (ଡାହାଣରୁ ପ୍ରଥମ) ଓ ଅତିରିକ୍ତ ମହାନିର୍ଦ୍ଦେଶକ, ପ୍ରକାଶନ ବିଭାଗ (ବାମରୁ ପ୍ରଥମ)*




ପୁସ୍ତକ ମେଳା ଅବସରରେ ୧୯ଟି ପୁସ୍ତକ ବିମୋଚିତ ହୋଇଥିଲା। ଏଥିରେ ଶିଶୁ ସାହିତ୍ୟ ସମ୍ପର୍କିତ ୧୧ଟି ପୁସ୍ତକ ସମତେ ଅନ୍ୟାନ୍ୟ ଉପାଦେୟ ପୁସ୍ତକ- 'ରବୀନ୍ଦ୍ରନାଥ୍ କି କଲା ଶିରସ୍ଥି', 'ଚମ୍ପାରନ୍ ପୁରାନ୍', 'ବିବେକାନନ୍ଦ କି କାହାନୀ', 'ଡକ୍ଟର କେଶବ ବଲିରାମ୍ ହେଗ୍‌ଡେୱାର୍',(କନ୍ନଡ), 'ପଣ୍ଡିତ ଦୀନ୍‌ଦୟାଲ୍ ଉପାଧ୍ୟାୟ (କନ୍ନଡ)', 'ଭକ୍ତି- ଉତ୍ତର ଔର୍ ଦକ୍ଷିଣ୍ କା ସମନ୍ୱୟ ସୂତ୍ର', 'ଶ୍ରୁତି ଔର୍ ସ୍ମୃତି' ଏବଂ 'ଭାରତୀୟ ସଂସ୍କୃତିକି ଆନ୍ତରିକ୍ ଲୟ କି ସ୍ରୋତ୍' ଆଦି ପୁସ୍ତକ ଅନ୍ତର୍ଗତ। ଏହି ପୁସ୍ତକଗୁଡ଼ିକୁ ଶ୍ରୀ ଅମିତ୍ ଖାରେ, ସଚିବ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଡକ୍ଟର ସଚ୍ଚିଦାନନ୍ଦ ଯୋଶୀ, ସଦସ୍ୟ ସଚିବ, ଆଇଜିଏମ୍‌ସିଏ ଭଳି ବିଶିଷ୍ଟ ଅତିଥିମାନେ ବିମୋଚନ କରିଥିଲେ।

ହିନ୍ଦୀ ଓ ଇଂରାଜୀରେ ପୁସ୍ତ ପ୍ରକାଶନ ପାଇଁ ପ୍ରକାଶନ ବିଭାଗକୁ ୭ଟି ପୁରସ୍କାର ଓ ଗୋଟିଏ ସାର୍ଟିଫିକେଟ୍ ଅଫ୍ ମେରିଟ୍ ପ୍ରଦାନ କରାଯାଇଥିଲା।

'ସର୍ଦ୍ଦାର: ସଚିତ୍ର ଜୀବନୀ' (ହିନ୍ଦୀ), 'ଲାଇଫ୍ ଆଟ୍ ରାଷ୍ଟ୍ରପତି ଭବନ' (ଇଂରାଜୀ) ଏବଂ ପୁସ୍ତକ ସୂଚୀ (ହିନ୍ଦୀ)କୁ ପ୍ରଥମ ପୁରସ୍କାର, 'ଭାରତ-୨୦୧୮' (ହିନ୍ଦୀ), 'ଯୋଜନା-ଏପ୍ରିଲ୍-୨୦୧୭' (ଇଂରାଜୀ), 'ବାଲ୍ ଭାରତୀ-






ସେପ୍ଟେମ୍ବର ୨୦୧୭' (ହିନ୍ଦୀ) ଏବଂ 'ଅନ୍‌ଟୋଲ୍ଡ ଷ୍ଟୋରୀ ଅଫ୍ ବ୍ରଡ୍‌କାଷ୍ଟିଂ ଡ୍ୟୁରିଂ କ୍ୱିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ'କୁ ଦ୍ୱିତୀୟ ପୁରସ୍କାର ମିଳିଥିବା ବେଳେ 'ବୁଦ୍ଧିଜମ୍- ଦ ପାଥ୍ ଅଫ୍ କମ୍ପାସନ୍'କୁ ସାର୍ଟିଫିକେଟ୍ ଅଫ୍ ମେରିଟ୍ ମିଳିଥିଲା।

ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ପବ୍ଲିସର୍ସ ବା ଭାରତୀୟ ପ୍ରକାଶକ ସଂଘ ତରଫରୁ ପ୍ରତ୍ୟେକ ବର୍ଷ ଦିଲ୍ଲୀ ପୁସ୍ତକ ମେଳା ସମୟରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

YOJANA (Odia) : Monthly October 2018 RNI No. 57203/93
ISSN 0971-8346 Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ। ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ।

### ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ୍ ବୁକ୍ ଷ୍ଟଲ୍, ଭୁବନେଶ୍ୱର-୯ ● ମାଧବ ବୁକ୍ ଷ୍ଟୋର୍, ବାଦାମବାଡ଼ି, କଟକ-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ୍, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା

### "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

### ଗ୍ରାହକ ଦେୟ ପଠାଇବା ଠିକଣା:

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The Subscription may by sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi"**

Printed and Published by Dr. Sadhana Rout, Director General & Head, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: I G Printers Pvt. Ltd., Okhla Industrial Area, New Delhi - 110020
Editor : Dr. Girish Chandra Dash